# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଜୁଲାଇ ୧/୨୦୨୨ (୨୦ ପୃଷ୍ଠା) Sambalpur, Friday, July 1/2022 Page 20 ₹ 7.00 ★★

୧୮ଶ ଭାଗ ୧୯୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-




**ବିବାହ ପୂର୍ବରୁ ଲିଭ୍ଇନ୍‌କୁ ହଁ**

ବିବାହ ପୂର୍ବରୁ ଲିଭ୍ଇନ୍‌ରେ ରହିବାରେ କୌଣସି ସମସ୍ୟା ନାହିଁ ବୋଲି କହିଛନ୍ତି ବଲିଉଡ୍ ଅଭିନେତ୍ରୀ କିଆରା ଆଡ୍‌ଭାନୀ।

୧୫

୧୭

**ବିଶ୍ୱର ୪ ନମ୍ବର ଖେଳାଳିଙ୍କୁ ହରାଇଲେ ପ୍ରଣୟ**

ଏଚ୍.ଏସ୍. ପ୍ରଣୟ ମାଲେସିଆନ ଓପନ ବ୍ୟାଡ୍‌ମିଣ୍ଟନରେ ବିଶ୍ୱର ୪ ନମ୍ବର ଖେଳାଳି ଚୋଉ ତିନ୍ ଚେନ୍‌ଙ୍କୁ ହରାଇ ଦେଇଛନ୍ତି।



**ଆଜିର ସମ୍ପାଦକୀୟ** ଜଳବିଦ୍ୟୁତ୍ ମନସ୍କ ବିଶ୍ୱ



ମହାପ୍ରଭୁଙ୍କ ଗୁଣ୍ଡିଚା ଯାତ୍ରା ପାଇଁ ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପ୍ରସ୍ତୁତ ତିନିରଥ।

# ଆଜି ଦର୍ଶନ ଦେବେ ରଥାରୂଢ଼ ଦାରୁଦିଅଁ

**ପୁରୀ ଅଫିସ, ୩୦।୬**

ଆଷାଢ଼ ମାସ ଶୁକ୍ଳପକ୍ଷ ପ୍ରତିପଦା ତିଥି ଶୁକ୍ରବାର ପବିତ୍ର ଘୋଷଯାତ୍ରା। ଏଥିପାଇଁ ରଥ, ପଥ ଓ ଭକ୍ତ ସମସ୍ତେ ପ୍ରସ୍ତୁତ। କେବଳ ମହାପ୍ରଭୁଙ୍କୁ ଅପେକ୍ଷା। ଭକ୍ତଙ୍କୁ ଦର୍ଶନ ଦେବା ଲାଗି ଶ୍ରୀମନ୍ଦିର ଛାଡ଼ି ବଡ଼ଦାଣ୍ଡକୁ ଓହ୍ଲାଇ ଆସିବେ ମହାବାହୁ। ରଥାରୂଢ଼ ହୋଇ ଭଉଣୀ ଓ ବଡ଼ଭାଇଙ୍କୁ ସାଙ୍ଗରେ ନେଇ ନବଦିନାତ୍ମକ ଯାତ୍ରାରେ ଜନ୍ମବେଦୀକୁ ଯିବେ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଦାରୁଦିଅଁଙ୍କ ଦୁର୍ଲଭ ଦର୍ଶନ କରି ନିଜକୁ କୃତାର୍ଥ ମଣିବେ। ଏଥିଲାଗି ଭକ୍ତିମୟ ପରିବେଶ ସାଙ୍ଗକୁ ଶ୍ରୀକ୍ଷେତ୍ର ଲୋକାରଣ୍ୟ ହୋଇଉଠିଛି। ଗତ ଦୁଇବର୍ଷ ଧରି କରୋନା କଟକଣା କାରଣରୁ ବିନା ଭକ୍ତରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ସମ୍ପନ୍ନ ହୋଇଥିଲା। ଦୁଇବର୍ଷ ପରେ ପୁଣି ପୁରୀ ବଡ଼ଦାଣ୍ଡରେ ଭକ୍ତ- ଭଗବାନଙ୍କ ମିଳନ ଘଟିବ। ତେଣୁ ସମସ୍ତଙ୍କ ମନରେ ଭରିଛି ଅଜସ୍ର ଆନନ୍ଦ ଆଉ ଉତ୍ସାହ। ଏହି କ୍ରମରେ ପରମ୍ପରା ଅନୁଯାୟୀ, ଗୁରୁବାର ଆଷାଢ଼ ଶୁକ୍ଳ ପ୍ରତିପଦା ତିଥିରେ ରଥଖଳାରୁ ତିନିରଥ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖକୁ ଆସିଛି। ଏଥିପାଇଁ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ଭୋର ୪ଟା ୨୦ରେ ମଙ୍ଗଳ ଆଳତି, ୪ଟା ୨୫ରେ ମଇଲମ, ୪ଟା ୫୦ରେ ତଡ଼ପଲାଗି, ୫ଟା ୨୫ରେ ଅବକାଶ, ୫ଟା ୫୫ରେ ରୋଷ ହୋମ ଓ ବେଶ ଶେଷ ପରେ ଅନ୍ୟାନ୍ୟ ନୀତି ବଢ଼ି ସକାଳ ୮ଟା ୨୦ରେ ସକାଳ ଧୂପ ସମ୍ପନ୍ନ ହୋଇଥିଲା। ପାଳିଆ ପୂଜାପଣ୍ଡା ସାମନ୍ତ ତିନିବାଡ଼ରୁ ତିନୋଟି ଆଜ୍ଞାମାଳ ଆଣି ଘଣ୍ଟ, ଛତା, କାହାଳି ସହ ରଥଖଳା ନିକଟକୁ ବିଜେ କରିଥିଲେ। ପ୍ରଥମେ ବଡ଼ଠାକୁର ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ, ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଓ ଶେଷରେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥରେ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ☞ପୃଷ୍ଠା-୪

**ଅପରାହ୍ଣ ୨.୩୦ରେ ଛେରାପହଁରା, ୪ଟାରେ ରଥଟଣା**






## ଦୁର୍ଘଟଣାରେ ରାଇରଙ୍ଗପୁର ଏସ୍‌ଡିଜେଏମ୍‌ଙ୍କ ମୃତ୍ୟୁ



ଦୁର୍ଘଟଣାଗ୍ରସ୍ତ କାର୍।

**ବାରିପଦା ଅଫିସ/ଠାକୁରମୁଣ୍ଡା/ଯଶୀପୁର/ ରାଇରଙ୍ଗପୁର, ୩୦।୬(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଏସ୍‌ଡିଜେଏମ୍ ସ୍ମରଣିକା ପ୍ରଧାନଙ୍କ ଗୁରୁବାର ଅପରାହ୍ଣରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଛୁଟିନେଇ ସ୍ୱାମୀ ବିଶ୍ୱଜିତ ଜେନାଙ୍କ ସହ ରାଇରଙ୍ଗପୁରରୁ ପୁରୀ ଅଭିମୁଖେ ଯାଉଥିବା ବେଳେ ୪୯ନଂ. ଜାତୀୟ ରାଜପଥ ଚାଇନେବଦା ଛକରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା। ସେ ଯାଉଥିବା କାର୍ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହେବାରୁ ଗୁରୁତର ହୋଇ ପଡ଼ିଥିଲେ। ଚିକିତ୍ସା ପାଇଁ ଯଶିପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁର୍ଘଟଣାରୁ ଏସ୍‌ଡିଜେଏମ୍ ପ୍ରଧାନଙ୍କ ☞ପୃଷ୍ଠା-୪

## ସାତକୋଶିଆରେ ଅସୁସ୍ଥ ମାଈ ହାତୀର ମୃତ୍ୟୁ



- ଜୀବନ ଗଲା ପରେ ପହଞ୍ଚିଲା ବନ ବିଭାଗ
- ଆଉ ୨ ଅସୁସ୍ଥ ଅବସ୍ଥାରେ ବୁଲୁଥିବା ସୂଚନା

ଅନୁଗୋଳ ଅଫିସ, ୩୦।୬- ସାତକୋଶିଆ ଅଭୟାରଣ୍ୟରେ ଥମୁନି ହାତୀ ମଡ଼କ। ଗତ ୧୫ ଦିନ ମଧ୍ୟରେ ଅଭୟାରଣ୍ୟର ବିଭିନ୍ନ ରେଞ୍ଜ ଅଞ୍ଚଳରେ ୩ଟି ଅସୁସ୍ଥ ହାତୀର ମୃତ୍ୟୁ ହୋଇଛି। ଗତ ୧୬ ତାରିଖରେ ପମ୍ପାସର ରେଞ୍ଜ ଜୁକୁବ ଅଞ୍ଚଳରେ ଏକ ଦନ୍ତା ହାତୀର ଜୀବନ ଯାଇଥିବାବେଳେ ୨୭ ତାରିଖରେ ଟିକରପଡ଼ା ରେଞ୍ଜ କୁଣଖଳି ଜଙ୍ଗଲର ସୁନା ଖଣିଆ ଗ୍ରାମରେ ୫ ବର୍ଷୀୟ ଅଣ୍ଡିରା ହାତୀର ମୃତ୍ୟୁ ହୋଇଥିଲା। ଗୁରୁବାର ପମ୍ପାସର ରେଞ୍ଜ ଟାଇଁସି ନୂଆପଡ଼ା ଅଞ୍ଚଳରେ ୭ ବର୍ଷିୟ ମାଈ ହାତୀର ମୃତ୍ୟୁ ହୋଇଛି। ତେବେ ମାଈ ହାତୀଟି କେଉଁ କାରଣରୁ ପ୍ରାଣ ହରାଇଛି ସେ ନେଇ ବନ ବିଭାଗ ମୁହଁ ଖୋଲୁନାହିଁ। ସେହିପରି ଅଭୟାରଣ୍ୟରେ ଆଉ ୨ ହାତୀ ଅସୁସ୍ଥ ଥିବା ସୂଚନା ମିଳିଛି। ପ୍ରକାଶ ଯେ, ପମ୍ପାସର ରେଞ୍ଜରେ ଏକ ହାତୀ ☞ପୃଷ୍ଠା-୪

# ମହାରାଷ୍ଟ୍ରରେ ସିନ୍ଧେ ସରକାର

- ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଏକନାଥ ସିନ୍ଧେ
- ଦେବେନ୍ଦ୍ର ଫଡ଼ନବିସ ଉପମୁଖ୍ୟମନ୍ତ୍ରୀ

**ମୁମ୍ବାଇ,୩୦।୬**

ଶିବସେନାରେ ବିଦ୍ରୋହ କରି ଅଢ଼େଇ ବର୍ଷିଆ ମହା ବିକାଶ ଅଘାଡ଼ି (ଏମ୍‌ଭିଏ) ସରକାରର ପତନ ଘଟାଇଥିବା କୋପ୍‌ରି-ପଚପାଖଡ଼ି ବିଧାୟକ ଏକନାଥ ସିନ୍ଧେ(୫୮) ଗୁରୁବାର ମହାରାଷ୍ଟ୍ରର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ଉପମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଛନ୍ତି। ରାଜଭବନରେ ରାଜ୍ୟପାଳ ଭଗତସିଂ କୋଶିୟାରୀ ରାତି ୭ଟା ୩୦ରେ ରାଜଭବନରେ ଦୁହିଁଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏହି ନାଟକୀୟ ଘଟଣାକ୍ରମ ସମସ୍ତଙ୍କୁ ବିସ୍ମିତ କରିଛି। ଏଥିସହ ଦେଶର ସବୁଠୁ ସମୃଦ୍ଧ ରାଜ୍ୟ ମହାରାଷ୍ଟ୍ରର କ୍ଷମତା ରାଜନୀତିରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି।

ସୁପ୍ରିମକୋର୍ଟ ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କୁ ଆସ୍ଥାଭୋଟର ସମ୍ମୁଖୀନ ହୋଇ ନିଜ ସପକ୍ଷରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ ବୁଧବାର ନିର୍ଦ୍ଦେଶ ଦେଇଥିଲେ। ଉଦ୍ଧବ ମଧ୍ୟରାତ୍ରିରେ ରାଜଭବନ ଯାଇ ରାଜ୍ୟପାଳଙ୍କୁ ନିଜ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ଭାଜପା ☞ପୃଷ୍ଠା-୪

# ‘ସହରାଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି’

**ଭୁବନେଶ୍ୱର, ୩୦।୬(ବ୍ୟୁରୋ)**



ରାଜ୍ୟରେ ଉପରମୁହାଁ ହେଉଛି କରୋନା ମହାମାରୀ। ସପ୍ତାହେ ହେଲାଣି ସଂକ୍ରମଣ ବଢୁଛି। ଦେଶରେ ଯେଉଁ ଅନୁପାତରେ ବଢୁଛି, ରାଜ୍ୟରେ ମଧ୍ୟ ସେହି ଅନୁସାରେ ବଢ଼ିବାରେ ଲାଗିଛି। ମହାରାଷ୍ଟ୍ର, କେରଳରେ ଏହା ଅଧିକ ରହିଛି। ମୁଖ୍ୟତଃ ସହରାଞ୍ଚଳରେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ବଢୁଛି। ତେବେ ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ମାତ୍ର ୮ଜଣ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତେଣୁ ଗୁରୁତରଙ୍କ ସଂଖ୍ୟା ରାଜ୍ୟରେ ବହୁତ କମ୍ ରହିଛି। ଲକ୍ଷଣ ନ ଥିଲେ ଟେଷ୍ଟ କରିବାର କିଛି କାରଣ ନାହିଁ। ରଥଯାତ୍ରା ସମୟରେ ଲକ୍ଷଣ ଥିଲେ ପୁରୀ ଆସନ୍ତୁ ନାହିଁ। ମାସ୍କ ପିନ୍ଧିବା ସହ ବାହାରେ ଛେପ ନ ପକାଇବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ଅନୁରୋଧ କରିଛନ୍ତି। ଗତ ୨୪ ଘଣ୍ଟାରେ ରାଜ୍ୟର ୧୭ ଜିଲାରୁ ୧୫୫ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ୯୧ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ୬୪ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୧୬ଜଣ ୧୮ ବର୍ଷରୁ କମ୍ ବୟସର ଥିବା ଜଣାଯାଇଛି। ☞ପୃଷ୍ଠା-୪











HAPPY
Ratha Yatra
PARAS
Elaichi
ବେଜୋଡ଼ ଖୁସବୁ
ବେଜୋଡ଼ ସ୍ୱାଦ
This contains sodium saccharin (INS 954), sucralose (INS 955) and Neotame (INS 961).
Not recommended for children. No sugar added in the product.
CONTAINS ARTIFICIAL SWEETENER AND FOR CALORIE CONSCIOUS

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୫,୨୦,୭୦,୪୬୬ | ୬୩,୫୬,୭୨୫ | ୫୨,୭୪,୭୫,୩୮୭ |
| ଭାରତ | ୪,୩୪,୫୨,୧୬୪ | ୫,୨୫,୧୧୬ | ୪,୨୮,୨୨,୪୯୩ |
| ଓଡ଼ିଶା | ୧୨,୮୯,୭୫୭ | ୯୧୨୬(+୫୩) | ୧୨,୭୯,୯୧୦ |

ଗୁରୁବାର ରାତି ୯ଟା ୩୦ ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଓଡ଼ିଆ ବିଭାଗ ପ୍ରଫେସର ଗିରଫ | ବିଶ୍ୱ ବିଦ୍ୟାଳୟ ଛାତ୍ରୀଙ୍କୁ ଅସଦାଚାରଣ ଅଭିଯୋଗ

ଗୋପାଳପୁର,୩୦।୬(ଡି.ଏନ.ଏ.)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଗୋପାଳପୁର ଥାନା ପୋଲିସ ଗୁରୁବାର ଓଡ଼ିଆ ବିଭାଗର ଜଣେ ପ୍ରଫେସରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ ସଦାନନ୍ଦ ନାୟକ। ଯାଜପୁର ଅଞ୍ଚଳର ଛାତ୍ରୀ ଜଣକ ସ୍ନାତକୋତ୍ତରରେ ପଢୁଛନ୍ତି। ଗତ ମେ ୨୧ ତାରିଖରେ ପ୍ରଫେସର କୌଣସି ବିଷୟର ନୋଟ ଦେବେ ବୋଲି କହି ତାଙ୍କୁ ଘରକୁ ଡକାଇଥିଲେ। ଛାତ୍ରୀ ଜଣକ ପ୍ରଫେସରଙ୍କ ଘରକୁ ଯିବାରେ ସେ ତାଙ୍କୁ ଅଶାଳୀନ ଉପାୟରେ ସ୍ପର୍ଶ କରିବା ସହ ଅସଦାଚରଣ କରିଥିଲେ। ଛାତ୍ରୀ ଜଣକ ଭୟରେ ଏ ସମ୍ପର୍କରେ କାହାରିକୁ କହି ନ ଥିଲେ। ପରେ ସେ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ.୧୨୪/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ପୋଲିସ ପ୍ରଫେସର ନାୟକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

# ରାଜଧାନୀରେ ମାସ୍କ ବାଧ୍ୟତାମୂଳକ

## ଫେରିଲା କରୋନା କଟକଣା

- ୨ ମିଟର ସାମାଜିକ ଦୂରତା ମାନିବାକୁ ନିର୍ଦ୍ଦେଶ
- ଉଲ୍ଲଂଘନ କଲେ ଗଣିବେ ଜରିମାନା



ଭୁବନେଶ୍ୱର, ୩୦।୬ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରକୁ ପୁଣି ଫେରିଛି କରୋନା କଟକଣା। ଏଣିକି ଘରୁ ବାହାରକୁ ବାହାରିଲେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଏଥିସହ ସର୍ବସାଧାରଣ ସ୍ଥାନରେ ୨ ମିଟର ସାମାଜିକ ଦୂରତା ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସହରରେ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏଭଳି କଡା ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟରେ ଏବେ ଦୈନିକ ସଂକ୍ରମଣ ଶହେ ଉପରେ ରହୁଥିବାବେଳେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ତେବେ ଏହି ଜିଲାରେ ଥିବା ଭୁବନେଶ୍ୱରରେ ସଂକ୍ରମଣ ସର୍ବାଧିକ ରହୁଛି। ରାଜ୍ୟ ରାଜଧାନୀ ହୋଇଥିବାରୁ ଏଠାକୁ ପ୍ରତିଦିନ ଓଡ଼ିଶା ଓ ରାଜ୍ୟ ବାହାରୁ ଲୋକମାନେ ଯାତାୟାତ କରୁଛନ୍ତି। ତେଣୁ ଆଗକୁ ସଂକ୍ରମଣ ଯେପରି ନ ବଢ଼ିବ ଓ ପୂର୍ବ ସ୍ଥିତି ନ ଉପୁଜିବ ସେଥିପାଇଁ ବିଏମ୍‌ସି ଆଗୁଆ ପଦକ୍ଷେପ ନେଇଛି। ଏଥିସହ କଟକଣା ନେଇ ଗୁରୁବାର ବିଏମ୍‌ସି ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି।

ମାସ୍କ ପରିଧାନ ସହିତ ସର୍ବସାଧାରଣ ସ୍ଥାନ ଦୋକାନ, ହାଟ, ମଲ୍, ବିଭିନ୍ନ ଷ୍ଟୋର୍ ଆଦି ବ୍ୟବସାୟିକ ସ୍ଥଳଗୁଡିକରେ ଲୋକମାନେ ପରସ୍ପର ମଧ୍ୟରେ ୨ ମିଟର ଦୂରତା ବଜାୟ ରଖିବେ। ଏହାକୁ ସମ୍ପୃକ୍ତ ଦୋକାନ ମାଲିକ ବା କର୍ମଚାରୀ ତଦାରଖ କରିବେ। ସେହିପରି ସର୍ବସାଧାରଣ ସ୍ଥାନରେ ଛେପ, ଖଙ୍କାର ପକାଇବା ନେଇ ବାରଣ କରାଯାଇଛି। ସମସ୍ତ ବେସରକାରୀ ଅଫିସ୍, କାର୍ଯ୍ୟାଳୟରେ ଯେପରି କର୍ମଚାରୀମାନେ କରୋନା ଗାଇଡ୍‌ଲାଇନ୍‌କୁ ପାଳନ କରିବେ ସେ ନେଇ ସମ୍ପୃକ୍ତ କାର୍ଯ୍ୟାଳୟ ଅଧିକାରୀମାନେ ନଜର ରଖିବେ। ନିୟମ ନ ମାନିଲେ ଜରିମାନା ଗଣିବାକୁ ପଡିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

ଗତ ସପ୍ତାହର କୋଭିଡ୍ ତଥ୍ୟକୁ ଦେଖିଲେ ଭୁବନେଶ୍ୱରରେ କ୍ରମାଗତ ଭାବେ ସଂକ୍ରମଣ ବୃଦ୍ଧି ପାଉଛି। ସପ୍ତାହକ ଭିତରେ ପାଖାପାଖି ଦୁଇଗୁଣ ବଢ଼ିଛି ଆକ୍ରାନ୍ତଙ୍କ ସଂଖ୍ୟା। ୨୪ ତାରିଖରେ ସହରରୁ ୩୫ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୨୫ରେ ୩୭ଜଣ, ୨୬ରେ ୩୦ଜଣ, ୨୭ରେ ୨୧ଜଣ, ୨୮ରେ ୬୩ଜଣ, ୨୯ରେ ୫୮ଜଣ ଏବଂ ୩୦ରେ ୬୯ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଫଳରେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇ ୩୦୪ରେ ପହଞ୍ଚିଛି। ଜୁଲାଇରେ ୪ର୍ଥ ଲହର ଆସିବା ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି।

ଏନେଇ ମେୟର ସୁଲୋଚନା ଦାସ କହିଛନ୍ତି, ଯେଉଁ ରାଜ୍ୟ ବା ଅଞ୍ଚଳରେ ସଂକ୍ରମଣ ବୃଦ୍ଧି ପାଉଛି ସେଠାରୁ ମଧ୍ୟ ଭୁବନେଶ୍ୱରକୁ ଲୋକ ଆସୁଛନ୍ତି। ତେଣୁ ପ୍ରିକଶନ ଉପରେ ଗୁରୁତ୍ୱ ଦେଇ ଆମେ ଆଗୁଆ ପଦକ୍ଷେପ ନେଉଛୁ। ତେବେ ଭୟ କରିବା ଭଳି ସ୍ଥିତି ଉପୁଜି ନାହିଁ। ଭୁବନେଶ୍ୱର ମହାନଗର ନିଗମାଞ୍ଚଳ ଅଧୀନରେ ୨୨ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ୟୁପିଏଚ୍‌ସି) ଓ ୪ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ରହିଛି। ଆଇସିୟୁ ବେଡ୍ ସଂଖ୍ୟା ୯୦କୁ ବଢାଯାଇଛି। ଆବଶ୍ୟକ ପଡିଲେ ଟେଷ୍ଟିଂ ବଢାଯିବ। ପିଲାଙ୍କୁ ଟିକା ଦେବା ପାଇଁ ସ୍କୁଲ ସ୍ତରରେ ପ୍ରିନ୍ସିପାଲଙ୍କ ସହ ଆଲୋଚନା ହେଉଛି। ପୂର୍ବରୁ ଓଡ଼ିଶା କରୋନାକୁ ପ୍ରତିହତ କରିଥିଲା। ବିଏମ୍‌ସି ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ଭୁବନେଶ୍ୱରବାସୀ ବହୁ ସଚେତନ। ତେଣୁ ଏହି ନିର୍ଦ୍ଦେଶକୁ ମାନିବେ ବୋଲି ମେୟର ଆଶାବ୍ୟକ୍ତ କରିଛନ୍ତି।









**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଗବର ସିଂ ଟାକ୍ସ' ଏବେ 'ଗୃହସ୍ଥିଙ୍କ ସର୍ବନାଶ ଟାକ୍ସ'ରେ ପରିଣତ ହୋଇଛି।"
– ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ବବିତା
ପରିବାରବର୍ଗ


ବିକାଶ
ପରିବାରବର୍ଗ


ବିଶ୍ୱଜିତ୍
ପରିବାରବର୍ଗ


ଶ୍ରୀଅଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କାଠଯୋଡ଼ି ବ୍ରିଜ୍ ମରାମତି ପାଇଁ ଯାତାୟାତରେ କଟକଣା

**କଟକ ଅଫିସ, ୩୦।୬**

କଟକ କାଠଯୋଡ଼ି ମଝି ବ୍ରିଜ୍‌ର ମରାମତି କାର୍ଯ୍ୟ କରାଯିବ। ଏଥିପାଇଁ ଯାନବାହନ ଚଳାଚଳ ନିମନ୍ତେ କଟକଣା ଲାଗୁ କରାଯାଇଛି। ଏହା ଜୁଲାଇ ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ୧ ମାସ ମଧ୍ୟରେ ଜାତୀୟ ରାଜପଥ-୧୬ରେ ଭୁବନେଶ୍ୱର ପଟୁ କଟକ ଆଡକୁ ଯିବା ନିମନ୍ତେ ଯାନବାହନଗୁଡ଼ିକ କାଠଯୋଡି ମଝି ବ୍ରିଜ୍‌ରେ ନ ଯାଇ ଗୋପାଳପୁର ତାରିଣୀ ମନ୍ଦିର ଛକଠାରୁ ବାମ ପାର୍ଶ୍ୱସ୍ଥ ବ୍ରିଜ୍‌ରେ ଯିବେ। ସେହିପରି ଉରାଳି ଏବଂ କାଜିପାଟଣା ପଟୁ କଟକ ଆଡକୁ ଯିବା ନିମନ୍ତେ ସମସ୍ତ ଯାନବାହନ ବାମ ପାର୍ଶ୍ୱରେ ଥିବା ବ୍ରିଜ୍‌ରେ ଯିବାକୁ ହେବ। କାଠଯୋଡ଼ି ବାମ ପାର୍ଶ୍ୱରେ ଥିବା ବ୍ରିଜଠାରୁ ହାଇକୋର୍ଟ ଛକ ଏବଂ କଟକ ସହର ଭିତରକୁ ଯିବା ଲାଗି ଯାନବାହନଗୁଡ଼ିକ ମଣି ମନ୍ଦିର ନିକଟରୁ ଡାହାଣ ପାର୍ଶ୍ୱ ରାସ୍ତା ଦେଇ ଯାଇପାରିବେ। ଏନେଇ ଭୁବନେଶ୍ୱର-କଟକ କମିଶନରେଟ ପୋଲିସ ପକ୍ଷରୁ ଏକ ପ୍ରେସ୍ ବିବୃତିରେ ଗୁରୁବାର ସୂଚନା ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଥା ମାଜିଲେ ମୋଟ;**
**ସୂତା ମାଜିଲେ ସରୁ।**

କୌଣସି ଛୋଟ କଥାକୁ ବେଶି ମାତ୍ରାରେ ଚର୍ଚ୍ଚା କଲେ ତାହା ବଡ଼ ଆକାର ଧାରଣ କରେ। ଅତ୍ୟଧିକ ତର୍ଜମା କରିବା ଫଳରେ ନାନା କଥା ବାହାରେ। ଫଳସ୍ୱରୂପ କଥାର ଭିନ୍ନ ଅର୍ଥ ପ୍ରକାଶ ପାଏ ଓ କଥାର ମୋଡ଼ ବଦଳିଯାଏ, ଯାହାକି ସହଜରେ ଛିଣ୍ଡି ନ ଥାଏ। ତେଣୁ ଛୋଟ ବା ସାମାନ୍ୟ କଥାକୁ ଆବଶ୍ୟକତାଠୁ ଅଧିକ ଗୁରୁତ୍ୱ ଦିଆ ନ ଯିବା ଉଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାମ ସାରି ବସ,**
**ଭଗାରି ମାରି ହସ।**

କାମଦାମ ସାରିଦେଲେ ମଣିଷ ଚିନ୍ତାଶୂନ୍ୟ ହୋଇଯାଏ। ତେଣିକି ବସି ବିଶ୍ରାମ କରିବାରେ ଅସୁବିଧା ରହି ନ ଥାଏ। ସେହିପରି ଭଗାରି ଶେଷ ହୋଇଗଲେ ଦାଉ ସାଧିବାକୁ ଆଉ କେହି ନ ଥାଏ। ଫଳସ୍ୱରୂପ ଶତ୍ରୁକୁ ନେଇ ଭୟଭୀତ ହେବାର ଆଉ କିଛି ଅବକାଶ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଘୂର୍ଣ୍ଣିବଳୟ: ୫ ଯାଏ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୩୦।୬(ବ୍ୟୁରୋ)**

ଉପକୂଳ ଓଡ଼ିଶା ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୫ ତାରିଖ ଯାଏ ରାଜ୍ୟର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ରାଜ୍ୟର ଆଭ୍ୟନ୍ତରୀଣ ସମେତ ଦକ୍ଷିଣ ଏବଂ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବିଶେଷକରି ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ଜିଲାରେ ଘଡ଼ଘଡ଼ି, ବିଜୁଳି ସହ ବର୍ଷା ହେବ। ଏଥିପାଇଁ ୭ ଜିଲାକୁ ୟେଲୋୱାର୍ନିଂ ଜାରି କରାଯାଇଛି। ସେହି ଜିଲାଗୁଡ଼ିକ ହେଲା ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ ଏବଂ ଯାଜପୁର।

ଜୁନ୍‌ରେ କୌଣସି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇ ନ ଥିବାରୁ ରାଜ୍ୟରେ ବର୍ଷା ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହୋଇଯାଇଛି। ଜୁନ୍ ୧ରୁ ୩୦ ମଧ୍ୟରେ ରାଜ୍ୟରେ ୩୭ ପ୍ରତିଶତ କମ୍ ବର୍ଷା ହୋଇଛି। ପୁରୀ, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼, ଜଗତ୍‌ସିଂହପୁର, ଭଦ୍ରକ, ଖୋର୍ଦ୍ଧା ଆଦି ଜିଲାରେ ପରିସ୍ଥିତି ସଙ୍ଗିନ। ପୁରୀରେ ଜୁନ୍ ମାସରେ ସ୍ୱାଭାବିକଠାରୁ ୮୬ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ କେନ୍ଦ୍ରାପଡ଼ାରେ ୭୧, ସୁନ୍ଦରଗଡ଼ ୬୫, ଜଗତ୍‌ସିଂହପୁର ୫୬, ନବରଙ୍ଗପୁର ୫୧, ଖୋର୍ଦ୍ଧା ୫୫, ଭଦ୍ରକ ୫୧, କେନ୍ଦୁଝର ୪୫, ବଲାଙ୍ଗୀର ୪୫, କୋରାପୁଟ ୪୮, ଝାରସୁଗୁଡ଼ା ୪୭, କେନ୍ଦୁଝର ୪୫, କୋରାପୁଟ ୪୮, ବରଗଡ଼ ୪୩ , ବଲାଙ୍ଗୀରରେ ୪୫ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଛି।

## ଆଜି ଦର୍ଶନ ଦେବେ...

ପ୍ରଥମ ପୃଷ୍ଠାରୁ...

ପରେ ଭୋଇ ସେବକମାନେ ରଥରେ ଦଉଡ଼ି ସଂଯୋଗ କରିଥିଲେ। ବିଜେ କାହାଳି ବାଜିବା ପରେ ପ୍ରଥମେ ନନ୍ଦିଘୋଷ, ପରେ ଦେବଦଳନ ଓ ଶେଷରେ ତାଳଧ୍ୱଜ ରଥକୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖକୁ ନିଆଯାଇଥିଲା। ଭକ୍ତିସଙ୍ଗୀତ ଓ ଭକ୍ତିଅର୍ଘ୍ୟର ତାଳେ ତାଳେ ପୋଲିସ ବାହିନୀ ଓ ଭକ୍ତମାନେ ରଥ ଟାଣିଥିଲେ। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ତିନି ରଥକୁ କଡ଼ା ସୁରକ୍ଷା ବଳୟରେ ବ୍ୟାରିକେଡ୍ ମଧ୍ୟରେ ରଖାଯାଇଛି। ପରେ ବିଭିନ୍ନ ଫୁଲରେ ତିନି ରଥକୁ ସୁସଜ୍ଜିତ କରାଯାଇଛି। ତିନି ରଥରେ ଭୋଇ ସେବକମାନେ ଚାରମାଳ ବାନ୍ଧିବା ପରେ ସାରଥିଙ୍କୁ ଉଠାଇଥିଲେ। ରାତିରେ ମହାପ୍ରଭୁଙ୍କ ପହୁଡ଼ ଆଳତି ପରେ ଶ୍ରୀମୁଖ ଖଣ୍ଟୁଆ ନୀତି ସମ୍ପନ୍ନ ହୋଇଥିଲା। ଦଇତାପତି ସେବକମାନେ ଶ୍ରୀଅଙ୍ଗ ସୁରକ୍ଷା ଲାଗି ସେନାପଟା ଓ ବାହୁଟ କଷ୍ଟ କରିଥିଲେ। ଶୁକ୍ରବାର ରଥଯାତ୍ରା ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ସକାଳ ୬ଟା, ମଇଲମ ୬ଟା ୧୦, ଅବକାଶ ୭ଟା, ସକାଳ ଧୂପ ୮ଟା, ରଥ ପ୍ରତିଷ୍ଠା ୯ଟା, ମଙ୍ଗଳାର୍ପଣ ୯ଟା ୧୫, ପହଣ୍ଡି ୯ଟା ୩୦, ପହଣ୍ଡି ଶେଷ ମଧ୍ୟାହ୍ନ ୧୨.୩୦, ଚିତାଲାଗି ଅପରାହ୍ନ ୧.୩୦, ଛେରାପହଁରା ୨.୩୦ରୁ ୩ଟା ୩୦, ଚାରମାଳ ଓ ଘୋଡ଼ାଲାଗି ୩ଟାରୁ ୪ଟା ଏବଂ ରଥଟଣା ଅପରାହ୍ନ ୪ଟାରେ ହେବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତିନିର୍ଘଣ୍ଟ କରାଯାଇଛି। ରଥ ଉପରେ କନକମୁଣ୍ଡି ସ୍ଥାପନ ଓ ରଥ ପ୍ରତିଷ୍ଠା ପରେ ଧାଡ଼ିପହଣ୍ଡିରେ ରଥାରୂଢ଼ ହେବେ ଚତୁର୍ଦ୍ଧା ବିଗ୍ରହ। ଏବେ ସେହି ମହାର୍ଘ ମୁହୂର୍ତ୍ତକୁ ସମସ୍ତେ ଚାହିଁବସିଛନ୍ତି। ଅନ୍ୟପକ୍ଷରେ ସମସ୍ତ ନୀତିକାନ୍ତି ଶୃଙ୍ଖଳିତ ଭାବେ ଶେଷ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ଆଶା ରଖିଛି। ପୁରୀ ସହରରେ ଟ୍ରାଫିକ ମୋବିଲିଟି ପ୍ଲାନ୍ କାର୍ଯ୍ୟକାରୀ ହୋଇଛି। ପଞ୍ଚସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଓ ସିସିଟିଭି ନଜରରେ ରହିଛି ପୁରୀ ସହର। ୧୮୦ ପ୍ଲାଟୁନ୍ ଫୋର୍ସ ସମେତ ଏକ ହଜାର ବଛା ବଛା ଅଧିକାରୀ, ସାଦା ପୋଷାକଧାରୀ ପୋଲିସ, ବୋମା ନିଷ୍କ୍ରିୟକାରୀ ଦଳ ଏବଂ ସ୍ୱତନ୍ତ୍ର ଟାକ୍ଟିକାଲ୍ ୟୁନିଟ ମୁତୟନ ରହିଛନ୍ତି।

## ମହାରାଷ୍ଟ୍ରରେ ସିନ୍ଦେ...

ଶିବିରରେ ଉତ୍ସବକୁ ଦେଖି ସମସ୍ତେ ଧରିନେଇଥିଲେ ଗୈରିକ ଦଳ ବିଧାନସଭାରେ ସଂଖ୍ୟାଗରିଷ୍ଠ ହୋଇଥିବାରୁ ସିନ୍ଦେ ଗୋଷ୍ଠୀର ସମର୍ଥନରେ ନୂଆକରି ମେଣ୍ଟ ସରକାର ଗଠନ କରିବ। ବିରୋଧୀ ଦଳ ନେତା ଦେବେନ୍ଦ୍ର ଫଡ଼ନବିସ ତୃତୀୟ ଥର ପାଇଁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ହେବେ ଓ ଶିବସେନାର ବିଦ୍ରୋହୀ ନେତା ଏକନାଥ ସିନ୍ଦେଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯିବ ବୋଲି ପ୍ରାୟ ସମସ୍ତେ ମନେକରୁଥିଲେ। କିନ୍ତୁ ଗୁରୁବାର ଅପରାହ୍ନରେ ଭାଜପା ନେତା ଫଡ଼ନବିସଙ୍କ ଘୋଷଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଥିଲା। ରାଜଭବନରେ ରାଜ୍ୟପାଳଙ୍କୁ ଭେଟିବା ପରେ ଖବରଦାତା ସମ୍ମିଳନୀରେ ଫଡ଼ନବିସ କହିଥିଲେ, ସିନ୍ଦେ ମୁଖ୍ୟମନ୍ତ୍ରୀ ହେବେ ଏବଂ ଭାଜପା ତାଙ୍କୁ ସମର୍ଥନ କରିବ। ପରବର୍ତ୍ତୀ ସମୟରେ କ୍ୟାବିନେଟ ସମ୍ପ୍ରସାରଣ କରାଯିବ। ଶିବସେନାର କେତେଜଣ ବିଦ୍ରୋହୀ ବିଧାୟକ ଏବଂ ଭାଜପା ଏମ୍ଏଲ୍ଏ ପରେ ମନ୍ତ୍ରୀ ଭାବେ ଶପଥ ନେବେ। କିନ୍ତୁ ସେ ନିଜେ ମନ୍ତ୍ରିମଣ୍ଡଳରେ ରହିବେ ନାହିଁ। ଉଦ୍ଧବଙ୍କ ଇସ୍ତଫା ପରେ ବିକଳ୍ପ ସରକାର କିପରି ସୁରୁଖୁରୁରେ ଚାଲିବ ତାହା ସୁନିଶ୍ଚିତ କରିବା ପାଇଁ ସେ କାମ କରିବେ ବୋଲି ଫଡ଼ନବିସ କହିଥିଲେ। ଫଡ଼ନବିସଙ୍କ ମତରେ ଏହି ଯୁଦ୍ଧ କ୍ଷମତା ପାଇଁ ନୁହେଁ, ବରଂ ବିଚାରଧାରାର ଲଢ଼େଇ। ବର୍ତ୍ତମାନ ସ୍ଥିତିରେ ରାଜ୍ୟବାସୀଙ୍କ ଉପରେ ନିର୍ବାଚନ ଲଦିଦେବାକୁ ଭାଜପା ଚାହୁଁନାହିଁ। ୨୦୧୯ ବିଧାନସଭା ନିର୍ବାଚନରେ ଭାଜପା-ଶିବସେନା ମିଳିମିଶି ଲଢ଼ିଥିଲେ। କିନ୍ତୁ ଶିବସେନା ପ୍ରତିଷ୍ଠାତା ବାଲାସାହେବ ଠାକ୍‌ରେ ଯେଉଁ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏବଂ କଂଗ୍ରେସକୁ ସାରା ଜୀବନ ବିରୋଧ କରିଆସିଥିଲେ, ତାଙ୍କ ପୁଅ ଉଦ୍ଧବ ଠାକ୍‌ରେ ସେହି ବିପରୀତଧର୍ମୀ ଦଳ ସହ ମେଣ୍ଟ କରି ସରକାର ଗଢ଼ିଥିଲେ। ଏହାକୁ ନେଇ ଶିବସେନାରେ ଅସନ୍ତୋଷ ଲାଗିରହିଥିଲା। ଦୁର୍ନୀତିଗ୍ରସ୍ତ ମହା ବିକାଶ ଅଘାଡ଼ି ସରକାରର ଦୁଇଜଣ ମନ୍ତ୍ରୀ ଭ୍ରଷ୍ଟାଚାର ଓ ମନି ଲଣ୍ଡରିଂ ଅଭିଯୋଗରେ ଜେଲରେ ଅଛନ୍ତି। ଏମ୍‌ଭିଏ ସହଯୋଗୀଙ୍କ ଯୋଗୁ ଶିବସେନା ବିଧାୟକମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଶିବସେନା ନେତାଙ୍କ ନିର୍ବାଚନମଣ୍ଡଳୀରେ କଂଗ୍ରେସ-ଏନ୍‌ସିପି ନେତାମାନଙ୍କୁ ସରକାରୀ ପାଣ୍ଠି ଯୋଗାଇ ଦିଆଯାଉଥିଲା ବୋଲି ଫଡ଼ନବିସ କହିଥିଲେ। ଫଡ଼ନବିସଙ୍କ ସହ ପ୍ରେସ୍ କନ୍‌ଫରେନ୍ସରେ ଉପସ୍ଥିତ ସିନ୍ଦେ ପରେ ନିଜ ବକ୍ତବ୍ୟ ରଖିଥିଲେ। ଉଦ୍ଧବଙ୍କ ପୂର୍ବ କ୍ୟାବିନେଟ ସହଯୋଗୀ (ସହରାଞ୍ଚଳ ବିକାଶ ମନ୍ତ୍ରୀ) ସିନ୍ଦେ କହିଥିଲେ, ୫୦ ବିଧାୟକଙ୍କ ସହ ଏମ୍‌ଭିଏ ସରକାର ବିରୋଧରେ ବିଦ୍ରୋହ କରିବା ପଛରେ କୌଣସି ବ୍ୟକ୍ତିଗତ ସ୍ୱାର୍ଥ ନାହିଁ। ରାଜ୍ୟର ବିକାଶ ପାଇଁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ଉଦ୍ଧବଙ୍କ ସରକାରରେ ସୁଚାରୁ ରୂପେ ଦାୟିତ୍ୱ ତୁଲାଇବା ପାଇଁ ତାଙ୍କର ସ୍ୱାଧୀନତା ନ ଥିଲା। ଯେତେବେଳେ ୫୦ ବିଧାୟକ ନିଷ୍ପତ୍ତି ନେଇଛନ୍ତି, ସେତେବେଳେ ଆତ୍ମସମୀକ୍ଷା କରାଯିବା ଉଚିତ ବୋଲି ଉଦ୍ଧବଙ୍କ ଉଦ୍ଦେଶ୍ୟରେ ସିନ୍ଦେ ପ୍ରକାଶ କରିଥିଲେ। ସେହିପରି ବାଲ୍ ଠାକ୍‌ରେଙ୍କ ଶିବସୈନିକଙ୍କୁ ମୁଖ୍ୟମନ୍ତ୍ରୀ କରି ଫଡ଼ନବିସ ବିଶାଳ ହୃଦୟର ପରିଚୟ ଦେଇଛନ୍ତି। ଫଡ଼ନବିସ ତାଙ୍କ ଉପରେ ଯେଉଁ ଭରସା କରିଛନ୍ତି ତାକୁ ସେ ବଜାୟ ରଖିବେ। ନୂଆ ସରକାରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସମର୍ଥନ ମିଳିବ। ତେଣୁ ସେମାନଙ୍କୁ ସିନ୍ଦେ ଧନ୍ୟବାଦ ଦେଇଛନ୍ତି।

ଏହା ପୂର୍ବରୁ ସିନ୍ଦେ ଗୋଷ୍ଠୀ ଗୋଆରୁ ଏକ ଚାର୍ଟାର୍ଡ ଫ୍ଲାଇଟ୍‌ରେ ମୁମ୍ବାଇ ବିମାନବନ୍ଦରକୁ ଫେରିଥିଲେ। ସିନ୍ଦେଙ୍କ ପାଇଁ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା। ବିକ୍ଷୋଭ ପ୍ରଦର୍ଶନ କରିଥିବା କେତେଜଣ ଶିବସେନା ସମର୍ଥକଙ୍କୁ ଅଟକ ରଖାଯାଇଥିଲା। ସିନ୍ଦେ ଫଡ଼ନବିସଙ୍କୁ ତାଙ୍କ ବାସଭବନରେ ଭେଟି ଆଲୋଚନା କରିଥିଲେ। ଦୁହିଁଙ୍କ ସହ କେତେଜଣ ଭାଜପା ନେତା ରାଜଭବନକୁ ଯାଇ ରାଜ୍ୟପାଳଙ୍କ ନିକଟରେ ସରକାର ଗଠନ ପାଇଁ ଦାବି ଜଣାଇଥିଲେ। ସିନ୍ଦେ ନିଜ ଗୋଷ୍ଠୀ ଓ ଭାଜପାର ବିଧାୟକମାନଙ୍କୁ ମିଶାଇ ମୋଟ ୧୭୦ ଏମ୍ଏଲ୍ଏଙ୍କ ସମର୍ଥନ ସମ୍ବଳିତ ପତ୍ର ରାଜ୍ୟପାଳଙ୍କୁ ଦେଇଥିବା କୁହାଯାଉଛି।

## 'ସହରାଞ୍ଚଳରେ ଆକ୍ରାନ୍ତଙ୍କ...

ଏହି ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୬୯ଜଣ ଥିବାବେଳେ କଟକରୁ ୧୬, ବାଲେଶ୍ୱର ୮, ବରଗଡ଼ ୩, ଭଦ୍ରକ ୪, ଜଗତ୍‌ସିଂହପୁର ୪, ନୟାଗଡ଼ ଓ ପୁରୀ ୯ଜଣ ଲେଖାଏ, ସମ୍ବଲପୁର ୩, ସୋନପୁର ୨, ସୁନ୍ଦରଗଡ଼ ୧୨ ଏବଂ ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, ମାଲକାନଗିରି, ମୟୂରଭଞ୍ଜ, ରାୟଗଡ଼ା ଓ ଢେଙ୍କାନାଳରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ସଂକ୍ରମିତ ସଂଖ୍ୟା ୧୨,୮୯,୭୫୭ରେ ପହଞ୍ଚିଛି।

## ସାତକୋଶିଆରେ ଅସୁସ୍ଥ...

ଅସୁସ୍ଥ ଥିବା ନେଇ ପୂର୍ବରୁ ସ୍ଥାନୀୟ ଲୋକେ ବନ ବିଭାଗକୁ ସୂଚନା ଦେଇଥିଲେ। କିନ୍ତୁ ବିଭାଗ ପକ୍ଷରୁ ଅସୁସ୍ଥ ହାତୀର ଚିକିତ୍ସା କରାଯାଇପାରି ନ ଥିଲା। ଗୁରୁବାର ଟାଇଁସି ନୂଆପଡ଼ା ଅଞ୍ଚଳରେ ଉକ୍ତ ମାଈ ହାତୀର ମୃତ୍ୟୁ ହୋଇଥିବା ସ୍ଥାନୀୟ ବାସିନ୍ଦା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେମାନେ ବନ ବିଭାଗକୁ ଖବର ଦେବା ପରେ କର୍ମଚାରୀମାନେ ସେଠାରେ ପହଞ୍ଚିଥିଲେ। କେଉଁ କାରଣରୁ ଉକ୍ତ ମାଈ ହାତୀର ପ୍ରାଣ ଯାଇଛି ସେ ନେଇ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇ ନ ଥିବାବେଳେ ନମୁନା ସଂଗ୍ରହ କରାଯାଇ ଭୁବନେଶ୍ୱରସ୍ଥିତ ଓୟୁଏଟିକୁ ପଠାଯାଇଛି। ତେବେ ଚିକିତ୍ସା ଅଭାବରୁ ହାତୀର ମୃତ୍ୟୁ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ହାତୀଟି ଅନୁଗୋଳ ବନଖଣ୍ଡରେ ଚଳପ୍ରଚଳ କରୁଥିଲା। ତେଣୁ ତାକୁ ଟ୍ରାକ୍ କରାଯାଇପାରି ନ ଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ଘଟଣାସ୍ଥଳକୁ ଆସିଛୁ। ସାତକୋଶିଆ ଡିଏଫ୍‌ଓ ଡ. ସରୋଜ ପଣ୍ଡା କହିଛନ୍ତି, ହାତୀ କାର୍ଯ୍ୟରେ ବ୍ୟସ୍ତ ରହିଛି। ମୃତ୍ୟୁ ସମ୍ପର୍କରେ ପରେ ତଥ୍ୟ ଦିଆଯିବ।

## ଦୁର୍ଘଟଣାରେ ରାଇରଙ୍ଗପୁର...

ସ୍ୱାମୀ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ତାଙ୍କ ଘର ଚିଲିକା (ବାଲିଗୁଡା) ଅଞ୍ଚଳରେ। ୨୦୨୧ ଜୁନ ୧୧ ତାରିଖରେ ସେ ରାଇରଙ୍ଗପୁର ଏସ୍‌ଡିଜେଏମ୍ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ଖବରପାଇ କରଞ୍ଜିଆ ଏସ୍‌ଡିଜେଏମ୍ ଲିପା ମହାନ୍ତି, ସବଜଜ ଶଙ୍ଖ ଚକ୍ରବର୍ତ୍ତୀ, ଯଶିପୁର ଜେଏମ୍‌ଏଫସି ତଥା କରଞ୍ଜିଆ ଓକିଲ ସଙ୍ଘର କର୍ମକର୍ତ୍ତା ଡାକ୍ତରଖାନାରେ ପହଞ୍ଚିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଲକ୍ଷ୍ମୀଯୋଗ ଥିବାରୁ ସାମଗ୍ରିକ ଦୃଷ୍ଟିକୋଣରୁ ଅର୍ଥ, ସମ୍ମାନ, ବନ୍ଧୁମିଳନ ଓ ବ୍ରହ୍ମାନନ୍ଦ ବାତାବରଣରେ ସମୟ ଅତିବାହିତ କରିବେ। ଦୀର୍ଘ ଦିନ ହେଲା ଯାହା ହୋଇପାରିନି ତାହା ପୂର୍ଣ୍ଣତା ଲାଭ କରିବ। ପିଲାଙ୍କ ସଫଳତା, ନୂତନ ବନ୍ଧୁସମ୍ପର୍କ ସ୍ଥାପନ, ଉନ୍ନତ ମାନର ଆଲୋଚନାର ସୁଯୋଗ ପାଇବେ। ପାରିବାରିକ ସମ୍ପର୍କ ବହୁତ ଭଲ ରହିବ।

**ବୃଷ** – କର୍ମାଧିପଙ୍କ କେନ୍ଦ୍ରାବସ୍ଥାନରୁ କ୍ଷେତ୍ର ସିଂହାସନ ଯୋଗ ପ୍ରଭାବରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ, ସମ୍ମାନ, ସମ୍ବର୍ଦ୍ଧନା ପ୍ରାପ୍ତ ହେବ। ପଡ଼ୋଶୀଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇ ସମାଲୋଚିତ ହୋଇପାରନ୍ତି। ଜମିଜମା କାରବାର, ନୂତନ ଘର ତିଆରି, ଯାନବାହନ ମରାମତି, ଦୋକାନର ଉନ୍ନତୀକରଣରୁ ଉପକୃତ ହେବେ।

**ମିଥୁନ** – ରାଶିରେ ରବିଙ୍କ ସ୍ଥିତିବଶତଃ ବନ୍ଧୁଙ୍କ ସାହାଯ୍ୟ, ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା ଓ ଆର୍ଥିକ ଦିଗରୁ ଉପକୃତ ହେବେ। ଜମିଜମା, ପୁରୁଣା ଗାଡ଼ି ଓ ଯାନ୍ତ୍ରିକ ଜିନିଷ କିଣିବା କିମ୍ବା ବିକିବା ସକାଶେ ମନ ବଳାଇପାରନ୍ତି। ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ଘଟିପାରେ। ସାମାଜିକ କ୍ଷେତ୍ରରେ ବନ୍ଧୁଙ୍କ ମଧ୍ୟରେ ଆଲୋଚନା ଅସମାପ୍ତ ରହିପାରେ।

**କର୍କଟ** – ସ୍ୱରାଶିରେ ଚନ୍ଦ୍ର ଅବସ୍ଥାନ କରୁଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। କର୍ମକ୍ଷେତ୍ରରେ ଦୃଢ଼ ମନୋବଳ ନେଇ ଆଗକୁ ମାଡ଼ିଚାଲିବେ। ଆପଣଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ସହକର୍ମୀମାନେ ପଛରେ ବହୁତ ସମାଲୋଚନା କରିପାରନ୍ତି। କାର୍ଯ୍ୟବ୍ୟସ୍ତ ଓ ଟେନ୍‌ସନ ଲାଗି ରହିବା ଯୋଗୁ ଖାଦ୍ୟପେୟ ଠିକ୍ ରହିନପାରେ।

**ସିଂହ** – ଶନିଙ୍କ ଦୃଷ୍ଟିରେ ରାଶିଥିବାରୁ ଆଜି କୌଣସି କାମ ଅଟକିବ ନାହିଁ। ପାରିବାରିକ ପରିସ୍ଥିତି ଭଲ ରହିବ। ବ୍ୟବସାୟ, ବାଣିଜ୍ୟ ଓ ବ୍ୟବସାୟରୁ ଭଲ ଲାଭ ପାଇବେ ; କିନ୍ତୁ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିବା ହେତୁ ଚିନ୍ତାଗ୍ରସ୍ତ ହେବେ। ପର ଉପରେ ନିର୍ଭର କରିବା କାରଣରୁ କେତେକ ବ୍ୟତିକ୍ରମ ଦେଖାଦେଇପାରେ।

**କନ୍ୟା** – ଆଜି ଏକାଦଶସ୍ଥ ଚନ୍ଦ୍ରଙ୍କ ସୁପ୍ରଭାବରୁ କାମଗୁଡ଼ିକ ସମ୍ପନ୍ନ ହେବା ସାଙ୍ଗକୁ ପ୍ରତ୍ୟେକ କ୍ଷେତ୍ରରେ ଶୁଭଫଳ ପାଇବେ। ପରୋକ୍ଷ ଶତ୍ରୁତା କରୁଥିବା ଲୋକମାନେ ପରିସ୍ଥିତିବଶତଃ ମିତ୍ର ସାଜିବାକୁ ଚେଷ୍ଟା କରିବେ। ଅଟକି ରହିଥିବା କାମ କରିବାକୁ ମନ ବଳାଇପାରନ୍ତି। ସାମ୍ବାଦିକତା, ପ୍ରକାଶନ ଓ ପରିବହନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** – ଆଜି କର୍ମସ୍ଥାନରେ ଚନ୍ଦ୍ର ରହିଥିବାରୁ ଯାତ୍ରା ପ୍ରୀତିପ୍ରଦ ରହିବ। କାମ ହାସଲ କରିବାରେ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ଗଠନମୂଳକ ପରାମର୍ଶ ଦେଇ ସହକର୍ମୀଙ୍କ ପ୍ରିୟପାତ୍ର ହେବେ। ଦୀର୍ଘ ଦିନରୁ ଅଟକି ରହିଥିବା ନିର୍ମାଣ ତଥା ବ୍ୟବସାୟଭିତ୍ତିକ କାମଗୁଡ଼ିକ ସୁରୁଖୁରୁରେ ହୋଇଯିବ।

**ବିଛା** – କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହିଥିଲେ ମଧ କୌଣସି କାମ ଅଟକିବ ନାହିଁ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ, ଯଦିଓ ସମ୍ପୂର୍ଣ୍ଣ ରୂପେ ସମସ୍ୟାମୁକ୍ତ ହୋଇ ପାରିବେ ନାହିଁ। ଭାଗ୍ୟସ୍ଥ ଚନ୍ଦ୍ର ହେତୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**ଧନୁ** – ରାହୁଯୁକ୍ତ ମଙ୍ଗଳ ଆପଣଙ୍କୁ ସଠିକ୍ ନିଷ୍ପତ୍ତି ନେବାରେ ସମସ୍ୟା ସୃଷ୍ଟି କରିବ। ବିଭିନ୍ନ ସମସ୍ୟା ଥିଲେ ହେଁ ଆର୍ଥିକ ଦିଗରୁ ଉପକୃତ ହେବେ। ପାରିବାରିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇବା କାରଣରୁ ଭାବପ୍ରବଣତା ବୃଦ୍ଧି ପାଇପାରେ। ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଯିବେ, ଫଳରେ ସମାଧାନରେ ସମୟ ବିଳମ୍ବିତ ରହିବ।

**ମକର** – ଆଜି ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବହୁତ ଭଲ ରହିବ ଏବଂ ବନ୍ଧୁ ଗହଣରେ ଖୁସି ରହିବେ। ପରିବାରର କୌଣସି ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ସମସ୍ୟା ନେଇ ବନ୍ଧୁମାନଙ୍କ ସହ ଆଲୋଚନା କରିପାରନ୍ତି। ଜମିଜମା କ୍ରୟ ବିକ୍ରୟ କିମ୍ବା ନୂତନ ବାଣିଜ୍ୟାରମ୍ଭ ପାଇଁ ମନ ବଳାଇ ପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ।

**କୁମ୍ଭ** – ଆଜି ଶୁଭ ଚନ୍ଦ୍ର ପ୍ରଭାବରୁ ଯେଉଁଠି ଯାହା କହିବେ କିମ୍ବା କରିବେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେବ। ସାଙ୍ଗସାଥୀଙ୍କ ସହଯୋଗରୁ ବିବଦମାନ ସ୍ଥିତିରୁ ମୁକ୍ତି ମିଳିବ। କେତେକ ଆକସ୍ମିକ ସମସ୍ୟାକୁ ନେଇ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ପୂର୍ବ ପରିକଳ୍ପିତ ନୂଆ ଯୋଜନା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମନେକରିବେ।

**ମୀନ** – ଗ୍ରହସ୍ଥିତିକୁ ନେଇ ମନ ଅସ୍ଥିର ସାଙ୍ଗକୁ ଶାରୀରିକ ସୁସ୍ଥତା ନ ରହିବା ହେତୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପରିବାରର ଖର୍ଚ୍ଚ ବଢ଼ିଯିବା କାରଣରୁ ମନରେ ସରସତା ରହିନପାରେ। କର୍ମକ୍ଷେତ୍ରରେ, ରାଜନୀତି ତଥା ବ୍ୟବସାୟ କ୍ଷେତ୍ରରେ ସ୍ଥିରତା ଫେରିପାଇବେ। କୌଣସି ଅଜଣା ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ ।


# classifieds

**Everyday**
0674-2580101, 2549302

real estate

## SALE

**Residential gharabari plot near English Medium School Brahmanjharilo with boundarywall, 7k.m. from Nakhara, Cuttack, 12k.m. to Bhubaneswar, no Bank Loan, registration at 50% cost , balance 5years installment, no interest. 7809525452.** D-73928

Low cost plot near ସାକ୍ଷୀଗୋପାଳ, ପୁରୀ, କଟକ, IIT ଅରଗୁଳ ପାଖରେ Immediate possession road ସହିତ ମିଳୁଛି। 9692213354. D-73927

ଭୁବନେଶ୍ୱର **Sum Hospital** ଠାରୁ **6k.m.** ଦୂରତାରେ କଣ୍ଟାବାଡ଼ **NH 16** ରୁ **50mtr** ଦୂରରେ **boundary, electricity 30ft.** ରୋଡ୍ ଥାଇ ଘରବାରି **plot** ମିଳୁଛି। **9348444368.** D-73261

Khordha Municipalityରେ PN College-Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ **Sudhananda School**କୁ ଲାଗି **30' road, electricity** ସୁବିଧା ଥାଇ **gated society** ଘରବାରି **plot @9,00,000/-** ଘର କରନ୍ତୁ। **(Bank loan available). 9437691481.** D-73260

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000- (outright). 9348232008. D-73266

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ **30ft. road,** ଇଲେକ୍ଟ୍ରିସିଟି ଥାଇ ବାସୋପଯୋଗୀ ପ୍ଲଟ୍ **sqft.-320/-, 850/-**ରେ ମିଳୁଛି। **7894433357, 9437607388.** D-73268

Two bedroom flat super built-up area 1400 sqft. -Rs.70 lakhs and 1143 sqft.- Rs.60 lakhs, near AIIMS Hospital, Bhubaneswar for sale (Price is negotiable). Contact: 6370787844. D-73835

**Flat for sale at Jharpada and Hanspal NH side, Contact: 7978209277.** D-825

ଭୁବନେଶ୍ୱର ହଂସପାଳ ଛକ ପାଖରେ ମୋର ଘର ବିକ୍ରି କରାଯିବ। Contact: 9178660666. D-73831

ଭୁବନେଶ୍ୱର ଗଙ୍ଗପଡ଼ା ଛକରୁ **700mtr** ଦୂରତାରେ **Adyanta** କଲେଜ **backside**ରେ **yellowzone** ପ୍ଲଟ୍ ମିଳୁଛି। **9556368377.** D-73270

ଭୁବନେଶ୍ୱର ସୁନ୍ଦରପଦା, କାଟେଣୀ, ଚନ୍ଦକାରେ 6,00,000/- 12,00,000/-ରେ ପ୍ଲଟ୍ ଦିଆଯାଉଛି। Sasmita-9853150290. D-73271

**Immediate** ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ **sqft. 500/** ବାଲକାଟିରେ **sqft.1000/-. 8114929186.** D-73925

**ନନ୍ଦନକାନନ Backside ଚନ୍ଦକା-ତ୍ରିଶୂଳିଆ ବାଇପାସ୍ Road ପାଖରେ well developed ସ୍ଥିତିବାନ plots sqft. 900/- ରେ କିଣନ୍ତୁ- 9348767829, 8018603523.** D-73272

Land for Sale near Adani Dhamra Port, Bhadrak. Area - 4 Acre 10 Decimal, Non Agri. Land (Converted to Gharabari), Clear Title of Land, Single Owner. Rate per Decimal - 2Lakhs, Connected to State Highway. Contact- 9738021978, 8917251410. D-73824

ଭୁବନେଶ୍ୱର **IIT** ଅରଗୁଳ ରେଲ୍‌ୱେ ଷ୍ଟେସନ୍ ନିକଟରେ **Road,** ଇଲେକ୍ଟ୍ରିପୋଲ୍, **Plantation** ଥାଇ **well developed** ପ୍ଲଟ୍ **sqft.-270/-**ରେ କିଣନ୍ତୁ। **8018603523, 9348767829.** D-73273

to-let

3BHK 1500sft. 3rd floor, Ground Floors Guest House for residential purpose at Gajapati Nagar, Bhubaneswar. Contact: 8917698751. D-71531

Shops for Rent Ground floor 500sqft., 400 sqft And office space 400 sqft. in 2nd floor at lane-12, Bapuji Nagar, Bhubaneswar. Phone- 8328881723. D-83327

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

healthcare

Refreshing your mind and body with the best therapy, 7873794731. D-872

Newly open full body massage ladies and gents. 8327740003, 8093860513. D-73926

**Relax, refresh your body, mind at Saikrupa Spa with best therapies. 8984068077.** D-805

astrology

ପାରିବାରିକ କଳହ, ଜମିବାଡ଼ି ବିବାଦ, ଘରତିଆରିରେ ବାସ୍ତୁଦୋଷ, ପାଠପଢ଼ାରେ ଅବହେଳା ଥିଲେ ଜ୍ୟୋତିଷ ବିଜ୍ଞାନ, ବାସ୍ତୁ ବିଜ୍ଞାନ, ସଂଖ୍ୟା ବିଜ୍ଞାନ ଦ୍ୱାରା ସମାଧାନ ଓ ଗ୍ରହଶାନ୍ତି ବୈଦିକ ପଦ୍ଧତିରେ କରାଯାଏ। ନମ୍ବର ବୁକିଂ ପାଇଁ ଯୋଗାଯୋଗ କରନ୍ତୁ- 9114336358, ସପ୍ତଶତୀମନ୍ଦିର ନିକଟ, ପଳାଶୁଣୀ, ଭୁବନେଶ୍ୱର । ଧ-୭୩୩୨୮

## LOST

Degree certificate and gradesheets by BPUT University have been damaged by termites. Name: Laxmi Priya Mishra. Regd No: 0901288117. D-874

## AFFIDAVIT

By virtue of an affidavit before Notary Public, Bhubaneswar, I, Manisha Dugar, 502, Sahid Nagar, Bhubaneswar after my marriage to Rakesh Bhura have changed my surname from Dugar to Bhura. Henceforth I shall be known as Manisha Bhura for all purposes. D-71646


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଶିକାରୀ ଗୁଳିରେ ଶିକାରୀ ମୃତ

■ ଦୁଇ ଦିନ ପରେ ଜଙ୍ଗଲରୁ ମୃତଦେହ ଜବତ

■ ଜଣେ ଶିକାରୀ ଥାନାରେ ଅଟକ

ବୌଦ୍ଧ,୩୦।୬(ସ୍ୱ.ପ୍ର.)

ଜଙ୍ଗଲକୁ ଶିକାର କରିବାକୁ ଯାଇଥିବା ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କାନପୁର ଗ୍ରାମର ସଞ୍ଜୀବ ଭୋଇଙ୍କର ଅନ୍ୟ ଜଣେ ଶିକାରୀଙ୍କ ଗୁଳିରେ ମୃତ୍ୟୁ ଘଟିଛି। ଦୁଇଦିନ ପରେ ବୁଧବାର ରାତିରେ ଘଟଣା ଜଣାପଡ଼ିଛି। ପରେ ପୋଲିସ ମୃତଦେହ ଜବତ କରିଛି। ସେହି ଗ୍ରାମର ଶମ୍ଭୁନାଥ ଭୋଇ (୨୬)ଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

ସଞ୍ଜୀବ ଓ ଶମ୍ଭୁନାଥ ସୋମବାର ଗାଁ ନିକଟସ୍ଥ ଜିରାଡ଼ ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ। ମାତ୍ର ଶିକାର ସମୟରେ କୌଣସି କାରଣରୁ ସଞ୍ଜୀବଙ୍କ ଦେହରେ ଗୁଳି ବାଜିଥିଲା। ଗୁଳି ବାଜିବା ପରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଭୟରେ ଶମ୍ଭୁନାଥ ମୃତଦେହକୁ କିଛିଦୂରରେ ପିଙ୍ଗିଦେଇ ଘରକୁ ପଳାଇ ଆସିଥିଲେ। ସଞ୍ଜୀବ ଘରକୁ ନ ଫେରିବାରୁ ପରିବାର ଲୋକେ ଦୁଇଦିନ ଦରି ଖୋଜାଖୋଜି କରିବା ପରେ ନ ପାଇ ଶେଷରେ ବୁଧବାର ପୁରୁଣାକଟକ ଥାନାର ଦ୍ୱାରସ୍ଥ ହୋଇଥିଲେ। ପରେ ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ତଦନ୍ତ ଆରମ୍ଭ କରିଥିଲା। ଶିକାର କରିବାକୁ ଯାଇଥିବା ଅନ୍ୟ ଶିକାରୀ ଶମ୍ଭୁନାଥଙ୍କୁ ପଚରାଉଚରା କରାଯାଇଥିଲା। ଜଙ୍ଗଲରେ ଶିକାର ସମୟରେ ଗୁଳି ବାଜି ମୃତ୍ୟୁ ହୋଇଥିବା ଶମ୍ଭୁନାଥ ସ୍ୱୀକାର କରିବା ସହ ମୃତଦେହ ପଡ଼ିଥିବା ସ୍ଥାନ ନେଇ ଦେଖାଇଥିଲେ। ପୋଲିସ ବୁଧବାର ରାତିରେ ଜଙ୍ଗଲକୁ ଯାଇ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ଲାଗି ବୌଦ୍ଧ ମେଡିକାଲ ପଠାଇଥିଲା। ଏନେଇ ପୁରୁଣାକଟକ ଥାନାରେ ପୋଲିସ ଏକ ମାମଲା (ନଂ.୮୮/୨୨) ରୁଜୁକରି ଶମ୍ଭୁନାଥଙ୍କୁ ଅଧିକ ପଚରାଉଚରା ଚଳାଇଛି।











# ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୩୦।୬(ବ୍ୟୁରୋ)

ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଗୁରୁବାର ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଗୃହ ବିଭାଗର ଅତିରିକ୍ତ ସଚିବ ବିଭୂତିଭୂଷଣ ମିଶ୍ରଙ୍କୁ କଟକସ୍ଥିତ ଆରଡିସି କାର୍ଯ୍ୟାଳୟର ଅତିରିକ୍ତ କମିଶନର ସେଟଲମେଣ୍ଟ ଆଣ୍ଡ କନ୍‌ସୋଲିଡେଶନ ଭାବେ ବଦଳି କରାଯାଇଥିବା ବେଳେ ଗଜପତି ପିଡି ଡିଆରଡିଏ ମହେଶ୍ୱର ଚନ୍ଦ୍ର ନାୟକଙ୍କୁ ମାଲକାନଗିରି ଏଡିଏମ୍, ଅନୁଗୋଳ ଓଏମ୍‌ସି ଆଞ୍ଚଳିକ କାର୍ଯ୍ୟାଳୟର ସ୍ପେଶାଲ ଏଲ୍ଏଓ(ବୈତରଣୀ ୱେଷ୍ଟ କୋଲ୍ ବ୍ଲକ) ରୋମାଞ୍ଚଳ ଖମାରିଙ୍କୁ ଗଜପତି ପିଡି ଡିଆରଡିଏ ଭାବେ ବଦଳି କରାଯାଇଛି। ସେହିପରି କେନ୍ଦୁଝର ଉପଜିଲାପାଳ ସୋନା ଟୁଡୁଙ୍କୁ କେନ୍ଦୁଝରର ଅତିରିକ୍ତ ଉପଜିଲାପାଳ, ଆନନ୍ଦପୁର ଉପଜିଲାପାଳ ଗୋପୀନାଥ କୁଅଁରଙ୍କୁ ଯାଜପୁର ଉପଜିଲାପାଳ, ଭଞ୍ଜନଗର ବିଡିଓ ଅନିଲ କୁମାର ସେଠୀଙ୍କୁ ଆନନ୍ଦପୁର ଉପଜିଲାପାଳ, ଓଏଲ୍ଏଲ୍ ଆଣ୍ଡ ସି ଡେପୁଟି ସେକ୍ରେଟାରି ସଞ୍ଜୟ କୁମାର ମିଶ୍ରଙ୍କୁ ଓଡ଼ିଶା ଖଦି ଓ ଗ୍ରାମ୍ୟୋଦ୍ୟୋଗ ବୋର୍ଡ ଡେପୁଟି ସେକ୍ରେଟାରି, ବୋର୍ଡ ଅଫ୍ ରେଭିନ୍ୟୁର ଡେପୁଟି ସେକ୍ରେଟାରି ପ୍ରଭାତ କୁମାର ସାହୁଙ୍କୁ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଅଧିକାର କମିଶନର ସେକ୍ରେଟାରି ଭାବେ ବଦଳି କରାଯାଇଛି।






# ରାଜ୍ୟ ସରକାରଙ୍କୁ ତଥ୍ୟ ମାଗିଲେ ହାଇକୋର୍ଟ



## କଟକ ଚଣ୍ଡୀମନ୍ଦିର ପାଇଁ ଶୈଳବାଳା ଜମି ଅଧିଗ୍ରହଣ ପ୍ରସଙ୍ଗ

### ଜୁଲାଇ ୧୯ରେ ପରବର୍ତ୍ତୀ ଶୁଣାଣି

କଟକ ଅଫିସ,୩୦।୬

କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକଚଣ୍ଡି ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ଶୈଳବାଳା ମହାବିଦ୍ୟାଳୟ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ବିରୋଧ କରି ଆଗତ ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଛି। ଏହି ମାମଲରେ ଉଚ୍ଚ ଅଦାଲତ ରାଜ୍ୟ ସରକାରଙ୍କଠାରୁ ପ୍ରକଳ୍ପ ସମ୍ବନ୍ଧୀୟ ସବିଶେଷ ତଥ୍ୟ ମାଗିଛନ୍ତି। ସପ୍ତାହକ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେବା ସହ ଆବେଦନକାରୀଙ୍କୁ ସତ୍ୟାପାଠର ନକଲ ପ୍ରଦାନ କରିବାକୁ କୁହାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୧୯ରେ ହେବ।

ସୂଚନାଯୋଗ୍ୟ ମା' କଟକଚଣ୍ଡୀ ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ମନ୍ଦିର ସମ୍ମୁଖରେ ଥିବା ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ପ୍ରାୟ ୩ହଜାର ବର୍ଗ ଫୁଟ ଜମିକୁ ଅଧିଗ୍ରହଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିଲା। ସମ୍ପୃକ୍ତ ଜମିରେ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ପାଇଁ ଖେଳ ପଡ଼ିଆ ରହିଛି। ପିଲାଙ୍କ ଖେଳ ପଡ଼ିଆକୁ ଏକ ଧାର୍ମିକ ଅନୁଷ୍ଠାନ ପାଇଁ ଅଧିଗ୍ରହଣ କରିବା ବେଆଇନ ଦର୍ଶାଇ ମାମଲା ରୁଜୁ କରାଯାଇଛି। ଶିକ୍ଷାନୁଷ୍ଠାନର ଜମିକୁ ଏକ ନିର୍ଦ୍ଦିଷ୍ଟ ଧର୍ମ ପାଇଁ ବ୍ୟବହାର କରିବା ସମ୍ବିଧାନର ବିରୋଧାଚରଣ କରୁଛି ବୋଲି ଆବେଦନକାରୀ ଆଇନଜୀବୀ ସୁଜାତା ଜେନା ଯୁକ୍ତି ବାଢ଼ିଥିଲେ। ଅନ୍ୟପଟେ ସବୁକିଛି ଆଇନ ଅନୁଯାୟୀ କରାଯାଉଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।











# ପ୍ରସନ୍ନ ପ୍ରଧାନ ଭୁବନେଶ୍ୱର ବିମାନବନ୍ଦର ନୂଆ ନିର୍ଦ୍ଦେଶକ

ଭୁବନେଶ୍ୱର, ୩୦।୬(ବ୍ୟୁରୋ)

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ନୂତନ ନିର୍ଦ୍ଦେଶକ ହେଲେ ପ୍ରସନ୍ନ ପ୍ରଧାନ। ସେ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପୂର୍ବରୁ ସେ ଦିଲ୍ଲୀର କର୍ପୋରେଟ୍ ମୁଖ୍ୟାଳୟରେ ଜେନେରାଲ ମ୍ୟାନେଜର(ଆଡ଼ମିନ) ଭାବେ କାର୍ଯ୍ୟରତ ଥିଲେ। ଇଞ୍ଜିନିୟରିଂ ଗ୍ରାଜୁଏଟ ପ୍ରଧାନଙ୍କ ଏୟାର ଟ୍ରାଫିକ ମ୍ୟାନେଜମେଣ୍ଟ, ଆଭିଏଶନ ଇକୋନୋମିକ୍ସ ଭଳି ବିଭିନ୍ନ କ୍ଷେତ୍ରରେ ବହୁ ଅଭିଜ୍ଞତା ରହିଛି। ସେ ସମସ୍ତ ଭାରତୀୟ ବିମାନବନ୍ଦର ଓ ଏୟାର ସ୍ପେସରେ ବିମାନବନ୍ଦର ସୂଚନା ପରିଚାଳନା ବ୍ୟବସ୍ଥାର ବିକାଶରେ ସହଯୋଗ କରିଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଦ୍ୱାରା ଗଠିତ ନରେଶ ଚନ୍ଦ୍ର କମିଟି, ଅଜୟ ପ୍ରସାଦ କମିଟି ଏବଂ ଅଶୋକ ଚାୱ୍ଲା କମିଟି ପରି ବିଭିନ୍ନ କମିଟିରେ ସାମିଲ ହୋଇ ଭାରତରେ ବିମାନ ଚଳାଚଳ ରୋଡ୍ ମାନଚିତ୍ରର ବିସ୍ତାର କ୍ଷେତ୍ରରେ ସଫଳତାର ସହ ଦାୟିତ୍ୱ କରିଛନ୍ତି। ଏହା ବ୍ୟତୀତ ସେ ନୂଆଦିଲ୍ଲୀ, ଗୁଆହାଟୀ ଏବଂ ଖଜୁରାହୋ ବିମାନବନ୍ଦରରେ ମଧ୍ୟ କାର୍ଯ୍ୟ କରିଛନ୍ତି। ଏବେ ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ଭାବେ ତାଙ୍କୁ ଅବସ୍ଥାପିତ କରାଯାଇଥିବାବେଳେ ବିମାନବନ୍ଦରର ଯାତ୍ରୀ ସୁବିଧା, ଏୟାରସାଇଡର ଦକ୍ଷତା ବୃଦ୍ଧି ସହିତ ଅନ୍ୟାନ୍ୟ ସହଯୋଗୀ ଭିତ୍ତିଭୂମି ଏବଂ ସେବା ପରିଚାଳନା ଉପରେ ତାଙ୍କର ଫୋକସ୍ ରହିବ।





ତୁମର କର୍ତ୍ତବ୍ୟ ହେଲା– ତୁମେ ସର୍ବଦା ସଚେତନ ରହିବ ଯେ, ତୁମର ସଚେତନ ଅନ୍ତରାତ୍ମା ହିଁ ତୁମକୁ ଶାସନ କରିବା ଉଚିତ। ତୁମର ନିମ୍ନପ୍ରକୃତିରୁ ଉଦ୍‌ଭୂତ କୌଣସି କୁତ୍ସିତ ପ୍ରବେଗ ହାତରେ ତୁମେ କ୍ରୀଡା ପୁତ୍ତଳିକା ହେବା ଉଚିତ ନୁହେଁ। –ଶ୍ରୀମା



# ଜଳବିଦ୍ୟୁତ୍ ମନସ୍କ ବିଶ୍ୱ



ବ୍ରହ୍ମ ଚେଲାନି

ତୈଳ ଓ ଗ୍ୟାସ୍‌ର ଶସ୍ତା ଯୁଗ ଶେଷ ହୋଇଯାଇଛି। ରୁଷିଆର ୟୁକ୍ରେନ୍ ଆକ୍ରମଣ କିମ୍ବା ରୁଷିଆ ଦ୍ୱାରା ଉତ୍ପାଦିତ ଜୀବାଶ୍ମ ଇନ୍ଧନଠାରୁ ୟୁରୋପୀୟ ଦେଶଗୁଡ଼ିକ ନିବୃତ୍ତ ରହିବାର ପଦକ୍ଷେପ ଯୋଗୁ ତୈଳ ଓ ଗ୍ୟାସ୍ ଶସ୍ତା ହେଉନାହିଁ। ଠିକ୍ ଏହି ସମୟରେ ଅନ୍ତର୍ଜାତୀୟ ଯୋଗାଣକାରୀମାନେ ତୈଳ ଯୋଗାଣ ସୀମିତ କରିଦେବାରୁ ବିଶ୍ୱରେ ଶକ୍ତିର ମୂଲ୍ୟ ବଢ଼ିଚାଲିଛି। ଫଳରେ ବୈଶ୍ୱିକ ଶକ୍ତି ସଙ୍କଟ ଏବେ ଚିନ୍ତାଜନକ ହୋଇପଡ଼ିଛି। ଏହି କାରଣରୁ ଏବକାର ସ୍ଥିତିରୁ ମୁକୁଳିବା ପାଇଁ ଶକ୍ତିର ବିକଳ୍ପ ଉତ୍ସଗୁଡ଼ିକ ଖୋଜାଯାଉଛି। କିନ୍ତୁ ବର୍ତ୍ତମାନ ବିକଳ୍ପ ଶକ୍ତିର ଉତ୍ସ ଭାବେ ଜଳବିଦ୍ୟୁତ୍‌କୁ ଯେଭଳି ଆପଣାଯାଉଛି ତାହା ଏକ ପ୍ରକାର ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି। ସାଧାରଣତଃ ଅକ୍ଷୟଶକ୍ତି ଭାବେ ଜଳବିଦ୍ୟୁତ୍‌ର ବହୁଳ ବ୍ୟବହାର କରାଯାଏ। ବିଶ୍ୱରେ କମ୍ କାର୍ବନ ନିର୍ଗମନରେ ଉତ୍ପାଦିତ ମୋଟ ବିଦ୍ୟୁତ୍ ପରିମାଣର ଏହା ଅଧା। ଏହାକୁ ବୃଦ୍ଧି କରିବା ଲାଗି ଯେଉଁ ପଦକ୍ଷେପ ନିଆଯାଉଛି ତା' ପଛରେ ଅନେକ କାରଣ ରହିଛି। ଅନେକ ଦଶନ୍ଧି ଧରି ଏହା ଅନ୍ୟ ଶକ୍ତି ତୁଳନାରେ ସବୁଠୁ ଶସ୍ତା ଅକ୍ଷୟ ଶକ୍ତି ରହିଆସିଛି। ଆଣବିକ, ତାପଜ, ପ୍ରାକୃତିକ ବାଷ୍ପ ପ୍ଲାଣ୍ଟ ତୁଳନାରେ ଜଳବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ବିଦ୍ୟୁତ୍ ଉତ୍ପାଦନ ଖୁବ୍ ଶୀଘ୍ର କମାଇପାରନ୍ତି କିମ୍ବା ବୃଦ୍ଧି କରିପାରନ୍ତି। ପବନ ଏବଂ ସୌରଶକ୍ତି ଉତ୍ପାଦନ ଅତ୍ୟଧିକ ଭାବେ କମ୍ ବେଶି ହୋଇପାରୁଥିବାରୁ ସେଗୁଡ଼ିକ ତୁଳନାରେ ଜଳବିଦ୍ୟୁତ୍ ନିର୍ଭରଯୋଗ୍ୟ ହୋଇପାରିବ ଏବଂ ଏହାର ଉତ୍ପାଦନ ସକାଶେ ଜଳଭଣ୍ଡାରକୁ ବ୍ୟବହାର କରାଯାଇପାରିବ। ଅନ୍ୟ ପରିବର୍ତ୍ତନଶୀଳ ଶକ୍ତି ଉତ୍ସଗୁଡ଼ିକ ତୁଳନାରେ ଏହା ଅଧିକ ଭଲ ଓ ପ୍ରଭାବୀ ହୋଇପାରିବ। କିନ୍ତୁ ଏଥିରେ ଏକ ଅସୁବିଧା ରହିଛି। ସାଧାରଣ ଧରଣର ଅଧିକାଂଶ ଜଳବିଦ୍ୟୁତ୍ ପ୍ଲାଣ୍ଟ ପାଇଁ ନଦୀ ଏବଂ ଝରଣାଗୁଡ଼ିକରେ ଡ୍ୟାମ(ବନ୍ଧ) ବାନ୍ଧିବାର ଆବଶ୍ୟକତା ଅଧିକ। ଜଳବିଦ୍ୟୁତ୍ ଉତ୍ପାଦନ ହେଉଥିବା ବନ୍ଧଗୁଡ଼ିକର ଏକ ବୃହତ୍ ଏବଂ ଦୀର୍ଘମିଆଦୀ ପରିବେଶଗତ ପ୍ରଭାବ ମଧ୍ୟ ରହିଛି।

ଡ୍ୟାମ୍ କିମ୍ବା ଜଳଭଣ୍ଡାରଗୁଡ଼ିକ ଅତ୍ୟଧିକ ପରିମାଣର ମିଥେନ, କାର୍ବନ ଡାଇଅକ୍ସାଇଡ ଏବଂ ନାଇଟ୍ରସ୍ ଅକ୍ସାଇଡ ନିର୍ଗମନ କରିଥାନ୍ତି। କେତେକ ପରିସ୍ଥିତିରେ, ବିଷୁବରେଖା ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଡ୍ୟାମ୍ ଓ ଜଳଭଣ୍ଡାର ଜୀବାଶ୍ମ ଇନ୍ଧନ ଶକ୍ତି ପ୍ଲାଣ୍ଟଗୁଡ଼ିକ ତୁଳନାରେ ଅଧିକ ଗ୍ରୀନ୍ ହାଉସ ଗ୍ୟାସ୍ ବା ସବୁଜଗୃହ ବାଷ୍ପ ନିର୍ଗମନ କରିପାରନ୍ତି। ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, କାର୍ବନ ଡାଇଅକ୍ସାଇଡ୍ ତୁଳନାରେ ସବୁଜଗୃହ ବାଷ୍ପ ଅତିକମ୍‌ରେ ୩୪ ଗୁଣା ଅଧିକ ପ୍ରଭାବଶାଳୀ। ବ୍ୟାପକ ଭୌଗୋଳିକ, ଜଳବାୟୁ ତଥା ଋତୁଗତ ଏବଂ ଉଦ୍ଭିଦ କାରଣରୁ କୃତ୍ରିମ ଜଳଭଣ୍ଡାରଗୁଡ଼ିକ ପ୍ରାୟ ୮୦% ସବୁଜଗୃହ ବାଷ୍ପ ନିର୍ଗମନ କରିପାରନ୍ତି। ତେବେ ଜଳବିଦ୍ୟୁତ୍ ଡ୍ୟାମ୍‌ସବୁ ବହୁ ସମୟରେ ବିଶୁଦ୍ଧ ପାନୀୟଜଳ ଯୋଗାଏ, ବନ୍ୟା ନିୟନ୍ତ୍ରଣ କରେ ଏବଂ ଜଳସେଚନରେ ସହାୟକ ହୁଏ ବୋଲି ସମସ୍ତେ ଜାଣିଥିଲେ ମଧ୍ୟ ସେଗୁଡ଼ିକ ନଦୀର ସ୍ରୋତ ଏବଂ ଜଳର ମାନକୁ ପରିବର୍ତ୍ତନ କରିଥାନ୍ତି। ଏହା ବ୍ୟତୀତ ନଦୀ ଅବବାହିକାର ସମତଳ ଅଞ୍ଚଳରେ ଅନୁର୍ବର ମାଟିକୁ ଉର୍ବର କରିବାରେ ସାହାଯ୍ୟ କରୁଥିବା ଏବଂ ଜୈବବିବିଧତା ସଂରକ୍ଷଣରେ ସାହାଯ୍ୟ କରୁଥିବା ନ୍ୟୁଟ୍ରିଏଣ୍ଟ ସମୃଦ୍ଧ ପଟୁ ପ୍ରବାହରେ ବାଧା ଦେଇଥାନ୍ତି। ପାହାଡ଼ରୁ ବହି ଆସୁଥିବା ପଟୁମାଟି ପ୍ରବାହରେ ନଦୀବନ୍ଧଗୁଡ଼ିକ ବାଧା ଦେବାରୁ ଡ୍ୟାମ ତଳ ବା ମୁହାଁଣ ଅଞ୍ଚଳରେ ଥିବା ଡେଲ୍‌ଟା(ତ୍ରିକୋଣଭୂମି)ଗୁଡ଼ିକର ଆକାର ସଙ୍କୁଚିତ ହେବା ସହ ତାହା ଧୀରେ ଧୀରେ ସମୁଦ୍ର ପାଣିରେ ବୁଡ଼ିଯାଏ। ଫଳରେ ଲୁଣାପାଣି ସେହି ଡେଲ୍‌ଟାରେ ପ୍ରବାହିତ ହେବା ସହ ସେଠାରେ ମଧୁରଜଳ ଏବଂ ଲୁଣିଜଳ ମଧ୍ୟରେ ଥିବା ସମନ୍ୱୟ , ଯାହା ମୁଖ୍ୟତଃ ନଦୀ ମୁହାଣ ଏବଂ ଏହା ପାଖରେ ଥିବା ଜଳାଶୟଗୁଡ଼ିକରେ ସଙ୍କଟରେ ଥିବା ବହୁ ପ୍ରଜାତିର ଜୀବ ଓ ଉଦ୍ଭିଦର ବଞ୍ଚି ରହିବା ଲାଗି ଦରକାର, ତାହା ପୂରା ଏପାଖ ସେପାଖ ହୋଇଯାଏ। ଏସବୁ କାରଣରୁ ଏସିଆରେ ଜନବହୁଳ ଡେଲ୍‌ଟା ସହରଗୁଡ଼ିକ ଯଥା ; ତିଆନଜିନ, ସାଂଘାଇ,ଗୁଆଙ୍ଗଝୋ, ବ୍ୟାଙ୍କକ୍ ଏବଂ ଢାକା ଦ୍ରୁତ ଗତିରେ କ୍ଷୟ ହେବାରେ ଲାଗିଛି।



ଡ୍ୟାମ୍‌ଗୁଡ଼ିକ ଯୋଗୁ ମଧ୍ୟ ସାମାଜିକ ସ୍ତରରେ କ୍ଷତି ହୋଇଥାଏ। ୨୦୦୭ରେ, ସେତେବେଳର ଚାଇନା ପ୍ରଧାନମନ୍ତ୍ରୀ ୱେନ୍ ଜିଆବାଓ କହିଥିଲେ ଯେ, ଚାଇନା ୱାଟର ପ୍ରୋଜେକ୍ଟଗୁଡ଼ିକ ପାଇଁ ୨୨.୯ ମିଲିୟନ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଏହି ସଂଖ୍ୟା ୧୦୦ଟି ଦେଶର ଲୋକସଂଖ୍ୟା ଠାରୁ ଅଧିକ। ୨୦୧୨ ଉତ୍ପାଦନ କ୍ଷମ ହୋଇଥିବା ବିଶ୍ୱର ସବୁଠାରୁ ବଡ଼ ଜଳବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଥ୍ରି ଜର୍ଜେସ ଡ୍ୟାମ୍ ପାଇଁ ୧.୪ ମିଲିୟନ ଲୋକ ବିସ୍ଥାପିତ ହୋଇଥିଲେ। ଏସବୁ ବାଦ୍ ଜଳବିଦ୍ୟୁତ୍‌ର ବିଶ୍ୱସନୀୟତା ଉପରେ ସନ୍ଦେହ ରହିବାର ଏକ କାରଣ ରହିଛି। ଯଦି ବିଶ୍ୱତାପନ ବୃଦ୍ଧିର ଗତିକୁ ଅତ୍ୟଧିକ ହ୍ରାସ କରିବାରେ ନିଆଯାଉଥିବା ପଦକ୍ଷେପଗୁଡ଼ିକ ବିଫଳ ବୋଲି ପ୍ରମାଣିତ ହୁଏ ତେବେ ଏହା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏଭଳି ସ୍ଥିତିରେ ବାରମ୍ବାର ମରୁଡ଼ି ହେବ ଓ ଏହାର ତୀବ୍ରତା ମଧ୍ୟ ବୃଦ୍ଧି ପାଇବ। ନଦୀ ଏବଂ ଜଳଭଣ୍ଡାରଗୁଡ଼ିକର ଜଳପତନ କମିବା ଯୋଗୁ ଟର୍ବାଇନ ଘୂରାଇବା ଲାଗି ଆବଶ୍ୟକ ଜଳଚାପ ମଧ୍ୟ କମିବ। ଫଳରେ କମ୍ ବିଦ୍ୟୁତ ଉତ୍ପାଦନ ହେବ। ଏଣୁ ଜଳ କମିବା କାରଣରୁ ବୃହତ୍ ଡ୍ୟାମ୍‌ର ତଳି ଅଞ୍ଚଳରେ ମରୁଡ଼ିରେ କ୍ଷତି ହେବ , ଯାହା ସ୍ପଷ୍ଟ ହୋଇଛି ମେକଙ୍ଗ ନଦୀ ଅବବାହିକାରେ। ତଥାପି ବିଶ୍ୱର ଡ୍ୟାମ୍ ନିର୍ମାଣ ପ୍ରୀତି ପ୍ରକାଶ ପାଉଛି। ଶକ୍ତି ଚାହିଦା ମେଣ୍ଟାଇବା ଲାଗି ବିଶ୍ୱ ସମ୍ପୂର୍ଣ୍ଣ ଜଳବିଦ୍ୟୁତ୍ ମନସ୍କ ହୋଇ ବହୁଳ ସଂଖ୍ୟାରେ ଡ୍ୟାମ ନିର୍ମାଣ ଜାରି ରଖିଛି। ପୃଥିବୀର ଦୀର୍ଘତମ ନଦୀଗୁଡ଼ିକର ପ୍ରାୟ ଦୁଇ ତୃତୀୟାଂଶକୁ ବିକଶିତ କରାଯାଇସାରିଲାଣି। ବିଗତ ୭ ଦଶନ୍ଧିରେ ଏହି ସବୁ ନଦୀରେ ବିଶ୍ୱର ପ୍ରାୟ ୬୦,୦୦୦ ବୃହତ୍ ଡ୍ୟାମ୍ ନିର୍ମାଣ କରାଯାଇଛି। ବିଶ୍ୱସ୍ତରରେ ଡ୍ୟାମ୍ ନିର୍ମାଣ ଏବେ ଏକ ବିପଜ୍ଜନକ ଗତିରେ ଚାଲିଛି। ୨୦୧୪ରେ ଅତିକମ୍‌ରେ ୩,୭୦୦ ବୃହତ୍ ଡ୍ୟାମ୍ ନିର୍ମାଣ କରାଯାଇଥିଲା କିମ୍ବା ଏଥିପାଇଁ ଯୋଜନା କରାଯାଇଥିଲା। ତା' ପରଠାରୁ, ଡ୍ୟାମ ନିର୍ମାଣ ବୃଦ୍ଧି ଅଧିକ ସ୍ପଷ୍ଟ ହୋଇଛି। ମୁଖ୍ୟତଃ ବିକାଶଶୀଳ ଦେଶଗୁଡ଼ିକ ଡ୍ୟାମ ନିର୍ମାଣ ହଟସ୍ପଟ ପାଲଟିଛି।

ବଲ୍‌କାନସ୍‌ଠାରୁ ଆରମ୍ଭ କରି ଦକ୍ଷିଣ ଆମେରିକା ଯାଏ ଡ୍ୟାମ୍ ନିର୍ମାଣ କାର୍ଯ୍ୟକଳାପକୁ ଦେଖିଲେ ଏଥିରେ ଚାଇନାର ମୁଖ୍ୟ ଭୂମିକା ରହିଛି। ଏଥିପାଇଁ ବିଶ୍ୱରେ ଚାଇନାର ଅଧିକ ଚାହିଦା ରହିବା ସହ ଡ୍ୟାମ ନିର୍ମାଣ କ୍ଷେତ୍ରରେ ଏହା ଏକ ପ୍ରମୁଖ ରପ୍ତାନିକାରୀ ଦେଶ ହୋଇପାରିଛି। ୨୦୦୧ରୁ ୨୦୨୦ ଯାଏ ୩୮ଟି ଦେଶରେ ଚାଇନା ମୋଟରେ ୨୭ ଗିଗାୱାଟରୁ ଅଧିକ ଉତ୍ପାଦନକ୍ଷମ ଜଳବିଦ୍ୟୁତ ପ୍ରକଳ୍ପଗୁଡ଼ିକରେ ୪୪ ବିଲିୟନରୁ ଊର୍ଦ୍ଧ୍ୱ ଡଲାର ଋଣ ଆକାରରେ ଦେଇଛି। ଚାଇନା ଡ୍ୟାମ୍ ନିର୍ମାଣ କରିବାରେ ଆଦୌ ଦ୍ୱିଧା ପ୍ରକାଶ କରୁନାହିଁ। ଏପରିକି ଭୂମିକମ୍ପପ୍ରବଣ ଅଞ୍ଚଳ ଯେଉଁଠି ଅତ୍ୟଧିକ କ୍ଷତି ହେବାର ସମ୍ଭାବନା ରହିଛି, ସେଠାରେ ବି ଡ୍ୟାମ ନିର୍ମାଣ କରୁଛି। ଚାଇନା ଜାଣିରଖିବା ଉଚିତ୍ ଯେ, ୨୦୦୮ର ୱେନ୍‌ଚୁଆନ୍ ଭୂମିକମ୍ପରେ ତିବ୍ବତ ସମତଳ ଭୂମିର ପୂର୍ବାଞ୍ଚଳରେ ଯେଉଁ ୮୭,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା, ସେଥିରେ ଭୂମିକମ୍ପ କେନ୍ଦ୍ର ନିକଟରେ ଅବସ୍ଥିତ ନୂଆ ଜିପିଙ୍ଗ୍‌ପୁ ଡ୍ୟାମ୍‌ର ସମ୍ପର୍କ ରହିଛି ବୋଲି ଚାଇନାର ବୈଜ୍ଞାନିକମାନଙ୍କ କହିଥିଲେ।

ବିଶ୍ୱ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା କମ୍ କରିବା ଉଚିତ୍ , ଏଥିରେ କୌଣସି ପ୍ରଶ୍ନ ନାହିଁ। କିନ୍ତୁ ଆମାଜନ, ବ୍ରହ୍ମପୁତ୍ର, କଙ୍ଗୋ ଏବଂ ମେକଙ୍ଗ ଭଳି ପୃଥିବୀର ଜୈବବିବିଧତା ସମୃଦ୍ଧ ନଦୀ ଅବବାହିକାରେ ଅଧିକ ସଂଖ୍ୟକ ଜଳବିଦ୍ୟୁତ୍ ଡ୍ୟାମ୍ ଯେଭଳି ନିର୍ମାଣ କରାଯାଉଛି ତାହା କରିବା ଆଦୌ ଠିକ୍ ନୁହେଁ। ଅନ୍ୟ ପକ୍ଷରେ ପୃଥିବୀର ଦୀର୍ଘମିଆଦୀ ସୁସ୍ଥତା ବଦଳରେ ଶକ୍ତି ସୁରକ୍ଷା ତଥା ଲାଭ ପାଇଁ ନୈତିକତାକୁ ଜଳାଞ୍ଜଳି ଦେଇ ବିଶ୍ୱରେ ନିୟନ୍ତ୍ରଣ ବିହୀନ ଡ୍ୟାମ ନିର୍ମାଣ ଚାଲିଛି।

**ପ୍ରଫେସର, ଷ୍ଟ୍ରାଟେଜିକ୍ ଷ୍ଟଡିଜ୍, ସେଣ୍ଟର୍ ଫର୍ ପଲିସି ରିସର୍ଚ୍ଚ (ନୂଆଦିଲ୍ଲୀ);**
**ଫେଲୋ,ରର୍ବଟ ବୋକ୍ ଏକାଡେମୀ, ବର୍ଲିନ**

## ଏଇ ଭାରତରେ

ଦେଶରେ ଲୋକମାନେ ଦେଶୀ ପରିବା ଏବଂ ଫଳର ସ୍ୱାଦ କିଭଳି ପାଇପାରିବେ ସେଥିପାଇଁ କେଦାର ସୈନିଙ୍କ ପ୍ରଚେଷ୍ଟା ଅତ୍ୟନ୍ତ ପ୍ରଶଂସନୀୟ। ସେ ଦେଶର ବିଭିନ୍ନ ସ୍ଥାନରେ ମାଗଣାରେ ଦେଶୀ ବିହନ ପହଞ୍ଚାଉଛନ୍ତି, ଏଥିପାଇଁ କେବଳ ପୋଷ୍ଟାଲ ଖର୍ଚ୍ଚ ହିଁ ଦେବାକୁ ପଡୁଛି। ଏବେ ସୁଦ୍ଧା ସେ ୧୭ ରାଜ୍ୟର ଅନେକ ହଜାର କୃଷକଙ୍କ ନିକଟରେ ଦେଶୀ ବିହନ ପହଞ୍ଚାଇସାରିଲେଣି। ମଧ୍ୟପ୍ରଦେଶର ଗୁନା ନିବାସୀ କେଦାର ୨୦୧୩ରୁ ଏହି କାର୍ଯ୍ୟ ଆରମ୍ଭ କରିଛନ୍ତି। କୌଣସି ବ୍ୟବସାୟ ଲକ୍ଷ୍ୟରେ ନୁହେଁ, ବରଂ ଦେଶରେ ଦେଶୀ କିସମର ଫଳ ଓ ପରିବା ଚାଷକୁ ବଞ୍ଚାଇ ରଖିବା ଲାଗି ଏହି କାର୍ଯ୍ୟ କରୁଛନ୍ତି ବୋଲି କହନ୍ତି ୪୪ ବର୍ଷୀୟ କେଦାର। କେଦାରଙ୍କ ଜନ୍ମ କୃଷକ ପରିବାରରେ ହୋଇଥିବାରୁ ସେ ଏହି କାର୍ଯ୍ୟ ପ୍ରତି ଅଷ୍ଟମ ଶ୍ରେଣୀରେ ପଢୁଥିବା ସମୟରେ ଆକୃଷ୍ଟ ହୋଇଥିଲେ। ସେତେବେଳେ ଟଙ୍କିକିଆ ଦେଶୀ ମଞ୍ଜି ପ୍ୟାକେଟ କରି ହାଟରେ ବିକ୍ରି କରୁଥିଲେ ଓ ପରେ ଏହା ତାଙ୍କ ନିଶା ପାଲଟିଗଲା। ଏବେ ତାଙ୍କ ପାଖରେ ବାଇଗଣ, ଗହମ, କାକୁଡ଼ି ସମେତ ପ୍ରାୟ ୧୪୦ ପ୍ରକାର ବିହନ ରହିଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧ ଜୁଲାଇ ୧୯୯୭**

- ପାକିସ୍ତାନୀ ସହର ସିଆଲକୋଟ ନିକଟରେ ଏକ ଯାତ୍ରୀବାହୀ ବସ୍‌ରେ ଶକ୍ତିଶାଳୀ ବିସ୍ଫୋରଣ ଘଟି ୨୦ ମୃତ।
- ସିବିଆଇ ନିର୍ଦ୍ଦେଶକ ପଦରୁ ଯୋଗୀନ୍ଦର ସିଂଙ୍କୁ ହଟେଇ ଦିଆଯାଇ ତାଙ୍କ ସ୍ଥାନରେ ଆର୍.ସି. ଶର୍ମାଙ୍କୁ ତଦନ୍ତ ବ୍ୟୁରୋର ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି।
- ବାଙ୍ଗାଲୋର ନିକଟସ୍ଥ ହୋସକୋଟେ-କୋଲାଭ ରୋଡ୍‌ଠାରେ ବରଯାତ୍ରୀଙ୍କୁ ନେଇ ଯାଉଥିବା ଭ୍ୟାନ ସହ ଏକ ଟ୍ରକ୍ ଧକ୍କା ହେବା ଫଳରେ ୨୦ ମୃତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | | 9 | | | |
| | 3 | | | | 1 | | 7 | 5 |
| | | 5 | 4 | | | | | |
| 5 | 2 | | | | | 6 | 9 | |
| | | | | | | | | |
| | | 4 | 6 | | | | | |
| | | | | | 8 | 9 | | |
| 1 | 9 | | | 7 | 5 | | 8 | |
| | | | | 6 | 4 | 3 | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 5 | 3 | 4 | 1 | 6 | 8 | 2 |
| 2 | 3 | 6 | 5 | 8 | 9 | 1 | 4 | 7 |
| 8 | 1 | 4 | 7 | 2 | 6 | 9 | 3 | 5 |
| 1 | 6 | 8 | 2 | 9 | 7 | 4 | 5 | 3 |
| 5 | 2 | 9 | 1 | 3 | 4 | 7 | 6 | 8 |
| 3 | 4 | 7 | 8 | 6 | 5 | 2 | 9 | 1 |
| 4 | 7 | 1 | 6 | 5 | 8 | 3 | 2 | 9 |
| 6 | 5 | 3 | 9 | 1 | 2 | 8 | 7 | 4 |
| 9 | 8 | 2 | 4 | 7 | 3 | 5 | 1 | 6 |

ଗତକାଲିର ଉତ୍ତର

# ଅବ୍ୟକ୍ତ ପରମାନନ୍ଦ



ବିମଳ ପ୍ରସନ୍ନ ଦାସ

ଶ୍ରୀଜଗନ୍ନାଥ ଅବ୍ୟକ୍ତ, ଅନୁପମ ଏବଂ ଅକଳନ ଆନନ୍ଦର ଅଭିବ୍ୟକ୍ତି। ସେ ଅନନ୍ୟ, ଅମୃତମୟ, ଅନିର୍ବଚନୀୟ, ଅନ୍ତର୍ଯ୍ୟାମୀ। ସେ ଅନୁଭବର ଓ ଉପଲବ୍ଧିର, ତେଣୁ ଅବର୍ଣ୍ଣନୀୟ। ସେ ଏକ ବିସ୍ମୟକର ରହସ୍ୟ କିମ୍ବା ସକଳ ରହସ୍ୟର ରହସ୍ୟ, କିନ୍ତୁ ଓଡ଼ିଆ ଜାତିର ସେ ଏକାନ୍ତ ଅନ୍ତରଙ୍ଗୀ ଓ ଆତ୍ମୀୟ। ଠାକୁର କହିଲେ ସେ ଜଗନ୍ନାଥଙ୍କୁ ହିଁ ବୁଝେ। ଶ୍ରୀକ୍ଷେତ୍ର ତା'ର ମହାନ୍ ତୀର୍ଥ। ପୁରୁଷୋତ୍ତମ ନିତ୍ୟ ବୈକୁଣ୍ଠ। ଶ୍ମଶାନ ସେଠି ସ୍ୱର୍ଗଦ୍ୱାର। ପ୍ରତି ଧୂଳିକଣା ସେହି ପବିତ୍ର, କ୍ଲାନ୍ତ, ଶ୍ରାନ୍ତ, ହତାଶା ଓ ନିରାଶାରେ ଭାଙ୍ଗି ପଡୁଥିବା ଜୀବନ ସେଠି ଶାନ୍ତି ପାଏ। ତା' ଅନ୍ତରରେ ସ୍ଖଳିତ ହୁଏ ଶାଶ୍ୱତ ଆଶ୍ୱାସନା। ପ୍ରତ୍ୟେକ ରାତ୍ରିର ସକାଳ ଅଛି। 'ଦିବ୍ୟ ଜନନୀ ଶ୍ରୀମା 'ସର୍ବୋତ୍ତମ ଆବିଷ୍କାର' ପୁସ୍ତିକାରେ ଏହା ଲେଖିଛନ୍ତି। ଯଶସ୍ୱୀ, ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି ତାଙ୍କର କାଳଜୟୀ କୃତି 'ନୀଳାଦ୍ରି ବିଜୟ'ରେ ଲେଖିଛନ୍ତି, ପ୍ରତ୍ୟେକ ରାତ୍ରିର ସକାଳ ଅଛି। ବାସ୍ତବତଃ ଶ୍ରୀଜଗନ୍ନାଥଙ୍କ ବିନା ଓଡ଼ିଆ ଜାତିର ସ୍ଥିତି ନାହିଁ। ପ୍ରଫେସର ପଦ୍ମଭୂଷଣ ମନୋଜ ଦାସଙ୍କ ଭାଷାରେ– ଶ୍ରୀଜଗନ୍ନାଥ ଆମ ଅପୂର୍ଣ୍ଣତାର ପ୍ରତିନିଧି, କିନ୍ତୁ ପୂର୍ଣ୍ଣତାର ପ୍ରତିଶ୍ରୁତି। ତାଙ୍କୁ ଛୁଇଁବାକୁ ଆଜିର ବିବାଦ ପାଗଳାମି ବ୍ୟତୀତ ଆଉ କ'ଣ ହୋଇପାରେ? ବୌଦ୍ଧ ଧର୍ମ ଜୀବନକୁ ଦୁଃଖମୟ ବୋଲି ବର୍ଣ୍ଣନା କରିଛି। ଅର୍ଥାତ୍ ଜୀବନର ଆରମ୍ଭ ଦୁଃଖରେ ଓ ଶେଷ ମଧ୍ୟ ଦୁଃଖରେ। କିନ୍ତୁ ବିଶାଳ ଆଧ୍ୟାତ୍ମିକ ପରମ୍ପରା ମଧ୍ୟରେ ଅନେକ ବାଦ, ବୁଦ୍ଧି ଓ ତର୍ଜମା ଲୋପ ହୋଇଯାଇଛି। ସମଗ୍ର ଜୀବନ ପଛରେ ଏକ ଯୁଗ୍ମ ଆନନ୍ଦ ରହିଛି। ଶ୍ରୀଜଗନ୍ନାଥ ସେହି ଅବ୍ୟକ୍ତ, ଅନୁପମ, ସୀମାହୀନ, ଆକଳନ ଆନନ୍ଦର ଅଭିବ୍ୟକ୍ତି। ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ବୌଦ୍ଧ ଓ ଜୈନ ଧର୍ମରେ ଯେତେ ବାଦ, ବିବାଦ, ତର୍କ, ବିତର୍କ ରହିଥିଲେ ମଧ୍ୟ ସେ (ଶ୍ରୀଜଗନ୍ନାଥ) ଏକ ଅନୁପମ ଆଧ୍ୟାତ୍ମିକତାର ପ୍ରତୀକ। ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତବାଦ ଓ ଶ୍ରୀଚୈତନ୍ୟଙ୍କର ଦୌବାଦ ଦୁଇଟି ଭିନ୍ନ ଆଧ୍ୟାତ୍ମିକ ଅଭିଜ୍ଞତାର ଅଭିବ୍ୟକ୍ତି ହେଲେ ହେଁ ଏହା ଶ୍ରୀଜଗନ୍ନାଥଙ୍କର ବିସ୍ମୟତାର ବିବିଧତାକୁ ପ୍ରତିପାଦନ କରେ।

ସନ୍ଥ ତୁଳସୀ ଦାସ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କଠାରେ ତାଙ୍କ ଆରାଧ୍ୟ ନୟନାଭିରାମ ଶ୍ରୀରାମଙ୍କ ଦର୍ଶନ ଲାଭ କରିବା ହିଁ ସେହି ରହସ୍ୟମୟତାର ପ୍ରମାଣ। ଅନୁରୂପ ଭାବରେ ସନ୍ଥ ଗଣପତି ଭଟ୍ଟ ରତ୍ନ ସିଂହାସନରେ ଶ୍ରୀଜଗନ୍ନାଥଙ୍କ ସ୍ୱରୂପରେ ଗଣପତିଙ୍କୁ ଦର୍ଶନ କରିଛନ୍ତି। ଶ୍ରୀକ୍ଷେତ୍ରକୁ ବହୁ ସନ୍ଥ ସନ୍ନ୍ୟାସୀ ଆସି ନିଜର ଆସ୍ପୃହାକୁ ସୁହାଇଲା ଭଳି ଦର୍ଶନ କରିଛନ୍ତି। ସର୍ବବ୍ୟାପୀ, ସର୍ବଧର୍ମ ସମନ୍ୱୟର କିମ୍ବଦନ୍ତୀ– ସମୃଦ୍ଧିତ– ଶ୍ରୀଜଗନ୍ନାଥ ସମସ୍ତ ସାମାଜିକ, ଗୁଣ, ସୁଗୁଣର ପ୍ରତିବଦ୍ଧତାରୁ ମୁକ୍ତ। ଧର୍ମବିଶ୍ୱାସ ଓ ସାମ୍ପ୍ରଦାୟିକତାର ଊର୍ଦ୍ଧ୍ୱରେ। ବରଂ ସେ ଦାରୁ ଦେବତାଙ୍କ ଦାରୁ ଭିତରେ ସବୁ ଦୃଷ୍ଟି ଓ ଦର୍ଶନର ଦିଗ ଦିଗନ୍ତ ଏକାକାର ହୋଇଯାଇଛି। କେହି ନିଜର ସ୍ୱତନ୍ତ୍ର ଦାବି କରି ପାରିନାହାନ୍ତି। କ୍ଷୁଦ୍ର, ସୀମିତ ମାନୁଷୀ ଚେତନା ରୂପାନ୍ତରିତ ହୋଇଯାଇଛି। ଶ୍ରୀଜଗନ୍ନାଥଙ୍କ ଆବିଷ୍କାର ଯେତିକି ରୋମାଞ୍ଚକର ସେତିକି ଅନନ୍ୟ।

ଶ୍ରୀଜଗନ୍ନାଥଙ୍କୁ ନେଇ ପ୍ରତ୍ୟେକ ଘଟଣା ମନୁଷ୍ୟ ଜାତିର ମାନସିକତାକୁ ପ୍ରତିବିମ୍ବିତ କରିଛି। ତାଙ୍କର



ଅଧାଗଢ଼ା ବିଗ୍ରହ ବୁଝାଉଛି ମଣିଷର ଅଧୈର୍ଯ୍ୟତା ଓ ଅବିଶ୍ୱାସର କୀର୍ତ୍ତିକୁ। ମହାରାଣୀ ଗୁଣ୍ଡିଚା ଏହି ସାମୂହିକ ମାନସିକତାର ଏକ ପ୍ରତୀକ। ତଥାପି ସେ ସତ୍ୟ, ଶାଶ୍ୱତ ଓ ସର୍ବବ୍ୟାପୀ। ତାଙ୍କରି ମହିମା ଅନସ୍ୱୀକୃତ। ସେ ସମସ୍ତ ଜଗତର ଆରାଧ୍ୟ। ବାଲିଦୀପ ଓ ପୃଥିବୀର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଭକ୍ତମାନଙ୍କୁ ମନ୍ଦିରକୁ ପ୍ରବେଶ କରିବା ପାଇଁ ନିଷିଦ୍ଧ କରାଯିବା କେତେଦୂର ଯଥାର୍ଥ ଏବଂ ସମୀଚୀନ ତାହା ବିଚାର କରିବାର ସମୟ ହୁଏତ ସମାଗତ। ଏହି ନିଷେଧାଦେଶକୁ କେତେକାଳ ଆମେ ବଳବତ୍ତର ରଖି ଆମର ସଙ୍କୁଚିତତାକୁ ନେଇ ଗୌରବାନ୍ୱିତ ହେଉଥିବା। ପ୍ରଖ୍ୟାତ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି ତାଙ୍କ କାଳଜୟୀ କୃତି 'ନୀଳଶୈଳ' ଉପନ୍ୟାସର ମୁଖବନ୍ଧରେ ଲେଖିଛନ୍ତି– ବସ୍ତୁତଃ ଶ୍ରୀଜଗନ୍ନାଥଙ୍କଠାରେ ଦେବତା ଯେପରି ମନୁଷ୍ୟ ହୋଇଛି ତାଙ୍କ ସିଂହଦ୍ୱାରରେ ମନୁଷ୍ୟ ମଧ୍ୟ ସେପରି ଦେବତା ହୋଇଛି। ଅପୂର୍ବ ଏ ସର୍ଜନା। 'ଗୀତଗୋବିନ୍ଦ' ପରିବେଷଣ ସହ 'ନୃତ୍ୟ' ହେଲେ ସେ ପହୁଡ଼ିବେ (ଶୋଇବେ)। ପୁଣି ଗୁଡ଼ାଏ ପାଣି ଜାଣି ଜାଣି ଗାଧୋଇବେ (୧୦୮ ଗରା), ସ୍ନାନମଣ୍ଡପରେ ଭକ୍ତ ଗଣପତି ଭଟ୍ଟଙ୍କ ମାନ ରକ୍ଷା କରି ହାତୀବେଶ (ଗଣେଶ ବେଶ) ହେବେ, ତା'ପରେ ଜ୍ୱରରେ ଶୋଇବେ (ଅନବସର)। ଏଇ ମଣିଷ ତାଙ୍କୁ ଔଷଧ, ପଥି ଖୁଆଇବ। ଆରୋଗ୍ୟ ହୋଇ ରତ୍ନ ସିଂହାସନରେ 'ନବ ଯୌବନ' ଦର୍ଶନ ଦେବେ, କାରଣ ୧୫ ଦିନ ଭକ୍ତମାନେ ତାଙ୍କର ଦର୍ଶନରୁ ବଞ୍ଚିତ। ତା'ପରେ ରାଜାଧିରାଜ ବଡ଼ଦାଣ୍ଡକୁ ବୁଲିଯିବେ। ସାଙ୍ଗରେ ସ୍ୱୟଂ ସୁଦର୍ଶନ। ରତ୍ନ ସିଂହାସନରୁ ପହଣ୍ଡିରେ ବିଜେ ହେବେ। ଏଣେ ଚଉଦ ବ୍ରହ୍ମାଣ୍ଡର ଭକ୍ତମାନଙ୍କ ବ୍ୟାକୁଳ ପ୍ରତୀକ୍ଷା। ଜନସମୁଦ୍ର ଉଦ୍‌ବେଳିତ ହୋଇ ଜୟ ଜଗନ୍ନାଥ ଧ୍ୱନିରେ ଗଗନପବନ ପ୍ରକମ୍ପିତ କରୁଛି। ଭକ୍ତ କବି ଗୌରଚରଣ ଅତି ମର୍ମସ୍ପର୍ଶୀ ଭାବରେ ତାକୁ ଉପସ୍ଥାପନ କରିଛନ୍ତି। ''କାଳିଆ କାହ୍ନୁ, ଆଉ ବିଳମ୍ବ କର କାହିଁକି– ବରଷକେ ଥରେ ବିଜୟ ରଥରେ ପତିତ ତାରଣ ପାଇଁ କି, ଚଉଦ ବ୍ରହ୍ମାଣ୍ଡ ରୁଣ୍ଡ ହୋଇଛନ୍ତି ଦୁଃଖ ଜଣାଇବା ପାଇଁ କି– ଜୀବନଯାକର ଦୁଃଖ ଉପେକ୍ଷିବେ କଳା ଶ୍ରୀମୁଖକୁ ଚାହିଁ କି।'' ଅନୁରୂପ ଭାବରେ ଭକ୍ତକବିଙ୍କ ଲେଖନୀରୁ ଝରି ଆସିଛି– ''ପ୍ରାଣ ମିତଣୀକୁ ନେଇ ଚାହାଁରେ, ଚତୁର୍ଦ୍ଧା ମୂରତି ବିଜେ କରିଛନ୍ତି ରତ୍ନ ସିଂହାସନ ବାହାରେ''।

ସେହିପରି କେତେ ଭଜନ, ଜଣାଣ, ଆଶା, ଅଭିମାନ, ଅଧିକାର, ଅନୁରାଗ ଓ ଅଭିଯୋଗ ଭକ୍ତ ତାଙ୍କ ପାଦପଦ୍ମରେ ଅଜାଡ଼ିଛି। ଅପୂର୍ବତାର ଆରାଧ୍ୟ ଠାକୁର ପୁଣି ତାଙ୍କୁ ନିବେଦନ କରିଛି, ଅନୁନୟ କରିଛି– ଜଗନ୍ନାଥ ହୋ! କିଛି ମାଗୁନାହିଁ ତୋତେ/ ଧନ ମାଗୁନାହିଁ, ଜନ ମାଗୁନାହିଁ, ମାଗୁଛି ଶରଧା ବାଲିରୁ ହାତେ।'' କାହିଁ କେତେ ଦୂରରୁ ଜାତି, ଧର୍ମ, ନିର୍ବିଶେଷରେ 'ଜୟ ଜଗନ୍ନାଥ' ମନ୍ତ୍ର ଉଚ୍ଚାରଣ କରି କରି ଭକ୍ତ ତା'ର ଆରାଧ୍ୟ ଭଗବାନ୍‌ଙ୍କୁ ଦର୍ଶନ ପାଇଁ ଧାଇଁ ଆସେ।

ବର୍ଷ ବର୍ଷର ଆକୁଳ ବିକଳ ପ୍ରତୀକ୍ଷା। ହୁଏତ ଏ ପ୍ରତୀକ୍ଷାର ଅନ୍ୟ ନାମ ହିଁ ତପସ୍ୟା। ସେଥିପାଇଁ ପାଠୁଆ ଅପାଠୁଆ, ପଣ୍ଡିତ ଅପଣ୍ଡିତ ନିର୍ବିଶେଷରେ ସମସ୍ତେ କହିଥାନ୍ତି– 'ତାଙ୍କ ଡୋରି ନ ଲାଗିଲେ କିଏ ଯାଇପାରିବ ?'ସମର୍ପଣ ଓ ନିର୍ଭରତା ହିଁ ସେ ଡୋରିର ଅନ୍ୟ ନାମ। ସେ ତ ଭକ୍ତର ଭଗବାନ, ଭକ୍ତର ଭାବରେ ବନ୍ଧା, ଭକ୍ତ ସାଲବେଗ ପହଞ୍ଚିବା ପର୍ଯ୍ୟନ୍ତ ବଡ଼ଦାଣ୍ଡରେ ରଥ ଅଟକି ରହିଛି। 'ମହାମାରୀ କରୋନା' କୋପରେ ଯେତେ ଲୋକ ମୃତ୍ୟୁବରଣ କଲେ, କୌଣସି ଯୁଦ୍ଧରେ ମଧ୍ୟ ମରିନଥିବେ। ନୀରବରେ ନିଜ ସୃଷ୍ଟିର ଶ୍ରେଷ୍ଠ ଜୀବ ମାନବଜାତିକୁ ରକ୍ଷାକଲେ। ତାଙ୍କ ବାରହାତ ଖଣ୍ଡାରେ 'କରୋନା ରାକ୍ଷସ'କୁ ହତ୍ୟା କରିଛନ୍ତି! ଘୋଷଯାତ୍ରା ଭକ୍ତଶୂନ୍ୟ ହୋଇପାରି ନାହିଁ। ଭକ୍ତର ବ୍ୟାକୁଳ ପ୍ରାର୍ଥନା ଘେନିଛନ୍ତି କାଳିଆର ଭୁଜ-ଅବ୍ୟକ୍ତ ପରମାନନ୍ଦ।

ମୋ: ୯୪୩୮୧୮୬୨୨୬

# ଜାତିପ୍ରଥା ଓ ଭଗବାନ୍ ବୁଦ୍ଧ



ଗୋଲଖ ଚନ୍ଦ୍ର ଦାସ

ଜାତିବାଦ ହିନ୍ଦୁ ସମାଜର ଅପାର କ୍ଷତି ପହଁଚାଇଛି। ଜାତି ପ୍ରଥାକୁ କେହି ମାନ୍ୟତା ଦେଇ ନାହାନ୍ତି। ବେଦଠାରୁ ଗୀତା ପର୍ଯ୍ୟନ୍ତ କୌଣସି ଧର୍ମଗ୍ରନ୍ଥରେ ଜାତି ପ୍ରଥାକୁ ମାନ୍ୟତା ଦିଆଯାଇନାହିଁ। ତଥାପି ଏହା ନିରନ୍ତର ଚାଲୁଅଛି। ତେଣୁ ଭଗବାନ୍ ବୁଦ୍ଧ ସଦାସର୍ବଦା କହୁଥିଲେ କାହାର କୋଉ ଜାତି ପଚାର ନାହିଁ। ଭଗବାନ୍ ବୁଦ୍ଧ ଜାତି ପ୍ରଥା ଦୂରକରିବା ପାଇଁ ଜନଜାଗରଣ ସୃଷ୍ଟି କରିଥିଲେ। ଭଗବାନ୍ ବୁଦ୍ଧ ଦିନେ ଇଚ୍ଛାନଗର ନାମକ ଗ୍ରାମରେ ଥିଲେ। ଏହି ଗାଁର ବଶିଷ୍ଠ ଏବଂ ଭରଦ୍ୱାଜ ନାମକ ଦୁଇ ଜଣ ବ୍ରାହ୍ମଣଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ବିବାଦର କାରଣ ହେଲା– ମନୁଷ୍ୟ ଜନ୍ମରୁ ଶ୍ରେଷ୍ଠ ନା କର୍ମ ଅନୁସାରେ ଶ୍ରେଷ୍ଠ ? ଏହି ବିବାଦର ସମାଧାନ ପାଇଁ ସେମାନେ ଗୌତମ ବୁଦ୍ଧଙ୍କ ନିକଟରେ ପହଞ୍ଚିଲେ। ବଶିଷ୍ଠ କହିଲେ– ହେ ଭଗବାନ୍! ମନୁଷ୍ୟ ଜନ୍ମରୁ ବ୍ରାହ୍ମଣ ନା କର୍ମ ଅନୁସାରେ ବ୍ରାହ୍ମଣ ? ଆପଣ ଏହି ପ୍ରଶ୍ନର ସଠିକ୍ ନିର୍ଣ୍ଣୟ ନିଅନ୍ତୁ।

ଭଗବାନ୍ ଗୌତମ ବୁଦ୍ଧ କହିଲେ– ହେ ବଶିଷ୍ଠ! ଜଙ୍ଗଲ ମଧ୍ୟରେ ଥିବା ଗଛଲତା ଭିନ୍ନ ଭିନ୍ନ ନାମରେ ପରିଚିତ। ସେହିପରି ପଶୁପକ୍ଷିମାନେ ମଧ୍ୟ ଭିନ୍ନ ଭିନ୍ନ ଅଟନ୍ତି। ଜଳରେ ବାସ କରୁଥିବା ମାଛ, ସରୀସୃପମାନଙ୍କର ମଧ୍ୟ ଅନେକ ଜାତି ଅଛି। ସେହିପରି ଆକାଶରେ ଉଡୁଥିବା ପକ୍ଷିମାନଙ୍କର ମଧ୍ୟ ଅଲଗା ଅଲଗା ଜାତି ଅଛି। ପଶୁ, ପକ୍ଷୀ, ବୃକ୍ଷ, ଲତା ଦେଖିବାକୁ ଅଲଗା ଅଲଗା। ସେଥିପାଇଁ ତାଙ୍କର ଜାତି ଅଲଗା। ମନୁଷ୍ୟ ଦେଖିବାକୁ ଏକ। କେଶ, ଆଖି, ମୁହଁ, ନାକ, ଓଠ, କାନ, ବେକ, ପେଟ, ପିଠି, ହାତ ପାଦ ଆଦି ଅବୟବ ଅନ୍ୟ ମନୁଷ୍ୟଠାରୁ ଅଲଗା ଦେଖାଯାଏ ନାହିଁ। କିନ୍ତୁ ପଶୁପକ୍ଷୀଙ୍କ ଆକାର ପ୍ରକାର ଦେଖି ତାଙ୍କର ଜାତି ଜାଣି ହୁଏ। ମନୁଷ୍ୟକୁ ଦେଖିଲେ ତା'ର ଜାତି ଜାଣି ହୁଏ ନାହିଁ। ମନୁଷ୍ୟର ଅବୟବ ପ୍ରାୟତଃ ସମାନ। ପରନ୍ତୁ ମନୁଷ୍ୟର ଜାତି କର୍ମ ଅନୁସାରେ ନିଶ୍ଚିତ କରାଯାଇପାରେ।

କୌଣସି ବ୍ରାହ୍ମଣ ଗାଈ ଚରାଇଲେ ତାକୁ ଗୋପାଳକ ବା ଗୌଡ଼ କୁହାଯାଏ, କିନ୍ତୁ ବ୍ରାହ୍ମଣ କୁହାଯାଇପାରିବ ନାହିଁ। ଯିଏ କଳାକୃତିକୁ ନେଇ ଜୀବନ ଚଳାଉଛି ସେ କାରିଗର। ଯିଏ ବେପାର କରୁଛି ସିଏ ବେପାରୀ। ଦୂତ କାମ କରୁଥିବା ବ୍ୟକ୍ତି ଦୂତ। ଚୋରି କରୁଥିବା ଲୋକ ଚୋର। ସେନା ବାହିନୀରେ ଯିଏ କାମ କରୁଛି ସିଏ ସୈନିକ। ଯାଗ ଯଜ୍ଞ କରୁଥିବା ବ୍ୟକ୍ତି ପୁରୋହିତ ବା ଯାଜକ ଏବଂ ଯିଏ ରାଷ୍ଟ୍ର ଚଳାଉଛନ୍ତି ସେ ରାଜା। କିନ୍ତୁ କେହି ଜନ୍ମରୁ ବ୍ରାହ୍ମଣ ହୋଇ ଜନ୍ମ ହୋଇ ନ ଥାଏ। ଯିଏ ସମସ୍ତ ସାଂସାରିକ ବନ୍ଧନରୁ ମୁକ୍ତ ହୋଇ ଦୁଃଖରେ ବିଚଳିତ ହୁଏନାହିଁ ବା କୌଣସିଥିରେ ଆସକ୍ତ ହୁଏ ନାହିଁ ସେ ହିଁ ବ୍ରାହ୍ମଣ। କେହି ଜନ୍ମରୁ ବ୍ରାହ୍ମଣ ଅଥବା ଅବ୍ରାହ୍ମଣ ହୋଇ ନଥାଏ। କର୍ମ ଦ୍ୱାରା ବ୍ରାହ୍ମଣ ହୁଏ, ପୁଣି କର୍ମ ଦ୍ୱାରା ଅବ୍ରାହ୍ମଣ ମଧ୍ୟ ହୁଏ। କୃଷକ, ସୈନିକ, ଚଣ୍ଡାଳ, ଡାକ୍ତର, ଶିକ୍ଷକ, ଧୋବା, ବେପାରୀ, କାରିଗର, ପଣ୍ଡିତ, ରାଜା ନିଜ ନିଜ କର୍ମ ଦ୍ୱାରା ହୋଇଥାନ୍ତି। କର୍ମ ଦ୍ୱାରା ସାରା ବିଶ୍ୱ ଚାଲୁଛି। କର୍ମ ଉପରେ ସବୁ ପ୍ରାଣୀ ନିର୍ଭର କରି ଚଳିଥାନ୍ତି।

ଭଗବାନ୍ ଗୌତମ ବୁଦ୍ଧ ସମାଜରେ ସମରସତା ଜାଗରଣ ଉଦ୍ଦେଶ୍ୟରେ ନିରନ୍ତର ଭ୍ରମଣ କରୁଥିଲେ। ସମସ୍ତଙ୍କ ମଧ୍ୟରେ ସେ ସ୍ନେହ ମୈତ୍ରୀର ଭାବ ବଣ୍ଟନ କରୁଥିଲେ। ଭିକ୍ଷା ମାଗି ଭୋଜନ କରୁଥିଲେ। ସେଥିପାଇଁ ସେ କାହାରି ଜାତି ପଚାରୁ ନଥିଲେ। କି କେହି ତାଙ୍କୁ ତାଙ୍କର ଜାତି ପଚାରୁ ନଥିଲେ। ଜୀବନର ଅନ୍ତିମ ଭିକ୍ଷା ଜଣେ କୁମ୍ଭାରଠାରୁ ଗ୍ରହଣ କରିଥିଲେ। ସେହି କୁମ୍ଭାର ଘରେ ଭୋଜନ ପରେ ତାଙ୍କର ମହାପରିନିର୍ବାଣ ହୋଇଥିଲା। ଜାତିଭେଦ ଦୂର କରିବା ପାଇଁ ସନ୍ଥ ମହାପୁରୁଷମାନେ ନିରନ୍ତର ଚେଷ୍ଟା ଚଳାଇଛନ୍ତି। ଶଙ୍କରାଚାର୍ଯ୍ୟ, କବୀର, ରବିଦାସ, ରାମାନନ୍ଦ, ନାନକ, ଗୁରୁ ତେଗ୍‌ବାହାଦୁର ପ୍ରମୁଖ ଜାତି ପ୍ରଥା ଦୂର ପାଇଁ ଜନଜାଗରଣ ସୃଷ୍ଟି କରିଥିଲେ। ଆମେ ସବୁ ଏକ। ଆମ ମଧ୍ୟରେ ଜାତି ଭେଦ ନାହିଁ। ସେହି ଆଧାରରେ ଜାତିଭେଦ ଦୂରକରିବାର ଆବଶ୍ୟକତା ରହିଛି। ଭଗବାନ୍ ଗୌତମ ବୁଦ୍ଧ ଯେଉଁ ଚିନ୍ତା ନେଇ ଭ୍ରମଣ କରୁଥିଲେ, ତାହାକୁ ସାକାର କରିବା ପାଇଁ ଦେଶ ଅଣ୍ଟା ଭିଡ଼ିଛି। ଗୌତମ ବୁଦ୍ଧଙ୍କ ସେହି ମହାନ୍ କାମକୁ ସାକାର କରିବା ପାଇଁ ପ୍ରୟାଗ କୁମ୍ଭମେଳାରେ ଘୋଷଣା କରାଯାଇଥିଲା– ହିନ୍ଦୁବଃ ସୋଦରା ସର୍ବେ, ନ ହିନ୍ଦୁ ପତିତୋ ଭବେତ୍। ସମସ୍ତ ଭାଇ-ଭାଇ। କେହି ପତିତ, ଦଳିତ ନୁହନ୍ତି। ତେଣୁ ଗୌତମ ବୁଦ୍ଧ କହୁଥିଲେ କେହି ଜାତି ପଚାର ନାହିଁ।

ଘିଗିଡିଆ, ବାରୁଅ, କେନ୍ଦ୍ରାପଡ଼ା
ମୋ: ୯୮୬୧୦୨୮୫୫୩

## ପାଠକ ଶ୍ରେଷ୍ଠ ବିଚାରକ

### ବୃକ୍ଷରାଜିର ଅବକ୍ଷୟ ପ୍ରତି ସଚେତନତା ଜରୁରୀ

ମହାଶୟ,

ନିକଟରେ ଗ୍ରୀନ୍ ଓଡ଼ିଶା ଜରିଆରେ ୫ ଲକ୍ଷ ଚାରା ଲଗାଯିବା ପାଇଁ ଧାର୍ଯ୍ୟ ହୋଇଛି। ଏହା ରାଜ୍ୟ ସ୍କାଉଟ୍ ଏବଂ ଗାଇଡ୍‌ସ ମାଧ୍ୟମରେ ଗ୍ରୀନ୍ ଓଡ଼ିଶା କାର୍ଯ୍ୟକ୍ରମରେ ନିଷ୍ପତ୍ତି ନିଆଯାଇଛି। ବାସ୍ତବିକ କାର୍ଯ୍ୟକ୍ରମଟି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଏହି କ୍ରମରେ ସାରା ଓଡ଼ିଶାରେ ଏହି କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ହେବା ନିହାତି ଆବଶ୍ୟକ ମନେହୁଏ। କାରଣ ସବୁଜ, ସୁନ୍ଦରମୟ ଓଡ଼ିଶାରୁ ପ୍ରାୟ ପ୍ରତ୍ୟେକ ଦିନ ଶହ ଶହ ବୃକ୍ଷ କଟାଯାଉଛି। ଦୁଃଖର ବିଷୟ, ତଦନୁଯାୟୀ ଆମେ ବୃକ୍ଷରାଜିଗୁଡ଼ିକର ପୁନଃ ପ୍ରତିରୋପଣ କରିପାରୁ ନାହୁଁ। ଏହା ମାନବ ସମାଜ ପ୍ରତି ଘୋର ବିପଦସୂଚକ। ତେଣୁ ପରିବେଶର ସୁରକ୍ଷା ପ୍ରତି ସମସ୍ତେ ସଚେତନ ହେବା ଆବଶ୍ୟକ। ମୋ ମତରେ ପ୍ରତି ସ୍କୁଲ ଏବଂ କଲେଜରେ ଏକ ଯୋଜନା ପ୍ରସ୍ତୁତ କରି ବୃକ୍ଷରୋପଣ ପାଇଁ ଆଗଭର ହେବା ଦରକାର। ଏହା ସହ ସ୍କାଉଟ୍ ଏବଂ ଗାଇଡ୍‌ସ ବିଭାଗ ଦ୍ୱାରା ଗ୍ରାମାଞ୍ଚଳ ଏବଂ ସହରରେ ନିୟମିତ ହାରରେ ବୃକ୍ଷରୋପଣ କରିବା ପାଇଁ ଏକ ଗାଇଡ୍‌ଲାଇନ୍ ପ୍ରଣୟନ କରାଯିବା ଅତ୍ୟନ୍ତ ଆବଶ୍ୟକ। ଏହାଦ୍ୱାରା ଦୈନିକ ଅନୁପାତରେ ବୃକ୍ଷରାଜିର ଅବକ୍ଷୟକୁ ଆମେ ବହୁ ପରିମାଣରେ ଭରଣ କରିପାରିବା ସହ ପ୍ରକୃତିକୁ ମଧ୍ୟ ଧ୍ୱଂସମୁହଁରୁ ରକ୍ଷା କରିବା।

**–ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ଏହି ବାତାୟନ ପାଶେ ଦେଖିଥିଲା ଦିନେ ସେ
ପରିଚିତ ରୂପ ଶୋଭା ଉଭା ହେଲା ନିମେଷେ
ଜଣାଇଲା ଦୁଇ କର ଯୋଡ଼ି ଛୋଟ ନତିଟି
ଥିଲେ ହେଁ ନିକଟେ ଯଥା ଅଛି ଦୂର ବିଦେଶେ!

–(ପଥର ପ୍ରେମିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧ ଜୁଲାଇ, ୨୦୨୨



ଉଦ୍ଧବ ଠାକ୍‌ରେ ବିଧାନସଭା କାର୍ଯ୍ୟବାହୀ ଭାବେ ଏକନାଥ ସିନ୍ଦେଙ୍କୁ ସମ୍ପୂର୍ଣ୍ଣ ଦାୟିତ୍ୱ ଦେଇଥିଲେ। କିନ୍ତୁ ଏହାର ପରିଣାମ ଏପରି ହେବ ବୋଲି ଜଣା ନ ଥିଲା। ଉପମୁଖ୍ୟମନ୍ତ୍ରୀ ଭାବେ ଫଡ୍‌ନବିସ୍ ଖୁସି ନ ଥିବା ତାଙ୍କ ଚେହେରାରୁ ଜଣାପଡୁଛି। ଆର୍‌ଏସ୍‌ଏସ୍ କର୍ମକର୍ତ୍ତା ଭାବେ ସେ ଉପରୁ ଆସିଥିବା ନିର୍ଦ୍ଦେଶକୁ ମାନିଛନ୍ତି।

-ଶରଦ ପାୱାର, ଏନ୍‌ସିପି ଅଧ୍ୟକ୍ଷ



## ସଂକ୍ଷେପରେ

### ନାଫଟାଲି ସରକାର ଭାଙ୍ଗିଲା

#### ନଭେମ୍ବର ୧ରେ ଇସ୍ରାଏଲରେ ନିର୍ବାଚନ



ନାଫଟାଲି ବେନେଟ, ୟେର ଲାପିଡ୍

ଜେରୁଜେଲମ, ୩୦।୬: ଇସ୍ରାଏଲରେ ସଂଖ୍ୟାଲଘୁ ନାଫଟାଲି ବେନେଟଙ୍କ ସରକାର ଭାଙ୍ଗିବା ପାଇଁ ପାର୍ଲାମେଣ୍ଟରେ ଭୋଟ ହୋଇଛି। ୯୨ ସଦସ୍ୟ ଏହା ସପକ୍ଷରେ ଭୋଟ ଦେଇଥିବାବେଳେ କେହି ଏହାର ବିରୋଧ କରି ନ ଥିଲେ। ଫଳରେ ୪ ବର୍ଷରୁ କମ୍ ସମୟରେ ଇସ୍ରାଏଲରେ ୫ମ ଥର ପାଇଁ ନିର୍ବାଚନ ହେବାକୁ ଯାଉଛି। ଆସନ୍ତା ନଭେମ୍ବର ୧ରେ ନୂଆ ପ୍ରଧାନମନ୍ତ୍ରୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ସେ ପର୍ଯ୍ୟନ୍ତ ମେଣ୍ଟ ସରକାରର ବିଦାୟୀ ବହିର୍ବ୍ୟାପାର ମନ୍ତ୍ରୀ ୟେର ଲାପିଡ୍ କାମଚଳା ପ୍ରଧାନମନ୍ତ୍ରୀ ରହିବେ। ବିଭିନ୍ନ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନାଫଟାଲିଙ୍କ ନୀତି ସହ ଅସହମତ ହେବାରୁ ମେଣ୍ଟରେ ଥିବା ୟାମିନା ପାର୍ଟି ସରକାରରୁ ଓହରି ଯାଇଥିଲା। ଫଳରେ ନାଫଟାଲିଙ୍କ ସରକାର ସଂଖ୍ୟାଲଘୁ ପାଲଟିଥିଲା।

### ପୋଷଣ ଯୋଜନା ପାଇଁ ପିଲାଙ୍କ ଆଧାର କାର୍ଡ ବାଧ୍ୟତାମୂଳକ ନୁହେଁ

**ନୂଆଦିଲ୍ଲୀ, ୩୦।୬:** କେନ୍ଦ୍ର ସରକାରଙ୍କ ପୋଷଣ ଯୋଜନାର ଲାଭ ପାଇବା ପାଇଁ ପିଲାଙ୍କ ଆଧାର କାର୍ଡ ବାଧ୍ୟତାମୂଳକ ନୁହେଁ ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ପିଲାମାନଙ୍କ ମା'ଙ୍କ ବାୟୋମେଟ୍ରିକ୍ କାର୍ଡ ଦ୍ୱାରା ପୋଷଣ ଟ୍ରାକ୍‌ର ଆପ୍ଲିକେଶନରେ ଏହି ଯୋଜନାରେ ନାଁ ପଞ୍ଜୀକରଣ କରିହେବ। ପୋଷକ ଯୁକ୍ତ ଖାଦ୍ୟ ପାଇଁ ଲକ୍ଷ ଲକ୍ଷ ପିଲାଙ୍କୁ ଆଧାରକାର୍ଡ ଆବଶ୍ୟକ ବୋଲି କେତେକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ ମନ୍ତ୍ରଣାଳୟ ପକ୍ଷରୁ ଏହି ସ୍ପଷ୍ଟୀକରଣ ରଖାଯାଇଛି।

### ଏସ୍‌ସି, ଏସ୍‌ଟିଙ୍କ ବିରୋଧରେ ଅପରାଧର ମାମଲା ରୁଜୁରେ ବିଳମ୍ବ କରନାହିଁ: କେନ୍ଦ୍ର

**ନୂଆଦିଲ୍ଲୀ, ୩୦।୬:** ଅନୁସୂଚିତ ଜାତି (ଏସ୍‌ସି) ଓ ଜନଜାତି (ଏସ୍‌ଟି)ଙ୍କ ଉପରେ ହେଉଥିବା ଅପରାଧର ମାମଲା ରୁଜୁରେ ବିଳମ୍ବ ନ କରିବାକୁ କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଏଭଳି ମାମଲାର ତଦନ୍ତରେ ୨ ମାସରୁ ଅଧିକ ସମୟ ଲାଗୁଥିଲେ ଜିଲା ଓ ରାଜ୍ୟ ସ୍ତରରେ ତାହାର ଅନୁଧ୍ୟାନ ପାଇଁ କୁହାଯାଇଛି। ଜିଲା ପୋଲିସ ସୁପରିଣ୍ଟେଣ୍ଡେଣ୍ଟ (ଏସ୍‌ପି) ଏହାର ଉପଯୁକ୍ତ ଯାଞ୍ଚ ସୁନିଶ୍ଚିତ କରିବା, ଟ୍ରାଏଲରେ ତତ୍ପରତା ସହ ସମସ୍ତ ସାକ୍ଷୀଙ୍କୁ ସୁରକ୍ଷା ଦେବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ରହିଛି। ତଦନ୍ତ ପ୍ରକ୍ରିୟା ଶୀଘ୍ର ସାରିବାକୁ ସ୍ୱତନ୍ତ୍ର ଡିଏସ୍‌ପିଙ୍କୁ ମଧ୍ୟ ନିଯୁକ୍ତ କରାଯିବ। ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରାଯାଇ ସେଠାରେ ଏସ୍‌ସି/ଏସ୍‌ଟି ସମ୍ପ୍ରଦାୟର ଲୋକଙ୍କୁ ସୁରକ୍ଷା ଯୋଗାଯିବ। ସମ୍ପୃକ୍ତ ଅଞ୍ଚଳରେ ଥିବା ଥାନାଗୁଡ଼ିକରେ ପର୍ଯ୍ୟାପ୍ତ ସଂଖ୍ୟାରେ ପୋଲିସ ନିଯୁକ୍ତି ସହ ଭିତ୍ତିଭୂମି ନିର୍ମାଣ କରାଯିବ।

# ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ







(୧) ୩୦ ଜୁନ୍ ୨୦୨୨: ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ରାଜ୍ୟପାଳ ଭଗତ୍‌ସିଂ କୋଶିୟାରୀ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ। (୨) ୨୩ ନଭେମ୍ବର ୨୦୧୯: ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ, ରାଜ୍ୟପାଳ ଭଗତ୍‌ସିଂ କୋଶିୟାରୀ, ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର

**ମୁମ୍ବାଇ/ନୂଆଦିଲ୍ଲୀ,୩୦।୬**

ଜୁନ୍ ୨୧ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରର ଉଦ୍ଧବ ଠାକ୍‌ରେ ସରକାରରେ ସହରାଞ୍ଚଳ ବିକାଶ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇ ଆସିଥିବା ଶିବସେନାର ବିଦ୍ରୋହୀ ନେତା ଏକନାଥ ସିନ୍ଦେ ଏବେ ମୁଖ୍ୟମନ୍ତ୍ରୀ। ଏହା ହେଉଛି ମହାରାଷ୍ଟ୍ର ରାଜନୀତିରେ ପ୍ରଥମାଶ୍ଚର୍ଯ୍ୟ। ଦ୍ୱିତୀୟ ବିସ୍ମୟକର କଥା ହେଲା ବର୍ତ୍ତମାନ ଯାଏ ବିରୋଧୀ ଦଳ ନେତା ଭୂମିକାରେ ଥିବା ଭାଜପା ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଉପମୁଖ୍ୟମନ୍ତ୍ରୀ ରୂପେ ଶପଥ ନେବା। ଏଭଳି ବିସ୍ମୟକର ରାଜନୈତିକ ଘଟଣାକ୍ରମ ସମ୍ଭବତଃ କେବଳ ମହାରାଷ୍ଟ୍ରରେ ସମ୍ଭବ।

ଏକନାଥ ସିନ୍ଦେ ଗୋଆରୁ ମୁମ୍ବାଇକୁ ଫେରିବା ପରେ ଦେବେନ୍ଦ୍ର ଫଡ୍‌ନବିସଙ୍କ ଘରେ ଉଭୟଙ୍କ ମଧ୍ୟରେ ମନ୍ତ୍ରଣା ହୋଇଥିଲା। ପରେ ନିଜ ନିଜ ସମର୍ଥକମାନଙ୍କୁ ଧରି ଦୁହେଁ ରାଜଭବନକୁ ଯାଇ ରାଜ୍ୟପାଳ ଭଗତସିଂ କୋଶିୟାରୀଙ୍କୁ ଭେଟିଥିଲେ। ଗଣମାଧ୍ୟମ ଆଗରେ ଫଡ୍‌ନବିସ କହିଲେ, ସିନ୍ଦେ ମୁଖ୍ୟମନ୍ତ୍ରୀ ହେବେ। ମୁଁ କ୍ୟାବିନେଟରେ ସାମିଲ ହେବି ନାହିଁ। କିନ୍ତୁ ଏହାର ୩ ଘଣ୍ଟା ନ ବିତୁଣୁ ଫଡ୍‌ନବିସ ଉପମୁଖ୍ୟମନ୍ତ୍ରୀ ଭାବେ ହଠାତ୍ ଶପଥ ନେଇ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ତାଙ୍କର ଏହି ପଦକ୍ଷେପକୁ ବିଭିନ୍ନ ମହଲରେ ଭିନ୍ନ ଦୃଷ୍ଟିରେ ଦେଖାଯାଉଛି। କାରଣ ପୂର୍ବରୁ ଦୁଇ ଦୁଇ ଥର ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇଥିବା ଜଣେ ଜାତୀୟ ଦଳର ନେତାଙ୍କ ପାଇଁ ଏହା ଆଦୌ ଶୋଭନୀୟ ନୁହେଁ, ଯଦିଓ ରାଜନୀତିରେ ସବୁକିଛି ସମ୍ଭବ।

ରାଜଭବନରେ ସିନ୍ଦେ ମରାଠୀ ଭାଷାରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ଶିବସେନା ପ୍ରତିଷ୍ଠାତା ବାଲାସାହେବ ଠାକ୍‌ରେ ଓ ନିଜ ରାଜନୈତିକ ଗୁରୁ ଆନନ୍ଦ ଦିଘେଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ତାଙ୍କ ସମର୍ଥକମାନେ ବାଲ୍ ଠାକ୍‌ରେ ଓ ଦିଘେଙ୍କ ନାମରେ ସ୍ଲୋଗାନ ଦେଇଥିଲେ। ସମସ୍ତେ ମନେକରିଥିଲେ, ଶପଥ ଗ୍ରହଣ ଉତ୍ସବ ଶେଷ ହୋଇଗଲା। କିନ୍ତୁ ହଠାତ୍ ବିରୋଧୀ ଦଳ ନେତା ଦେବେନ୍ଦ୍ର ଫଡ୍‌ନବିସ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ବେଳର ଦୃଶ୍ୟ ଟେଲିଭିଜନ ସିଧାପ୍ରସାରଣରେ ଦେଖି ଦେଶବାସୀ କାବା ହୋଇଯାଇଥିଲେ। ଫଡ୍‌ନବିସ ମନା କରିବା ସତ୍ତ୍ୱେ ତାଙ୍କୁ ଉପମୁଖ୍ୟମନ୍ତ୍ରୀ ହେବା ପାଇଁ କୁଆଡ଼େ ଭାଜପା ମୁଖିଆ ଜେ.ପି. ନଡ୍ଡା ନିର୍ଦ୍ଦେଶ ଦେଇଥିଲେ। ବିଶ୍ଳେଷକଙ୍କ ମତରେ ନଡ୍ଡା ରାତି ୭ଟାରେ ଫଡ୍‌ନବିସଙ୍କୁ ଫୋନ୍ କରି ଉପମୁଖ୍ୟମନ୍ତ୍ରୀ ହେବାକୁ କହିଥିଲେ। ଫଡ୍‌ନବିସ ଅନିଚ୍ଛା ସତ୍ତ୍ୱେ ପଦାବନତିକୁ ଗ୍ରହଣ କରିନେଇଥିଲେ। କାରଣ ମହାରାଷ୍ଟ୍ରର ସାମ୍ପ୍ରତିକ ରାଜନୀତିରେ କେତେବେଳେ ବି କିଛି ଘଟିପାରେ। କ୍ଷମତା ପାଇଁ କେହି କାହା ହାତ ବି ଧରିପାରନ୍ତି।

ଏକନାଥ ସିନ୍ଦେଙ୍କ ବିଦ୍ରୋହ ଯୋଗୁ ମହା ବିକାଶ ଅଘାଡ଼ି ସରକାର ସଂଖ୍ୟାଗରିଷ୍ଠତା ହରାଇଥିବା ଜାଣି ୨୦୨୨ ଜୁନ୍ ୩୦ରେ ଉଦ୍ଧବ ଠାକ୍‌ରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଜୁନ୍ ୩୦ ପର୍ଯ୍ୟନ୍ତ ତାଙ୍କ ମନ୍ତ୍ରିମଣ୍ଡଳରେ ଉପମୁଖ୍ୟମନ୍ତ୍ରୀ ଥିଲେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାରଙ୍କ ପୁତୁରା ଅଜିତ ପାୱାର। ଅଜିତ ହେଉଛନ୍ତି ସେହି ବ୍ୟକ୍ତି, ଯାହାଙ୍କୁ ଧରି ଦେବେନ୍ଦ୍ର ଫଡ୍‌ନବିସ କ୍ଷମତା ଦଖଲର ବିଫଳ ପ୍ରୟାସ କରିଥିଲେ ୨୦୧୯ ନଭେମ୍ବର ୨୩ରେ। ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଶେଷ ହେବାର ମାସେ ବିତିବା ପରେ ଶିବସେନା-ଏନ୍‌ସିପି-କଂଗ୍ରେସ ମେଣ୍ଟ ସରକାର ଗଢ଼ିବାକୁ ନିଷ୍ପତ୍ତି ନେଇଥିଲେ। ରାତି ପାହିଲେ ଉଦ୍ଧବ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥାଆନ୍ତେ। କିନ୍ତୁ ରାତି ପାହିବାକୁ ଦିଆଗଲା ନାହିଁ। କୌଣସି କ୍ୟାବିନେଟ ବୈଠକ ନ ବସି ଭୋର ୫ଟା ୧୭ରେ ବିଚିତ୍ର ଢଙ୍ଗରେ ରାଷ୍ଟ୍ରପତି ଶାସନ ହଟାଇ ଦିଆଯାଇଥିଲା। ରାଜ୍ୟପାଳ ଭଗତସିଂ କୋଶିୟାରୀ ମହାରାଷ୍ଟ୍ରରୁ ରାଷ୍ଟ୍ରପତି ଶାସନ ହଟାଇବା ପାଇଁ ସୁପାରିସ କରିଥିଲେ। ଫଡ୍‌ନବିସ ଓ ଅଜିତଙ୍କୁ ସକାଳ ୮ଟାରେ ଯଥାକ୍ରମେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ପାଠ କରାଇଥିଲେ। ମହାରାଷ୍ଟ୍ରର ଏହି କ୍ଷମତାଯୁଦ୍ଧ ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ରାଜ୍ୟପାଳଙ୍କ ମନ୍ଦ ଉଦ୍ଦେଶ୍ୟଯୁକ୍ତ ଓ ପକ୍ଷପାତି କାର୍ଯ୍ୟକୁ କଂଗ୍ରେସ ନିନ୍ଦା କରିଥିବାବେଳେ ଶରଦ ପାୱାର କହିଥିଲେ, ଅଜିତଙ୍କ ନିଷ୍ପତ୍ତି ସହ ତାଙ୍କ ଦଳ ଏକମତ ନୁହେଁ।

ଉପରୋକ୍ତ ରାଜନୈତିକ ଘଟଣାକ୍ରମଗୁଡ଼ିକର ପୃଷ୍ଠଭୂମିକୁ ଅନୁଧ୍ୟାନ କଲେ ବୁଝାପଡୁଛି ଯେ, ସିନ୍ଦେଙ୍କୁ ଭାଜପା ମୁଖ୍ୟମନ୍ତ୍ରୀ କରାଇଛି ସିନା, କିନ୍ତୁ ତାଙ୍କ ପ୍ରତି ଗୈରିକ ଦଳର ପୂର୍ଣ୍ଣ ଆସ୍ଥା ନାହିଁ। ଅନ୍ୟଥା ୧୦୬ ବିଧାୟକଙ୍କ ସମର୍ଥନ ଥିବା ଭାଜପାର ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ୫୦ ଏମ୍‌ଏଲ୍‌ଏଙ୍କୁ ଧରି ବିଦ୍ରୋହ କରିଥିବା ଜଣେ ନେତାଙ୍କ ଅଧୀନରେ ଉପମୁଖ୍ୟମନ୍ତ୍ରୀ କରାଇ ନ ଥାଆନ୍ତା ବୋଲି ରାଜନୈତିକ ପଣ୍ଡିତମାନେ କହୁଛନ୍ତି। ଏମିତିରେ ଶିବସେନା ମୁଖପାତ୍ର ସଞ୍ଜୟ ରାଉତ୍ ଏହି ସରକାରର ସ୍ଥାୟିତ୍ୱ ଉପରେ ପ୍ରଶ୍ନ ଉଠାଇବା ଅମୂଳକ ମନେହେଉ ନାହିଁ।

## ଅଟୋ ଚାଳକରୁ ମୁଖ୍ୟମନ୍ତ୍ରୀ

ମହାରାଷ୍ଟ୍ରର ବିଂଶତମ ମୁଖ୍ୟମନ୍ତ୍ରୀ ଭାବେ ଗୁରୁବାର ଶପଥ ନେଇଥିବା ଏକନାଥ ସିନ୍ଦେ(୫୮) ଏକଦା ଠାଣେରେ ଅଟୋ ଚଳାଉଥିଲେ। ୧୯୬୪ ଫେବୃୟାରୀ ୯ରେ ସତାରା ଅନ୍ତର୍ଗତ ଜୱାଲିରେ ଏକ ମରାଠା ପରିବାରରେ ଏକନାଥ ଜନ୍ମଗ୍ରହଣ କରିଥିଲେ। ଜୀବିକା ଉପାର୍ଜନ ପାଇଁ ତାଙ୍କ ପରିବାର ଠାଣେକୁ ସ୍ଥାନାନ୍ତର ହେବା ପରେ ସିନ୍ଦେ ପ୍ରଥମେ ମଙ୍ଗଳା ହାଇସ୍କୁଲ ଓ ପରେ ଜୁନିୟର କଲେଜରେ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ। ପରିବାରକୁ ସହଯୋଗ କରିବା ପାଇଁ ସେତେବେଳେ ତାଙ୍କୁ ଅଟୋ ଚଳାଇବାକୁ ପଡ଼ିଥିଲା। ବାଲ୍ ଠାକ୍‌ରେ ଶିବସେନା ପ୍ରତିଷ୍ଠା କରିବା ପରେ ଯୁବପିଢ଼ିଙ୍କ ଯୋଗଦାନ ଏହି ହିନ୍ଦୁବାଦୀ ଦଳକୁ ବଳ ଦେଇଥିଲା। ସିନ୍ଦେଙ୍କୁ ୧୮ ବର୍ଷ ହୋଇଥିବାବେଳେ ସେ ଶିବସେନାରେ ସାମିଲ ହୋଇ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୦ ମସିହାରେ ସିନ୍ଦେଙ୍କ ଦୁଇ ପୁଅ ଦୀପେଶ(୧୧) ଓ ଶୁଭଦା(୭) ଏକ ହ୍ରଦରେ ବୁଡ଼ି ପ୍ରାଣ ହରାଇଥିଲେ। ସିନ୍ଦେ ରାଜନୀତିରୁ ଦୂରେଇ ଯାଇଥିବାବେଳେ ଠାଣେର ବାଲ୍ ଠାକ୍‌ରେ ରୂପେ ପରିଚିତ ଧର୍ମବୀର ଆନନ୍ଦ ଦିଘେ ତାଙ୍କ ମନୋବଳ ବଢ଼ାଇଥିଲେ।

ଦିଘେଙ୍କ ଯୋଗୁ ୧୯୯୭ରେ ସେ ଠାଣେ ମହାନଗର ନିଗମକୁ ନିର୍ବାଚିତ ହୋଇଥିଲେ। ଦିଘେଙ୍କୁ ନିଜ ରାଜନୈତିକ ଗୁରୁ ମାନି ସେ ଆଗକୁ ବଢ଼ିଥିଲେ। ଶିବସେନା-ଭାଜପା ସମ୍ପର୍କର ଦୃଢ଼ ସମର୍ଥକ ଭାବେ ଜଣାଶୁଣା ଏହି ନେତା ଠାଣେ-ପାଲଘର ଅଞ୍ଚଳରେ ଜଣେ ପ୍ରମୁଖ ବ୍ୟକ୍ତି ପାଲଟିଯାଇଥିଲେ। ଶିବସେନା ଟିକେଟରେ ୪ ଥର (୨୦୦୪ରୁ ୨୦୧୯) ବିଧାୟକ ହୋଇଥିବା ସିନ୍ଦେଙ୍କ ଏକମାତ୍ର ପୁଅ ଡାକ୍ତର ଶ୍ରୀକାନ୍ତ ସିନ୍ଦେ ୨୦୧୪ରୁ କଲ୍ୟାଣ ଲୋକ ସଭା ଆସନରୁ ପ୍ରତିନିଧିତ୍ୱ କରୁଥିବାବେଳେ ଏକନାଥ ସିନ୍ଦେ ଏମ୍‌ଭିଏ ସରକାରରେ ନଗର ଉନ୍ନୟନ ଏବଂ ପିଡବ୍ଲ୍ୟୁଡି ମନ୍ତ୍ରୀ ଥିଲେ। ୨୦୧୯ରେ ଶିବସେନା ସହ ଭାଜପାର ଅଢ଼େଇ ବର୍ଷିଆ ପାଳି ସରକାର ଗଠନ ପ୍ରସ୍ତାବ ନେଇ ଆଲୋଚନା ଚାଲିଥିବାବେଳେ ମୁଖ୍ୟମନ୍ତ୍ରୀ ଦୌଡ଼ରେ ସିନ୍ଦେ ଥିବା ଚର୍ଚ୍ଚା ହେଉଥିଲା। ଶିବସେନାରେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ପରେ ସିନ୍ଦେଙ୍କୁ ନମ୍ବର ୨ ନେତା ବୋଲି ବିବେଚନା କରାଯାଉଥିଲା।



ଏକନାଥ ସିନ୍ଦେ

## ପାପ ବଢ଼ିଲେ ସର୍ବନାଶ

### ଉଦ୍ଧବଙ୍କୁ କଙ୍ଗନାଙ୍କ କଟାକ୍ଷ



ଉଦ୍ଧବ ଠାକ୍‌ରେଙ୍କ ଇସ୍ତଫା ପରେ ପ୍ରତିକ୍ରିୟା ରଖିଛନ୍ତି ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ। କଙ୍ଗନା ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଭିଡିଓ ପୋଷ୍ଟ କରି କହିଛନ୍ତି, ପାପ ବଢ଼ିଗଲେ ସର୍ବନାଶ ହୁଏ। ଏହା ପରେ ଆଉ ଏକ ଆରମ୍ଭ। ଜୀବନରୂପୀ ପଦ୍ମ ଖେଳିଉଠେ। ୧୯୭୫ ପରେ ଭାରତର ଗଣତନ୍ତ୍ରରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା। ୧୯୭୫ରେ ରାଜନେତା ଜେ. ପି. ନାରାୟଣଙ୍କ ସିଂହାସନକୁ ଚ୍ୟାଲେଞ୍ଜ କରିଥିଲେ ଏବଂ ସିଂହାସନ ଚାଲି ଯାଇଥିଲା। ୨୦୨୦ରେ ମୁଁ କହିଥିଲି ଯେ ଗଣତନ୍ତ୍ର ଏକ ବିଶ୍ୱାସ। ଏହାକୁ ଯିଏ ଭାଙ୍ଗିବ ତାଙ୍କ ଗର୍ବ ନିଶ୍ଚିତ ଭାଙ୍ଗିଯିବ। ହନୁମାନ ଶିବଙ୍କ ଦ୍ୱାଦଶ ଅବତାର। ଯେତେବେଳେ ଶିବସେନା ହନୁମାନ ଚାଳିଶାକୁ ବ୍ୟାନ୍ କଲା, ଶିବ ମଧ୍ୟ ସେମାନଙ୍କୁ ରକ୍ଷା କରିପାରିଲେ ନାହିଁ ବୋଲି କଙ୍ଗନା ଭିଡିଓରେ କହିଛନ୍ତି। ଅଭିନେତା ସୁଶାନ୍ତ ସିଂଙ୍କ ମୃତ୍ୟୁକୁ ନେଇ ଶିବସେନା ନେତା ଓ କଙ୍ଗନାଙ୍କ ମଧ୍ୟରେ ଏକାଧିକ ଥର ବାକ୍‌ଯୁଦ୍ଧ ହୋଇଥିଲା। ଏହାକୁ ନେଇ ମୁମ୍ବାଇ ପ୍ରଶାସନ ପକ୍ଷରୁ କଙ୍ଗନାଙ୍କ ଘର ଭଙ୍ଗାଯାଇଥିଲା। ସେତେବେଳେ କଙ୍ଗନା କହିଥିଲେ, ଆଜି ମୋ ଘର ଭାଙ୍ଗିଛି, କାଲି ତୁମ ଅହଂକାର ଭାଙ୍ଗିବ।

## ଉଦ୍ଧବଙ୍କ ୩ ଭୁଲ୍



▶▶ମୁଖ୍ୟମନ୍ତ୍ରୀ ହେବା ପାଇଁ ଉଦ୍ଧବ ଠାକ୍‌ରେ ଶିବସେନାର ବିପରୀତ ବିଚାରଧାରା ଥିବା କଂଗ୍ରେସ ଏବଂ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ସହ ମେଣ୍ଟ କରିଥିଲେ। କ୍ଷମତା ଲୋଭ ପାଇଁ ସେ ଏପରି କରିଥିବା ନେଇ ତାଙ୍କୁ ନିଜ ଦଳରୁ ସମାଲୋଚିତ ହେବାକୁ ପଡ଼ିଥିଲା। ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କ ବଦଳରେ ଉଦ୍ଧବ ତାଙ୍କ ବାପା ବାଲାସାହେବ ଠାକ୍‌ରେଙ୍କ ଆଦର୍ଶରେ ଚାଲିବାର ଥିଲା ବୋଲି ରାଜନୀତିଜ୍ଞମାନେ ମତ ରଖିଛନ୍ତି।

▶▶ଉଦ୍ଧବଙ୍କ ଆଉ ଏକ ଭୁଲ ଥିଲା ତାଙ୍କ ପୁଅ ଆଦିତ୍ୟ ଠାକ୍‌ରେଙ୍କୁ କ୍ୟାବିନେଟ ମନ୍ତ୍ରୀ କରିବା। ବାଲାସାହେବ, କାଂଶୀ ରାମଙ୍କ ସର୍ବାଧିକ କ୍ଷମତା ପାଇଥିଲେ ମଧ୍ୟ ନିଜେ କେବେ ମୁଖ୍ୟମନ୍ତ୍ରୀ କିମ୍ବା ପ୍ରଧାନମନ୍ତ୍ରୀ ହେବାକୁ ଇଚ୍ଛା କରି ନ ଥିଲେ। ଆଦିତ୍ୟଙ୍କୁ କ୍ୟାବିନେଟ୍‌ରେ ସାମିଲ କରିବା ଦ୍ୱାରା ଉଦ୍ଧବ ନୈତିକତା ଦୃଷ୍ଟିରୁ ଭୁଲ ପଦକ୍ଷେପ ବୋଲି ବିବେଚନା କରାଯାଇଥିଲା। ଏହା ରାଜତନ୍ତ୍ର ଏବଂ ନେପୋଟିଜିମ୍‌କୁ ପ୍ରୋତ୍ସାହିତ କଲା ଭଳି ନିଷ୍ପତ୍ତି ବୋଲି ଅଭିଯୋଗ ଉଠିଥିଲା।

▶▶ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବଙ୍କ ତୃତୀୟ ଭୁଲ ଥିଲା ଶରଦ ପାୱାରଙ୍କୁ କିଙ୍ଗ-ମେକର ଭଳି ଧାରଣା ସୃଷ୍ଟି କରାଇବା। ୩ ପାର୍ଟି ମେଣ୍ଟ ସରକାରରେ ଶରଦ ଏକମାତ୍ର ଗଡ୍‌ଫାଦର ବନିଯାଇଥିଲେ। 'ମାତୋଶ୍ରୀ' ବଦଳରେ ଶରଦଙ୍କ ହାତରେ କ୍ଷମତା କେନ୍ଦ୍ରରହିଥିଲା। ଏପରିକି ଦିଲ୍ଲୀ ପଲିଟିକ୍ସରେ ମଧ୍ୟ ତାଙ୍କ ଦବଦବା ରହିଥିଲା। ଶିବସେନା ପ୍ରତିଷ୍ଠାତା ବାଲାସାହେବଙ୍କ ଭଳି ଉଦ୍ଧବ ଏକା ନିଷ୍ପତ୍ତି ନେବାକୁ ସକ୍ଷମ ନ ଥିବା ଚର୍ଚ୍ଚା ହେଉଥିଲା। ସେହିପରି ଅନ୍ୟ ବରିଷ୍ଠ ନେତାଙ୍କୁ ଅଣଦେଖା କରି ସଞ୍ଜୟ ରାଉତଙ୍କୁ ଶିବସେନାରେ ମାତ୍ରାଧିକ ଗୁରୁତ୍ୱ ଦିଆଯିବାକୁ ଦଳରେ ଅନେକେ ହଜମ କରିପାରୁ ନ ଥିଲେ।

## ହାଇକୋର୍ଟ ଗଲେ ଜୁବୈର

**ନୂଆଦିଲ୍ଲୀ, ୩୦।୬:** ଧର୍ମୀୟ ଭାବନାକୁ ଆଘାତ ଦେବା ଅଭିଯୋଗରେ ଗିରଫ ଅଲ୍ଟନ୍ୟୁଜ୍ ଖବରଦାତା ମହମ୍ମଦ ଜୁବୈର ପୋଲିସ ରିମାଣ୍ଡକୁ ଚ୍ୟାଲେଞ୍ଜ କରି ଗୁରୁବାର ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଦିଲ୍ଲୀର ଏକ କୋର୍ଟ ଜୁବୈରଙ୍କୁ ୪ ଦିନିଆ ରିମାଣ୍ଡରେ ନେବାକୁ ମଙ୍ଗଳବାର ପୋଲିସକୁ ଅନୁମତି ଦେଇଥିଲେ। ଏହା ପୂର୍ବରୁ ଜୁବୈରଙ୍କୁ ଦିଲ୍ଲୀ ପୋଲିସ ଦିନିକିଆ ରିମାଣ୍ଡରେ ରଖି ପଚରାଉଚରା କରିଥିଲା। ୨୦୧୮ରେ ହନୁମାନଙ୍କ ଉପରେ କରିଥିବା ଏକ ପୋଷ୍ଟକୁ କେନ୍ଦ୍ର କରି ଜୁବୈରଙ୍କୁ ସୋମବାର ଗିରଫ କରାଯାଇଥିଲା। ନାଁ ଓ ସମ୍ପ୍ରଦାୟକୁ ନେଇ ତାଙ୍କୁ ଟାର୍ଗେଟ କରାଯାଇଥିବା ଜୁବୈର ଅଭିଯୋଗ ଆଣିଛନ୍ତି। ତେବେ ଜୁବୈର କ୍ରମାଗତ ଭାବେ ସୋସିଆଲ ମିଡିଆରେ ଆପତ୍ତିଜନକ ପୋଷ୍ଟ କରି ଦୁଇ ସମୁଦାୟ ମଧ୍ୟରେ ଶତ୍ରୁଭାବେ ସୃଷ୍ଟି କରିବାକୁ ଉଦ୍ୟମ କରୁଥିବା ପୋଲିସ କହିଛି। ଏଥିସହ କିଛି ଦିନ ମଧ୍ୟରେ ତାଙ୍କ ଆକାଉଣ୍ଟକୁ ୫୦ ଲକ୍ଷ ଟଙ୍କା ଟ୍ରାଞ୍ଜାକସନ୍ ହୋଇଛି। ଜୁବୈର ତାଙ୍କ ମୋବାଇଲ ଫର୍ମାଟ କରି ପ୍ରମାଣ ନଷ୍ଟ କରିଥିବା ମଧ୍ୟ ପୋଲିସ କହିଛି।



ମହମ୍ମଦ ଜୁବୈର

## ଅଟୋରେ ଲାଗିଲା ବିଦ୍ୟୁତ୍ ତାର: ଜଳିଗଲେ ୫ ଶ୍ରମିକ

**ହାଇଦ୍ରାବାଦ, ୩୦।୬:** ଆନ୍ଧ୍ରପ୍ରଦେଶର ଅନନ୍ତପୁରରେ ଗୁରୁବାର ୧୧ କେଭି ବିଦ୍ୟୁତ୍ ତାର ଲାଗି ଏକ ଅଟୋ ଜଳିଯାଇଛି। ଏଥିରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୫ ଶ୍ରମିକ ଦଗ୍ଧ ହୋଇଯାଇଥିବାବେଳେ ଆଉ ୬ ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ଗୁରୁତର ଅଛନ୍ତି। ଅଟୋରେ ୧୧ ଶ୍ରମିକ ଯାଉଥିବାବେଳେ ହଠାତ୍ ମୁଣ୍ଡ ଉପରେ ଥିବା ବିଦ୍ୟୁତ୍ ତାର ସ୍ପାର୍କ ହୋଇଥିଲା। ପରେ ତାରଟି ଛିଣ୍ଡି ଅଟୋ ଉପରେ ପଡ଼ିଯାଇଥିଲା। ଫଳରେ ଅଟୋରେ ନିଆଁ ଲାଗି ଯାଇଥିଲା। ରାଜ୍ୟ ସରକାର ଘଟଣାରେ ଶୋକ ବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ୫ ଲକ୍ଷ ଲେଖାଏ ଏବଂ ଆହତଙ୍କ ଚିକିତ୍ସା ପାଇଁ ୨ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି।

# ଅଭିଯୁକ୍ତଙ୍କୁ ଦିଲ୍ଲୀ ଆଣିବ ଏନ୍‌ଆଇଏ

## ଉଦୟପୁର ହତ୍ୟାକାଣ୍ଡ

### କହ୍ନେୟାଙ୍କ ପରିବାରକୁ ଭେଟିଲେ ଗେହଲଟ୍

**ନୂଆଦିଲ୍ଲୀ, ୩୦।୬**

ରାଜସ୍ଥାନ ଉଦୟପୁରର ଦରଜି କହ୍ନେୟାଲାଲ ତେଲିଙ୍କ ହତ୍ୟା ଅଭିଯୁକ୍ତ ରିଆଜ୍ ଅଖତାରୀ ଏବଂ ଗୋସ୍ ମହମ୍ମଦଙ୍କୁ ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍‌ଆଇଏ) ଦିଲ୍ଲୀ ଆଣିବ। ସେଠାରେ ଅନ୍ୟ ଗୋଷ୍ଠୀ ପକ୍ଷରୁ ଅଭିଯୁକ୍ତଙ୍କ ଉପରେ ଆକ୍ରମଣ ଆଶଙ୍କା ଥିବାରୁ ଉଭୟଙ୍କୁ ଦିଲ୍ଲୀ କୋର୍ଟରେ ହାଜର କରାଯିବ ବୋଲି ଏନ୍‌ଆଇଏ ସ୍ଥିର କରିଛି। ପ୍ରଫେଟ ମହମ୍ମଦଙ୍କ ଉପରେ ମନ୍ତବ୍ୟ ଦେଇ ବିବାଦୀୟ ହୋଇଥିବା ଭାଜପା ପୂର୍ବତନ ମୁଖପାତ୍ର ନୂପୁର ଶର୍ମାଙ୍କ ସପକ୍ଷରେ ଏକ ସୋସିଆଲ ମିଡିଆ ପୋଷ୍ଟକୁ କେନ୍ଦ୍ର କରି କହ୍ନେୟାଲାଲଙ୍କୁ ହତ୍ୟା କରାଯାଇଛି। ଅଭିଯୁକ୍ତଙ୍କ ପାକିସ୍ତାନ ସହ ଲିଙ୍କ୍ ଥିବା ଏବଂ ସେମାନେ ଦାୱତ୍-ଇ-ଇସ୍‌ଲାମୀ ସଙ୍ଗଠନ ସହିତ ଯୋଗାଯୋଗରେ ଥିବା ଏନ୍‌ଆଇଏ ଜାଣିବାକୁ ପାଇଛି। ତେବେ ପାକିସ୍ତାନ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ପାକିସ୍ତାନକୁ ଦୋଷ ଦେଇ ଭାଜପା ସରକାର ନିଜ ଆଭ୍ୟନ୍ତରୀଣ ସମସ୍ୟାରୁ ମୁକୁଳିବାକୁ ଚେଷ୍ଟା କରୁଥିବା ପାକ୍ ବହିର୍ବ୍ୟାପାର କାର୍ଯ୍ୟାଳୟ ମୁଖପାତ୍ର ଅସିମ୍ ଇଫ୍‌ତିଖର ଅହମଦ୍ କହିଛନ୍ତି।

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଗୁରୁବାର କହ୍ନେୟାଲାଲଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ୫୦ ଲକ୍ଷ ଟଙ୍କାର ଚେକ୍ ଅନୁକମ୍ପା ମୂଳକ ରାଶି ଭାବେ ପ୍ରଦାନ କରିଛନ୍ତି। ଏନ୍‌ଆଇଏ ଖୁବ୍‌ଶୀଘ୍ର ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବ ବୋଲି ଆଶା ଥିବା ଗେହଲଟ୍ କହିଛନ୍ତି। ହତ୍ୟାକାରୀଙ୍କୁ ଫାଶୀଦଣ୍ଡ ଦେବା ପାଇଁ କହ୍ନେୟାଲାଲଙ୍କ ପରିବାର ଗେହଲଟ୍‌ଙ୍କୁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଗୁରୁବାର ଉଦୟପୁରରେ ବହୁସଂଖ୍ୟାରେ ଲୋକ ଶୋଭାଯାତ୍ରାରେ ବାହାରି କହ୍ନେୟାଲାଲଙ୍କ ହତ୍ୟାକାରୀଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରିଛନ୍ତି।





ହତ୍ୟାର ଶିକାର ହୋଇଥିବା କହ୍ନେୟାଲାଲ ତେଲିଙ୍କ ପରିବାର ଲୋକଙ୍କୁ ଭେଟୁଛନ୍ତି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ।

# ଭୂସ୍ଖଳନରେ ୧୪ ମୃତ, ୫୦ ନିଖୋଜ



ଭୂସ୍ଖଳନ ହୋଇଥିବା ସ୍ଥାନରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

**ଗୁଆହାଟୀ, ୩୦।୬:** ମଣିପୁରର ନୋନି ଜିଲା ତୁପୁଲ ରେଲୱେ ନିର୍ମାଣ କ୍ୟାମ୍ପରେ ବୁଧବାର ବିଳମ୍ବିତ ରାତିରେ ବଡ଼ ଧରଣର ଭୂସ୍ଖଳନ ହୋଇଛି। ଏଥିରେ ୧୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ନିଖୋଜ ଅଛନ୍ତି। ସେମାନେ ରେଲୱେ ନିର୍ମାଣ ସ୍ଥଳୀରେ ମୁତୟନ ହୋଇଥିଲେ। ଆଉ ୧୩ ଜଣ ଆହତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମୁଖ୍ୟମନ୍ତ୍ରୀ ବୀରେନ୍ ସିଂଙ୍କ ସହ କଥା ହୋଇ ଏ ବାବଦରେ ଅବଗତ ହେବା ସହ ସମସ୍ତ ପ୍ରକାର ସହାୟତା ପାଇଁ ଆଶ୍ୱାସନା ଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଏକ ଜରୁରିକାଳୀନ ସମୀକ୍ଷା ବୈଠକ କରିଛନ୍ତି।

ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ପକ୍ଷରୁ ସେଠାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଅନେକେ ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା ରହିଛି। ଭୂସ୍ଖଳନ ଯୋଗୁ ଇଜେଇ ନଦୀପ୍ରବାହ ପଥ ବାଧାପ୍ରାପ୍ତ ହୋଇ ଏକ ଘାଇ ସୃଷ୍ଟି ହୋଇଛି। ଆବର୍ଜନା ହଟାଯିବା ପରେ ତାହା ବନ୍ୟା ସ୍ଥିତି ଉପୁଜିବା ଆଶଙ୍କା ରହିଛି। ଭୂସ୍ଖଳନ କିମ୍ବା ନଦୀ ନିକଟବର୍ତ୍ତୀ ସ୍ଥାନକୁ ନ ଯିବା ସହ ଜାତୀୟ ରାଜପଥ-୩୭ ଦେଇ ଯାତାୟାତ ନ କରିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି।

**ସେନ୍‌ସେକ୍ସ, ନିଫ୍ଟିରେ ହ୍ରାସ**

**ମୁମ୍ବାଇ:** ପୂର୍ବଦିନ ଭଳି ସପ୍ତାହର ୪ର୍ଥ କାରବାର ଦିବସ ଅର୍ଥାତ୍ ଗୁରୁବାର ଭାରତୀୟ ପୁଞ୍ଜିବଜାରରେ ହ୍ରାସ ଜାରି ରହିଛି। ସେନ୍‌ସେକ୍ସରେ ୮(୦.୦୧୫%) ଏବଂ ନିଫ୍ଟିରେ ୧୯ (୦.୧୨%) ପଏଣ୍ଟ ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ୫୩,୦୧୯ ଏବଂ ନିଫ୍ଟି ୧୫,୭୮୦ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଗୁରୁବାରର ଟପ୍ ଗେନର୍ସ ତାଲିକାରେ ଆଦାନୀ ଟ୍ରାନ୍ସମିଶନ, ଇଣ୍ଡସ୍ ଟାୱାର୍ସ, ଏଚ୍‌ଡିଏଫ୍‌ସି ଆସେଟ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ, ୟୁନାଇଟେଡ୍ ସ୍ପିରିଟ୍ସ ରହିଥିବା ବେଳେ ଟପ୍ ଲୁଜର୍ସ ତାଲିକାରେ ଜମାଟୋ, ପେଟିଏମ୍, ବଜାଜ ଅଟୋ, ବେଦାନ୍ତ, ବ୍ୟାଙ୍କ ଅଫ୍ ବରୋଦା, ସିପ୍‌ଲା ରହିଛନ୍ତି।

# ବୃଦ୍ଧି ପାଉଛି କୋର୍ ସେକ୍ଟର

## ୮ କୋର୍ ଇଣ୍ଡଷ୍ଟ୍ରିର ଅଭିବୃଦ୍ଧି ୯.୩%ରୁ ବଢ଼ି ୧୮.୧% ହୋଇଛି

**ନୂଆଦିଲ୍ଲୀ,୩୦।୬**



ଦେଶର ୮ଟି କୋର୍ ସେକ୍ଟର ଇଣ୍ଡଷ୍ଟ୍ରିର ବୃଦ୍ଧି ସମ୍ପର୍କିତ ତଥ୍ୟ ଜାରି କରିଛନ୍ତି କେନ୍ଦ୍ର ସରକାର। ସରକାରୀ ତଥ୍ୟ ଅନୁସାରେ, କୋର୍ ଇଣ୍ଡଷ୍ଟ୍ରିରେ ଅଭିବୃଦ୍ଧି ୯.୩% ରୁ ବୃଦ୍ଧି ଘଟି ୧୮.୧%ରେ ପହଞ୍ଚିଛି। ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟର ସୂଚନା ଅନୁସାରେ ସିମେଣ୍ଟ, କୋଇଲା, ସାର ଏବଂ ବିଦ୍ୟୁତ୍ ଉଦ୍ୟୋଗଗୁଡ଼ିକ ଭଳି ବିଭିନ୍ନ କୋର୍ ସେକ୍ଟରର ଉତ୍ପାଦନ ୨୦୨୧ ମେ' ଅନୁସାରେ ଗତ ମେ'ରେ ଆଖିଦୃଶିଆ ବୃଦ୍ଧି ହାସଲ କରିଛି। କୋଇଲା ଉତ୍ପାଦନରେ ମାସିକ ଆଧାରରେ ବୃଦ୍ଧି ଘଟି ୨୫.୧% ହୋଇଛି। ତେବେ ବାର୍ଷିକ ଆଧାରରେ ଏପ୍ରିଲ-ମେ'ରେ କୋର୍ ଇଣ୍ଡଷ୍ଟ୍ରିଜ୍ ଅଭିବୃଦ୍ଧିରେ ହ୍ରାସ ଘଟି ୧୩.୬%ରେ ପହଞ୍ଚିଛି। ଭିନ୍ନଭିନ୍ନ ସେକ୍ଟରର ସରକାରୀ ତଥ୍ୟ ଉପରେ ନଜର ପକାଇଲେ କୋଇଲା ଉତ୍ପାଦନରେ ବୃଦ୍ଧି ହୋଇଛି। ତେବେ ମାସିକ ଆଧାରରେ କୋଇଲା ଉତ୍ପାଦନରେ ମଧ୍ୟ ୨୫.୧% ବୃଦ୍ଧି ଘଟିଛି। ଏହାଛଡ଼ା ଅଶୋଧିତ ତୈଳ ଉତ୍ପାଦନରେ ମଧ୍ୟ ବୃଦ୍ଧି ନଜରକୁ ଆସିଛି। ମାସିକ ଆଧାରରେ ଅଶୋଧିତ ତୈଳ ଉତ୍ପାଦନରେ ୦.୯%ରୁ ବୃଦ୍ଧି ଘଟି ୪.୬%ରେ ପହଞ୍ଚିଛି। ତଥ୍ୟ ଅନୁସାରେ ରିଫାଇନେରି ପ୍ରଡକ୍ଟ୍‌ସ ଏବଂ ନ୍ୟାଚୁରାଲ୍ ଗ୍ୟାସ୍ ଉତ୍ପାଦନରେ ବୃଦ୍ଧି ହୋଇଛି। ମାସିକ ଆଧାରରେ ରିଫାଇନେରି ପ୍ରଡକ୍ଟ୍‌ସ ୯.୨%ରୁ ବୃଦ୍ଧି ଘଟି ୧୬.୭%ରେ ପହଞ୍ଚିଛି। ଏହାଛଡ଼ା ନ୍ୟାଚୁରାଲ ଗ୍ୟାସ୍ ଉତ୍ପାଦନ ୬.୪%ରୁ ବୃଦ୍ଧି ହୋଇ ୭% ହୋଇଛି। ଚଳିତ ଥର ଷ୍ଟିଲ୍ ଉତ୍ପାଦନ ମାସିକ ଆଧାରରେ ୨.୨%ରୁ ବୃଦ୍ଧି ଘଟି ୧୫%ରେ ପହଞ୍ଚିଥିବା ବେଳେ ସାର ଉତ୍ପାଦନରେ ପ୍ରାୟ ୩ଗୁଣା ବୃଦ୍ଧି ଦେଖିବାକୁ ମିଳିଛି। ଚଳିତ ଥର ମାସିକ ଆଧାରରେ ସାର ଉତ୍ପାଦନରେ ୮.୭%ରୁ ବୃଦ୍ଧି ଘଟି ୨୨.୮%ରେ ପହଞ୍ଚିଛି। ଏଥିସହିତ ସିମେଣ୍ଟ ଉତ୍ପାଦନରେ ପ୍ରାୟ ୪ ଗୁଣା ବୃଦ୍ଧି ହୋଇଛି। ଫଳରେ ସିମେଣ୍ଟ ଉତ୍ପାଦନ ୭.୪% ରୁ ବଢ଼ି ୨୬.୩%ରେ ପହଞ୍ଚିଛି। ଏହାଛଡ଼ା ଇଲେକ୍ଟ୍ରିସିଟି ଉତ୍ପାଦନରେ ମଧ୍ୟ ଦୁଇଗୁଣା ବୃଦ୍ଧି ସହିତ ୧୧.୮%ରୁ ବୃଦ୍ଧି ହୋଇ ୨୨%ରେ ପହଞ୍ଚିଛି।

## ମାରୁତି ସୁଜୁକିର ନୂଆ ବ୍ରିଜା




**ନୂଆଦିଲ୍ଲୀ,୩୦।୬**

ଦେଶର ସର୍ବବୃହତ୍ କାର୍ ନିର୍ମାଣକାରୀ କମ୍ପାନୀ ମାରୁତି ସୁଜୁକି ପକ୍ଷରୁ ଗୁରୁବାର ଏହାର ନୂତନ ମଡେଲ୍ ଏସ୍‌ୟୁଭି ବ୍ରିଜାର ଶୁଭାରମ୍ଭ କରାଯାଇଛି। ଏହାର ଦର ୭.୯୯ ଲକ୍ଷ ଟଙ୍କା(ଏକ୍ସ-ଶୋରୁମ୍)ରୁ ଆରମ୍ଭ ହେଉଛି। ୨ୟ ଜେନେରେଶନର ଏହି ବ୍ରିଜା ମାନୁଆଲ୍ ଏବଂ ଅଟୋମେଟିକ୍ ଟ୍ରାନ୍ସମିଶନ ବିକଳ୍ପରେ ଉପଲବ୍ଧ ହେବ। ଏହାର ଦର ୭.୯୯ ଲକ୍ଷରୁ ୧୩.୯୬ ଲକ୍ଷ ମଧ୍ୟରେ ରହିବ। ବର୍ତ୍ତମାନର ମଡେଲ ତୁଳନାରେ ନୂତନ ବ୍ରିଜାରେ କସ୍ମେଟିକ୍, ମେକାନିକାଲ୍ ୨ପ୍ରକାରରେ ପରିବର୍ତ୍ତନ ଦେଖାଦେବ। ନୂତନ ବ୍ରିଜାରେ ସ୍ମାର୍ଟ ହାଇବ୍ରିଡ୍ ଟେକ୍ନୋଲୋଜିର ବ୍ୟବହାର କରାଯିବ। ମାଇଲେଜ ମାମଲାରେ ଏହା ଏକ ଲିଟର ତେଲରେ ୨୦.୧୫ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା କରିବ। ଏହି ମଡେଲ ମାନୁଆଲ୍ ଏବଂ ସିକ୍ସ ସ୍ପିଡ୍ ଅଟୋମେଟିକ୍ ଟ୍ରାନ୍ସମିଶନ ଦୁଇଟି ବିକଳ୍ପରେ ଉପଲବ୍ଧ। ଇଲେକ୍ଟ୍ରୋନିକ୍ ସନ୍‌ରୁଫ୍, ହେଡ୍ ଅପ୍ ଡିସ୍‌ପ୍ଲେ, ଡିଜିଟାଲ୍ ୩୬୦ ଡିଗ୍ରୀ କ୍ୟାମେରା ସହିତ ୨୦ରୁ ଊର୍ଦ୍ଧ୍ୱ ସେଫ୍‌ଟି ଫିଚର୍ସ ରହିଛି।

## ସଂକ୍ଷେପରେ

### ୟାମି ଗୌତମ ଡଲାର ମିସିର ବ୍ରାଣ୍ଡ ଆମ୍ବାସାଡର

**ଭୁବନେଶ୍ୱର,୩୦।୬:** ଭାରତର ଅଗ୍ରଣୀ ହୋସେରି ବ୍ରାଣ୍ଡ ଡଲାର ଇଣ୍ଡଷ୍ଟ୍ରିଜ, ବଲିଉଡ୍ ଅଭିନେତ୍ରୀ ୟାମି ଗୌତମଙ୍କୁ ହୋସେରି ବ୍ରାଣ୍ଡ ଡଲାର ଇଣ୍ଡଷ୍ଟ୍ରିଜର ପ୍ରିମିୟମ ଏବଂ ଫେଶନେବଲ ମହିଳା ପୋଷାକ ବ୍ରାଣ୍ଡ ଲେଗୱେର ଏବଂ ବେସିକ୍ ଇନର ଡଲାର ମିସି ପାଇଁ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ଏ ସମ୍ପର୍କରେ ଡଲାର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର ଗୁପ୍ତା କହିଛନ୍ତି, ଆମେ ୨୦୧୪ରେ ଡଲାର ମିସିର ଶୁଭାରମ୍ଭ କରିଥିଲୁ। ସେବେଠାରୁ ଏହା ଏକ ବିକଶିତ ବ୍ରାଣ୍ଡରେ ପରିଣତ ହୋଇଛି। ଆମେ ଏକ ଚେହେରା ଖୋଜୁଥିଲୁ ଯାହା ବ୍ରାଣ୍ଡ ଇମେଜକୁ ଠିକ୍ ଭାବେ ବହନ କରିପାରିବ। ବଲିଉଡ୍ ଡିଭା, ୟାମି ଗୌତମଙ୍କୁ ଭେଟି ଆମେ ତାଙ୍କୁ ବ୍ରାଣ୍ଡ ପାଇଁ ସର୍ବୋତ୍ତମ ହେବାର ଆକଳନ କରିଛୁ। ଆମେ ସବୁବେଳେ ନବୀକରଣକୁ ପ୍ରାଧାନ୍ୟ ପ୍ରଦାନ ଦେଇଥାଉ। ନୂତନ ଡଲାର ମିସି ବିଜ୍ଞାପନ ଅଭିଯାନ ଫେଶନ କ୍ୱିଟେଣ୍ଟ ଉପରେ ନିର୍ମିତ ଏବଂ ପ୍ରତ୍ୟେକ ମହିଳାଙ୍କ ଆଲମାରୀରେ ଡଲାରର ଲେଗ୍‌ୱେର ପରିସରକୁ ପ୍ରଦର୍ଶିତ କରୁଛି ଏବଂ ୟାମି ଗୌତମଙ୍କୁ ଶୋ-ଷ୍ଟପର ଭାବରେ ଅନ୍ତର୍ଭୁକ୍ତ କରିଛି।

### 'କ୍ରିପ୍ଟୋକରେନ୍ସି ଅର୍ଥନୀତି ପାଇଁ ବିପଦ'

**ନୂଆଦିଲ୍ଲୀ,୩୦।୬:** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କ୍ରିପ୍ଟୋକରେନ୍ସିକୁ ଦେଶର ଅର୍ଥନୀତି ପାଇଁ ଏକ ବିପଦ ଭାବରେ ଅଭିହିତ କରିବା ସହ ଗୁରୁବାର କହିଛନ୍ତି, କୌଣସି ଅନ୍ତର୍ନିହିତ ମୂଲ୍ୟ ବିନା କେବଳ କାଳ୍ପନିକ ଦର ଥିବା କୌଣସି ଜିନିଷକୁ କେବଳ କଳ୍ପନା କରାଯାଇପାରେ। ସରକାର ବିଭିନ୍ନ ହିତାଧିକାରୀ ଏବଂ ସଂସ୍ଥାନଠାରୁ ବିଭିନ୍ନ ତଥ୍ୟ ଏକତ୍ର କରିବା ପରେ କ୍ରିପ୍ଟୋକରେନ୍ସିକୁ ଉପରେ ଏକ ପରାମର୍ଶପତ୍ରକୁ ଅନ୍ତିମ ରୂପ ଦେବା ପ୍ରକ୍ରିୟାରେ ରହିଛନ୍ତି। ଦାସ ବିତ୍ତୀୟ ସ୍ଥିରତା ରିପୋର୍ଟ (ଏଫ୍‌ଏସ୍‌ଆର୍)ର ୨୫ତମ ଅଙ୍କର ପ୍ରସ୍ତାବନାରେ କହିଛନ୍ତି, ଯେଉଁଭଳି ଭାବରେ ବିତ୍ତୀୟ ପ୍ରଣାଳୀର ଡିଜିଟାଲାଇଜେସନ ହେଉଛି, ସାଇବର ମାମଲା ବୃଦ୍ଧି ପାଉଛି। ତେଣୁ ଏ ଦିଗରେ ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି।

## ଖିମ୍‌ଜୀ ଜୁଏଲର୍ସରେ ରଥଯାତ୍ରା ସ୍ୱତନ୍ତ୍ର ରୁପା ମୁଦ୍ରା

**ଭୁବନେଶ୍ୱର,୩୦।୬**




ପବିତ୍ର ରଥଯାତ୍ରାକୁ ସ୍ମରଣୀୟ କରିବା ପାଇଁ ଓଡ଼ିଶାର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସରେ ଏକ ସ୍ୱତନ୍ତ୍ର ଶ୍ରୀଜଗନ୍ନାଥଙ୍କ ଶୁଦ୍ଧ ରୁପା ମୁଦ୍ରାର ସୀମିତ ସଂଗ୍ରହ ଶୁଭାରମ୍ଭ ହୋଇଯାଇଛି। ୨୦ଗ୍ରାମ ବିଶିଷ୍ଟ ଏହି ରୁପା ମୁଦ୍ରାଗୁଡ଼ିକରେ ଗୋଟିଏ ପାର୍ଶ୍ୱରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ଚିତ୍ର ରହିଥିବା ବେଳେ ଅନ୍ୟ ପାର୍ଶ୍ୱରେ ଶ୍ରୀମନ୍ଦିରର ଚିତ୍ର ରହିଛି। ଖିମ୍‌ଜୀର ସମସ୍ତ ଷ୍ଟୋରରେ ଏହା ଉପଲବ୍ଧ ରହିଛି। ଏ ସମ୍ପର୍କରେ ଖିମଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ରଥଯାତ୍ରା କେବଳ ଏକ ପର୍ବ ନୁହେଁ ବରଂ ପ୍ରତ୍ୟେକ ଭକ୍ତଙ୍କ ପାଇଁ ଏକ ଅବିଚ୍ଛେଦ୍ୟ ଭାବନା। ଆମେ ଚାହୁଁ ଯେ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ସ୍ୱତନ୍ତ୍ର ଶୁଦ୍ଧ ରୁପା ମୁଦ୍ରା ରଥଯାତ୍ରାର ଉତ୍ସାହ ଏବଂ ଶ୍ରୀଜଗନ୍ନାଥଙ୍କ ପ୍ରତି ରହିଥିବା ଶ୍ରଦ୍ଧାର ଏକ ସ୍ମରଣୀୟ ସଂଗ୍ରହ ଭାବେ ରହିଯାଉ। ଏହା ସହ ଖିମ୍‌ଜୀ ଜୁଏଲର୍ସର 'ବୈକୁଣ୍ଠ ସଂଗ୍ରହ'ରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ୧୨ଟି ଅନନ୍ତ ରୂପକୁ ଶୁଦ୍ଧ ସୁନା ପେଣ୍ଡେଣ୍ଟରେ ଚିତ୍ରଣ କରାଯାଇଛି, ଯାହାକି ପ୍ରଭୁଙ୍କ ଭକ୍ତମାନେ ନିଜ ହୃଦୟ ନିକଟରେ ରଖିପାରିବେ। ଉଲେଖଯୋଗ୍ୟ ଯେ, ଖିମ୍‌ଜୀ ଜୁଏଲର୍ସ ବର୍ଷ ବର୍ଷ ଧରି ମହାପ୍ରଭୁଙ୍କ ସେବା କରିଆସୁଛି। ଗତ ବର୍ଷ ଖିମ୍‌ଜୀ ଜୁଏଲର୍ସ ପ୍ରଭୁ ଶ୍ରୀଜଗନ୍ନାଥ,ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ପୁରୁଣା ଅଳଙ୍କାରର ନବୀକରଣ ଦାୟିତ୍ୱ ପାଇଥିଲା।

## ମେ'ରେ ବଢ଼ିଲା ବିତ୍ତୀୟ ନିଅଣ୍ଟ

**ନୂଆଦିଲ୍ଲୀ,୩୦।୬:** କେନ୍ଦ୍ର ସରକାରଙ୍କ ରାଜକୋଷୀୟ ନିଅଣ୍ଟ ମେ' ମାସ ଶେଷ ସୁଦ୍ଧା ଆର୍ଥିକ ବର୍ଷ ୨୦୨୨-୨୩ର ବାର୍ଷିକ ବଜେଟ ଲକ୍ଷ୍ୟର ୧୨.୩% ରହିଛି। ଅଧିକ ଖର୍ଚ୍ଚ କାରଣରୁ ମେ' ମାସ ପାଇଁ ବିତ୍ତୀୟ ନିଅଣ୍ଟ ବଢ଼ିଛି। ସରକାରଙ୍କ ପକ୍ଷରୁ ଗୁରୁବାର ଜାରି ତଥ୍ୟ ଅନୁସାରେ ଏହି ସୂଚନା ମିଳିଛି। ସୂଚନାଯୋଗ୍ୟ, ଆର୍ଥିକ ବର୍ଷ ୨୦୨୧-୨୨ ସମାନ ଅବଧି ପାଇଁ ରାଜକୋଷୀୟ ନିଅଣ୍ଟ ବାର୍ଷିକ ବଜେଟ ଅନୁମାନ ୮.୨% ରହିଛି। କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟାଣ୍ଟସ୍ (ସିଏଜି) ତଥ୍ୟ ଅନୁସାରେ, ବାସ୍ତବିକ ଆଧାରରେ ମେ' ଶେଷ ସୁଦ୍ଧା ରାଜକୋଷୀୟ ନିଅଣ୍ଟ ୨,୦୩,୯୨୧ କୋଟି ଟଙ୍କା ରହିଛି। ଚଳିତ ଆର୍ଥିକ ବର୍ଷରେ ଦେଶର ରାଜକୋଷୀୟ ନିଅଣ୍ଟ ଜିଡିପିର ୬.୪% ରହିବା ନେଇ ଆଶା କରାଯାଉଛି। ଗତ ଆର୍ଥିକ ବର୍ଷରେ ଏହା ୬.୭୧% ରହିଥିଲା।

## ଏଚ୍‌ସିସିବିର ମେଗା ଆବର୍ଜନା ପରିଚାଳନା ଅଭିଯାନ

**ଭୁବନେଶ୍ୱର,୩୦।୬**

ଦେଶର ପ୍ରମୁଖ ଏଫ୍‌ଏମ୍‌ସିଜି କମ୍ପାନୀ ହିନ୍ଦୁସ୍ଥାନ କୋକାକୋଲା ମୃଦ୍ୟୁ ପାନୀୟ (ଏଚ୍‌ସିସିବି) ପକ୍ଷରୁ ପୁରୀ ରଥଯାତ୍ରା ଅବସରରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା ଅଭିଯାନ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ବର୍ଜ୍ୟବସ୍ତୁ ନିଷ୍କାସନ ପ୍ରତି ସଚେତନତା ସୃଷ୍ଟି କରିବ। ଚଳିତ ବର୍ଷର ରଥଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବା ଆଶା କରାଯାଉଛି। ଏହି ମହୋତ୍ସବରେ ଏଚ୍‌ସିସିବି ଏହାର ଅଂଶୀଦାରମାନଙ୍କ ସହ ପ୍ରାୟ ୧୦ମେଟ୍ରିକ ଟନ୍ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛି। ବର୍ଜ୍ୟବସ୍ତୁ ମୁକ୍ତ ସହ ଏଚ୍‌ସିସିବି ୪ଟି ହେଲ୍ପଡେସ୍କ ଏବଂ ୪୦ଟି ଆବର୍ଜନା ସଂଗ୍ରହ ପାତ୍ର ରଥଯାତ୍ରା ମାର୍ଗରେ ଏବଂ ସହରର ଅନ୍ୟାନ୍ୟ ସ୍ଥାନରେ ସ୍ଥାପନ କରିବ। ଏହା ଭକ୍ତମାନଙ୍କୁ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁକୁ ଦାୟିତ୍ୱବୋଧ ଭାବରେ ଉପଯୁକ୍ତ ସ୍ଥାନରେ ପକାଇବାରେ ସାହାଯ୍ୟ କରିବ। ହେଲ୍ପ ଡେସ୍କ ଏବଂ କଲେକ୍ସନ ବିନ ବଡ଼ଦାଣ୍ଡର ପ୍ରବେଶ ପଥରେ, ମେରାଇନ ଡ୍ରାଇଭ, ପୁରୀ ବସ୍‌ଷ୍ଟାଣ୍ଡ ଏବଂ ରେଳଷ୍ଟେଶନ, ଜଗନ୍ନାଥ ମନ୍ଦିର ଏବଂ ଶ୍ରୀଗୁଣ୍ଡିଚା ମନ୍ଦିର ରଥଯାତ୍ରା ପରିସରରେ ଥିବା ବଡ଼ଦାଣ୍ଡ ମାର୍ଗ ଏବଂ ଧର୍ମଶାଳାରେ ରଖାଯିବ। ସ୍ୱେଚ୍ଛାସେବୀମାନେ ଥିଏଟର ଗ୍ରୁପ୍‌ର ମିଳିତ ସହଯୋଗରେ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ନାଟକ ଉପସ୍ଥାପନ କରିବେ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ବାର୍ତ୍ତାକୁ ପ୍ରୋତ୍ସାହିତ କରିବେ। ତୃଣମୂଳ ସ୍ତରରେ ପରିବେଶ ସଚେତନତା ସୃଷ୍ଟି କରିବା ପାଇଁ ଏହି ଟିମ୍ ସ୍ଥାନୀୟ ବିକ୍ରେତା, ପୌରପାଳିକା କର୍ମଚାରୀ ଏବଂ ନାଗରିକମାନଙ୍କୁ ସଫେଇ ସାଥୀ ଭାବରେ ନିଯୁକ୍ତ କରାଯିବ। ଏ ସମ୍ପର୍କରେ ମୁଖ୍ୟ ଜନସମ୍ପର୍କ ଏବଂ ଯୋଗାଯୋଗ ଅଧିକାରୀ କମଲେଶ କୁମାର ଶର୍ମା କହିଥିଲେ, ଆମେ ମଧ୍ୟ ରଥଯାତ୍ରାରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ମୁକ୍ତ ଅଭିଯାନରେ ଯୋଗଦାନ କରିବାର ସୁଯୋଗ ପାଇଛୁ।

## ପଶ୍ଚିମ ଓଡ଼ିଶା

### ଗୁଳି ସହ ବନ୍ଧୁକ ଜବତ, ଅଭିଯୁକ୍ତ ଗିରଫ

**ଝାରସୁଗୁଡ଼ା ଅଫିସ,୩୦।୬:** ଝାରସୁଗୁଡ଼ା ଟାଉନ ଥାନା ପୋଲିସ ୬ରାଉଣ୍ଡ ଗୁଳି ସହ ଏକ ୯ ଏମ୍‌ଏମ୍ ଦେଶୀ ବନ୍ଧୁକ ଜବତ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବଡମାଲ ଥାନା ବରିଆଡିହି ଗ୍ରାମର ପ୍ରଳୟ କିଷାନ(୨୧)। ତାଙ୍କଠାରୁ ପୋଲିସ୍ ଏକ ବାଇକ୍ ଜବତ କରିଛି। ଏ ନେଇ ପୋଲିସ୍ ଏକ ମାମଲା (ନଂ୩୬୬/୨୨) ରୁଜୁକରି ତଦନ୍ତ ଚଳାଇଛି। ପ୍ରଳୟ ବନ୍ଧୁକ ଧରି ବାଇକ୍‌ରେ ଝାରସୁଗୁଡ଼ା ଆସୁଥିବା ସୂଚନା ପାଇ ପୋଲିସ୍ ତାଙ୍କୁ କାବୁ କରିଥିଲା ବୋଲି ଆଇଆଇସି ସାବିତ୍ରୀ ବଳ କହିଛନ୍ତି।

### ଟେବୁଲ ଟେନିସ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ସୁନ୍ଦରଗଡ଼,୩୦।୬(ଡି.ଏନ.ଏ.):** ଏନଟିପିସି ଦର୍ଲିପାଲିଠାରେ ପୂର୍ବାଞ୍ଚଳ-୨ ଆନ୍ତ ଆଞ୍ଚଳିକ କ୍ରୀଡା-୨୦୨୨ବୁଧବାର ଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଏନ୍‌ଟିପିସି ଦର୍ଲିପାଲି ଉତ୍କର୍ଷ ଭବନଠାରେ ଆୟୋଜିତ ତ୍ରିଦିବସୀୟ ଟେବୁଲ ଟେନିସ ଟୁର୍ନାମେଣ୍ଟକୁ ପ୍ରକଳ୍ପମୁଖ୍ୟ ଏ.କେ ଟଣ୍ଡନ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ଏନଟିପିସି ଦର୍ଲିପାଲି ଏବଂ ଏନଟିପିସି କରନପୁରା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ନର୍ଥ କରନପୁରା ଦଳ ୪-୦ରେ ପରାଜିତ ହୋଇଛି। ଏଥରେ ମୋଟ ୫ଟି ଦଳ ଭାଗ ନେଇଛନ୍ତି।

### କଲେଜ ପ୍ରାଧ୍ୟାପକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଝାରସୁଗୁଡ଼ା ଅଫିସ,୩୦।୬:** ଝାରସୁଗୁଡା ଲକ୍ଷ୍ମୀ ନାରାୟଣ କଲେଜ ପରିସରରେ ଗୁରୁବାର ଉଦ୍ଭିଦବିଜ୍ଞାନ ପ୍ରାଧ୍ୟାପକ ଦୁର୍ଗା ପ୍ରସାଦ ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ପ୍ରାଧ୍ୟାପକ ସରୋଜ କୁଅଁର, ନରସିଂହ ପାଣିଗ୍ରାହୀ, ସ୍ୱର୍ଣ୍ଣମୟୀ ପୁରୋହିତ, ଅଖିଳ ସିଂହ, ଝସ କୁମାର ଖମାରୀ, ତପନ କୁମାର ବାରିକ, ସ୍ନେହଲତା ମିଶ୍ର, ଲାଲଧାରୀ ସିଂହ ଯୋଗଦେଇ ପ୍ରାଧ୍ୟାପକ ସାହୁଙ୍କ ବିଷୟରେ ଆଲୋଚନା କରିଥିଲେ। ସୁନ୍ଦରଗଡ ଜିଲାର ଭେଷଜ ପଟେଲ କଲେଜରେ ୧୯୮୯ରେ ଚାକିରି ଆରମ୍ଭକରି ୨୦୦୩ରେ ଏଲ୍‌ଏନ୍ କଲେଜକୁ ବଦଳି ହୋଇ ଆସିଥିଲେ।

## ପରିଚାଳନା କମିଟି ପ୍ରଶାସନର ଦ୍ୱାରସ୍ଥ

**ସମ୍ବଲପୁର,୩୦।୬(ବ୍ୟୁରୋ)**

**ଶିକ୍ଷୟିତ୍ରୀଙ୍କୁ ବଦଳି ଦାବି**

ସମ୍ବଲପୁର ମହାନଗର ନିଗମ କାଇଁଶିର ହାଇସ୍କୁଲର ଜଣେ ଶିକ୍ଷୟିତ୍ରୀଙ୍କ ବଦଳି ଦାବିକରି ଗୁରୁବାର ପରିଚାଳନା କମିଟି ଓ ଆଲୁମ୍‌ନି ସଂଘ କର୍ମକର୍ତ୍ତା ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ସମ୍ପୃକ୍ତ ଶିକ୍ଷୟିତ୍ରୀ ଅଧିକାଂଶ ସମୟରେ ସ୍କୁଲରେ ଅନୁପସ୍ଥିତ ରହୁଛନ୍ତି। କିଛିଦିନ ପୂର୍ବରୁ ଜଣେ ଛାତ୍ର ଆତ୍ମହତ୍ୟା କରିଥିଲେ। ଏହି ଘଟଣାରେ ଶିକ୍ଷୟିତ୍ରୀ ଜଣକ ସ୍କୁଲକୁ ବଦନାମ କରିବା ଭଳି ମନ୍ତବ୍ୟ ଦେଇଛନ୍ତି। ଅନ୍ୟ କର୍ମଚାରୀ ଓ ପରିଚାଳନା କମିଟି କର୍ମକର୍ତ୍ତାଙ୍କ ସହିତ ଦୁର୍ବ୍ୟବହାର କରୁଥିବା ଦର୍ଶାଇଛନ୍ତି। ଶିକ୍ଷୟିତ୍ରୀଙ୍କ ମୂଳ ପୋଷ୍ଟିଂ ଅନ୍ୟ ଏକ ହାଇସ୍କୁଲରେ ରହିଛି। ତେଣୁ ତୁରନ୍ତ ତାଙ୍କୁ ଉକ୍ତ ସ୍କୁଲକୁ ଅପସାରଣ କରାଯାଉ। କାଇଁଶିର ସ୍କୁଲରେ ଶାନ୍ତି ବଜାୟ ରହିବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଦାବି କରିଥିଲେ। ପରିଚାଳନା କମିଟି ସଭାପତି ସୁଜିତ କୁମାର ବଢାଇ, ଜାମିନି କୁମାର ବଢେଇ, ବିରେନ୍ଦ୍ର କୁମାର ପ୍ରଧାନ, ରୁଦ୍ରପାତ୍ର ସାହୁ, ରମଝମ ପ୍ରଧାନ, ସ୍ୱପ୍ନା ସାହୁ, ଶୋଭାଗିନୀ ବାଗ, ସନ୍ତୋଷିନୀ ବାଗଙ୍କ ସମେତ ଶତାଧିକ ଗ୍ରାମାବାସୀଙ୍କ ସ୍ୱାକ୍ଷର ରହିଛି।



ଜିଲାପାଳଙ୍କ ଅଫିସ ସମ୍ମୁଖରେ ପୁରାତନ ଛାତ୍ର, ପରିଚାଳନା କମିଟି ସଦସ୍ୟ ।

## ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ



ବୈଠକରେ ଯୋଗଦେଇଥିବା ଅତିଥିମାନେ।

**କୁଚିଣ୍ଡା,୩୦।୬(ଡି.ଏନ.ଏ.)**

ବାମରା ପଞ୍ଚାୟତ ସମିତି ସଭାଗୃହରେ ବୁଧବାର ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମିନତୀ ମିଶ୍ରଙ୍କ ଅଧକ୍ଷତାରେ ହୋଇଥିବ ସଭାରେ ବ୍ଲକ ଅଧକ୍ଷା ପିଙ୍କି ଧୁରୁଆ ମୁଖ୍ୟଅତିଥି, ବାମରା ବିଡିଓ ଅଶ୍ୱିନୀ ପଣ୍ଡା, ଅତିରିକ୍ତ ବିଡିଓ ଶୁଶାନ୍ତ ପଣ୍ଡା, ବିଏସ୍‌ଏସ୍‌ଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ବିକାଶ ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଚାଇଲ୍ଡ ଲାଇନ ଟିମ୍ ମେମ୍ବର ଶ୍ୱେତାଙ୍ଗିନୀ ବାରିକ ବାଲ୍ୟ ବିବାହ, ଶିଶୁ ନିର୍ଯାତନା, ଶିଶୁ ଚାଲାଣ, ଶିଶୁଶ୍ରମିକ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ସହିତ ଶିଶୁ ଅଧିକାର ସୁରକ୍ଷା ଭିତ୍ତିକ ସରକାରୀ ଯୋଜନା, ପୋଷ୍ୟ ସନ୍ତାନ ନୀତି ସମ୍ପର୍କରେ ଅବଗତ କରିଥିଲେ। ବୈଠକରେ ସରପଞ୍ଚ ବୈଜୟନ୍ତୀ ନାଏକ, ସୁନିତା ଲାକ୍ରା, ତ୍ରିଲିଙ୍ଗ ଛତ୍ରିଆ, ପ୍ରଦ୍ୟାୟିନୀ ସା, ଜଗଦୀଶ ନାଏକ, ସାମାଜିକ କର୍ମୀ ସୁନିତା ବାଗେ, ବାମରା ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟର ରାଜଲକ୍ଷ୍ମୀ ଦାଶ, ସମିତିସଭ୍ୟ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

## ପୋଲିସ ପକ୍ଷରୁ ରକ୍ତଦାନ ଶିବିର:୧୨୦ ୟୁନିଟ୍ ରକ୍ତ ସଂଗ୍ରହ

**କୁଚିଣ୍ଡା,୩୦।୬(ଡି.ଏନ.ଏ.)**

କୁଚିଣ୍ଡା ଥାନା ପରିସରରେ ଗୁରୁବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ଉପଖଣ୍ଡ ପୋଲିସ ଅଧିକାରୀ ରାଜକିଶୋର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କୁଚିଣ୍ଡା ଆଇଆଇସି ଶୋଭାକର୍ ସେଠଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୋଟ ୧୨୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ସମ୍ବଲପୁର ସଦର ଡାକ୍ତରଖାନା ରକ୍ତଭଣ୍ଡାରର ଡା. କନ୍ଲେଶ କକ୍କଡ, ଟେକ୍‌ନିସିଆନ ସନ୍ତୋଷ ଗୌଡ଼, କର୍ମାଦେବ ପଟେଲ, ମନବୋଧ ନାୟକ, ରଜତ ସାହୁ ଓ କୁଚିଣ୍ଡା ରକ୍ତଭଣ୍ଡାର ଟେକ୍‌ନିସିଆନ ପ୍ରମୋଦ ପଟେଲ, ପ୍ରକାଶ ଶ୍ରୀଧର, ମିତ୍ର ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ଇପିଏଫ୍ ପେନ୍‌ସନ୍‌ଧାରୀଙ୍କ ପୋଷ୍ଟକାର୍ଡ ପ୍ରେରଣ ଅଭିଯାନ

**ଝାରସୁଗୁଡ଼ା ଅଫିସ,୩୦।୬**

ଓଡ଼ିଶା ଇପିଏଫ୍ ପେନ୍‌ସନ୍ ଆସୋସିଏଶନ ଝାରସୁଗୁଡ଼ା ଶାଖା ପକ୍ଷରୁ ବିଭିନ୍ନ ଦାବିନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୋଷ୍ଟକାର୍ଡ ପ୍ରେରଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘ ସଭାପତି ଅଶୋକ କୁମାର ମହାପାତ୍ରଙ୍କ ନେତୃତ୍ୱରେ ମୁଖ୍ୟ ଡାକଘର ସମ୍ମୁଖ ବାକ୍ସରେ ସଦସ୍ୟମାନେ ପୋଷ୍ଟକାର୍ଡ ପକାଇଥିଲେ। ପ୍ରମୁଖ ଦାବି ମଧ୍ୟରେ ସର୍ବନିମ୍ନ ପେନ୍‌ସନ୍ ୯ହଜାର ଟଙ୍କାକୁ ବୃଦ୍ଧି, ଆୟୁଷ୍ମାନ ଭାରତ ଯୋଜନାରେ ସମସ୍ତ ପେନ୍‌ସନ୍‌ଧାରୀଙ୍କୁ ଅନ୍ତର୍ଭୁକ୍ତ କରିବା, ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନାରେ ସାମିଲ ଆଦି ଅନ୍ୟତମ। କାର୍ଯ୍ୟକ୍ରମରେ ଜିଲା ସଂଘ ଉପସଭାପତି ପ୍ରଦୀପ ମେହେର, ରାଜକୁମାର ପଟେଲ, ଅନିଲ କୁମାର, ଦେବେନ୍ଦ୍ର ପଣ୍ଡା, ଉମାକାନ୍ତ ସରାଫ, ପବାନନ ନାୟକ, କୈଳାସ ବାରିକ, ଛବିଳ କୁମାର ସାହୁ, ଭବାନୀ ଶଙ୍କର ଘଡିଆଳ, ଜିତୁ ବେହେରା ପ୍ରମୁଖ ଯୋଗଦେଇଥିଲେ ।




ଅଭିଯାନରେ ସାମିଲ ହୋଇଥିବା ସଂଘ ସଦସ୍ୟମାନେ।

# ଜିଲା ଛାତ୍ର ସାମ୍ମୁଖ୍ୟର ବିକ୍ଷୋଭ

**ଝାରସୁଗୁଡ଼ା ଅଫିସ,୩୦।୬**

ଝାରସୁଗୁଡା ଜିଲାରେ ଏକ ସରକାରୀ ପିଜି କଲେଜ ଓ ଲଖନପୁର ବ୍ଲକ୍ ୧୯ଖଣ୍ଡ ମୌଜାରେ ସରକାରୀ ଡିଗ୍ରୀ କଲେଜ ପ୍ରତିଷ୍ଠା ଦାବିରେ ଗୁରୁବାର ଜିଲା ଛାତ୍ର ସାମ୍ମୁଖ୍ୟ ତରଫରୁ ବସ୍‌ଷ୍ଟାଣ୍ଡସ୍ଥିତ ମହାତ୍ମା ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହା ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ଛାତ୍ର ଜିତେନ୍ଦ୍ରୀୟ ଧୁରୁଆ, ଅସିମ ପଟେଲ, ଚତୁର୍ଭୁଜ କୁମୁରା, ସୁଶାନ୍ତ ପିଙ୍ଗ, ତାପସ ରାଜପୁତ, ମାନସ ପଣ୍ଡା, ନୀଳମାଧବ ଭୂୟାଁ, ରାହୁଲ ଠାକୁର, ବେଦବ୍ୟାସ ତନ୍ତୀ, ଉମେଶ ରୋହିଦାସ, ନମିତ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଏହାକୁ ଜିଲା ବାର୍ ଆସୋସିଏଶନ ସଭାପତି ତ୍ରିନାଥ ଗୁଆଲ, ଆଇନଜୀବୀ ସୀୟାରାମ ଦାସ, ପ୍ରଶାନ୍ତ ତ୍ରିପାଠୀ, ବିନୟ ରଜକ, ରାଧେଶ୍ୟାମ ପ୍ରଧାନ, ଆଦିତ୍ୟ ପ୍ରଧାନ, ରତ୍ନାକର ପ୍ରଧାନ, ବିଜୟ ଦାସ, ତ୍ରିଲୋଚନ ଡନସେନା ସମର୍ଥନ ଜଣାଇଥିଲେ।




ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଝାରସୁଗୁଡ଼ାରେ ପିଜି କଲେଜ ପ୍ରତିଷ୍ଠା ଦାବି**

ଛାତ୍ର ସାମ୍ମୁଖ୍ୟ ତରଫରୁ କୁହାଯାଇଛି ଝାରସୁଗୁଡ଼ା ଜିଲାର ମାଟିତଳେ ମୂଲ୍ୟବାନ ଖଣିଜ ସମ୍ପଦ ରହିଥିବାରୁ ବହୁ ବଡ ବଡ କଳକାରଖାନା ପ୍ରତିଷ୍ଠା ହୋଇଛି। ଏହାଛଡା ଜିଲା ମୁଖ୍ୟାଳୟରେ ସର୍ବପୁରାତନ ରେଳ ଜଙ୍କସନ୍ ରହିଥିବାବେଳେ ରାଜ୍ୟର ଦ୍ୱିତୀୟ ବିମାନ ବନ୍ଦର ପ୍ରତିଷ୍ଠା ହୋଇପାରିଛି। ଏସବୁ ସୁବିଧାସୁଯୋଗ ରହିଥିବାରୁ ଏଠାରେ ଶିଳ୍ପପତିମାନେ ଶତାଧିକ କୋଟି ଟଙ୍କାର ପୁଞ୍ଜିନିବେଶ କରି ବ୍ୟବସାୟ ଚଳାଇଛନ୍ତି। ଏହାର ଟିକସ୍‌ରେ ଦେଶ ଓ ରାଜ୍ୟ ଲାଭବାନ ହେଉଛି। ଏତେସବୁ ସୁବିଧା ରହିଥିଲେ ମଧ୍ୟ ଜିଲାରେ ରହିଥିବା କଲେଜ ଗୁଡିକ ସରକାରୀ ମାନ୍ୟତା ପାଇପାରିନାହିଁ। ଆଉ କେତେକ କଲେଜକୁ ସମ୍ପୂର୍ଣ୍ଣ ସରକାରୀ ଅନୁଦାନ ମିଳୁ ନ ଥିବାରୁ କଲେଜ ପରିଚାଳନା କରିବାରେ ସମସ୍ୟା ଉପୁଜୁଛି। ଏ ଦିଗରେ ସ୍ଥାନୀୟ ଜନପ୍ରତିନିଧିଙ୍କ ଆନ୍ତରିକତା ରହୁନାହିଁ। ଏ ନେଇ ସରକାର ପଦକ୍ଷେପ ନ ନେଲେ ଛାତ୍ର ସାମ୍ମୁଖ୍ୟ ଆନ୍ଦୋଳନକୁ ଜୋରଦାର କରିବ ବୋଲି ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ତାର ଲାଗି ଜଣେ ଶିଶୁ ମୃତ, ୧ ଗୁରୁତର

ଦେବଗଡ଼ ୩୦।୬ (ଡି.ଏନ୍.ଏ):ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ଚନ୍ଦନଖୁଣ୍ଟି ଗ୍ରାମରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ୫ ବର୍ଷର ଶିଶୁର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଶିଶୁକୁ ଗୁରୁତର ଅବସ୍ଥାରେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁବାର ଅପରାହ୍ନ ପ୍ରାୟ ୪ ଟାରେ ଚନ୍ଦନଖୁଣ୍ଟି ଗ୍ରାମର ମହେଶ୍ୱର ନାୟକଙ୍କ ୨ ଜାଆଁଳା ପୁଅ ଓମ ନାୟକ(୫) ଓ ସାଇ ନାୟକ(୫) ଘର ଅଗଣାରେ ଖେଳିସାରି ଘର ଭିତରକୁ ପ୍ରବେଶ କରୁଥିବା ବେଳେ ହାତ ପାଆନ୍ତାରେ ଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ମାତ୍ର ଡାକ୍ତର ସାଇକୁ ମୃତ ଘୋଷଣା କରିଥିଲେ। ଓମ ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଥିବା ଜଣାପଡିଛି ।

### ରଶିଲଗାଇ ସିକ୍ୟୁରିଟି ଗାର୍ଡଙ୍କ ଆତ୍ମହତ୍ୟା

ରାଜଗାଙ୍ଗପୁର, ୩୦।୬(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରର ଓସିଏଲ ଗେଟରୁ ସୁରୁଡିହି ଯିବା ରାସ୍ତା କଡ଼ରେ ଏକ ଗଛରେ ରଶିଲଗାଇ ସିକ୍ୟୁରିଟି ସଂସ୍ଥାରେ କାମ କରୁଥିବା ବିମଲ ବେହେରା (୩୫) ଆତ୍ମହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ ବିମଲ କନ୍ଧମାଳ ଜିଲାରୁ ଆସି ୧୨ବର୍ଷ ହେବ ରାଜଗାଙ୍ଗପୁରର ୱେଷ୍ଟୋ କଲୋନୀ ନିକଟରେ ସପରିବାର ରହୁଥିଲେ। ବୁଧବାର ବଡିଭୋରୁ ରାସ୍ତାରେ ଯିବାଆସିବା କରୁଥିବା ଲୋକମାନେ ତାଙ୍କର ଝୁଲନ୍ତା ମୃତ ଶରୀରକୁ ଦେଖି ରାଜଗାଙ୍ଗପୁର ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତ ଶରୀରକୁ ଗଛରୁ ଓହ୍ଲାଇ ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ପଠାଇଥିଲେ। ପାରିବାରିକ କଳହରୁ ଆତ୍ମହତ୍ୟା କରିଥିବାର ସନ୍ଦେହ କରାଯାଉଛି।

### ରେଞ୍ଜ ସାଇଡ଼ିଂରେ ଶ୍ରମିକ ସୁରକ୍ଷା ସାମଗ୍ରୀ ବଣ୍ଟନ

ଲହୁଣୀପଡ଼ା,୩୦।୬(ଡି.ଏନ.ଏ ): ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ରେଞ୍ଜ ରେଲୱେ ସାଇଡ଼ିଂଠାରେ ଗୁରୁବାର ସୁନ୍ଦରଗଡ଼ ଜିଲା ଖଣିଜ ପ୍ରତିଷ୍ଠାନ ତରଫରୁ ରେଞ୍ଜ ସାଇଡ଼ିଂ ଶ୍ରମିକଙ୍କୁ ସୁରକ୍ଷା ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ବଣେଇ ଉପଜିଲାପାଳ ସୁରଞ୍ଜନ ସାହୁ, କୋଇଡା ତହସିଲଦାର ଡି.ଏସ ଶୁଭଦର୍ଶୀ ଯୋଶୀ, ଜିଲା ପରିଷଦ ସଦସ୍ୟା ଶୁଶିଳା ମୁଣ୍ଡା, ସ୍ୱୟଂବା ସରପଞ୍ଚ ସରିତା ଓରାମ, ସମିତି ସଭ୍ୟା ମୁକ୍ତା ମୁଣ୍ଡା ଯୋଗ ଦେଇଥିଲେ। ଜିଲା ଖାଦାନ ମଜଦୁର ୟୁନିୟନ ସାଧାରଣ ସମ୍ପାଦକ ପ୍ରମୋଦ କୁମାର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ୱୟଂବା ,ଜାମୁଡ଼ିହି, ରକ୍ସି, କେ.ବଲାଙ୍ଗ, ଗୋପନା ପ୍ରଭୃତି ପଞ୍ଚାୟତରୁ ଲହୁଣୀପଡା ଓ ବଣେଇ କଲେଜକୁ ଯାଉଥିବା ଛାତ୍ରୀଛାତ୍ରଙ୍କ ପାଇଁ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ତରଫରୁ ଯୋଗାଇ ଦିଆଯାଇଥିବା ବସକୁ ଗୁରୁବାର ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ।

# ୧୦୯ ବର୍ଷର ପୁରୁଣା ସ୍କୁଲ: ସବୁ ଥାଇ କିଛି ନାହିଁ

ଟେନ୍ସା, ୩୦।୬(ଡି.ଏନ୍.ଏ.)

୧୦୯ ବର୍ଷର ପୁରୁଣା ସୁନ୍ଦରଗଡ଼ ଜିଲା କୋଇଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ସବୁ ଥାଇ କିଛି ନ ଥିବା ଭଳି ଅବସ୍ଥାରେ ରହିଛି। ଏହି ବିଦ୍ୟାଳୟରୁ ପାଠ ପଢି ତିନି ଜଣ ବିଧାୟକ, ଡାକ୍ତର, ଅଫିସର ହୋଇଛନ୍ତି। ହେଲେ ଏହି ଅବହେଳିତ ବିଦ୍ୟାଳୟ ପ୍ରତି କାହାର ବି ନଜର ନାହିଁ। ମୋ ସ୍କୁଲ ଅଭିଯାନ ଏଠାରେ କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହେଉଛି। ମୋ ସ୍କୁଲ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଯୋଗାଇ ଦିଆଯାଇଥିବା ଡିଜିଟାଲ ବ୍ଲାକବୋଡ଼ ଅକାମି ହୋଇ ପଡିରହିଛି। ଏହାକୁ ତଦାରଖ କରିବାକୁ ବିଭାଗୀୟ ଅଧିକାରୀମାନଙ୍କ ପାଖରେ ସମୟ ନାହିଁ। କୋଇଡ଼ା ବ୍ଲକରେ ପ୍ରାଥମିକ ଶିକ୍ଷା ଭୁଶୁଡ଼ି ପଡିଛି। ଏ ନେଇ ଦେଖିବାକୁ




କୋଇଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।

ଯାଇଥିଲୁ କୋଇଡାର ସବୁଠାରୁ ପୁରୁଣା ୧୯୧୩ ମସିହାର କୋଇଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ। ଯାହା ଦେଖିଲୁ ତାହା ନ କହିବା ଭଲ। ସବୁ ଥାଇ କିଛି ନାହିଁ। ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୪୮୦। ଶିକ୍ଷକଙ୍କ ଉପସ୍ଥିତିରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ କେଉଁ ଶ୍ରେଣୀରେ ପଢୁଛ ବନାନ କର ହେଲେ କୌଣସି ଛାତ୍ରୀଛାତ୍ର ନିଜେ ପଢୁଥିବା ତୃତୀୟ, ଅଷ୍ଟମ, ସପ୍ତମ ବନାନ କରିପାରିଲେ ନାହିଁ। ଏଥିରୁ ବିଦ୍ୟାଳୟରେ କେମିତି ପାଠପଢା ଚାଲିଛି ବୁଝାପଡୁଛି। ବିଦ୍ୟାଳୟ ପରିବେଶ ସୁନ୍ଦର। ହେଲେ ଏକ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନାହାନ୍ତି। ବିଦ୍ୟାଳୟରେ ୧୪ଜଣ ଶିକ୍ଷକ ରହିବା କଥା ଅଛନ୍ତି ମାତ୍ର ୮ଶିକ୍ଷକ। ପୋକା ଚାଉଳରେ ରନ୍ଧା ଯାଉଛି ମଧ୍ୟାହ୍ନଭୋଜନ। ଆମ ପ୍ରତିନିଧି କହିବା ପରେ ଚାଉଳକୁ କୁଲାରେ ପାଛୁଡା ଯାଇ ରନ୍ଧା ଯାଇଥିଲା ମଧ୍ୟାହ୍ନଭୋଜନ। ଏନେଇ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ଶିକ୍ଷକ ଦୀପକ କୁମାର ପାତ୍ରଙ୍କୁ ପଚାରିବାରୁ ବର୍ଷା ଦିନ ଏହିପରି ଚାଉଳ ଆସୁଥିବା କହିଥିଲେ। କରୋନା ପାଇଁ ଛାତ୍ରୀଛାତ୍ର ବିଦ୍ୟାଳୟ ଆସୁ ନ ଥିଲେ ସେଥିପାଇଁ ପିଲାମାନେ ପାଠ ସବୁ ଭୁଲି ଯାଇଛନ୍ତି ବୋଲି ଶିକ୍ଷକ ପାତ୍ର ପ୍ରକାଶ କରିଥିଲେ।

# ନିଖୋଜ ୩ ନାବାଳକ ସମ୍ବଲପୁରରୁ ଉଦ୍ଧାର

ରାଉରକେଲା ଅଫିସ,୩୦।୬

ରାଉରକେଲା ଉଦିତନଗର ଥାନା ଅଧୀନ ମାଲଗୋଦାମ ଅଞ୍ଚଳରୁ ୩ଜଣ ନାବାଳକ ନିଖୋଜ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ତଦନ୍ତ କରି ଉକ୍ତ ନାବାଳକଙ୍କୁ ସମ୍ବଲପୁରରୁ ଉଦ୍ଧାର କରି ଗୁରୁବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ, ଗତ ମେ ୨୮ରେ ମାଲଗୋଦାମ ଅଞ୍ଚଳର ଉକ୍ତ ତିନି ନାବାଳକ ସାଙ୍ଗଙ୍କ ସହ ଖେଳୁଥିବା ସମୟରେ କୁଆଡେ ନିଖୋଜ ହୋଇଯାଇଥିଲେ। ସେମାନଙ୍କୁ ଖାଜାଖୋଜି କରିବା ପରେ ନ ପାଇବାରୁ ମେ ୩୦ ତାରିଖରେ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଗୁରୁବାର ସମ୍ବଲପୁର ସିଡବ୍ଲ୍ୟୁସି ଉକ୍ତ ୩ ନାବାଳକଙ୍କୁ ଉଦ୍ଧାର କରି ଉଦିତନଗର ପୋଲିସକୁ ହସ୍ତାନ୍ତର କରିଛି। ଏହାପରେ ଏକ ଖବରଦାତା ସମ୍ମିଳନୀରେ ରାଉରକେଲା ଅତିରିକ୍ତ ଏସ୍‌ପି ବିକ୍ରମ କେଶରୀ ଭୋଇ ସୂଚନା ଦେଇଥିଲେ ଯେ, ଗତ ମେ ୨୮ ତାରିଖରେ ମାଲଗୋଦାମ ଅଞ୍ଚଳର ଏକ ଦୋକାନରେ କେହି ନ ଥିବାବେଳେ ୩ ଜଣ ଯୁବକ ଦୋକାନ ଭିତରକୁ ପଶି ପାଣି ବୋତଲ ଓ ଥଣ୍ଡା ପାନୀୟ ପିଇଥିଲେ। ଏହା ଦେଖି ଦୋକାନର କର୍ମଚାରୀ ସେମାନଙ୍କୁ ଧମକଚମକ ଦେବା ସହ ସାଇକେଲ ଛଡାଇ ରଖିଥିଲେ। କାଳେ ଏହି କଥା ଘରେ ଲୋକେ ଜାଣିଲେ ମାଡ ମାରିବେ ସେହି ଡରରେ ଉକ୍ତ ନାବାଳକମାନେ ରାଉରକେଲା ରେଳ ଷ୍ଟେଶନକୁ ଯାଇଥିଲେ ଏବଂ ରାଜ୍ୟରାଣୀ ଏକ୍ସପ୍ରେସ ଯୋଗେ ସମ୍ବଲପୁର ଚାଲିଯାଇଥିଲେ। ସେଠାରେ ସେମାନେ କିଛିଦିନ ଏଣେତେଣେ ବୁଲାବୁଲି କରି ପୁଣି ସମ୍ବଲପୁର ରେଳ ଷ୍ଟେଶନରେ ପହଞ୍ଚି ଟ୍ରେନକୁ ଅପେକ୍ଷା କରିଥିବା ବେଳେ ଆରପିଏଫ୍ ହାବୁଡରେ ପଡିଥିଲେ। ଆରପିଏଫ ଯବାନମାନେ ଏହି ନାବାଳକଙ୍କୁ ସମ୍ବଲପୁର ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରିଥିଲେ। ଉଦିତନଗର ପୋଲିସ ଖବର ପାଇବା ପରେ ବୁଧବାର ସମ୍ବଲପୁର ଯାଇ ସେମାନଙ୍କୁ ରାଉରକେଲା ଆଣିଥିଲା। ଖବରଦାତା ସମ୍ମିଳନୀରେ ଥାନାଧିକାରୀ ରବୀନ୍ଦ୍ର କୁମାର ପାତ୍ର ଉପସ୍ଥିତ ଥିଲେ।

# ଖଣି, ଇସ୍ପାତ ମନ୍ତ୍ରୀଙ୍କ ବୀରମିତ୍ରପୁର ଉପଖଣ୍ଡ ପରିଦର୍ଶନ

କୁଆଁରମୁଣ୍ଡା,୩୦।୬(ଡି.ଏନ.ଏ.)

ଗୁରୁବାର ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ବୀରମିତ୍ରପୁର ଉପଖଣ୍ଡର ବୀରମିତ୍ରପୁର ପୌରାଞ୍ଚଳରେ ନିର୍ମାଣାଧୀନ ମଲ୍ଟିପର୍ପୋଜ ଇଣ୍ଡୋର ଷ୍ଟାଡିୟମ ଓ କୁଆଁରମୁଣ୍ଡା-ହାତୀବାରି ରୋଡରେ ଥିବା ଖଟମ ପୋଲ ନିର୍ମାଣ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ରାଉରକେଲାରୁ ସକାଳ ସାଢେ ୧୦ଟାରେ ମନ୍ତ୍ରୀ ମଲ୍ଲିକ ୧୪୩ ନମ୍ବର ଜାତୀୟ ରାଜପଥ ଦେଇ ବୀରମିତ୍ରପୁର ଯିବା ବାଟରେ କୁଆଁରମୁଣ୍ଡାରେ ୧୧ଟାରେ ପହଞ୍ଚିଥିଲେ। କୁଆଁରମୁଣ୍ଡା ବଜରଙ୍ଗ ଛକ ନିକଟରୁ ବିଜେଡ଼ି କର୍ମୀମାନେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଏହା ପରେ ଅଳ୍ପ ସମୟ ପାଇଁ ଅନୁଷ୍ଠିତ ଏକ ବୈଠକରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାଏକ କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁରଙ୍କୁ ମନ୍ତ୍ରୀ ମଲ୍ଲିକଙ୍କ ସହ ପରିଚୟ କରାଇଥିଲେ। ଏହାପରେ କୁଆଁରମୁଣ୍ଡା ବ୍ଲକ ବିଜେଡ଼ି ସଭାପତି ତଥା ସରପଞ୍ଚ ରାଜେଶ ହାଁସଦାଙ୍କ ସହ କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେର୍କେଟା, ଉପାଧ୍ୟକ୍ଷା ସୁନିତା ଅହିର, ଜିଲା ପରିଷଦ ସଭ୍ୟ ନେଭିଲ କେର୍କେଟା, ପୁତ୍ରିଖମଣ ସରପଞ୍ଚ ନରେଶ ସୁରିନ୍, ଅର୍ଜୁନ ମିଞ୍ଜ ଓ ଉପସ୍ଥିତ ଥିବା ଅନ୍ୟ ସରପଞ୍ଚ, ସମିତିମାନେ ମନ୍ତ୍ରୀଙ୍କ ସହ ପରିଚୟ ହୋଇଥିଲେ। ଏହି ଅବସରରେ କୁଆଁରମୁଣ୍ଡା ମୁଖ୍ୟ ରାସ୍ତା ୪ ଥାକିଆଭାବେ ନିର୍ମାଣ ହେବ ବୋଲି ବିଧାୟକ ନାଏକ ଘୋଷଣା କରିଥିଲେ। ଏହା ପରେ ମନ୍ତ୍ରୀ ମଲ୍ଲିକ ବୀରମିତ୍ରପୁର ପୌରାଞ୍ଚଳରେ ନିର୍ମାଣାଧୀନ ଇଣ୍ଡୋର ଷ୍ଟାଡିୟମ କାର୍ଯ୍ୟ ବୁଲି ଦେଖିଥିଲେ। ସେଠାରୁ ନୂଆଗାଁ ବ୍ଲକ ଯାଇ ଖଟମସ୍ଥିତ ପୋଲ କାର୍ଯ୍ୟ ତଦାରଖ କରିଥିଲେ। ପୁରୁଣାପାଣିସ୍ଥିତ ବନ୍ଦ ପଡିଥିବା ଚୂନପଥର ଖଣି ଓ ରାଏବୋଗା ଗୋଟିଟାଙ୍ଗର ଚୂନପଥର ଖଣିକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ରାଜେଶ କେର୍କେଟା ଓ ଅନ୍ୟମାନେ ମନ୍ତ୍ରୀ ମଲ୍ଲିକଙ୍କୁ ଏକ ଅଭିଯୋଗପତ୍ର ମାଧ୍ୟମରେ ଅନୁରୋଧ କରିଥିଲେ ।

# ନିର୍ଦ୍ୱନ୍ଦ୍ୱରେ ସୁନୀଲ ସଭାପତି ଭାବେ ନିର୍ବାଚିତ



ନବନିର୍ବାଚିତ ସଭାପତି ଏବଂ ଡାଇରେକ୍ଟରଙ୍କୁ ଲ୍ୟାମ୍ପସର କର୍ମଚାରୀ ସମ୍ବର୍ଦ୍ଧିତ କରୁଛନ୍ତି।

ଲେଫ୍ରିପଡ଼ା,୩୦।୬(ଡି.ଏନ୍.ଏ.)

**ଲେଫ୍ରିପଡ଼ା ଲ୍ୟାମ୍ପସ ନିର୍ବାଚନ**

ସୁନ୍ଦରଗଡ ଜିଲା ଲେଫ୍ରିପଡା ଲ୍ୟାମ୍ପସର ସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ ସୁନୀଲ କୁମାର କାଲୋ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକ୍ରମ ଅନୁଯାୟୀ ମଙ୍ଗଳବାର ନବନିର୍ବାଚିତ ଡାଇରେକ୍ଟରମାନଙ୍କ ଉପସ୍ଥିତିରେ ମନୋନୟନ ପତ୍ର ଦାଖଲ କରିଥିଲେ। ଏଥି ମଧ୍ୟରେ ସୁନୀଲ ଲ୍ୟାମ୍ପସ ସଭାପତି ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ନେଇ ଗୁରୁବାର ଲେଫ୍ରିପଡା ଲ୍ୟାମ୍ପସର ନିର୍ବାଚନ ଅଧିକାରୀ ନେତ୍ରମଣୀ ପଟେଲ ଘୋଷଣା କରିଛନ୍ତି। ଘୋଷଣା ପରେ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ଶିଶିର ପଟେଲ ଏବଂ କର୍ମଚାରୀମାନେ ନବ ନିର୍ବାଚିତ ସଭାପତିଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଆଗାମୀ ଦିନ ସମସ୍ତେ ମିଳିମିଶି ଅଞ୍ଚଳର ଚାଷୀଙ୍କ ସେବା କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ନବନିର୍ବାଚିତ ଡାଇରେକ୍ଟର କୌତୁକ ଚୌଧୁରୀ, ଉଦିତ କୁମାର ନାଏକ, ବିମଲ କୁମାର ପଟେଲ, ଗୋପାଳ ପ୍ରଧାନ, ଦେଶରଞ୍ଜନ ପଟେଲ କେଦାର ସିଂ ଅଗ୍ରଣୀ ଚାଷୀ ସୁନୀଲ ପୃଷେଟ ପ୍ରମୁଖ ଉପସ୍ଥିତ ରହିଥିଲେ। ଅନ୍ୟପକ୍ଷରେ ବିରୋଧୀଙ୍କ ପକ୍ଷରୁ ବିଭିନ୍ନ କଳ୍ପନା ଜଳ୍ପନା ଚାଲିଥିବାବେଳେ ସୁନୀଲଙ୍କ ବିଚକ୍ଷଣ ଗୋଟି ଚାଳନା ଯୋଗୁ ବିରୋଧୀ ଧରାଶାୟୀ ହୋଇଛନ୍ତି। ସୁନୀଲ ପୂର୍ବରୁ ଲ୍ୟାମ୍ପସ ସଭାପତି ରହିଥିବାବେଳେ ବିଗତ ଦିନରେ କୁଲାବିରା ସରପଞ୍ଚ ଭାବେ ଦୁଇଥର ଝୁରିମାଲ ସମିତିସଭ୍ୟ ଭାବେ ଥରେ ନିର୍ବାଚିତ ହୋଇଥିଲେ। ସୁନୀଲଙ୍କ ସ୍ତ୍ରୀ କାମିନୀ କାଲୋ ଗତ ଥର ଲେଫ୍ରିପଡା ବ୍ଲକ ଅଧ୍ୟକ୍ଷା ରହିଥିବାବେଳେ ଅଞ୍ଚଳରେ ସୁନୀଲଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ ହୋଇଥିବା ଦେଖାଦେଇଛି। ପୁଣି ଥରେ ଲ୍ୟାମ୍ପସର ସଭାପତି ପଦବୀ ହାତେଇଥିବାରୁ ତାଙ୍କର ଶୁଭେଚ୍ଛୁ ମହଲରେ ଖୁସିର ଲହରୀ ଖେଳିଛି ।

# ୨ ଯୁବକଙ୍କ ଆତ୍ମହତ୍ୟା

ରାଉରକେଲା ଅଫିସ,୩୦।୬

ବ୍ରାହ୍ମଣୀତରଙ୍ଗ ଓ ଝିରପାଣି ଥାନା ଅଞ୍ଚଳର ଦୁଇଜଣ ଯୁବକ ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ଦ୍ୱୟ ହେଲେ ରାମଚନ୍ଦ୍ର ମାଲି ଓ ଶ୍ରୀକାନ୍ତ ଗୋସ୍ୱାମୀ। ବୁଧବାର ରାତିରେ ଝିରପାଣି ଥାନା ଜଗଦା ଅଞ୍ଚଳର ରାମଚନ୍ଦ୍ରଙ୍କ ଆର୍ଥିକ ସମସ୍ୟାକୁ ନେଇ ପରିବାର ଲୋକଙ୍କ ସହ ପାଟିତୁଣ୍ଡ ହୋଇଥିଲା। ପରେ ଘରେ ସମସ୍ତେ ଶୋଇ ପଡିବା ପରେ ବିଳମ୍ବିତ ରାତିରେ ସେ ଘର ପଙ୍ଖାରେ ଲୁଗା ବାନ୍ଧି ଝୁଲିପଡିଥିଲେ। ଗୁରୁବାର ସକାଳେ ପରିବାର ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୬।୨୨) ରୁଜୁ ହୋଇଛି।

ସେହିପରି ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ କୁଲୁଙ୍ଗା ମିଲନ ଗଳିର ଶ୍ରୀକାନ୍ତଙ୍କ ସହ ପରିବାର ଲୋକଙ୍କ ଘରୋଇ କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ପରେ ସେ ଆଜବେଷ୍ଟସ୍ ଲୁହା ପାଇପ୍‌ରେ ଗାମୁଛା ବାନ୍ଧି ଝୁଲି ପଡିଥିଲେ। ତାଙ୍କୁ ଆରଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫୦।୨୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ପରେ ଗୁରୁବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

କୁତ୍ରା, ୩୦।୬(ଡି.ଏନ୍.ଏ.)

କୁତ୍ରା ବ୍ଲକ ଅନ୍ତର୍ଗତ କଟଙ୍ଗସ୍ଥିତ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର ସ୍କାଉଟ, ଗାଇଡ୍ସ, ଜେଆରସି, ଇକୋ କ୍ଲବର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ର ସ୍ଥାନୀୟ ପଞ୍ଚାୟତ ରାସ୍ତା, ଅଙ୍ଗନବାଡି ରାସ୍ତା, ଆଶ୍ରମ ସ୍କୁଲ ରାସ୍ତା ଏବଂ ରଥଯାତ୍ରା ହେବାକୁ ଥିବା ସ୍ଥାନକୁ ସଫାସୁତୁରା କରିଥିଲେ। କାର୍ଯ୍ୟକ୍ରମକୁ ସ୍କାଉଟ ମାଷ୍ଟର ଭିଖାରି ଦାସ, ଜେଆରସି କାଉନ୍ସିଲର




ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ଛାତ୍ରୀଛାତ୍ର।

ମମତା ସ୍ୱାଇଁ, ଇକୋ କ୍ଲବ ମାଷ୍ଟର ଗୋପାଳକୃଷ୍ଣ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଲକ୍ଷ୍ମୀଧର ଅମାତ,ଚକ୍ରଧର ଅମାତ ତଥା ଗ୍ରାମବାସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିବା ବେଳେ ମହେନ୍ଦ୍ର ସିଂ କାର୍ଯ୍ୟକ୍ରମ ତଦାରଖ କରିଥିଲେ।

# ଆରଏସ୍‌ପି ମହିଳା କର୍ମଚାରୀଙ୍କୁ ଆତ୍ମସୁରକ୍ଷା ତାଲିମ

ରାଉରକେଲା ଅଫିସ,୩୦।୬

ରାଉରକେଲା ଇସ୍ପାତ କାରଖାନାର ମହିଳା କର୍ମଚାରୀଙ୍କୁ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ କର୍ମଶାଳା 'ଦୁର୍ଗା' ଗୁରୁବାର ଉଦ୍‌ଯାପିତ ହୋଇଛି। ଆରଏସ୍‌ପିର ଏଚ୍‌ଆରଡି ସେଣ୍ଟର ଠାରେ ଆୟୋଜିତ ଏହି କର୍ମଶାଳାକୁ କାର୍ମିକ ଓ ପ୍ରଶାସନିକ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏଚ୍‌ଆରଡି ବିଭାଗର ସିଜିଏମ୍ ରାଜଶ୍ରୀ ବାନାର୍ଜୀ ଓ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କର୍ମଶାଳାରେ ୩୧ ଜଣ ମହିଳା କର୍ମଚାରୀ ଅଂଶଗ୍ରହଣ କରି ତାଲିମ ନେଇଥିଲେ। ରାଉରକେଲା ଉତ୍କଳ କରାଟେ ବିଦ୍ୟାଳୟର ପ୍ରଶିକ୍ଷକ ରାଜୀବ ସିଂ ପ୍ରଶିକ୍ଷଣ ଦେଇଥିଲେ। ଏଚ୍‌ଆରଡି ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଏଚ୍.ଏନ୍ ପତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏଚ୍‌ଆରଡି ବିଭାଗର ପ୍ରବନ୍ଧକ ଅନ୍ନପୂର୍ଣ୍ଣା ବେହେରା ଓ ବିନିତା ତିର୍କୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଚୋରି ଅଭିଯୋଗରେ ୨ ଗିରଫ

ରାଉରକେଲା ଅଫିସ,୩୦।୬

ରାଉରକେଲା ସେକ୍ଟର-୩ ଥାନା ଅଧୀନ ଖରିଆବାହାଲ ବସ୍ତିର ଜଣଙ୍କ ଦୋକାନରୁ ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଖରିଆବାହାଲ ବସ୍ତିର ତାରା ମୁଣ୍ଡାରୀ(୨୪) ଓ ଛୋଟୁ ମୁଣ୍ଡାରୀ(୨୭)। ଉଭୟଙ୍କଠାରୁ ଚୋରି ସାମଗ୍ରୀ ଜବତ କରାଯିବା ସହ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୭୮।୨୨) ରୁଜୁ କରିଛି। ସୂଚନା ଅନୁସାରେ, ସେକ୍ଟର-୨ ଖରିଆବାହାଲ ବସ୍ତିର କର୍ଣ୍ଣ ଟପ୍ପୋ ଏହି ବସ୍ତିରେ ଏକ ସିଲେଇ ଦୋକାନ କରିଛନ୍ତି। ସେ ସବୁଦିନ ପରି ବୁଧବାର ରାତି ୧୦ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ଛୋଟୁ ଓ ତାରା ଦୋକାନ ଝରକା ଭାଙ୍ଗି ତିନୋଟି ସିଲେଇ ମେଶିନ ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଥିଲେ। ଗୁରୁବାର ସକାଳେ କର୍ଣ୍ଣ ଏ ନେଇ ଥାନାରେ ଅଭିଯୋଗ କରିଥିଲେ।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୁଚିଣ୍ଡା,୩୦।୬(ଡି.ଏନ.ଏ.)

କୁଚିଣ୍ଡା ଏନ୍‌ଏସି ୱାର୍ଡ ନଂ.୭ର ଜ୍ୟୋତିପଡା ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଶିକ୍ଷକ ଦିଲୀପ ପାଣିଗ୍ରାହୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ହରେଶ କୁମାର ପଟେଲଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ଶିକ୍ଷକ ପ୍ରଫୁଲ୍ଲ କୁମାର ପଟେଲ ମୁଖ୍ୟଅତିଥି, ଖବରଦାତା ବିରଞ୍ଚି ଦର୍କା ମୁଖ୍ୟବକ୍ତା, ଶିକ୍ଷକ ନବ କିଶୋର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରୀତା ବେହେରା, ଶିକ୍ଷୟିତ୍ରୀ ଜ୍ୟୋତଞ୍ଜରୀ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସର ଗ୍ରହଣ କରିଥିବା ଶିକ୍ଷକ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଲେଫ୍ରିପଡ଼ାଠାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା



ପ୍ରତିଷ୍ଠା ହୋଇଥିବା ଜଗନ୍ନାଥ ମନ୍ଦିର।

ଲେଫ୍ରିପଡା, ୩୦।୬(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଗ୍ରାମରେ ସ୍ଥାନୀୟ ନବ ନିର୍ମିତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର କଳସାଧିବାସ, ବୁଧବାର ଜୀବନ୍ୟାସ, ସୂର୍ଯ୍ୟପୂଜା, ଅରୁଣ ଏବଂ ଗରୁଡ ପୂଜା ସମେତ ସମସ୍ତ ଦେବାଦେବୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଗୁରୁବାର ମହାପ୍ରଭୁଙ୍କ ମଣ୍ଡପ ଆଗମନ, ହୋମ ଯଜ୍ଞ, ପୂର୍ଣ୍ଣାହୂତି ହୋଇଥିଲା। ଲେଫ୍ରିପଡ଼ା ବ୍ଲକ୍ ଅଞ୍ଚଳରେ ଥିବା କଳାକାର ସମ୍ମିଳନୀ କରାଯାଇଥିଲା। ଏଥିରେ ତିନିଗୋଟି ପାଲା ଦଳ, ସଂକୀର୍ତ୍ତନ୍ୟ ମଣ୍ଡଳୀ, କୃଷ୍ଣଗୁରୁ, ଆଦିବାସୀ ମାଦଳ ନୃତ୍ୟ ଏବଂ ପାଇକ ଆଖଡା ସମେତ ବିଭିନ୍ନ ସାଂସ୍କୃତିକ ଦଳ ନିଜ କଳା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ପାଇକଆଖଡା ବିଶେଷ ଆକର୍ଷିତ ହୋଇଥିଲା। ଅଞ୍ଚଳର ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ। ଯଜମାନ ଭାବେ ଫକୀର ଚୌଧୁରୀ, ତାଙ୍କର ସ୍ତ୍ରୀ ନବୀନା ଚୌଧୁରୀ କାର୍ଯ୍ୟ ତୁଲାଇଥିଲେ। ପଣ୍ଡିତ ବର୍ଗଙ୍କ ମଧ୍ୟରେ ଗୌରଚନ୍ଦ୍ର ଠାକୁର, ବିକାଶ ଠାକୁର, ସତ୍ୟବାନ ମିଶ୍ର, ତାଙ୍କ ସାଥୀଗଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂଜକ ଭାବେ ରଜନୀକାନ୍ତ ଆଚାର୍ଯ୍ୟଙ୍କ ସହିତ ସହଯୋଗୀ ଭାବେ ସହଦେବ ଦାଶ, ରତିକାନ୍ତ ଆଚାର୍ଯ୍ୟ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ନବନିର୍ମିତ ଜଗନ୍ନାଥ ମନ୍ଦିର ନିର୍ମାଣ ସକାଶେ ନାରାୟଣ ପଟେଲ, କୌତୁକ ଚୌଧୁରୀ, ଯୁଧିଷ୍ଠିର ଚୌଧୁରୀ ଦୈତାରୀ ପ୍ରଧାନ, ମନୋହର ପ୍ରଧାନ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଆନନ୍ଦ ବଜାର ଦାୟିତ୍ୱରେ ସୁଦିପ ଚୌଧୁରୀ, ସୁନିଲ ଚୌଧୁରୀ, ମନୋଜ ଚୌଧୁରୀ, ଉଦିତ ନାଏକ, ଜଗଦିଶ ଚୌଧୁରୀ, ଯୁଧିଷ୍ଠିର କୁମୁରା ସୁନିତା ପଟେଲ, ରଶ୍ମି ସମେତ ପ୍ରମୁଖ ଗ୍ରାମବାସୀ ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ବ୍ଲକ ଉନ୍ନୟନ ଅଧିକାରୀ ରମେଶ ହାଁସଦା, କନିଷ୍ଠ ଯନ୍ତ୍ରୀ ସାରିକା ସ୍ୱାଇଁ, ଲ୍ୟାମ୍ପସ ସଭାପତି ସୁନିଲ କୁମାର କାଲୋ ପ୍ରମୁଖ ଯୋଗଦାନ କରି ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ।

# ୨-୧ ଗୋଲରେ ସୁନ୍ଦରଗଡ଼ ଏକାଦଶ ବିଜୟୀ



ଖେଳାଳିଙ୍କ ସହ ଅତିଥି।

ସୁନ୍ଦରଗଡ,୩୦।୬(ଡି.ଏନ.ଏ)

**ଚନ୍ଦ୍ରଭାନୁ ମେମୋରିଆଲ ଫୁଟବଲ ମ୍ୟାଚ**

ସୁନ୍ଦରଗଡ ସରକାରୀ କଲେଜ ଏଲଆର ନାୟାର ଷ୍ଟାଡିୟମଠାରେ ୪୬ତମ ଚନ୍ଦ୍ରଭାନୁ ମେମୋରିଆଲ ଫୁଟବଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ସୁନ୍ଦରଗଡ ଏକାଦଶ ଏବଂ ରାଉରକେଲା ବନ୍ଧମୁଣ୍ଡା ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନ୍ଦରଗଡ ଏକାଦଶ ୨-୧ ରେ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ମୁଖ୍ୟ ଅତିଥି ଭାବେ ଏବଂ ସମ୍ମାନିତ ଅତିଥି ଭାବରେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ଅମାତ ଓ ଉପନଗରପାଳ ଲଲାଟେନ୍ଦୁ ପରିଡା ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନଙ୍କ ଦ୍ୱାରା ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳ ଆରମ୍ଭ ହେବା ପୂର୍ବରୁ ସୁନାମଧନ୍ୟ ଫୁଟବଲ ଖେଳାଳୀ ସ୍ୱର୍ଗତ ଚନ୍ଦ୍ରଭାନୁ ସୁନ୍ୟାନୀଙ୍କ ସ୍ମୃତିରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ଚନ୍ଦ୍ରଭାନୁ ୧୯୭୬ ମସିହାରେ ଆଜିର ଦିନରେ ସୁନ୍ଦରଗଡ ଷ୍ଟାଡିୟମରେ ଫୁଟବଲ ଖେଳୁଥିବା ବେଳେ ବଜ୍ରପାତରେ ଅକାଳ ବିୟୋଗ ଘଟିଥିଲା। ତାଙ୍କରି ସ୍ମୃତିରେ ପ୍ରତିବର୍ଷ ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଆସୁଛି। ଚନ୍ଦ୍ରଭାନୁ ସ୍ମୃତି କମିଟିର ଆବାହକ ପ୍ରଦୀପ ପ୍ରସାଦ କାର୍ତ୍ତିକ ସୁନାନୀ, ନୃପ ପଟେଲ, ତାରାଚାନ୍ଦ ପଟେଲ, ଅଜିତ ପ୍ରସାଦ, ପ୍ରଫୁଲ୍ଲ ସୁନ୍ୟାନୀ, କିଶୋର ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ନିତ୍ୟାନନ୍ଦ ମେହେର, ରାଜୀବ ସେଠ, ଏମଡି ସରଫରାଜ, ପ୍ରଦୀପ ପ୍ରଧାନ ରେଫରୀ ଭାବେ ଖେଳ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଡିକି ଖୋଲି ୫୦ ହଜାର ଟଙ୍କା ନେଇଗଲେ ଦୁର୍ବୃତ୍ତ

ବଡ଼ଗାଁ, ୩୦।୬(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ମହାବୀର ଛକ ନିକଟ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସମ୍ମୁଖରୁ ଗୁରୁବାର ପୂର୍ବାହ୍ନ ୧୧ଟାରେ ବଡ଼ଗାଁ ଥାନା ଅନ୍ତର୍ଗତ ଟିକିଲିପଡା ନିକଟ ବରପାନି ଗାଁ ର ଆଶିଷ ହେମ୍ବ୍ରମଙ୍କ ବାଇକ ଡିକି ଖୋଲି ଦୁର୍ବୃତ୍ତମାନେ ୫୦ ହଜାର ଟଙ୍କା ନେଇଯାଇଛନ୍ତି। ଆଶିଷ ବଡ଼ଗାଁ ଷ୍ଟେଟ ବ୍ୟାଙ୍କରୁ ଟଙ୍କା ଉଠାଣ କରି ବାଇକ ଡିକିରେ ରଖି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କକୁ ଯାଇଥିଲେ। ସେ ବ୍ୟାଙ୍କକୁ ପଶିବା ପରେ ପିଛା କରୁଥିବା ଦୁର୍ବୃତ୍ତମାନେ ଡିକି ଖୋଲି ଟଙ୍କା ନେଇ ଫେରାର ହୋଇଯାଇଥିଲେ।

### ଦିଲୀପ ରାୟଙ୍କୁ ରାଜଗାଙ୍ଗପୁରରେ ସ୍ୱାଗତ ସମ୍ବର୍ଦ୍ଧନା

ରାଜଗାଙ୍ଗପୁର, ୩୦।୬(ଡି.ଏନ.ଏ.): ସୁନ୍ଦରଗଡ ଜିଲା ଅର୍ବାନ କୋ ଅପରେଟିଭ ବ୍ୟାଙ୍କ ନିର୍ବାଚନରେ ପୂର୍ବତନ ରାଉରକେଲା ବିଧାୟକ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟଙ୍କ ପ୍ୟାନେଲର ୧୫ ଜଣ ବିଶିଷ୍ଟ ସମୁଦାୟ ନିର୍ଦ୍ଦେଶକ ପଦବୀ ମଧ୍ୟରୁ ୧୩ ଜଣ ନିର୍ଦ୍ଦେଶକ ପଦ ଜୟଯୁକ୍ତ ହୋଇଥିବା ଆନନ୍ଦରେ ଗୁରୁବାର ରାଜଗାଙ୍ଗପୁର ଡାକ ବଙ୍ଗଳାଠାରେ ପୂର୍ବତନ ଉପନଗରପାଳ ଅଶୋକ ଦାସଙ୍କ ନେତୃତ୍ୱରେ ଏକ ସ୍ୱାଗତ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଦିଲୀପ ରାୟ ଯୋଗଦେଇ ନିର୍ବାଚନର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଆଗାମୀ ଦିନରେ ମଙ୍ଗଳା କିଷାନଙ୍କ ମିଶି ବିଭିନ୍ନ ଲୋକହିତକର ଓ ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ କହିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ରାଜଗାଙ୍ଗପୁର ପୂର୍ବତନ ବିଜେଡି ସଭାପତି ଅମରେଶ ପଣ୍ଡା, ଆଇନଜୀବୀ ମହମ୍ମଦ ମହସିନ, ଅଶୋକ ସାହୁ, ବିରେନ୍ଦ୍ର କୁମାର ରଥ, ବିଶ୍ୱପ୍ରକାଶ ବେହେରା ପ୍ରମୁଖଙ୍କ ସହ ଅନ୍ୟମାନେ ରହିଥିଲେ।

### ପୁରୀ ଗଲେ ସମ୍ବଲପୁରର ୫୦ ଏବିଭିପି କାର୍ଯ୍ୟକର୍ତ୍ତା

ସମ୍ବଲପୁର,୩୦।୬ (ବ୍ୟୁରୋ): ଶନିବାର ବିଶ୍ୱ ପ୍ରସିଦ୍ଧ ପୁରୀ ରଥ ଯାତ୍ରା। ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ଶ୍ରଦ୍ଧାଳୁମାନଙ୍କ ସେବା କରିବା ସକାଶେ ଏବିଭିପିର ସମ୍ବଲପୁର ଜିଲାରୁ ୩୫, ବରଗଡ଼ ଜିଲାରୁ ୧୦ ଓ ଦେବଗଡ଼ ଜିଲରୁ ୫ଜଣ କାର୍ଯ୍ୟକର୍ତ୍ତା ଶୁକ୍ରବାର ପୁରୀ ଯାତ୍ରା କରିଛନ୍ତି । ପ୍ରତିବର୍ଷ ଭଳି ଏବର୍ଷ ମଧ ଏବିଭିପି ଓଡ଼ିଶାକୁ ରଥଯାତ୍ରା ସମୟରେ ଭିଡ ନିୟନ୍ତ୍ରଣ ଓ ମେଡିକାଲ ବ୍ୟବସ୍ଥା ଯୋଗାଇବା ଦାୟିତ୍ୱ ମିଳିଛି। ସାରା ରାଜ୍ୟର ବିଭିନ୍ନ ଜିଲାରୁ ମୋଟ ୧ହଜାର କାର୍ଯ୍ୟକର୍ତ୍ତା ସେବା କରିବେ । ରାଜ୍ୟ ସହ ସମ୍ପାଦକ ସ୍ୱରାଜ ମିଶ୍ର, ବିଭାଗ ସଂଯୋଜକ ଶ୍ୱେତାଂଶୁ ଶେଖର ବରାଇ, ବିଭାଗ ସହ ସଂଯୋଜକ ସୌମ୍ୟରଞ୍ଜନ ବଡ଼ପଣ୍ଡା, ଜିଲା ସଂଯୋଜକ ଅଭିଲାଷ ମେହେର, ଜିଲା ସହସଂଯୋଜକ ଯ୍ୟାସ ବର୍ଦ୍ଧନ ତିୱାରୀ ନେତୃତ୍ୱ ନେଇଛନ୍ତି।

### ଅଭିଯୁକ୍ତଙ୍କୁ ସଶ୍ରମ କାରାଦଣ୍ଡ

ଝାରସୁଗୁଡ଼ା ଅଫିସ,୩୦।୬: ଲଇକେରା ଥାନା ଅଞ୍ଚଳର ଜନୈକା ମହିଳାଙ୍କ ସହିତ ଜଣେ ସ୍ୱାସ୍ଥ୍ୟକର୍ମୀ ଶାରୀରିକ ସମ୍ପର୍କ ରଖିବାପରେ ସେ ଗର୍ଭବତୀ ହୋଇଥିଲେ। ପରେ ମହିଳା ଜଣଙ୍କ ଏକ ସନ୍ତାନ ଜନ୍ମ ଦେଇଥିଲେ। ଏହାକୁ ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀ ଅସ୍ୱୀକାର କରିଥିଲେ। ପୀଡିତା ମହିଳା ୨୦୧୭ ନଭେମ୍ବର ୨୨ରେ ଏ ନେଇ ଲଇକେରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ୧୭୧/୧୭) ରୁଜୁ ଅଭିଯୁକ୍ତ ସ୍ୱାସ୍ଥ୍ୟକର୍ମୀ ତାଳପଟିଆ ଗ୍ରାମର ଆନନ୍ଦ ଭୂୟାଁ(୪୭)ଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା । ସେତେବେଳେ ଆନନ୍ଦ ଲଇକେରା ବ୍ଲକ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାମ କରୁଥିଲେ। ଏବେ ଅଭିଯୁକ୍ତ ଜେଲ୍ ହାଜତରେ ସଜା କାଟୁଥିବାବେଳେ କୋର୍ଟରେ ମାମଲା ବିଚାରାଧୀନ ରହିଥିଲା। ଏହି ମାମଲାର ବିଚାରକରି ଅତିରିକ୍ତ ଜିଲାଜଜ୍ ପୋକ୍‌ସୋ ମଦନଲାଲ କେଡିଆ ଗୁରୁବାର ଅଭିଯୁକ୍ତଙ୍କୁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମହିଳାଙ୍କ ତରଫରୁ ସରକାରୀ ଆଇନଜୀବୀ ପୃଥ୍ୱୀରାଜ ସିଂହଦେଓ ମାମଲା ପରିଚାଳନା କରୁଥିଲେ।

### ୨ ତାରିଖରେ ବିଦ୍ୟୁତ୍ କାଟ

ସମ୍ବଲପୁର,୩୦।୬ (ବ୍ୟୁରୋ): ଓଭରହେଡ କେବୁଲକୁ ମଜବୁତ କରିବା ସକାଶେ ଝାରସୁଗୁଡା ଓ ରାଉରକେଲାରେ ୧୩୨/୩୩ କାର୍ଯ୍ୟ କରାଯିବ । ତେଣୁ ୨ ଜୁଲାଇରେ ବିଦ୍ୟୁତ ସରବରାହ ଝାରସୁଗୁଡା ଓ ରାଉରକେଲାର କିଛି ଅଂଶ ପ୍ରଭାବିତ ହେବ ବୋଲି ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ କୁହାଯାଇଛି।

# ରେଙ୍ଗାଲି ବିଜେଡି ୨ ଗୋଷ୍ଠୀର ସମାନ୍ତରାଳ କାର୍ଯ୍ୟକ୍ରମ

■ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା, ବନ୍ଧୁମିଳନ କରି ଭଣ୍ଡୁର ଯୋଜନା

■ ଗୋଷ୍ଠୀ ବିବାଦ ପଦାରେ ପଡ଼ିଲା

ସମ୍ବଲପୁର/ରେଙ୍ଗାଲି,୩୦।୬ (ବ୍ୟୁରୋ/ଡି.ଏନ.ଏ.)



ରେଙ୍ଗାଲିରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମନ୍ତ୍ରୀ ରୋହିତ ପୂଜାରୀ ଓ ଅନ୍ୟ ନେତୃବୃନ୍ଦ।

ସମ୍ବଲପୁର ଜିଲା ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ ୨ଦିନ ତଳେ ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ କରାଯାଇ ଏକାଠି ଥିବା ବାର୍ତ୍ତା ଦିଆଯାଇଥିଲା । ହେଲେ ଗୁରୁବାର ଏକସମୟରେ ବିଜେଡିର ଦୁଇଗୋଷ୍ଠୀ ସମାନ୍ତରାଳ ଭାବେ ୨ଟି କାର୍ଯ୍ୟକ୍ରମ ଆୟୋଜନ କରି ଦଳର ଗୋଷ୍ଠୀ ବିବାଦକୁ ପଦାରେ ପକାଇଛନ୍ତି। ଗୋଟିଏ ଗୋଷ୍ଠୀ ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ ରୋହିତ ପୂଜାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରୁଥିବା ବେଳେ ଅନ୍ୟ ଗୋଷ୍ଠୀ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ଅନ୍ୟପଟେ ଉଭୟ ଗୋଷ୍ଠୀର ହୋର୍ଡିଂ ଓ ପୋଷ୍ଟର ସମାନ ସ୍ଥାନରେ ଟଙ୍ଗା ଯାଇଥିଲା। ଅୟୋଜକମାନେ ନିଜ ନେତାମାନଙ୍କ ଫଟୋ ଦେଇ ସ୍ଥିତି ଜାହିର କରିବାକୁ ଚେଷ୍ଟା କରିଥିଲେ। ହେଲେ ଉଭୟ କାର୍ଯ୍ୟକ୍ରମରେ ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅନୁପସ୍ଥିତ ରହିଥିଲେ। ମନ୍ତ୍ରୀ ପୂଜାରୀଙ୍କୁ ରେଙ୍ଗାଲିଠାରୁ ଖିଣ୍ଡା ପର୍ଯ୍ୟନ୍ତ ୪ଟି ସ୍ଥାନରେ ସ୍ୱାଗତ କରାଯାଇଥିଲା। ହଜାର ସଂଖ୍ୟାରେ କର୍ମୀ ଓ ସାଧାରଣ ଲୋକଙ୍କ ବାଇକ୍ ରାଲି ବାହାରିଥିଲା। ଏଥିରେ ବ୍ଲକ ଉପାଧ୍ୟକ୍ଷା ସ୍ୱାତି ବେହେରା, ଚିତ୍ତ ବାଗ, ତିଲକ ବାଗ ନିବେଦକ ଭାବେ ରହିଥିଲେ। ହେଲେ ବ୍ଲକ ଅଧ୍ୟକ୍ଷଙ୍କ ସମେତ ଅନ୍ୟ ଗୋଷ୍ଠୀ ନେତାଙ୍କ ଦେଖାମିଳି ନ ଥିଲା। ମନ୍ତ୍ରୀ ପୂଜାରୀଙ୍କୁ ଅଣଦେଖା କରିଥିଲେ ଅନ୍ୟ ଗୋଷ୍ଠୀ। ଏହାକୁ ନେଇ ନିବେଦକ ବାଗ କହିଥିଲେ, ବିଜେଡି ପାଇଁ କାମ କରୁଥିଲି, ଆଗକୁ ମଧ କରିବି। ଶୋଭାଯାତ୍ରାରେ ଦଳୀୟ କର୍ମୀଙ୍କ ସହିତ ସାଧାରଣ ଜନତା ମଧ ସାମିଲ ହୋଇ ନିଜର ଭଲପାଇବା ଜାହିର କରିଥିଲେ ବୋଲି କହିଥିଲେ। ଅନ୍ୟପଟେ ଅନ୍ୟ ଗୋଷ୍ଠୀ ମଧ ବନ୍ଧୁମିଳନ କାର୍ଯ୍ୟକ୍ରମ କରିଥିଲେ। ଏଥିରେ ଶତାଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ । ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ ଓ ବ୍ଲକ ବିଜେଡି ସଭାପତି ଆଶୋକ ଗୁରୁ କାର୍ଯ୍ୟକ୍ରମର ନିବେଦକ ରହିଥିଲେ । ମନ୍ତ୍ରୀ ପୂଜାରୀଙ୍କ କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ବେଳେ ଦୁଇଜଣ ଅଭିଜ୍ଞ ନେତା କିଭଳି ସମାନ ସମୟରେ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ବୋଲି କର୍ମୀମାନେ ପ୍ରଶ୍ନ କରୁଛନ୍ତି । ମନ୍ତ୍ରୀ ପୂଜାରୀଙ୍କ କାର୍ଯ୍ୟକ୍ରମକୁ ଭଣ୍ଡୁର କରିବାକୁ ଚେଷ୍ଟା କରାଯାଉଥିବା ଅଭିଯୋଗ ହେଉଛି। ବ୍ଲକ ଅଧ୍ୟକ୍ଷ ଅଗ୍ରୱାଲ କହିଛନ୍ତି, ମନ୍ତ୍ରୀ ପୂଜାରୀଙ୍କ କାର୍ଯ୍ୟକ୍ରମ ଜୁନ ୨୮ ତାରିଖ ସ୍ଥିର ହୋଇଥିଲା। ତେଣୁ ବନ୍ଧୁମିଳନ ଆୟୋଜନ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମ ପାଇଁ କୌଣସି ସୂଚନା ଆମ ପାଖରେ ନ ଥିଲା। ତେଣୁ ୨ ଗୋଟି କାର୍ଯ୍ୟକ୍ରମ ହୋଇଥିଲା ବୋଲି କହିଥିଲେ। ମନ୍ତ୍ରୀ ପୂଜାରୀଙ୍କ କାର୍ଯ୍ୟକ୍ରମରେ ଜିଲାପରିଷଦ ସଭାପତି କୁମୁଦିନୀ ନାଏକ, ଜିଲା ପରିଷଦ ସଭ୍ୟ ଦେଓନାରାୟଣ ତିୱାରୀ, ଦଳର ପ୍ରବକ୍ତା ସଞ୍ଜୟ ବାବୁ, ପୂର୍ବତନ ବିଧାୟକ ରମେଶ ପଟୁଆ, ଏମ୍.ବି. ସତ୍ୟମ, ଶଶି ସାହୁ, ଅଞ୍ଜଳି ପ୍ରଧାନ, ଲପଙ୍ଗା ସରପଞ୍ଚ ମମତା ବେହେରା, ପ୍ରଶାନ୍ତ ଗୁରୁ, ଅଜିତ ବାବୁ ପ୍ରମୁଖ ଶତାଧିକ ସମର୍ଥକ ଉପସ୍ଥିତ ଥିଲେ।

## ଲୁନାକୁ ଧକ୍କାଦେଲା ପିକ୍‌ଅପ୍: ବାପପୁଅ ମୃତ

ଝାରସୁଗୁଡ଼ା ଅଫିସ,୩୦।୬

ଝାରସୁଗୁଡା ଜିଲା ବେଲପାହାଡ ଥାନା ଅନ୍ତର୍ଗତ ବନ୍ଧବାହାଲ-ବେଲପାହାଡ ମୁଖ୍ୟରାସ୍ତାର ଯୋରାବଗା ଛକ ନିକଟରେ ଗୁରୁବାର ରାତି ୮ଟାରେ ପିକ୍‌ଅପ୍ ଭ୍ୟାନ୍ ଓ ଲୁନା ମୁହାଁମୁହିଁ ଧକ୍କା ଦେଇଛି। ଫଳରେ ଲୁନାରେ ଥିବା ବାପପୁଅଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବେଲପାହାଡ ରେହେମତ ନଗରର ମହମ୍ମଦ ମେହେଫୁଜ ଆଲମ(୪୫) ଓ ପୁଅ ମହମ୍ମଦ ଆଜିଲ(୧୫)। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରୁଛି। ରାସ୍ତାର ଉଭୟ ପାର୍ଶ୍ୱରେ ବେଆଇନ ଟ୍ରକ୍ ପାର୍କିଂ ହଟାଯିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଆନ୍ଦୋଳନକାରୀ ଅଡିବସିଛନ୍ତି। ମହମ୍ମଦ ମେହେଫୁଜ ଜଣେ ଧୂପକାଠି ବ୍ୟବସାୟୀ ହୋଇଥିବାବେଳେ ବେପାର ପାଇଁ ସେ ପୁଅକୁ ସାଙ୍ଗରେଧରି ଲୁନାରେ ବନ୍ଧବାହାଲ ଆସୁଥିଲେ। ଦୁର୍ଘଟଣା ଘଟାଇଥିବା ଏଚଆର୍୨୪ଏସି-୩୨୮୧ନଂ. ପିକ୍‌ଅପ ଭ୍ୟାନକୁ ପୋଲିସ ଜବତ କରିଛି।

## ନାବାଳିକାଙ୍କୁ ଗର୍ଭବତୀ ଅଭିଯୋଗରେ ଯୁବକ ଗିରଫ

ମହିଳାଙ୍କୁ ଗର୍ଭବତୀ କରିବା ମାମଲା

କୁଚିଣ୍ଡା,୩୦।୬(ଡି.ଏନ.ଏ.)

କୁଚିଣ୍ଡା ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ଗର୍ଭବତୀ କରି ପଶ୍ଚିମବଙ୍ଗ ରାଜ୍ୟର ଟୋଟା ଏସ୍‌କେ ନାମକ ଯୁବକ କୁଚିଣ୍ଡା ପୋଲିସ ଦ୍ୱାରା ଗିରଫ ହୋଇ ଗୁରୁବାର ସମ୍ବଲପୁର ପୋକ୍‌ସୋ କୋର୍ଟ ଚାଲାଣ ହୋଇଛନ୍ତି। ଏକ ଠିକା ସଂସ୍ଥାରେ କାମ କରୁଥିବା ଟୋଟା ଏସକେ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ଗତ ଜାନୁୟାରୀ ମାସରୁ କୁଆଡେ ନେଇଯାଇଥିଲେ। ନାବାଳିକାଙ୍କ ପରିବାର ଖୋଜାଖୋଜି ପରେବି ଝିଅର ସନ୍ଧାନ ପାଇ ନ ଥିଲେ। ମଙ୍ଗଳବାର ନାବାଳିକା ଜଣକ ଘରକୁ ଫେରି ଦେହ ଅସୁସ୍ଥ ଥିବା କହିବାରୁ ପରିବାର ଲୋକେ ମେଡିକାଲ ନେଇଥିଲେ। ଯାଞ୍ଚ ପରେ ସେ ଗର୍ଭବତୀ ଥିବା ଜଣାପଡିଥିଲା। ନାବାଳିକା ଟୋଟାଙ୍କ ଦ୍ୱାରା ଗର୍ଭବତୀ ଥିବା କହିବାରୁ ନାବାଳିକାଙ୍କ ବାପା ବୁଧବାର କୁଚିଣ୍ଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ ୧୧୭/୨୨) ରୁଜୁ କରି ଅଭିଯୁକ୍ତ ଟୋଟାଙ୍କୁ ଗିରଫ କରିଥିବା କୁଚିଣ୍ଡା ଆଇଆଇସି ଶୋଭାକର ସେଠ କହିଛନ୍ତି।

## ଜନଜାତିଙ୍କ ପାରମ୍ପରିକ ସାଂସ୍କୃତିକ ସରଞ୍ଜାମ ବଣ୍ଟନ

ସୁନ୍ଦରଗଡ, ୩୦।୬(ଡି.ଏନ.ଏ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଅନୁସୂଚିତ ଜନଜାତି-ଜାତି ଉନ୍ନୟନ, ପଛୁଆବର୍ଗ ଓ ସଂଖ୍ୟାଲଘୁ ବିକାଶ ବିଭାଗ ଦ୍ୱାରା ପରିଚାଳିତ ସୁନ୍ଦରଗଡ଼ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ବିଭିନ୍ନ ବ୍ଲକରୁ ଆସିଥିବା ଆଦିବାସୀ ସମ୍ପ୍ରଦାୟର ୪୦ଟି ସାଂସ୍କୃତିକ ନୃତ୍ୟକଳା ଦଳଙ୍କୁ ପାରମ୍ପରିକ ବାଦ୍ୟଯନ୍ତ୍ର ସହ ପାରମ୍ପରିକ ବସ୍ତ୍ର ଏବଂ ଶୃଙ୍ଗାର ସାମଗ୍ରୀ ବଣ୍ଟନ କରାଯାଇଥିଲା। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିନୟ ଟପ୍ପୋଙ୍କ ଅଧ୍ୟକ୍ଷତାରେ ସୁନ୍ଦରଗଡ଼ ଏସଡିସି କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଜିଲାପାଳ ଡ଼. ଗାଭାଳି ପରାଗ ହର୍ଷଦ ଉଦ୍‌ଘାଟନ କରିଥିଲେ। ରାଜ୍ୟରେ ଆଦିବାସୀଙ୍କ ପାରମ୍ପରିକ କଳା,ଭାଷା,ସଂସ୍କୃତିର ସୁରକ୍ଷା ଓ ବିକାଶ ପାଇଁ ରାଜ୍ୟ ସରକାର ଯଥେଷ୍ଟ ଧ୍ୟାନ ଦେଇଛନ୍ତି। ସୁନ୍ଦରଗଡ଼ ଜିଲାର ଆଦିବାସୀଙ୍କ କଳା, ସଂସ୍କୃତି ବିଶ୍ୱ ଦରବାରରେ ପରିଚିତ ହୋଇପାରିଥିବାରୁ ଜିଲାବାସୀ ଗର୍ବିତ ବୋଲି ଜିଲାପାଳ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗୋଣ୍ଡ, ଜିଲା ପରିଷଦ ସଭ୍ୟା ଜୟନ୍ତୀ ଏକ୍କା, ଅମୀୟ ପ୍ରଧାନ, ବୈଷ୍ଣବ ମାଝୀ, ବିନୋଦ କୁଜୁର, ମନୋଜ ବାରୁଆ, ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ବୈକୁଣ୍ଠ ନାଏକ, ପୌର ଉପାଧ୍ୟକ୍ଷ ଲଲାଟେନ୍ଦୁ ପରି, ସୁକାନ୍ତ ପତି, ଜୟନାରାୟଣ ମିଶ୍ର, ଜିଲା ପରିଷଦ ସଭ୍ୟ ମନୋଜ ବାରୁଆ, ବୈଷ୍ଣବ ମାଝୀ, ବିନୋଦ କୁଜୁର, ପ୍ରଶାନ୍ତ ପୃଷେଠ, ବିରେନ୍ଦ୍ର ପଟେଲ, ରାଜେନ୍ଦ୍ର ଲେଙ୍କା, ରାଜ୍ୟ ପରିଷଦ ସଭ୍ୟ, ମହମ୍ମଦ ହାରୁନ ରସିଦ, ସୁଦାମ ଭୋଇ, ଅଶୋକ ମହାନ୍ତି, ରଞ୍ଜନ ସିଂ, ମୁକେଶ ପୁରୋହିତ, ଶିବାଜୀ ନାଏକ, ବିସ୍ମୟ ପଟ୍ଟନାୟକ, ସୁବ୍ରତ ନାଏକ, ରୋଶନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲାପାଳଙ୍କୁ ଡିଆରଡିଏ ଛକରୁ ଏସଡ଼ିସି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆଦିବାସୀ ସାଂସ୍କୃତିକ ଦଳମାନେ ପାରମ୍ପରିକ ନୃତ୍ୟଗୀତର ତାଳେ ତାଳେ ପାଛୋଟି ନେଇଥିଲେ।

## ଦିଲୀପ ମହାପାତ୍ର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ସଭାପତି ନିର୍ବାଚିତ



ସଭାପତି ନିର୍ବାଚିତ ହେବା ପରେ ଅନ୍ୟମାନଙ୍କ ଗହଣରେ ଦିଲୀପ ମହାପାତ୍ର।

ରାଉରକେଲା ଅଫିସ,୩୦।୬

ରାଉରକେଲା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ସଭାପତି ଭାବେ ଦିଲୀପ ମହାପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ୧୫ ନିର୍ଦ୍ଦେଶକ ପଦବୀରୁ ଦିଲୀପ ମହାପାତ୍ରଙ୍କ ପ୍ୟାନେଲରୁ ୧୩ ଜଣ ବିଜୟୀ ହୋଇଥିଲେ। ଗୁରୁବାର ଦିଲୀପ ସଭାପତି ପଦବୀ ଲାଗି ପାନପୋଷ ଉପଜିଲାପାଳ ଦୌଲତ ଚନ୍ଦ୍ରାକରଙ୍କ ନିକଟରେ ନିଜ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହି ପଦବୀ ପାଇଁ ଅନ୍ୟ କେହି ପ୍ରାର୍ଥିପତ୍ର ଦାଖଲ ନ କରିବାରୁ ଦିଲୀପଙ୍କୁ ନିର୍ଦ୍ୱନ୍ଦ୍ୱରେ ସଭାପତି ନିର୍ବାଚିତ ଘୋଷଣା କରାଯାଇଥିଲା। ଏହି ଅବସରରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ, ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ପୂର୍ବତନ ସଭାପତି ରାଜେଶ ମହାପାତ୍ର, ଚ୍ୟାମ୍ବର ଅଫ କମର୍ସର ସଭାପତି ଶୁଭ ପଟ୍ଟନାୟକ, ସମ୍ପାଦକ ସୁନିଲ କୟାଲ, ହରିହର ରାଉତରାୟ, ରମେଶ ବଳ, ରସିଦ ଆଲାମ, ବି.ଏନ୍. ପଟ୍ଟନାୟକ, ବିଲୁ ପୁହାଣ, ସଂଗ୍ରାମ ସାମନ୍ତରାୟ, ବେନି ସିଂ, ସୁକାନ୍ତ ମହାପାତ୍ରଙ୍କ ସମେତ ସହରର ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମାଇନିଂ ଟ୍ରକ୍ ଟିପ୍ପର ଆସୋସିଏଶନର ବିକ୍ଷୋଭ ପ୍ରଦର୍ଶନ



ଉଦିତନଗର ସ୍ଥିତ ଖଣି ନିର୍ଦ୍ଦେଶକଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ରାଉରକେଲା ଅଫିସ,୩୦।୬

କେନ୍ଦ୍ର ସରକାରଙ୍କ ଖଣିଜ ପଦାର୍ଥ ରପ୍ତାନି ନୀତି ଯୋଗୁଁ ପରିବହନରେ ବିଭିନ୍ନ ସମସ୍ୟା ଉପୁଜୁଛି। ଏଭଳି ଅଭିଯୋଗ କରି ରାଉରକେଲା ଉଦିତନଗର ସ୍ଥିତ ଖଣି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାଉରକେଲା ମାଇନିଂ ଏରିଆ ଟ୍ରକ୍, ଟିପ୍ପର ଆସୋସିଏଶନ ପକ୍ଷରୁ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭକୁ ରାଉରକେଲା ଟ୍ରେଲର ଆସୋସିଏଶନ ଓ ବେଦବ୍ୟାସ ଟ୍ରକ୍ ଓନର୍ସ ଆସୋସିଏଶନ ସମର୍ଥନ ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ଖଣି ନିର୍ଦ୍ଦେଶକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଟ୍ରକ୍ ଓ ଟିପ୍ପର ଆସୋସିଏଶନର ସଭାପତି ସୁମନ ଦଇରବାଜ, ଏମ୍‌ଡ଼ି ତସ୍‌ଲିମ, ଗୌତମ ବାଢ଼ା, ବେଦବ୍ୟାସ ଟ୍ରକ ଆସୋସିଏଶନର ସଭାପତି ମିଟୁ ବେଉରା, ବିଜୟ ପ୍ରଧାନ, ସୁବାସ ଦାସ, ଜଗଦୀଶ ଜୟସ୍ୱାଲ, ରଞ୍ଜିତ ସାହୁ, ଜୟ ବାହାଦୂର, ବିଜୟ ଚୌଧୁରୀ, ଅନୂପ କୁମାର, ବିଷ୍ଣୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରକ୍ ଟର୍ମିନାଲ ପାଇଁ ଚୁକ୍ତିନାମା ସ୍ୱାକ୍ଷରିତ

ଝାରସୁଗୁଡ଼ା ଅଫିସ,୩୦।୬

ଜିଲାରେ ଟ୍ରକ ଟର୍ମିନାଲ ପ୍ରତିଷ୍ଠା ନେଇ ଜିଲା ପ୍ରଶାସନ ଓ ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘ (ବିଟିଓଏ) ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ବୁଧବାର ଜିଲାପାଳଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ଜିଲାପାଳ ସରୋଜ କୁମାର ସାମଲଙ୍କ ଉପସ୍ଥିତିରେ ଆଞ୍ଚଳିକ ପରିବହନ ଅଧିକାରୀ ଓ ଟ୍ରକ୍ ମାଲିକ ସଂଘ ସଭାପତି ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ବ୍ରଜରାଜନଗର ରାସ୍ତା ୯ନମ୍ବରଠାରେ ଏହି ଟର୍ମିନାଲ ୩ଏକର ୩୫ଡେସିମିଲ ପରିମିତ ଜାଗାରେ ପ୍ରତିଷ୍ଠା ହୋଇଛି। ଏଥିପାଇଁ ଜିଲା ଖଣିଜ ପାଣ୍ଠିରୁ ୨କୋଟି ୯୭ଲକ୍ଷ ୪୦ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ଚୁକ୍ତିନାମା ଅନୁଯାୟୀ ଆଗାମୀ ଜୁଲାଇ ୧୫ତାରିଖଠାରୁ ଉକ୍ତ ରାସ୍ତାରେ ଟ୍ରକ୍ ପାର୍କିଂ ପାଇଁ ଟର୍ମିନାଲ ବ୍ୟବହୃତ ହେବ। ରାସ୍ତାପାର୍ଶ୍ୱରେ କୌଣସି ଟ୍ରକ୍ ପାର୍କିଂ କରାଯିବ ନାହିଁ। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲାପାଳ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପାର୍କିଂଜନିତ ସମସ୍ୟାରୁ ଦୁର୍ଘଟଣା ଘଟୁଥିବା ଦୃଷ୍ଟିକୁ ଆସିବା ପରେ ଜିଲା ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ ଦୀନବନ୍ଧୁ ଖୁଣ୍ଟି, ଟ୍ରକ୍ ମାଲିକ ସଂଘ ସଭାପତି ଦେବ ପ୍ରସାଦ ଦାଶ, ଉପସଭାପତି ଅରୁଣ ଯାଦବ, ସମ୍ପାଦକ ରାଜା ପୁରୋହିତ, ଯୁଗ୍ମ ସମ୍ପାଦକ ମଧୁସୂଦନ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍‌ସିଏଲ୍‌ର ତାଳଚେରଠାରେ ୨ କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟିତ



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଦ୍ୟାଳୟର ଶୁଭ ଉଦ୍‌ଘାଟନ କରୁଛନ୍ତି।

ସମ୍ବଲପୁର,୩୦।୬ (ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ତାଳଚେରଠାରେ ଶୁକ୍ରବାର ୨ଟି କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଶୁଭ ଉଦ୍‌ଘାଟନ କରିଥିଲେ। କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଭର୍ଚୁଆଲ ଜରିଆରେ ସାମିଲ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ଲୋକସଭା ସାଂସଦ ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ୍‌ପ୍ରକାଶ ସିଂ, ବିତ୍ତ ନିର୍ଦ୍ଦେଶକ କେ.ଆର୍. ବାସୁଦେବନ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ଅନୁଗୋଳ ଉପଜିଲାପାଳ ବିଶ୍ୱରଞ୍ଜନ ରଥ ଓ କେନ୍ଦ୍ରୀୟ ବିଦ୍ୟାଳୟର ଡେପୁଟି କମିଶନର ଡ. ଶ୍ରୀହରନ ବୋଷ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଓଡ଼ିଶାରେ ଏମ୍‌ସିଏଲ ଦ୍ୱାରା ସମୁଦାୟ ୩ଟି ବିଦ୍ୟାଳୟ ଯଥା ତାଳଚେର ଜଗନ୍ନାଥ ଏରିଆ, ସୁଭଦ୍ରା ଏରିଆ ଓ ସୁନ୍ଦରଗଡ ଜିଲାର

# ପାନୀୟଜଳ ସମସ୍ୟା ସମାଧାନ ହେଲାନି

ବିଡିଓଙ୍କୁ ଜଣାଇଲେ ବଡ଼ଗାଁବାସୀ

ବଡ଼ଗାଁ, ୩୦।୬(ଡି.ଏନ୍.ଏ.)





ଗ୍ରାମବାସୀ ବିଡ଼ିଓଙ୍କୁ ଲିଖିତ ଜଣାଉଛନ୍ତି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବସ୍ତିକୁ ମାସେ ହେଲା ପାନୀୟଜଳ ଯୋଗାଣ ବନ୍ଦ ହୋଇଯାଇଛି। ଏ ନେଇ ଗତମାସ ଗ୍ରାମର ମହିଳାମାନେ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନଙ୍କ ସହିତ ବିଡିଓ କ୍ଷମାନିଧି ଭୋଇ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଓ ବଡ଼ଗାଁ ସରପଞ୍ଚ ସୁଗାଡ ସଏଙ୍କୁ ଜଣାଇଥିଲେ ମଧ ସମସ୍ୟାର ସମାଧାନ କରିପାରିନାହାନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ପୂର୍ବାହ୍ନରେ ଗ୍ରାମର କେତେକ ବ୍ୟକ୍ତି ବିଡ଼ିଓଙ୍କୁ ପୁନର୍ବାର ଲିଖିତ ଜଣାଇ ତୁରନ୍ତ ସମାଧାନ ଦାବି କରିଛନ୍ତି। ଆଲୋକ ପଟ୍ଟନାୟକ, ଗୌରାଙ୍ଗ ପ୍ରୁସେଟ, ପୁଷ୍ପାଞ୍ଜଳି ସା, ଝରଣା ମିଶ୍ର, ରାଜୁ ସା, ପ୍ରମୁଖ ବ୍ୟକ୍ତିଙ୍କ ଦସ୍ତଖତ ଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଏକମାସରୁ ଉର୍ଦ୍ଧ୍ୱ ଦିନ ହେଲା ବସ୍ତିପଡାକୁ ଜଳ ଯୋଗାଣ ବନ୍ଦ ଅଛି। ଦୈନିକ ଘରୋଇ ପାଣି ବ୍ୟବହାର ପାଇଁ ପଡାବାସୀ ହଇରାଣ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଗତମାସ ବ୍ଲକ ପ୍ରଶାସନ, ଜଳ ଓ ପରିମଳ ଯନ୍ତ୍ରୀ ଓ ସରପଞ୍ଚଙ୍କ ଦୃଷ୍ଟି ଗୋଚର କରିଥିଲେ ମଧ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଶୀଘ୍ର ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



# ଟୁର୍ ଡି ଫ୍ରାନ୍ସ

**ବିଶ୍ୱର ସବୁଠାରୁ ଲୋକପ୍ରିୟ ଏବଂ ସମ୍ମାନଜନକ ସାଇକେଲ ରେସ୍ ଟୁର୍ ଡି ଫ୍ରାନ୍ସ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ଡେନ୍‌ମାର୍କର କୋପେନ୍‌ହାଗେନରୁ ଏହା ଆରମ୍ଭ ହୋଇ ବେଲ୍‌ଜିୟମ ଓ ସୁଇଜରଲାଣ୍ଡ ଦେଇ ଜୁଲାଇ ୨୪ରେ ପ୍ୟାରିସର ଚାମ୍ପ୍‌-ଏଲିସେସ୍‌ରେ ଶେଷ ହେବ...**

ବିଶ୍ୱର ସବୁଠାରୁ ଲୋକପ୍ରିୟ ଏବଂ ସମ୍ମାନଜନକ ସାଇକେଲ ରେସ୍ ଟୁର୍ ଡି ଫ୍ରାନ୍ସ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ଡେନ୍‌ମାର୍କର କୋପେନ୍‌ହାଗେନରୁ ଏହା ଆରମ୍ଭ ହୋଇ ବେଲ୍‌ଜିୟମ ଓ ସୁଇଜରଲାଣ୍ଡ ଦେଇ ଜୁଲାଇ ୨୪ରେ ପ୍ୟାରିସର ଚାମ୍ପ୍‌-ଏଲିସେସରେ ଶେଷ ହେବ। ପ୍ରତିଯୋଗିତାରେ ଫ୍ରାନ୍ସର ସର୍ବାଧିକ ୩୨ ସାଇକ୍ଲିଷ୍ଟ ଅଂଶଗ୍ରହଣ କରିବେ। ଏହା ବ୍ୟତୀତ ଅଷ୍ଟ୍ରେଲିଆର ୯, ଅଷ୍ଟ୍ରିଆ- ୬, ବେଲ୍‌ଜିୟମ- ୧୮, କାନାଡ଼ା- ୪, କଲମ୍ବିଆ- ୩, ଡେନ୍‌ମାର୍କ- ୧୦, ଜର୍ମାନୀ- ୯, ଗ୍ରେଟ୍ ବ୍ରିଟେନ- ୮, ଇଟାଲୀ- ୧୪, କାଜାଖସ୍ତାନ- ୩, ଲାଟଭିଆ- ୨, ଲକ୍ସମବର୍ଗ- ୩, ନେଦରଲାଣ୍ଡ୍ସ- ୧୦, ନ୍ୟୁଜିଲାଣ୍ଡ- ୨, ନରୱେ- ୬, ପୋଲାଣ୍ଡ- ୪, ପର୍ତ୍ତୁଗାଲ- ୨, ସ୍ଲୋଭାକିଆ- ୧, ସ୍ଲୋଭେନିଆ- ୫, ଦକ୍ଷିଣ ଆଫ୍ରିକା- ୩, ସ୍ପେନ- ୯, ସୁଇଜରଲାଣ୍ଡ- ୪, ଆମେରିକା- ୭ ଓ ବିନା ପତାକାରେ ୨ (ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ପରେ ରୁଷିଆ ଓ ବେଲାରୁଷର କୌଣସି ସାଇକ୍ଲିଷ୍ଟ ତାଙ୍କ ଦେଶର ପତାକା ସହିତ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ନିଷ୍ପତ୍ତି ହୋଇଛି) ସାଇକ୍ଲିଷ୍ଟ ଭାଗ୍ୟ ପରୀକ୍ଷା କରିବେ। ଏ ସମସ୍ତଙ୍କୁ ମିଶାଇଲେ ମୋଟ ୧୭୬ ପ୍ରତିଯୋଗୀ ଟୁର୍ ଡୁ ଫ୍ରାନ୍ସ-୨୦୨୨ରେ ଅଂଶଗ୍ରହଣ କରିବେ।

### ପୋଗାକାର ଡିଫେଣ୍ଡିଂ ଚାମ୍ପିୟନ

ୟୁଏଇ ଟିମ୍ ଏମିରେଟ୍ସ ରାଇଡର ସ୍ଲୋଭେନିଆର ଟାଡେଜ ପୋଗାକାର ୨୦୨୧ ସଂସ୍କରଣରେ ଚାମ୍ପିୟନ ହୋଇଥିଲେ। ତେଣୁ ସେ ଏଥର ଡିଫେଣ୍ଡିଂ ଚାମ୍ପିୟନଭାବେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଡେନ୍‌ମାର୍କର ଜୋନାସ ଭିନ୍‌ଗେଗାର୍ଡଙ୍କୁ ପଛରେ ପକାଇ ସେ ଟାଇଟଲ ହାସଲ କରିଥିଲେ। ପୋଗାକାର ଏଥର ଟାଇଟଲ ଜିତିଲେ ହ୍ୟାଟ୍ରିକ କରିବେ। କାରଣ ସେ ସର୍ବକନିଷ୍ଠ ଡ୍ରାଇଭରଭାବେ କ୍ରମାଗତ ୨ ବର୍ଷ ଧରି ଚାମ୍ପିୟନ ହୋଇ ସାରିଛନ୍ତି। ଦୁଇଥର ବିଶ୍ୱ ଚାମ୍ପିୟନ ଜୁଲିଆନ ଆଲାଫିଲିପେ ଏବଂ ତାରକା ସ୍ପ୍ରିଣ୍ଟର ମାର୍କ କାଭେଣ୍ଡିସ ଏଥରର ଟୁର୍ ଡି ଫ୍ରାନ୍ସ ରେସ୍‌ରେ ଭାଗ ନେବେନାହିଁ। ଦୁଇମାସ ତଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଆଲାଫିଲିପେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନ ଥିବା ତାଙ୍କ କ୍ୱିକ୍-ଷ୍ଟେପ୍ ଆଲ୍‌ଫା ଭିନିଲ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଗତବର୍ଷ ୩୪ ଟୁର୍ ଷ୍ଟେଜ୍ ବିଜୟ ହାସଲ କରି ଇଡି ମେର୍କିକ୍ସଙ୍କ ରେକର୍ଡ ସହ ସମକକ୍ଷ ହୋଇଥିବା କାଭେଣ୍ଡିସ ମଧ୍ୟ ରେସ୍ କରିବେ ନାହିଁ। କିଛି ସପ୍ତାହତଳେ ସେ ବ୍ରିଟିଶ୍ ନ୍ୟାଶନାଲ ଟାଇଟଲ ଜିତିଥିଲେ ମଧ୍ୟ ତାଙ୍କୁ କ୍ୱିକ୍-ଷ୍ଟେପ୍ ଆଲ୍‌ଫା ଭିନିଲ ଟିମ୍ ପକ୍ଷରୁ ପ୍ରଥମ ରିଜର୍ଭ ରାଇଡର ତାଲିକାରେ ରଖା ଯାଇଥିଲା।

### ୪ ରାଇଡର ୫ ଥର

ଟୁର୍ ଡି ଫ୍ରାନ୍ସ ଇତିହାସରେ ୪ ଜଣ ରାଇଡର ୫ ଥର ଲେଖାଏ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ସେମାନେ ହେଲେ ଫ୍ରାନ୍ସର ଜ୍ୟାକ୍ସ ଆନ୍‌କ୍ୱିଟିଲ୍ (୧୯୫୧, ୧୯୬୧, ୧୯୬୨, ୧୯୬୩, ୧୯୬୪), ବେଲ୍‌ଜିୟମର ଇଡି ମେର୍କେକ୍ସ (୧୯୬୯, ୧୦୭୦, ୧୯୭୧, ୧୯୭୨, ୧୯୭୪), ଫ୍ରାନ୍ସର ବେର୍ନର୍ଡ ହିନଲ୍ଟ (୧୯୭୮, ୧୯୭୯, ୧୯୮୧, ୧୯୮୨, ୧୯୮୫) ଓ ସ୍ପେନର ମିଗୁଏଲ୍ ଇଣ୍ଡୁରେନ (୧୯୯୧, ୧୯୯୨, ୧୯୯୩, ୧୯୯୪, ୧୯୯୫)। ଗ୍ରେଟ୍‌ବ୍ରିଟେନର କ୍ରିସ୍ ଫ୍ରୁମ୍ ୪ ଥର ୨୦୧୩, ୨୦୧୫, ୨୦୧୬ ଓ ୨୦୧୭ରେ ଚାମ୍ପିୟନ ହୋଇଛନ୍ତି।



### ୨୦୨୨ ରେସ୍‌ର ରୁଟ୍ ଓ ଷ୍ଟେଜ୍

| ଷ୍ଟେଜ୍ | ତାରିଖ | କୋର୍ସ | ଡିଷ୍ଟାନ୍ସ | କେଉଁ ପ୍ରକାର |
|---|---|---|---|---|
| ୧ | ଜୁଲାଇ ୧ | କୋପେନହାଗେନ(ଡେନ୍‌ମାର୍କ) | ୧୩ କିମି | ଇଣ୍ଡିଭିଜୁଆଲ ଟାଇମ୍ ଟ୍ରାଏଲ |
| ୨ | ଜୁଲାଇ ୨ | ରୋସକିଲ୍ଡେରୁ ନୟବର୍ଗ | ୧୯୯ କିମି | ଫ୍ଲାଟ୍ ଷ୍ଟେଜ |
| ୩ | ଜୁଲାଇ ୩ | ଭେଜ୍‌ଲେରୁ ସୋଣ୍ଡରବର୍ଗ | ୧୮୨ କିମି | ଫ୍ଲାଟ୍ ଷ୍ଟେଜ |
| | ଜୁଲାଇ ୪ | ବିଶ୍ରାମ ଦିବସ | | |
| ୪ | ଜୁଲାଇ ୫ | ଡୁନ୍‌କିର୍କରୁ କାଲାଇସ | ୧୭୨ କିମି | ହିଲି ଷ୍ଟେଜ୍ |
| ୫ | ଜୁଲାଇ ୬ | ଲିଲିରୁ ଆରେନବର୍ଗ | ୧୫୫ କିମି | ହିଲି ଷ୍ଟେଜ୍ |
| ୬ | ଜୁଲାଇ ୭ | ବିନ୍‌ଚି (ବେଲ୍‌ଜିୟମ)ରୁ ଲଙ୍ଗୱି | ୨୨୦ କିମି | ହିଲି ଷ୍ଟେଜ୍ |
| ୭ | ଜୁଲାଇ ୮ | ଟୋମବ୍ଲେନରୁ ଲା ପ୍ଲାଞ୍ଚେ ଡେସ୍ ବେଲେସ ଫାଇଲ୍ସ | ୧୭୬ କିମି | ମାଉଣ୍ଟେନ ଷ୍ଟେଜ |
| ୮ | ଜୁଲାଇ ୯ | ଡୋଲେରୁ ଲାଉସାନେ (ସୁଇଜରଲାଣ୍ଡ) | ୧୮୪ କିମି | ମିଡିୟମ ମାଉଣ୍ଟେନ ଷ୍ଟେଜ |
| ୯ | ଜୁଲାଇ ୧୦ | ଏଗ୍‌ଲେରୁ ଚାଟ୍‌ଲେ | ୧୮୩ କିମି | ମାଉଣ୍ଟେନ ଷ୍ଟେଜ୍ |
| | ଜୁଲାଇ ୧୧ | ବିଶ୍ରାମ ଦିବସ | | |
| ୧୦ | ଜୁଲାଇ ୧୨ | ମୋର୍ଜିନେରୁ ମେଗେଭେ | ୧୪୮ କିମି | ମିଡିୟମ ମାଉଣ୍ଟେନ ଷ୍ଟେଜ୍ |
| ୧୧ | ଜୁଲାଇ ୧୩ | ଆଲବର୍ଟଭିଲେରୁ କୋଲ୍ ଡୁ ଗ୍ରାନନ | ୧୪୯ କିମି | ମାଉଣ୍ଟେନ ଷ୍ଟେଜ୍ |
| ୧୨ | ଜୁଲାଇ ୧୪ | ବ୍ରାଏନ୍‌କନ୍‌ରୁ ଆଲ୍‌ପି ଡି'ହୁଇଜ | ୧୬୬ କିମି | ମାଉଣ୍ଟେନ ଷ୍ଟେଜ୍ |
| ୧୩ | ଜୁଲାଇ ୧୫ | ଲି ବର୍ଗ-ଡି'ଓଇସାନ୍ସରୁ ସେଣ୍ଟ-ଇଟିନେ | ୧୯୩ କିମି | ଫ୍ଲାଟ ଷ୍ଟେଜ୍ |
| ୧୪ | ଜୁଲାଇ ୧୬ | ସେଣ୍ଟ-ଇଟିନେରୁ ମେନ୍‌ଡେ | ୧୯୫ କିମି | ମିଡିୟମ ମାଉଣ୍ଟେନ ଷ୍ଟେଜ୍ |
| ୧୫ | ଜୁଲାଇ ୧୭ | ରୋଡେଜରୁ କାର୍କାସୋନେ | ୨୦୦ କିମି | ଫ୍ଲାଟ୍ ଷ୍ଟେଜ୍ |
| | ଜୁଲାଇ ୧୮ | ବିଶ୍ରାମ ଦିବସ | | |
| ୧୬ | ଜୁଲାଇ ୧୯ | କାର୍କାସୋନେରୁ ଫୋଇକ୍ସ | ୧୭୯ କିମି | ମିଡିୟମ ମାଉଣ୍ଟେନ ଷ୍ଟେଜ |
| ୧୭ | ଜୁଲାଇ ୨୦ | ସେଣ୍ଟ-ଗୌଡେନ୍ସରୁ ପିରାଗୁଡେସ | ୧୩୦ କିମି | ମାଉଣ୍ଟେନ ଷ୍ଟେଜ |
| ୧୮ | ଜୁଲାଇ ୨୧ | ଲୌର୍ଡେସରୁ ହୌଟାକାମ | ୧୪୩ କିମି | ମାଉଣ୍ଟେନ ଷ୍ଟେଜ |
| ୧୯ | ଜୁଲାଇ ୨୨ | କାଷ୍ଟେଲନାଉ-ମ୍ୟାଗ୍ନୋଆକ୍‌ରୁ କାହୋର୍ସ | ୧୮୯ କିମି | ଫ୍ଲାଟ୍ ଷ୍ଟେଜ |
| ୨୦ | ଜୁଲାଇ ୨୩ | ଲାକାପେଲେ-ମାରିଭାଲରୁ ରୋକାମାଡୋର | ୪୦ କିମ | ଇଣ୍ଡିଭିଜୁଆଲ୍ ଟାଇମ୍ ଟ୍ରାଏଲ |
| ୨୧ | ଜୁଲାଇ ୨୪ | ପ୍ୟାରିସ ଲା ଡିଫେନ୍ସ ଆରୋନାରୁ ପ୍ୟାରିସ | ୧୧୨ କିମି | ଫ୍ଲାଟ୍ ଷ୍ଟେଜ |
| | | **ମୋଟ** | **୩,୩୨୮ କିମି (୨,୦୫୮ ମାଇଲ)** | |

## ଫାଓ ଲିଗ୍‌ରେ ଭାଗନେବେ ୨୪ ଦଳ

ଭୁବନେଶ୍ୱର, ୩୦।୬
(କ୍ରୀଡ଼ା ପ୍ରତିନିଧି)

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗ କ୍ରମେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ସମ୍ମାନଜନକ ଫାଓ ଲିଗ୍ ଜୁଲାଇ ୩ରୁ ଆରମ୍ଭ ହେବ। କଟକର ବାରବାଟୀ ଷ୍ଟାଡିୟମରେ ଏହି ଲିଗ୍ ସେପ୍ଟେମ୍ବର ୧୧ ପର୍ଯ୍ୟନ୍ତ ଚାଲିବ। ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ଅଂଶଗ୍ରହଣ କରୁଥିବା ୨୪ଟି ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଡାଇମଣ୍ଡ ଗ୍ରୁପ୍‌ରେ ସ୍ପୋର୍ଟ୍ସ ହଷ୍ଟେଲ, ରାଇଜିଂ ଷ୍ଟୁଡେଣ୍ଟ କ୍ଲବ, ସନ୍‌ରାଇଜ୍ କ୍ଲବ, ଓଡ଼ିଶା ପୋଲିସ, ରାଧା ରମଣ କ୍ଲବ, ୟଙ୍ଗ ଉତ୍କଳ କ୍ଲବ, ଇଷ୍ଟକୋଷ୍ଟ ରେଲୱେ ଓ ରୋଭର୍ସ କ୍ଲବ ସ୍ଥାନ ପାଇଛନ୍ତି। ସେହିପରି ଗୋଲ୍ଡ ଗ୍ରୁପରେ ରାଇଜିଂ ଷ୍ଟାର କ୍ଲବ, ମଙ୍ଗଳା କ୍ଲବ, ସନ୍‌ସାଇନ୍ କ୍ଲବ, ଜୟଦୁର୍ଗା କ୍ଲବ, ବିଡ଼ାନାସୀ କ୍ଲବ, ରାଧା ଗୋବିନ୍ଦ କ୍ଲବ ଏବଂ ଚାନ୍ଦ କ୍ଲବ ରହିଛନ୍ତି। ସିଲ୍‌ଭର-ଏ ଗ୍ରୁପ୍‌ରେ ଲାଲବାଗ କ୍ଲବ, ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ଆଜାଦ ହିନ୍ଦ କ୍ଲବ ଏବଂ କିଶୋର କ୍ଲବ ଏବଂ ସିଲଭର-ବି ଗ୍ରୁପରେ ଚାଉଳିଆଗଞ୍ଜ କ୍ଲବ, ଟାଉନ୍ କ୍ଲବ, ରୟାଲ କ୍ଲବ, ଓଡ଼ିଶା ସରକାରୀ ପ୍ରେସ୍ କ୍ଲବ ଏବଂ ୱାଇଭିସିଜି ସ୍ଥାନ ପାଇଛନ୍ତି। ଓସିଏ କ୍ଲବ ପରିସରରେ ଗୁରୁବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଫାଓ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଏବଂ ଅଂଶଗ୍ରହଣକାରୀ କ୍ଲବ ଗୁଡ଼ିକର ସମ୍ପାଦକମାନେ ଉପସ୍ଥିତ ଥିଲେ।

## କ୍ୱିଟୋଭା, ସିତ୍‌ସିପାସ୍ ବିଜୟୀ

ୱିମ୍ବଲଡନ, ୩୦।୬

ଦୁଇଥର ଚାମ୍ପିୟନ ପେଟ୍ରା କ୍ୱିଟୋଭା ଚଳିତ ୱିମ୍ବଲଡନ ଓପନ ଟେନିସ ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ରୋମାନିଆର ଆନା ବଗ୍‌ଡାନ୍‌ଙ୍କୁ ୬-୧, ୭-୬(୭-୫)ରେ ହରାଇ ଦେଇଛନ୍ତି। ତୃତୀୟ ରାଉଣ୍ଡରେ ସେ ଚତୁର୍ଥ ସିଡ୍ ପାଉଲା ବାଡୋସାଙ୍କୁ ଭେଟିବେ। ସ୍ପେନର ବାଡୋସା ରୋମାନିଆର ଇରିନା ବାରାଙ୍କୁ ୬-୩, ୬-୨ରେ ପରାସ୍ତ କରିଛନ୍ତି। ଏଥର ମହିଳା ସିଙ୍ଗଲ୍ସ ଡ୍ର'ରେ ଯେଉଁ ୩ ଜଣ ପୂର୍ବତନ ଚାମ୍ପିୟନ ତିଷ୍ଠି ରହିଛନ୍ତି ସେମାନଙ୍କ ମଧ୍ୟରେ ୩୨ ବର୍ଷୀୟା କ୍ୱିଟୋଭା ଅନ୍ୟତମ। ଅନ୍ୟ ଦୁଇଜଣ ହେଲେ ୨୦୧୯ ଚାମ୍ପିୟନ ସିମୋନା ହାଲେପ୍ ଓ ୨୦୧୮ ବିଜୟିନୀ ଆଞ୍ଜେଲିକ୍ କର୍ବର। କୋର୍ଟ ୱାନରେ ଏକ ପୁରୁଷ ସିଙ୍ଗଲ୍ସ ମ୍ୟାଚରେ ଚତୁର୍ଥ ସିଡ୍ ଷ୍ଟିଫାନସ ସିତ୍‌ସିପାସ୍ ଅଷ୍ଟ୍ରେଲିଆର ଜୋର୍ଡାନ ଥମ୍ପସନଙ୍କୁ ୨-୬, ୩-୬ ଓ ୫-୭ ସେଟ୍‌ରେ ହରାଇ ଦେଇଛନ୍ତି। ପୁରୁଷ ଡବଲ୍ସରେ ବ୍ରିଟେନର ଜୋ ସାଲିସବୁରି ଓ ତାଙ୍କ ଆମେରିକା ପାର୍ଟନର ରାଜୀବ ରାମ ବିଜୟ ସହ ସେମାନଙ୍କ ଅଭିଯାନ ଆରମ୍ଭ କରିଛି। ଏହି ଯୋଡ଼ି ୬-୩, ୭-୬ (୭-୫) ୭-୬ (୮-୬)ରେ ଡାନିଲ ଅଲ୍ଟମେର ଓ କାର୍ଲୋସ ଟାବରନରଙ୍କୁ ପରାସ୍ତ କରିଛନ୍ତି। ଟପ୍ ସିଡ୍ ଓପନିଂ ସେଟ୍‌ରେ ଦୃଢ ଆରମ୍ଭ କରିଥିଲେ। ପରେ ସେମାନଙ୍କୁ ଦୁଇଟି କଠିନ ଯାଇବ୍ରେକ୍ ସେଟ ଖେଳିବାକୁ ହୋଇଥିଲା। ଏହି ଯୋଡ଼ି ଫ୍ରାନ୍ସର ଫାବ୍ରିସ ମାର୍ଟିନ ଓ ମୋନାକୋର ହୁଗୋ ନାଇସ୍‌ଙ୍କୁ ଭେଟିବେ। ଅନ୍ୟପକ୍ଷରେ ବ୍ରିଟେନର ସାମନ୍ଥା ମୁରେ ଶରନ ଓ ଜର୍ମାନୀର ଭିଭିଆନ ହିସେନ୍ ୬-୨, ୬-୪ ସେଟ୍‌ରେ ଆନେଟ୍ କୋଣ୍ଟାଭିଟ୍ ଓ ଶେଲ୍‌ବି ରୋଜର୍ସଙ୍କଠାରୁ ୬-୨, ୬-୪ରେ ପରାସ୍ତ ହୋଇଛନ୍ତି।



ପେଟ୍ରା କ୍ୱିଟୋଭା

### ପ୍ରଥମ ରାଉଣ୍ଡରେ ହାରିଗଲେ ସାନିଆ

ୱିମ୍ବଲଡନ, ୩୦।୬ (ପି.ଟି.): ୱିମ୍ବଲଡନରେ ଶେଷ ଥର ପାଇଁ ଖେଳୁଥିବା ଭାରତୀୟ ଖେଳାଳି ସାନିଆ ମିର୍ଜା ଓ ତାଙ୍କ ଚେକ୍ ରିପବ୍ଲିକ ପାର୍ଟନର ଲୁସି ହ୍ରାଡେକା ଯୋଡ଼ି ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଏକ ୩ ସେଟ ବିଶିଷ୍ଟ ମ୍ୟାଚରେ ପୋଲାଣ୍ଡ ଓ ବ୍ରାଜିଲର ମାଗ୍‌ଡାଲେନା ଫ୍ରେଚ୍ ଓ ବିଟ୍ରୋଜ୍ ହାଦାଦ ମାଇଆ ଯୋଡ଼ି ସେମାନଙ୍କୁ ୪-୬, ୬-୪, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୫ରେ ସାନିଆ ଓ ତାଙ୍କ ପାର୍ଟନର ମାର୍ଟିନା ହିଙ୍ଗିସ ଏଠାରେ ତାଙ୍କର ପ୍ରଥମ ଡବଲ୍ସ ଟାଇଟଲ ହାସଲ କରିଥିଲେ। ୩୫ ବର୍ଷୀୟା ଭାରତୀୟ ଭେଟେରାନ ଗତବର୍ଷ ଏଠାରେ ମିକ୍ସଡ ଡବଲ୍ସ ତୃତୀୟ ରାଉଣ୍ଡ ଅତିକ୍ରମ କରିପାରି ନ ଥିଲେ। ଏଥର ସେ କ୍ରୋଏସିଆର ମେଟ୍ ପ୍ୟାଭିକ୍‌ଙ୍କୁ ତାଙ୍କ ପାର୍ଟନର କରି ଖେଳିବେ। ସେମାନେ ମିକ୍ସଡ ଡବଲ୍ସ ଓପନିଂ ରାଉଣ୍ଡରେ ନାଟେଲା ଡିଜାଲାମିଜ୍ ଓ ଡେଭିଡ୍ ହର୍ନାଣ୍ଡେଜ ଯୋଡ଼ିଙ୍କୁ ଭେଟିବେ।

## ଆଜିଠୁ ବର୍ମିଂହାମ୍ ଟେଷ୍ଟ

ବର୍ମିଂହାମ୍, ୩୦।୬

ସ୍ଥାନୀୟ ଏଜ୍‌ବାଷ୍ଟନ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଟିମ୍ ଇଣ୍ଡିଆ ଓ ଇଂଲଣ୍ଡ ମଧ୍ୟରେ ଆରମ୍ଭ ହେବାକୁ ଯାଉଛି ପୁନଃ ନିର୍ଦ୍ଧାରିତ ୫ମ ଟେଷ୍ଟ। ଗତବର୍ଷ ଖେଳାଯାଇଥିବା ସିରିଜ୍‌ରେ ଭାରତୀୟ ଦଳ ୨-୧ରେ ଆଗୁଆ ଥିବା ବେଳେ କ୍ୟାମ୍ପରେ ଏକାଧିକ ଖେଳାଳି କୋଭିଡ୍-୧୯ରେ ସଂକ୍ରମିତ ହେବାରୁ ଏହାକୁ ସ୍ଥଗିତ ରଖାଯାଇଥିଲା। ଏହି ମ୍ୟାଚ୍ ପାଇଁ ଘରୋଇ ଦଳ ତା'ର ଚୂଡ଼ାନ୍ତ ଏକାଦଶ ଘୋଷଣା କରିସାରିଛି। ହେଲେ ଭାରତୀୟ ଏକାଦଶ ସ୍ପଷ୍ଟ ହୋଇନାହିଁ। ଗତ ୯ ମାସ ମଧ୍ୟରେ ଭାରତୀୟ ଦଳରେ ଅନେକ କିଛି ବଦଳି ଯାଇଛି। ସେତେବେଳେ ଅଧିନାୟକ ଥିବା ବିରାଟ କୋହଲି ତାଙ୍କ ପଦରୁ ଇସ୍ତଫା ଦେବା ପରେ ରୋହିତ ଶର୍ମାଙ୍କୁ ଟିମ୍ ଇଣ୍ଡିଆର ନେତୃତ୍ୱ ମିଳିଥିଲା। ମାତ୍ର କୋଭିଡ୍-୧୯ ଟେଷ୍ଟରେ ପଜିଟିଭ ଚିହ୍ନଟ ହେବାରୁ ସେ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ରୋହିତଙ୍କ ଡେପୁଟି ଲୋକେଶ ରାହୁଲ ହର୍ନିଆ ଅସ୍ତ୍ରୋପଚାର ପାଇଁ ଜର୍ମାନୀ ଯାଇଥିବାରୁ ସେ ମଧ୍ୟ ଉପଲବ୍ଧ ନାହାନ୍ତି। ଏଥିଯୋଗୁ ଯଶପ୍ରୀତ ବୁମ୍‌ରାଙ୍କୁ ଦଳର ନେତୃତ୍ୱ ଦିଆଯାଇଛି। ଭାରତୀୟ କ୍ରିକେଟ ଇତିହାସର ଅନ୍ୟତମ ଶ୍ରେଷ୍ଠ ବୋଲର ୩୬ତମ ଖେଳାଳି ଭାବେ ଭାରତୀୟ ଦଳର ନେତୃତ୍ୱ ନେବାକୁ ଯାଉଛନ୍ତି। ଭାରତୀୟ କ୍ରିକେଟରେ ଦ୍ରୁତ ବୋଲରଙ୍କୁ କଦାପି ନେତୃତ୍ୱ ଦାବିଦାର ଭଳି ଦେଖାଯାଏ ନାହିଁ। କପିଳ ଦେବ ନିଜ ସମୟରେ ଜଣେ ବିଶ୍ୱସ୍ତରୀୟ ଅଲରାଉଣ୍ଡର ଥିଲେ। କ୍ୟାରିୟରର ଶେଷଆଡ଼କୁ ସେ ମିଡିୟମ ପେସର ପାଲଟି ଯାଇଥିଲେ। ଜାଭାଗଲ ଶ୍ରୀନାଥ ଓ ଜାହିର ଖାନ୍ ଭାରତୀୟ ପେସ ବୋଲିଂର ପୁରୋଧା ଥିଲେ। କିନ୍ତୁ ସେମାନଙ୍କୁ ଉପଅଧିନାୟକ ପଦ ଲାଗି ମଧ୍ୟ କଦାପି ଗୁରୁତ୍ୱ ଦିଆଯାଇ ନ ଥିଲା। ଏବେ ଦୀର୍ଘ ୩୫ ବର୍ଷ ପରେ ଭାରତକୁ ଜଣେ ପେସର ଅଧିନାୟକ ମିଳିଛି। ପୂର୍ବରୁ ସେ ନା ଆଇପିଏଲ, ନା ଘରୋଇ କ୍ରିକେଟରେ କୌଣସି ଦଳର ନେତୃତ୍ୱ ନେଇନାହାନ୍ତି। ବିନା ଅଭିଜ୍ଞତାରେ ତାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଶକ୍ତିଶାଳୀ ଇଂଲଣ୍ଡକୁ ଭେଟିବ। ନୂଆ ଅଧିନାୟକ ବେନ୍ ଷ୍ଟୋକ୍ସ ଏବଂ ନୂଆ କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମଙ୍କ ନେତୃତ୍ୱରେ ଇଂଲଣ୍ଡର ଖେଳିବା ଷ୍ଟାଇଲ ସମ୍ପୂର୍ଣ୍ଣ ବଦଳି ଯାଇଛି। ନିକଟରେ ଏହି ଦଳ ନ୍ୟୁଜିଲାଣ୍ଡକୁ ୩-୦ରେ ହରାଇ କ୍ଲିନ୍ ସୁଇପ୍ ହାସଲ କରିଥିଲା। ପ୍ରତ୍ୟେକ ମ୍ୟାଚ୍‌ରେ ଟାର୍ଗେଟ୍‌ର ପିଛା କରି ଇଂଲଣ୍ଡ ବିଜୟ ହାସଲ କରିଥିଲା। ଜୋ ରୁଟ୍ ଅଧିନାୟକ ପଦ ଛାଡ଼ିବା ପରେ ଫର୍ମକୁ ଫେରିଥିବା ଆଇପିଏଲରୁ ଆତ୍ମବିଶ୍ୱାସ ଫେରିପାରିଥିବା ଜନି ବେଆରଷ୍ଟୋ ନ୍ୟୁଜିଲାଣ୍ଡ ବିପକ୍ଷରେ ପ୍ରାୟ ୪୦୦ ରନ୍ କରିଥିଲେ। ତାହା ପୁଣି ୧୨୦ ଷ୍ଟ୍ରାଇକ୍ ରେଟ୍‌ରେ, ଯାହାକି ଟେଷ୍ଟରେ ଶୁଣିବାକୁ ମିଳେ ନାହିଁ।

"ଇଂଲଣ୍ଡ ଗତ କିଛି ମ୍ୟାଚ୍‌ରେ ହାରିବା ପରିସ୍ଥିତିରେ ଥାଇ ମଧ୍ୟ ଭଲ ପ୍ରଦର୍ଶନ କରିବା ସହ ମ୍ୟାଚ୍ ଜିତି ନେଇଛି। ପ୍ରତିପକ୍ଷ ଦଳର ଶକ୍ତି ଉପରେ ଧ୍ୟାନ ଦେବା ବଦଳରେ ଆମେ ଆମର ଶକ୍ତି ଉପରେ ଗୁରୁତ୍ୱ ଦେବୁ" ବୋଲି ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍ କହିଛନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ଭାରତ (୫୮.୩୩ ପ୍ରତିଶତ ପଏଣ୍ଟ) ଏବେ ଅଷ୍ଟ୍ରେଲିଆ (୭୫ %) ଓ ଦକ୍ଷିଣ ଆଫ୍ରିକା (୭୧.୪୩%) ପଛକୁ ତୃତୀୟ ସ୍ଥାନରେ ରହିଛି।



କୋଚ୍ ରାହୁଲ ଦ୍ରାବିଡ୍‌ଙ୍କ ସହ ବିରାଟ କୋହଲି।

## ଆଜିଠୁ ଭୁବନେଶ୍ୱରରେ ଏକକ ପ୍ଲାଷ୍ଟିକ୍ ବ୍ୟବହାର ନିଷିଦ୍ଧ

**ଭୁବନେଶ୍ୱର,୩୦।୬(ବ୍ୟୁରୋ):** ଭୁବନେଶ୍ୱରରେ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ୍ ଉପରେ ରୋକ୍ ଲଗାଯାଇଛି। ଜୁଲାଇ ୧ ଶୁକ୍ରବାରଠାରୁ ବ୍ୟବସାୟୀ ବା ସାଧାରଣ ଲୋକେ ଏହାର ବ୍ୟବହାର କରି ପାରିବେ ନାହିଁ। ନିର୍ଦ୍ଦେଶର ଅବମାନନା କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ୍‌ର ଉତ୍ପାଦନ, ଆମଦାନୀ, ବିକ୍ରୟ, ମହଜୁଦ, ବଣ୍ଟନ ଏବଂ ବ୍ୟବହାରକୁ ପ୍ଲାଷ୍ଟିକ ବିପର୍ଯ୍ୟସ୍ତ ପରିଚାଳନା ସଂଶୋଧନ ନିୟମ ୨୦୨୧ ଅନୁଯାୟୀ ନିଷିଦ୍ଧ କରାଯାଇଛି। ଏଗୁଡ଼ିକ ମଧ୍ୟରେ ପ୍ଲାଷ୍ଟିକ କାଠି, ପ୍ଲାଷ୍ଟିକ ଚାମଚ, ପ୍ଲାଷ୍ଟିକ ଗ୍ଲାସ, ଷ୍ଟ୍ର, କ୍ୟାଣ୍ଡି ଷ୍ଟିକ, ପ୍ଲାଷ୍ଟିକ ଟ୍ରେ ଆଦି ଜିନିଷ ଉପରେ ପ୍ରତିବନ୍ଧକ ଲଗାଯାଇଛି।


**ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା**



**ଶ୍ରୀଅଂଶ ନାୟକ**
ଗୌରୀ ଗାର୍ଡେନ, ଭୁବନେଶ୍ୱର
ତୋର ଚଲାପଥ କୁସୁମିତ ହେଉ। ଆଜି ଦ୍ୱିତୀୟ ଜନ୍ମ ବାର୍ଷିକୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା।
**ଶୁଭେଚ୍ଛା ସହ:** ଜେଜେବାପା, ଜେଜେମା, ଅଜା, ଆଇ, ବାପା, ମା, ଅପା, ଦାଦା, ଖୁଡ଼ୀ, ମାମୁ, ମାଇଁ, ପରୀ ଦିଦି, ପ୍ରିନ୍ସ ଏବଂ ପରିବାରବର୍ଗ।
ଧ-୭୩୭୦୭

**ଜନ୍ମଦିନ ଶୁଭେଚ୍ଛା**



(ମାମା)
**ବବିତା ମାରାଣ୍ଡି**
ସ୍ଥାନ: ଭୁବନେଶ୍ୱର, ସରଣାପଲ୍ଲୀ
ମାଁ ତାରିଣୀ ଓ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ। ଦିବ୍ୟଗୁଣେ ପୂରିଉଠୁ ତୁମ୍ଭ ଜୀବନ ପୁଷ୍ପାକୀର୍ଣ୍ଣ ହେଉ। ସର୍ବଦା ଖୁସିରେ ରହ।
**ଶୁଭେଚ୍ଛା ସହ:–** ମାଁ, ବାପା, (ଭାଇ) ସମୀର, ରାଜା, ରାଜ୍‌ଶେଖର, କାହ୍ନା, (ସାଙ୍ଗ) ଶିବାନୀ, ପୂଜା, ସାବି, ସୀମୀ, ଅମିତ୍, ଚିକୁ, ଲକ୍ଷ୍ମୀ, ଶୁଭସ୍ମିତା, ବନ୍ଧୁ, ପରିବାରବର୍ଗ।
ଧ-୮୬୯


# ଅର୍ଦ୍ଧେନ୍ଦୁଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

**ଭୁବନେଶ୍ୱର,(ବ୍ୟୁରୋ)/ନୟାଗଡ଼ ଅଫିସ, ୩୦।୬**



ଜଣେ ବ୍ୟବସାୟୀଙ୍କଠାରୁ ଯନ୍ତ୍ରାଂଶ କିଣି ଠକେଇ କରିବା ମାମଲାରେ ବଡ଼ ଖବର ନ୍ୟୁଜ୍ ଚ୍ୟାନେଲର ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସଙ୍କୁ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ନୟାଗଡ଼ରୁ ଗିରଫ କରିଛି। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଇଓଡବ୍ଲ୍ୟୁ ତାଙ୍କୁ ଗୁରୁବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଇଓଡବ୍ଲ୍ୟୁରେ ହୋଇଥିବା ଅଭିଯୋଗ ଅନୁଯାୟୀ, ନ୍ୟୁଜ୍ ଚ୍ୟାନେଲ ପ୍ରସାରଣ ଏବଂ ଷ୍ଟୁଡିଓ ପାଇଁ ଆବଶ୍ୟକ ଯନ୍ତ୍ରାଂଶ ଯୋଗାଇଦେବାକୁ ଅର୍ଦ୍ଧେନ୍ଦୁ ଦିଲ୍ଲୀର ସଲ୍ୟୁଶନ୍ ବ୍ରଡ୍‌କାଷ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ମାଲିକ ଗଗନ୍‌ଦୀପ ସିଂ ଚାୱାଲାଙ୍କୁ କହିଥିଲେ। ଏବାବଦକୁ ୨୦୨୦ ଅକ୍ଟୋବର ୨୧ରେ ଅର୍ଦ୍ଧେନ୍ଦୁ ୧୦ଲକ୍ଷ ଟଙ୍କା ଅଗ୍ରିମ ଦେଇଥିଲେ। ଏହାପରେ ଗଗନ୍‌ଦୀପ ଯନ୍ତ୍ରାଂଶଗୁଡ଼ିକୁ କୋରିଅରରେ ପଠାଇଥିଲେ। ତେବେ ଜିଏସ୍‌ଟି, ପରିବହନ ଏବଂ ଅନ୍ୟାନ୍ୟ ଖର୍ଚ୍ଚକୁ ମିଶାଇ ସମୁଦାୟ ୧ କୋଟି ୪୭ ହଜାର ୭୦ଟଙ୍କା ହୋଇଥିଲା। ବାକି ଅର୍ଥକୁ ୬ମାସ ମଧ୍ୟରେ ପର୍ଯ୍ୟାୟକ୍ରମେ ଫେରାଇଦେବାକୁ ଅର୍ଦ୍ଧେନ୍ଦୁ କହିଥିଲେ। ହେଲେ କୌଣସି କାରଣରୁ ସେ ଏଯାବତ୍ ତାହାକୁ ଫେରାଇ ପାରିନାହାନ୍ତି। ତେଣୁ ଗଗନ୍‌ଦୀପ ଜୁନ ୨୩ରେ ଇଓଡବ୍ଲ୍ୟୁରେ ଏନେଇ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ଏକ ମାମଲା(ନଂ.୧୨/୨୦୨୨) ରୁଜୁ କରି ତଦନ୍ତ ଜାରି ଆରମ୍ଭ କରିଥିଲା। ଅର୍ଦ୍ଧେନ୍ଦୁ ନୟାଗଡ ଜିଲା ଓଡଗାଁ ଅଞ୍ଚଳର ଜଣେ ସମ୍ପର୍କୀୟଙ୍କ ଘରେ ଥିବାବେଳେ ବୁଧବାର ରାତିରେ ଇଓଡବ୍ଲ୍ୟୁ ଟିମ୍ ତାଙ୍କୁ ଉଠାଇ ଆଣିଥିଲା। ତେବେ ଇଓଡବ୍ଲ୍ୟୁର ଏହି ଗିରଫଦାରିକୁ ନେଇ କଡ଼ା ସମାଲୋଚନା କରିଛନ୍ତି ଅର୍ଦ୍ଧେନ୍ଦୁ। ସେ ଗଣମାଧ୍ୟମକୁ କହିଛନ୍ତି, ଜଣେ ବ୍ୟବସାୟୀ ତାଙ୍କଠାରୁ ୧୦ରୁ ୧୫ ଲକ୍ଷ ଟଙ୍କା ପାଇବାର ଅଛି। ଉକ୍ତ ସଂସ୍ଥା ଆମକୁ ଠକିଛି। ଟଙ୍କା ଦିଆଯିବାକୁ ସମସ୍ତ ପଦକ୍ଷେପ ନିଆଯାଉଥିଲା। ହେଲେ ରାଜ୍ୟ ସରକାରଙ୍କ ବିରୋଧରେ ଖବର ପରିବେଷଣ କରିଥିବାରୁ ତାଙ୍କ ବିରୋଧରେ ଏଭଳି ପଦକ୍ଷେପ ନିଆଯାଉଥିବା ସେ ଅଭିଯୋଗ କରିଛନ୍ତି।






# ଆନ୍ଧ୍ର ଦଖଲରେ କୋରାପୁଟର ଡୁରୁକୁ

- ୨ଟି ପାହାଡ଼ ଚଢ଼ି ୪କିମି ଚାଲିଚାଲି ଯିବାକୁ ପଡ଼େ
- ରାସ୍ତା ନିର୍ମାଣ ଲାଗି ସର୍ଭେ ସରିଛି: ବିଡିଓ

**କୋରାପୁଟ,୩୦।୬(ସ୍ୱ.ପ୍ର. ):** କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକର କୋଟିଆକୁ ଆନ୍ଧ୍ର ନିଜର ବୋଲି ଦର୍ଶାଇବାକୁ ଉଦ୍ୟମ ଜାରି ରଖିଛି। ଏହାକୁ ନେଇ ଓଡ଼ିଶା ସୁପ୍ରିମକୋର୍ଟ ଦ୍ୱାରସ୍ଥ ହୋଇଛି। ମାମଲା ବିଚାରାଧୀନ ଥିବା ବେଳେ ଆନ୍ଧ୍ର କୋଟିଆରେ ବିଭିନ୍ନ ସମୟରେ ପଶି ସୀମାନ୍ତବାସୀଙ୍କୁ ପ୍ରଭାବିତ କରିଚାଲିଛି। ଏବେ କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକର ସୀମାନ୍ତ ଗ୍ରାମରେ ଆନ୍ଧ୍ର ଅନୁପ୍ରବେଶ କରିଛି। ବ୍ଲକର କୁମ୍ଭଗଣ୍ଡା ପଞ୍ଚାୟତର ଶେଷ ଗ୍ରାମ ହେଉଛି ଡୁରୁକୁ ଗ୍ରାମ। କୋରାପୁଟରୁ ଏହାର ଦୂରତା ୧୩୫ କିଲୋମିଟର। ଆନ୍ଧ୍ରର ନୂତନ ଜିଲା ମାନ୍ୟୁମ ତଥା ପାର୍ବତୀପୁରର ବିଦ୍ୟୁତ ବିଭାଗର କେତେ ଜଣ ଅଧିକାରୀ ଗତ କିଛି ମାସ ମଧ୍ୟରେ ଓଡ଼ିଶା ଭିତରେ ଅନୁପ୍ରବେଶ କରି ଡୁରୁକୁ ଗ୍ରାମର ଗ୍ରାମବାସୀଙ୍କୁ ମାଗଣା ବିଦ୍ୟୁତ ସଂଯୋଗ ଦେଇଛନ୍ତି। କୁମ୍ଭଗଣ୍ଡା ପଞ୍ଚାୟତରୁ ୪ କି.ମି.ଦୂରରେ ଦୁଇଟି ପାହାଡ ପାର ହୋଇ ପାହାଡ଼ର କଡରେ ଥିବା ମାଟି ପଥର ରାସ୍ତାରେ ଡୁରୁକୁ ଗ୍ରାମକୁ ଯିବାକୁ ହୁଏ। ଏଯାଏ ସ୍ଥାନୀୟ ପ୍ରଶାସନ ଗ୍ରାମକୁ ରାସ୍ତା ନିର୍ମାଣ କରିବାରେ ବିଫଳ ହେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମାସ ପୂରିଲେ ଚାଉଳ, ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ପାଇଁ କୁମ୍ଭଗଣ୍ଡା ପଞ୍ଚାୟତକୁ ଦୁଇଟି ପାହାଡ଼ ଚଢି ଚାଲି ଚାଲି ଯିବାକୁ ପଡ଼େ। ଆମ ଗ୍ରାମରେ ବିଦ୍ୟାଳୟ, ପାନୀୟ ଜଳ ପ୍ରକଳ୍ପ, ଆଧାରକାର୍ଡ ଆଦି ସମସ୍ୟା ରହିଛି ବୋଲି କହନ୍ତି ବନ୍ଧୁଗାଁ ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି ପିଡ଼ିକା। ସେ ଡୁରୁକୁ ଗ୍ରାମରେ ପହଞ୍ଚି ସ୍ଥିତ ଅନୁଧ୍ୟାନ କରିଛନ୍ତି।

> ଗ୍ରାମବାସୀଙ୍କୁ ମାଗଣା ବିଦ୍ୟୁତ ସଂଯୋଗ ଦେଇଛି

ସବୁ ଗ୍ରାମକୁ ବସୁଧା ଯୋଜନାରେ ସାମିଲ କରିବେ। ଉପାନ୍ତ ଗ୍ରାମକୁ ରାସ୍ତା, ସମସ୍ତ ଚାଷୀଙ୍କୁ କାଳିଆ ଯୋଜନାରେ ଅର୍ଥ,କୃଷକ କଲ୍ୟାଣ ପାଇଁ କୃଷି ବିଭାଗ ପକ୍ଷରୁ ବିହନ ସାର, ବିଜୁପକ୍କା ଘର ଯୋଗାଇଦେବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ। ହେଲେ ଆନ୍ଧ୍ର ସୀମାନ୍ତର ଏହି ଡୁରୁକୁ ଗ୍ରାମବାସୀଙ୍କ ପାଇଁ ଏହା ସାତ ସପନ ପାଲଟିଛି। ବିଦ୍ୟାଳୟଟିଏ ମଧ୍ୟ ନାହିଁ ଗ୍ରାମରେ। ୨୦୧୮-୧୯ରେ କେନ୍ଦ୍ର ସରକାର ପକ୍ଷରୁ ଗ୍ରାମର ୬ଟି ପରିବାରକୁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ଯାହା ଘର ମିଳିଛି। ଦୁଇ ବର୍ଷ ପୂର୍ବରୁ ବେସରକାରୀ ସଂସ୍ଥା ପକ୍ଷରୁ ସୋଲାର ଷ୍ଟ୍ରିଟ୍ ଲାଇଟ ଲାଗିଥିଲା,ତାହା ଏବେ ଅଚଳ ହୋଇପଡ଼ିଛି। ଏବେ ଆନ୍ଧ୍ର ସରକାର ପକ୍ଷରୁ ମାଗଣା ବିଦ୍ୟୁତ୍ ସଂଯୋଗ ହୋଇଛି। ଏବେଠାରୁ ସତର୍କ ନ ହେଲେ ସମୟକ୍ରମେ ଡୁରୁକୁ ଗ୍ରାମବାସୀ ଆନ୍ଧ୍ର ସପକ୍ଷରେ ଯିବେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏ ସମ୍ପର୍କରେ ବିଡିଓ ଧୀରେନ୍ଦ୍ର କଣ୍ଡାଗରିଙ୍କୁ ପଚାରିବାରୁ ସେ କହିଲେ ଯେ, ଡୁରୁକୁ ଗ୍ରାମ ସମସ୍ୟା ପ୍ରତି ପ୍ରଶାସନ ଅବଗତ ଅଛି। ପାହାଡିଆ ଅଞ୍ଚଳ ହୋଇଥିବାରୁ ବିଭିନ୍ନ ସମସ୍ୟା ଉପୁଜୁଛି। ଗ୍ରାମକୁ ରାସ୍ତା ନିର୍ମାଣ ଲାଗି ନିକଟରେ ସର୍ଭେ ଶେଷ ହୋଇଛି। ଏ ସମ୍ପର୍କିତ ପ୍ରସ୍ତାବ ସରକାରଙ୍କ ନିକଟକୁ ପଠାଯାଇଛି ବୋଲି ସେ କହିଥିଲେ।






## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ନାକଟିଦେଉଳ, ୩୦।୬(ଡ଼ି.ଏନ.ଏ.)**

ସମ୍ବଲପୁର ଓ ଦେବଗଡ଼ ଜିଲା ସୀମାନ୍ତ ରିଆମାଳ ବ୍ଲକର ତୁଙ୍ଗାମାଲ ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମେଶଚନ୍ଦ୍ର ଗଡ଼ନାୟକଙ୍କୁ ଗୁରୁବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ସଭାରେ ପ୍ରାକ୍ତନ ପ୍ରଧାନଶିକ୍ଷକ ଜଗବନ୍ଧୁ ପ୍ରଧାନ ମୁଖ୍ୟଅତିଥି, ଗୋଲେକ ଚନ୍ଦ୍ର ଗଡ଼ନାୟକ ମୁଖ୍ୟବକ୍ତା, ପୂର୍ବତନ ଶିକ୍ଷକ ବାଉରୀବନ୍ଧୁ ଦଲେଇ, କ୍ଷମାନିଧି ସାହୁ, ଦୁର୍ଯ୍ୟୋଧନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକ ରମେଶ ଗଡ଼ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।











# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଲାବନ୍ୟବତୀ ସାହୁ**
ଆବିର୍ଭାବ- ୨୩.୦୧.୧୯୩୪ | ତିରୋଧାନ- ୨୧.୦୬.୨୦୨୨
Plot No.N-1/171, IRC Village, Bhubaneswar
ଆପଣ ଯେ ଚାଲିଯିବେ ଏକଥା ବିଶ୍ୱାସ ହେଉନି। ଆପଣଙ୍କର ଶୂନ୍ୟତା ଅପୂରଣୀୟ, ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ସ୍ୱାଭିମାନ, ଅବିଶ୍ରାନ୍ତ ଜୀବନ ଓ ଅସୀମ ଧୈର୍ଯ୍ୟ, ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇରହୁ। ଆପଣଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ବିନମ୍ର ନିବେଦନ।
ଶୋକସନ୍ତପ୍ତ :- ପୁତ୍ର-ଦୀଲ୍ଲିପ, ଦୀପକ, ପୁତ୍ରବଧୂ-ସାରଦା, ରିନୁ, ଝିଅ-ନିମି, ମାମି, ବିମି, ସାମି, ଜ୍ୱାଇଁ- ପ୍ରଫୁଲ୍ଲ, ପସନ୍ନ, ଟଙ୍କ, ନାତି, ନାତୁଣୀମାନେ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୭୧୫୩୨

**୨୧ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଚିତ୍ତ ରଞ୍ଜନ ଦାସ**
ସ୍ଥାନ: ପଟିଆ, ଭୁବନେଶ୍ୱର
ଆବିର୍ଭାବ: ୨୪।୦୬।୧୯୨୪
ତିରୋଧାନ: ୨୨।୦୬।୨୦୦୧
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ ଓ ଭଲ ପାଇବା ଆମର ଚିର ସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୫୯୫୪୬

**ପ୍ରଥମ ଶ୍ରାଦ୍ଧ ବାର୍ଷିକୀ**



**ସ୍ୱର୍ଗତ ମଞ୍ଜୁଶ୍ରୀ ମହାନ୍ତି**
ମୈତ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ : ୨୦.୦୪.୧୯୪୪
ତିରୋଧାନ : ୦୧.୦୭.୨୦୨୧
ବରଷକ ତଳେ ଚାଲିଗଲ ତୁମେ
ଗଢି ଦେଇ ତୁମ ଅଭୁଲା ସ୍ମୃତି
ଆମର ପ୍ରାର୍ଥନା ଜଗନ୍ନାଥ ପାଦେ
ତୁମରି ଆତ୍ମାକୁ ମିଳୁ ସଦ୍‌ଗତି
ଶୋକସନ୍ତପ୍ତ
ସ୍ୱାମୀ-ବଙ୍କିମ ଚନ୍ଦ୍ର ମହାନ୍ତି
ପୁତ୍ର - ସୁବ୍ରତ ମହାନ୍ତି
ପୁତ୍ରବଧୂ - ଶାଶ୍ୱତୀ ମହାନ୍ତି
କନ୍ୟା - ଏଲି ଦାସ
କନ୍ୟାପତି - ପ୍ରଣବ କୁମାର ଦାସ
ନାତୁଣୀ - ଆର୍ଣାୟା ଓ ଅନାହିତା
ନାତି - ଜଗନ୍ନାଥ ଓ ଦେବୀ ପ୍ରସାଦ
ଧ-୭୩୩୨୯

## ଦେଶୀ ମଦଭାଟିରୁ ଡକାୟତି

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ଡଙ୍ଗରମାଲଠାରେ ଥିବା ଦେଶୀ ମଦଭାଟି ବ୍ରାଞ୍ଚରୁ ଗତ ବୁଧବାର ରାତି ପ୍ରାୟ ୯ଟାରେ ଡକାୟତି ହୋଇଛି। ଏ ନେଇ ବ୍ରାଞ୍ଚ ମେନେଜର ଗୁରୁବାର ନର୍ଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନା ଯେ, ରାତି ପ୍ରାୟ ୯ଟାରେ ୬ଜଣ ଦୁର୍ବୃତ୍ତ ହାତରେ ଭୁଜାଲି ଏବଂ ବନ୍ଧୁକ ଦେଖାଇ ମଦଭାଟି ବ୍ରାଞ୍ଚ ଭିତରେ ପଶିଥିଲେ। ସେଠାରେ ଥିବା କର୍ମଚାରୀଙ୍କୁ ଭୟଭୀତ କରି ଲକର୍‌ଠାରୁ ପ୍ରାୟ ୪୯ ହଜାର ଟଙ୍କା ସହିତ ୩ଟି କି ପେଡ ଏବଂ ଆଇଫୋନ ସହିତ ଗାଡ଼ି ଚାବି ନେଇ ଯାଇଥିବା ଅଭିଯୋଗ ହୋଇଛି।

## ସଂକ୍ଷେପରେ

### ଓଲଟି ପଡ଼ିଲା ଭ୍ୟାନ୍

କୋକସରା,୩୦।୬(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଲା ବସଷ୍ଟାଣ୍ଡ ନିକଟରେ ଏକ ମିନିଭ୍ୟାନ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଭ୍ୟାନ୍‌ଟି ଆମାଜନ କମ୍ପାନୀର ସମାଗ୍ରୀ ଜୁନାଗଡଠାରେ ଅନଲୋଡ କରି ବିଶାଖାପାଟଣା ଅଭିମୁଖେ ଫେରୁଥିବା ବେଳେ କାଉଡୋଲାଠାରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଘଟଣାସ୍ଥଳରେ କୋକସରା ଅଗ୍ନିଶମ ବିଭାଗ କର୍ମଚାରୀ ଓ ଆମପାଣି ପୋଲିସ ପହଞ୍ଚି ଉଦ୍ଧାର କରିଛନ୍ତି। ଗାଡିରେ ଡ୍ରାଇଭରଙ୍କ ସହିତ ମୋଟ ୩ ଜଣଥିଲେ। ସମସ୍ତେ ସୁରକ୍ଷିତ ଥିବା ଜଣାପଡିଛି। କାଉଡୋଲା ବସଷ୍ଟାଣ୍ଡରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏଠାରେ ସ୍ପିଡ ବ୍ରେକର କରିବା ଦାବି ହେଉଥିଲେ ହେଁ ପ୍ରଶାସନ ପକ୍ଷରୁ କର୍ଣ୍ଣପାତ କରୁ ନ ଥିବାରୁ ଏଭଳି ବାରମ୍ବାର ଦୁର୍ଘଟଣା ଘଟୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ଅବସର ନେଲେ ପ୍ରାଧ୍ୟାପକ

ଲୋଇସିଂହା,୩୦।୬(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନର ପ୍ରାଧ୍ୟାପକ ଲଳିତ ମୋହନ ତ୍ରିପାଠୀ ସେବାନିବୃତ୍ତ ହୋଇଛନ୍ତି। ଅଧ୍ୟାପକ ଗୋବିନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ମହାବିଦ୍ୟାଳୟ କର୍ମଚାରୀ ଓ ଛାତ୍ରୀଛାତ୍ର ତରଫରୁ ତାଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

### ଯୁବ ବିଜେଡି ସଙ୍ଗଠକ ବିଜୟ ସାହୁଙ୍କ ବିୟୋଗ

କର୍ଲାମୁଣ୍ଡା,୩୦।୬(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯୁବ ବିଜେଡିର ସଙ୍ଗଠକ ତଥା ଯୁବନେତା ବିଜୟ କୁମାର ସାହୁ (୪୫)ଙ୍କ ଗୁରୁବାର ହୃଦ୍‌ଘାତରେ ପରଲୋକ ହୋଇଛି।



ଝାରମୁଣ୍ଡା ନିବାସୀ ସ୍ୱର୍ଗତ ସାହୁ ସକାଳ ପର୍ଯ୍ୟନ୍ତ ଚଳଚଞ୍ଚଳ ଥିଲେ। ପୂର୍ବାହ୍ନରେ ହଠାତ୍ ରକ୍ତଚାପ ବୃଦ୍ଧି ହେତୁ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ବଲାଙ୍ଗୀର ଡାକ୍ତରଖାନାକୁ ନେଉଥିଲେ। ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଜଣେ ଲୋକପ୍ରିୟ ବ୍ୟକ୍ତି ଥିଲେ। ତାଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ସ୍ଥାନୀୟ ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ସାହୁ, ଜିଲା ଯୁବ ବିଜେଡି ସମ୍ପାଦକ ନନ୍ଦି କିଶୋର ଭୋଇ, ଛାତ୍ର ବିଜେଡି ବ୍ଲକ ସଭାପତି ସଲିମ ଶେଖର ରଣା, ପ୍ରେସ କ୍ଲବ ସଭାପତି ନରୋତ୍ତମ ସେଲମା ପ୍ରମୁଖ ଗଭୀର ଶୋକପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ଗୋପବନ୍ଧୁଙ୍କ ଶ୍ରାଦ୍ଧବାର୍ଷିକୀରେ ଛାତ୍ରୀଛାତ୍ରଙ୍କ ନଗର ପରିକ୍ରମା

ନର୍ଲା,୩୦।୬(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ପଞ୍ଚାୟତ ସମିତି ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୋପବନ୍ଧୁଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗୋପବନ୍ଧୁଙ୍କ ପୁଣ୍ୟତିଥି ଅବସରରେ ଜୁନ ୨୯ରୁ ଜୁଲାଇ ୫ଯାଏଁ ୭ ଦିନ ଧରି ସେବା ଓ ସେବକ ସପ୍ତାହ ପାଳନ ଚାଲିଛି। ନର୍ଲା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ଦାସଙ୍କ ନେତୃତ୍ୱରେ ଗୁରୁବାର ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୧ଟାରେ ନର୍ଲା ହାଇସ୍କୁଲ ଛାତ୍ରୀଛାତ୍ର ଓ ଶିକ୍ଷକଶିକ୍ଷୟିତ୍ରୀମାନେ ଏକ ସାଧାରଣ ସଭା କରି ଗୋପବନ୍ଧୁଙ୍କ ଓଡିଶା ପ୍ରତି ଅତୁଳନୀୟ ଅବଦାନ ଏବଂ ଓଡିଶାବାସୀଙ୍କ ପାଇଁ କରିଥିବା ସେବା ବିଷୟରେ ସ୍ମୃତି ଚାରଣ କରାଯାଇଥିଲା। ଏକ ଶୋଭାଯାତ୍ରା ନର୍ଲା ହାଇସ୍କୁଲରୁ ବାହାରି ନଗର ପରିକ୍ରମା କରିଥିଲା। ନର୍ଲା ବିଧାୟକ ଭୁପିନ୍ଦର ସିଂହଙ୍କ ସୌଜନ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମନୋଜ କୁମାର ଷଡଙ୍ଗୀ, ବିଦ୍ୟାଳୟ ବରିଷ୍ଠ କର୍ମଚାରୀ ସୁବାସ ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଉପାନ୍ତ ଗାଁକୁ ସହଜ ହେଲା ଯୋଗାଯୋଗ

- ପୋଲ ହେଲା ପରେ ଦୂରତା କମିଲା
- ଉପକୃତ ହେବେ ଉପାନ୍ତ ଗାଁର ଲୋକେ
- ମାଓବାଦୀ କାର୍ଯ୍ୟକଳାପ ଉପରେ ରହିବ କଡା ନଜର
- ୭ ମାସରେ ସରିଲା ପୋଲ କାମ



ଜିଲାପାଳ ଚଞ୍ଚଳ ରାଣା ନିର୍ମାଣ ଶେଷ ହୋଇଥିବା ଭୁର୍ଷିବାଞ୍ଜି ପୋଲ ପରିଦର୍ଶନ କରୁଛନ୍ତି।

ବଲାଙ୍ଗୀର ଅଫିସ/ଖପ୍ରାଖୋଲ ୩୦।୬ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲାର ମାଓବାଦୀ ଅଧ୍ୟୁଷିତ ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତର ଉପାନ୍ତ ଗ୍ରାମ ଭୁର୍ଷିବାଞ୍ଜିର କଟଙ୍ଗି ନାଳାରେ ନୂଆ ପୋଲ ନିର୍ମାଣ ହୋଇଛି। ଏହି ଗାଁ ଏବେ ବ୍ଲକ ମୁଖ୍ୟାଳୟ ସହ ସିଧାସଳଖ ଯୋଡି ହୋଇଛି। କଟଙ୍ଗି ନାଳାରେ ପୋଲ ନ ଥିବାରୁ ଏହି ଗାଁର ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହା ଏକ ଉପାନ୍ତ ଓ ଯୋଗାଯୋଗ ବିହୀନ ଅଞ୍ଚଳ ଭାବେ ପରିଗଣିତ ହେଉଥିଲା। ଜିଲାପାଳ ଚଞ୍ଚଳ ରାଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଗାଁର ମୁଖ୍ୟବାଧକ କଟଙ୍ଗି ନାଳାରେ ଏବେ ରେକର୍ଡ ସମୟ ମଧ୍ୟରେ ଏକ ପୋଲ ନିର୍ମାଣ କରାଯାଇଛି। ମାତ୍ର ୭ ମାସର ଅବଧି ମଧ୍ୟରେ ବିଜୁ କେବିକେ ପାଣ୍ଠିରୁ ଏହି ପୋଲ ପାଇଁ ପ୍ରାୟ ୪୮ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ଏହି ଉପାନ୍ତ ଗ୍ରାମବାସୀଙ୍କ ଦୀର୍ଘଦିନରୁ ଦାବି କଟଙ୍ଗି ନାଳା ପୋଲ ତିଆରି କରାଯାଇଛି। ବୁଧବାର ଖପ୍ରାଖୋଲ ଗସ୍ତରେ ଯାଇଥିବାବେଳେ ଜିଲାପାଳ ରାଣା ଏହି ପୋଲ ପରିଦର୍ଶନରେ ଯାଇ ସନ୍ତୋଷବ୍ୟକ୍ତ କରିଥିଲେ। ଏହି ପୋଲ ତିଆରି ହେବା ପରେ ଏହି ଉପାନ୍ତ ଗାଁର ଜନସାଧାରଣଙ୍କ ଯୋଗାଯୋଗ ସୁବିଧାଜନକ ହୋଇଛି। ବିଶେଷକରି ଏହି ଗାଁର ସ୍କୁଲ ଛାତ୍ରୀଛାତ୍ରମାନେ ବର୍ଷାଦିନରେ ବି ପାଠ ପଢ଼ିଯାଇପାରିବେ। ଏହାସହିତ ଗର୍ଭବତୀ ମହିଳା, ବୃଦ୍ଧବୃଦ୍ଧାଙ୍କୁ ହସ୍ପିଟାଲ ନେବା ଆଣିବା ସହଜ ହେବ। ଲୋକେ ପିଡିଏସ୍ ଚାଉଳ ନେବା ଆଣିବା ସୁରୁଖୁରୁରେ କରିପାରିବେ। ଏହି ପୋଲ ନିର୍ମାଣ ହେବା ପରେ ଖପ୍ରାଖୋଲ ବ୍ଲକକୁ ଏହି ଅଞ୍ଚଳର ଦୂରତା ୫/୬ କିମି କମିଯାଇଛି। ଫଳରେ ଲୋକଙ୍କ ଯିବାଆସିବା ସୁବିଧାଜନକ ହେବା ସହ କମ୍ ସମୟ ମଧ ଲାଗିବ। ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଏହି ଅଞ୍ଚଳକୁ ପୋଲିସ ବାହିନୀ ପହଞ୍ଚିବା ମଧ ସୁବିଧାଜନକ ହେବ। ଏହି ପୋଲି ନିର୍ମାଣ ଶେଷ ହେବା ପରେ ଭୂଷିବାଞ୍ଜି ଗ୍ରାମବାସୀଙ୍କ ସମେତ ଚଞ୍ଚାନବାହାଲି, ତୁର୍ଲା, ଭାନପୁର, ଧଣ୍ଡାମୁଣ୍ଡା, ଖପ୍ରାଖୋଲ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି।

## ଜିଲା ପରିଷଦ ଅଧ୍ୟକ୍ଷାଙ୍କ ସିନାପାଲି ବ୍ଲକ ଗସ୍ତ

ସିନାପାଲି,୩୦।୬(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ ଗସ୍ତ କରିଛନ୍ତି ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି। ବୁଧବାର ଅଧ୍ୟକ୍ଷା ମାଝି ବ୍ଲକ ଗସ୍ତରେ ଆସି ବ୍ଲକର ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି। ବ୍ଲକ ଅନ୍ତର୍ଗତ ଗୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶହେ ଶଯ୍ୟା ବିଶିଷ୍ଟ ଆଦିବାସୀ ହଷ୍ଟେଲ, କୋଟାମାଲଠାରୁ ଡଙ୍ଗରୀପଡା ରାସ୍ତା, ତିଲେଇମାଲ ରେନୋଭେଶନ କାର୍ଯ୍ୟ, ଧିଙ୍ଗିଆମୁଣ୍ଡା ଗାର୍ଡୱାଲ ସମେତ ନୂଆମାଲପଡା ଗ୍ରାମ ପଞ୍ଚାୟତ ଗସ୍ତ କରି ବିଭିନ୍ନ ଉନ୍ନୟନ କାମ ସମୀକ୍ଷା କରିଛନ୍ତି। ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ମାଧୁରୀ ମାଝି, ଉପାଧ୍ୟକ୍ଷା ମିନା ଘିଭେଲା, ଜିଲା ପରିଷଦ ସଭ୍ୟା ଜୋନ ନଂ. ୧୨ ପୁଷ୍ପାଞ୍ଜଳି ଗୁଆଲ, ଜୋନ ନଂ. ୧୩ ଯାଜ୍ଞସେନୀ କଟା, ଜୋନ ନଂ. ୧୪ ଆଶା ଜୈନ, ବିଡିଓ ସଦାଶିବ ନାଏକ, ସହକାରୀ ଯନ୍ତ୍ରୀ ମନୋରଞ୍ଜନ ପରିଡା, କନିଷ୍ଠ ଯନ୍ତ୍ରୀ ପର୍ଶୁରାମ କହର, ମିନାକ୍ଷୀ ମିଶ୍ରଙ୍କ ସମେତ ମହେନ୍ଦ୍ର ସୁନାନୀ, ଲୋକନାଥ ଛତ୍ରିଆ, ଯୋଗେନ୍ଦ୍ର ମାଝି ସହ ଅନ୍ୟାନ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ନିମ୍ବଗଛରୁ ଝରୁଛି ଦୁଗ୍ଧଭଳି ତରଳ ପଦାର୍ଥ

ବେହେରା,୩୦।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ପଞ୍ଚାୟତ ଦଳସର୍ଗୀ ଗ୍ରାମର ଏକ ନିମ୍ବ ଗଛରୁ ହଠାତ ଦୁଗ୍ଧ ଭଳି ତରଳ ପଦାର୍ଥ ଝରୁଥିବା ଦେଖିବାକୁ ମିଳିଛି। ଏହା ସ୍ଥାନୀୟ ବିଲରେ ଚାଷ କାମରେ ବ୍ୟସ୍ତ ଥିବା ଚାଷୀମାନେ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଥିବା ବେଳେ ନିମ୍ବ ଗଛରୁ ଦୁଗ୍ଧ ଝରୁଥିବା ପରିବେଶକୁ ଭାବାବେଗ କରିଦେଇଥିଲା। ଖବର ପାଇ ଆଖପାଖ ଅଞ୍ଚଳର ଅନେକ ଲୋକ ଉକ୍ତ ନିମ୍ବ ଗଛକୁ ଦେଖିବା ପାଇଁ ଭିଡ ଜମାଇଥିଲେ। କେତେ ଲୋକ ଜଗନ୍ନାଥଙ୍କ ସ୍ୱରୁପ ଭାବି ନଡିଆ ବାଡେଇବା ସହ ପୂଜାର୍ଚ୍ଚନା ମଧ୍ୟ କରିଥିଲେ। ସର୍ବ ପ୍ରଥମେ ଉକ୍ତ ଦୃଶ୍ୟକୁ ବଡ କାଣ୍ଡ ଓ ତାଙ୍କ ପତ୍ନୀ ଦେଖି ଲୋକଙ୍କୁ ଖବର ଦେଇଥିଲେ। ଏହି ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଶିଶୁ ସୁରକ୍ଷା, ସଶକ୍ତୀକରଣ କାର୍ଯ୍ୟକ୍ରମ

ଖଡ଼ିଆଳ,୩୦।୬(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳସ୍ଥିତ କଲ୍ୟାଣ ମଣ୍ଡପ-୨ରେ ୱାଲର୍ଡ଼ ଭିଜନ ପକ୍ଷରୁ ଶିଶୁ ସୁରକ୍ଷା ଏବଂ ସଶକ୍ତୀକରଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଶିଶୁ ସୁରକ୍ଷା ଅନ୍ୟ ସମସ୍ତଙ୍କ ନୈତିକ କର୍ତ୍ତବ୍ୟ ଅଟେ। ତେଣୁ ସରକାର ମଧ ଶିଶୁଙ୍କ ସୁରକ୍ଷା ଦିଗରେ ଅଧିକ ଯତ୍ନବାନ ହେବା କଥା ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଖଡ଼ିଆଳ ସମନ୍ୱୟ ଶିଶୁ ବିକାଶ ଅଧିକାରୀ ମନ କୁମାରି ଲମ୍ୱୋ, ୱାଲର୍ଡ଼ ଭିଜନଭର ସୁପ୍ରତିକ୍ଷା ଚୌଧରୀ, ମିତାଲି ରାଣି ପାତ୍ର, ରାଜକିଶୋର ପଣ୍ଡା, ହରିଦାଶ ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେଭିଡ ନିଆଳ, ମହେନ୍ଦ୍ର କୁମାର ଯୋଶୀ ପ୍ରମୁଖ ଯୋଗଦେଇଥିଲେ। ନିକଟରେ ଶିଶୁ ଶ୍ରମିକମାନେ ତଲକୋଟ କେନ୍ଦୁପତ୍ର ଫଡ଼ିରେ କାମ କରିବା ଘଟଣା ମାନବ ଅଧିକାର କମିଶନ ପକ୍ଷରୁ ରିପୋର୍ଟ ତଲବ ପରେ ତଦନ୍ତ ହେଉଛି। ସେହିପରି ଦାଦନ ଶ୍ରମିକଙ୍କ ସନ୍ତାନମାନେ ନିଜ ମୌଳିକ ଅଧିକାରରୁ ବଞ୍ଚିତ ରହୁଛନ୍ତି। ଶିଶୁର କୁପୋଷଣ ଏବଂ ଶିଶୁ ମୃତ୍ୟୁହାର ରୋକିବାରେ ସରକାରଙ୍କ ସଫଳତା ରହିଛି। କିନ୍ତୁ ଏହି ସମସ୍ତ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ଆଇନ ଆବଶ୍ୟକ ରହିଛି ବୋଲି ମତପ୍ରକାଶ ପାଇଛି।

## ଅମୃତ ଯୋଜନା ପାଇଁ ଭୂମି ପୂଜନ

ଖଡ଼ିଆଳ,୩୦।୬(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ସନମହେଶର ଗ୍ରାମପଞ୍ଚାୟତଠାରେ କେନ୍ଦ୍ର ସରକାରଙ୍କ ବହୁମୁଖୀ ଯୋଜନା ଅମୃତ ସରୋବର ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଖରୀ ଖନନ ଏବଂ ପଞ୍ଚାୟତ ସ୍ଥାବର ସମ୍ପତ୍ତି ବୃଦ୍ଧି କରିବାକୁ ଆହ୍ୱାନ କରାଯାଇଛି। ଏହା ଚଳିତ ଆର୍ଥିକ ବର୍ଷ ୨୦୨୨-୨୩ରେ କାର୍ଯ୍ୟ ଆରମ୍ଭ ହେବାକୁ ଥିବା ବେଳେ ଦେଢ଼ ଏକର ଜମି ପରିସୀମାରେ ଖନନ ହେବ। ଏଥିପାଇଁ ୩୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଥିବା ଜଣାପଡିଛି। ଖଡ଼ିଆଳ ବିଡିଓ ନାରାୟଣ ସାହୁଙ୍କ ସହ ସରପଞ୍ଚ ଆହ୍ଲାଦିନୀ ବେହେରା, ପୂର୍ବତନ ସରପଞ୍ଚ ଅମ୍ବିକା ତ୍ରିବେଦୀ, କନିଷ୍ଠ ଯନ୍ତ୍ରୀ ଉଦଣ୍ଡ ରାୟ, ବିଏଫଟି ସତ୍ୟବାନ ସିଂ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ କୁନ୍ତୀ ସତନାମୀ, ଗ୍ରାମ ରୋଜଗାର ସେବକ ଦୟାନନ୍ଦ ମହାନନ୍ଦଙ୍କ ସମେତ ୱାର୍ଡ ସଭ୍ୟ ସଭ୍ୟା, ସଚେତନ ନାଗରିକ ଏବଂ ବୁଦ୍ଧିଜୀବୀ ଯୋଗଦେଇଥିଲେ।

## ବିବାହ ପୂର୍ବରୁ ଲିଭ୍‌ଇନ୍‌କୁ ହଁ



କିଆରା ଆଡ୍‌ଭାନୀ

ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ କିଆରା ଆଡ୍‌ଭାନୀଙ୍କ ଏକ ବୟାନ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ବିବାହ ପୂର୍ବରୁ ପୁରୁଷବନ୍ଧୁଙ୍କ ସହ ଲିଭ୍‌ଇନ୍‌ରେ ରହିବାରେ କୌଣସି ସମସ୍ୟା ନାହିଁ ବୋଲି ସେ କହିଛନ୍ତି। କିଆରା ଏବେ ବଲିଉଡ୍‌ର ଆଗଧାଡ଼ିର ଅଭିନେତା ସିଦ୍ଧାର୍ଥ ମାଲହୋତ୍ରାଙ୍କୁ ଡେଟ୍ କରୁଥିବା ବି-ଟାଉନ୍‌ରେ ଚର୍ଚ୍ଚା ହେଉଛି। ତେଣୁ ସିଦ୍ଧାର୍ଥଙ୍କ ଉଦ୍ଦେଶ୍ୟରେ ସେ ଏଭଳି କହିଥାଇପାରନ୍ତି ବୋଲି ଆଲୋଚନା ଜୋର୍ ଧରିଛି। କିଆରା ଏବଂ ସିଦ୍ଧାର୍ଥ ଏକାଠି ବୁଲୁଥିବାବେଳେ ଅନେକ ଥର କ୍ୟାମେରା ଲେନ୍ସରେ ଧରାପଡ଼ିଛନ୍ତି। ତେବେ ସେମାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ନେଇ କେହି ମୁହଁ ଖୋଲୁନାହାନ୍ତି। କିଛିଦିନ ତଳେ ସିଦ୍ଧାର୍ଥ ଏବଂ କିଆରା ପରସ୍ପରଠାରୁ ଅଲଗା ହୋଇଯାଇଥିବା ଚର୍ଚ୍ଚା ହୋଇଥିଲା। ହେଲେ ବହୁ ସାମାଜିକ କାର୍ଯ୍ୟକ୍ରମରେ ଏହି ଚର୍ଚ୍ଚିତ ଯୋଡ଼ିଙ୍କୁ ଏକାଠି ସ୍ପଟ୍ କରାଯିବା ପରେ ଏଥିରେ ଯବନିକା ପଡ଼ିଥିଲା। ନିକଟରେ ଉଭୟେ ‘ଭୁଲ ଭୁଲେୟା-୨’ର ପ୍ରିମିୟରରେ ନଜର ଆସିଥିଲେ। ବିବାହ ନ କରି ବି ସିଦ୍ଧାର୍ଥଙ୍କ ସହ ଭଲରେ ଥିବା କିଆରା ବୁଲେଇ ବଙ୍କେଇ କହିବାକୁ ଚାହୁଁଛନ୍ତି, ଯାହା ତାଙ୍କ ବୟାନରୁ ସ୍ପଷ୍ଟ ହୋଇଛି।


PARADIP PORT AUTHORITY
e-TENDER CALL NOTICE
No.MD/ACCTS-WK-R-2/2022/649
Date:08.06.2022
Name of the Work: "Providing Assistance for Operation and Maintenance of Floating Crafts for Marine Operations for a period of five years. EMD Cost: Rs.5,88,83,000/- excluding GST. Last Date and time of submission of tender through on-line bidding is 15:00 hours on Dt.05.07.2022. For further details, please log on to the website www.paradipport.gov.in/https://eprocure.gov.in/eprocure/app
Dy. Conservator
Paradip Port Authority
PPA/PR/171/22-23 dtd.29.06.2022

OFFICE OF THE ROURKELA MUNICIPAL CORPORATION: ROURKELA
INVITATION FOR BID
No.8363, Dated 27.06.2022
Bid Identification No. :- MC/RMC/49/2022
No.C-661:The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double cover on online Mode. Bid Identification No. MC/RMC/49/2022 for 03 nos. Civil work with value of Rs. 89.28 lakh.
1. Bid documents will be available in website www.tendersorissa.gov.in from 27.06.2022.
2. Bids must be submitted on "online" on or before **06.07.2022 by 17.00 hours.**
3. Bids shall be opened at 11 .00 hours on 07.07.2022 in the office of the undersigned in the presence of the bidders or their authorized agents.
4. Other details will be available in the website tendersorissa.gov.in.
Municipal Commissioner, Rourkela Municipal Corporation
OIPR-13131/11/0058/2223

NOTICE
No.C-660:The following contractors, who were registered as "C" Class Contractor under S.E.P.H Circle, Bhubaneswar .(Now Addl. Chief Engineer, P.H. Circle, Bhubaneswar) and their Registration Certificate are hereby cancelled as per his written request and their onetime deposit in shape of NSC will be refunded to him.

| Sl. No. | Name and Address | Regd.No. & Class | This Office Order No. & Date |
|---|---|---|---|
| 1 | Sri Sanjit Kumar Barik, S/o.Basanta Barik At-Harabhanga, Block/Gp-Harabhanga Dist.Boudh, Pin-762023 | CDMS Regd. No.845KK588 'C' Class (Valid Upto 31.03.2022) | S.E.P.H. Circle, BBSR Dt.11.03.2019 |
| 2 | Sri Biswajit Parida, S/o.Binod Bihari Parida At-Upaerkai Pada, Po-Kaipada PS-Ramachandra Pur, Dist.Jajpur Pin-755010 | CDMS Regd. No.257TH495 'C' Class (Valid upto 31.03.2022) | S.E.P.H. Circle, BBSR Dt.29.08.2019 |

This notice is required to be published for information of all Govt. Deptt./ Offices where they have executed the work. If any Govt. dues/materials are outstanding against the above contractors which are due to be recovered, may please be reported to the undersigned within 30 (thirty) days from the date of publication of this notice for recovery/ adjustment to Govt. accounts.
In case no report from any office / Deptt. are received within the stipulated period i.e. 30 days from the date of publication of this notice, the onetime deposit made by the contractor will be released / refunded to them without any further notice.
If any Govt. dues/materials detected by any office beyond the stipulated time, it will be their responsibility for the lapses what so ever.
Sd./- Additional Chief Engineer, P.H.Circle, Bhubaneswar
OIPR-13047/11/0009/2223

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ଜଟଣୀ ପୌର ପରିଷଦ, ଜଟଣୀ
OFFICE OF THE MUNICIPAL COUNCIL:JATANI
ସ୍ଥାନ-ଜଟଣୀ,ଜିଲ୍ଲା-ଖୋର୍ଦ୍ଧା, ୭୫୨୦୫୦
At/PS-Jatani, Dist-Khordha (Odisha), Pin-752050
E-mail:municipalityjatni@gmail.com, Phone No.0674-2490826
LIMITED TENDER CALL NOTICE
No.C-668:"The Sealed Tenders invited for selection of agencies for sales of e- waste collected from various wards under Jatni Municipality and stacked/ stored in Material Recovery Facilities (MRF) of the Wealth Centre only from the intending agencies duly authorized by the Central Pollution Control Board (SPCB), Bhubaneswar from date 08.06.2022, 5.30 PM to 24.06.2022, 5.30 PM and the last date for submission of Tender paper is now extended till 04.07.2022. For more details, interested agency may visit the official website of Jatni Municipality (www.jatnimunicipality.in)"
Sd./- Executive Officer, Jatni Municipality
OIPR-13041/11/0012/2223

Office of the Chairman, P.G.Council
Shri Jagannath Sanskrit University
Shri Vihar, Puri-3, Odisha
No.3228/PGC Dt.29.06.2022
ADMISSION NOTICE
Applications are invited for the admission into Acharya (M.A.) programmes for various Departments of Shri Jagannath Sanskrit University, Shri Vihar, Puri for the session 2022-23. Interested eligible candidates are advised to visit our website www.sjsv.nic.in for the admission procedure, application format. Last date for submission of application form is 04.08.2022.
Sd./-Prof. Satrughna Panigrahi
Chairman, PGC

OFFICE OF THE MUNICIPAL COUNCIL, BARBIL
No. 1916 Date. 28.6.2022
QUOTATION CALL NOTICE
No.C-669:Sealed quotations are invited from the suppliers / agencies having GST registration for supply of COSCO / NIVEA / FENTA premium make football. The quotation will be received up to dt. 12.07.2022 at 3.00 P.M. and it will be opened on the same date at 4.00 P.M. in presence of the agencies or their authorised representatives if any. No quotation will be received after the stipulated date and time. The authority reserves the right to reject any or all quotations without assigning any reason thereof.

| Sl. No. | Description | Rate |
|---|---|---|
| 1 | COSCO premium make No.5 Football | Rate/ Each |
| 2 | NIVIA premium make No.5 Football | Rate/ Each |
| 3 | FENTA premium make No.5 Football | Rate / Each |

Sd./- Executive Officer, Barbil Municipality
OIPR-13108/11/0006/2223

GOVERNMENT OF ODISHA No.A-361:
DEPARTMENT OF WATER RESOURCES
OFFICE OF THE CHIEF ENGINEER & BASIN MANAGER,
SUBARNAREKHA & BUDHABALANGA BASIN,
AT/PO:- LAXMIPOSI, DIST:- MAYURBHANJ
Government of Odisha "e" PROCUREMENT NOTICE
Bid Identification No. 03 / 22-23 of CEBM, SBB, Laxmiposi

| | | |
|---|---|---|
| i | Name of Work | Raising and strengthening of Gobarghata TRE and Laxmannath - Pirahat TRE (Ring bandh of Jaleswar town.) |
| ii | Estimated Cost | Rs. 761.49 Lakh |
| iii | Period of Completion | 11 (Eleven) Calendar Months |
| iv | Date & Time of availability of bid document in the portal | 05.07.2022 at 10.00 AM |
| v | Last date/time for receipt of bid in the portal | 19.07.2022 upto 5.00 PM |
| vi | Name & Address of the O.I.T | Chief Engineer & Basin Manager, O/O the CE&BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement Portal "https://tendersodisha.gov.in".
Sd./-Chief Engineer & Basin Manager
Subarnarekha & Budhabalanga Basin, Laxmiposi,
Mayurbhanj, cebmsbb2019@gmail.com
OIPR-32074/11/0002/2223

OFFICE OF THE NOTIFIED AREA COUNCIL, KARANJIA, DIST-MAYURBHANJ
Phone No/Fax No.06796 220401
Email ID- karanjian.hud@ori.nic.in
No.1566/NAC, Date:28.06.22
"e" Procurement Notice
BID Identification No. NAC-KJA-01/2022-23
No.C-666:Bid Documents consisting of Work, Estimated Cost, Cost of Tender Paper, EMD, and Time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in
1. Name of the Work : Civil Construction works as mentioned in website
2. No. of works : As per DTCN
3. Estimated Cost : As per DTCN
4. Class of Contractor : As per DTCN
5. Period of Completion : As per DTCN
6. Date &Time of availability of Bid document in the portal : Dt. 04.07.2022 to 15.07.2022 upto 5 P.M.
7. Last date/Time for receipt of bids in the portal : Dt.15.07.2022 at 5.00 P.M.
8. Submission of Original Document : Dt.16.07.2022 during office hours
9. Date & time of opening of Bids: Dt.18.07.2022 at 11.00 A.M.
10. Name and address of the Officer Inviting Bid : Executive Officer, Karanjia N.A.C.
If the rate quoted by the bidder is less than 15% of the tender amount then such a bid shall be rejected. The authority reserves right to reject any or all the tenders without assigning any reason thereof.
Further details can be seen from the procurement portal i.e. www.tendersorissa.gov.in.
Sd./- Executive Officer, Karanjia NAC
OIPR-13119/11/0002/2223

# ଭୂସ୍ୱର୍ଗରେ ମହାପ୍ରଭୁ



**ଆ**ମେ ଯେଉଁ ଲୋକରେ ବାସ କରୁଛେ, ସେହି ଲୋକର ସ୍ୱର୍ଗ ହେଉଛି ଶ୍ରୀପୁରୁଷୋତ୍ତମ କ୍ଷେତ୍ର। ଯେ ମନଗଢ଼ା କଥା ନୁହେଁ। ମହର୍ଷିମାନଙ୍କର ଘୋଷଣା। ପ୍ରାଚୀନ ପୋଥିପତ୍ରରେ ଦରଜ ହୋଇଛି 'ଭୂସ୍ୱର୍ଗ'।

'ଭୂସ୍ୱର୍ଗଂ ସାମ୍ପ୍ରତଂ ହ୍ୟେଷ ପଥିତ ପୁରୁଷୋତ୍ତମଃ।' ଏହା ସ୍କନ୍ଦ ପୁରାଣ(ଉ.ଖ.୬/୨୮)ର ଘୋଷଣା।

ଆମେ ଜାଣିଛେ ବ୍ରହ୍ମବୈବର୍ତ୍ତ ମହାପୁରାଣରେ କୁହାଯାଇଥିଲା ବୈଷ୍ଣବୀୟ ଧାରାରେ ପୁରୁଷୋତ୍ତମ କ୍ଷେତ୍ର ସାକ୍ଷାତ 'ମର୍ତ୍ତ୍ୟ-ବୃନ୍ଦାବନ'। 'ଏକଂ ତୁ ମାଥୁରେଦେଶେ ତଥାନ୍ୟତ୍ ପୁରୁଷୋତ୍ତମେ'

ଅନେକ ଶାସ୍ତ୍ରରେ ପୁରୁଷୋତ୍ତମ କ୍ଷେତ୍ରର ଅଧିପତି ଶ୍ରୀପୁରୁଷୋତ୍ତମ ବୋଲି ସ୍ୱୀକାର କରାଯାଇଛି। ଆଦି ଶଙ୍କରାଚାର୍ଯ୍ୟ ସେଇ ଧାରାକୁ ପ୍ରବର୍ତ୍ତନ କରାଇ ନୂତନ ଦିଗ ପ୍ରତିଷ୍ଠା କରିଦେଇଗଲେ। ଆମକୁ ଏକ ଧାରଣା ଦିଆଯାଇଛି ପ୍ରଥମେ ଶ୍ରୀପୁରୁଷୋତ୍ତମ, ପରେ ଶ୍ରୀଜଗନ୍ନାଥ ସମୀକରଣ ହୋଇଛନ୍ତି। କିନ୍ତୁ ଅନୁସନ୍ଧାନରୁ ଜଣାଯାଏ ତାହା ଠିକ୍ ନୁହେଁ। ଏହି ସମୀକରଣ ବହୁ ପ୍ରାଚୀନ। ଶ୍ରୀଲକ୍ଷ୍ମୀ ତନ୍ତ୍ରମ୍ ଗ୍ରନ୍ଥରୁ ଏହାର ପ୍ରମାଣ ମିଳେ। ପଞ୍ଚରାତ୍ର ଶାସ୍ତ୍ରର ଅନ୍ୟତମ ଶ୍ରେଷ୍ଠ ଗ୍ରନ୍ଥ ଶ୍ରୀଲକ୍ଷ୍ମୀତନ୍ତ୍ରରେ ପ୍ରମାଣ କରାଯାଇଛି ଶ୍ରୀଜଗନ୍ନାଥ ହେଉଛନ୍ତି ବିଭବାନ୍ତର ସ୍ୱରୂପ। ପାଞ୍ଚରାତ୍ରର ଯୋଗୀମାନେ ଏହି ଶବ୍ଦର ଅର୍ଥ କରିଛନ୍ତି- ଦେବତା ଅଥବା ମଣିଷ ରୂପରେ ଆବିଷ୍ଟ ହୋଇ ଯେତେବେଳେ ପରମସତ୍ତା ଅର୍ଥାତ୍ ବ୍ରହ୍ମ ଜଗତର ମଙ୍ଗଳ କରନ୍ତି, ସେହି ସ୍ୱରୂପ ହେଉଛି-ବିଭବାନ୍ତର ସ୍ୱରୂପ। ସେଥିପାଇଁ ଘୋଷଣା କରେ- 'ଜଗଦ୍ଧିତଂ ଜଗନ୍ନାଥ ସ୍ତୁଜଙ୍ଖେୟଂ ବିଭବାନ୍ତରମ'। ଜଗତର ହିତ ପାଇଁ ଜଗନ୍ନାଥ ସାରଣ କରିଛନ୍ତି ବିଭବାନ୍ତର ରୂପ। ଜଗତ ମଙ୍ଗଳ ରହସ୍ୟର କଥା ଇୟେ। ତାରି ଭିତରେ ଲୋକ-ମଙ୍ଗଳ କାମନା ରହିଛି। ଉପାସନା ମାଧ୍ୟମରେ ଆମେ ତାଙ୍କର ନିକଟତର ହୋଇଛେ। ଲୋକବତ୍ ଲୀଳା କୈବାଲ୍ୟମ୍'ର ଗହନ ରହସ୍ୟ ହେଉଛି ଇୟେ...।

## ଦିନଟିଏ ମନ୍ଦାର

**ବ**ର୍ଷସାରା ଭଳିକି ଭଳି ଫୁଲ ଲାଗି ହୋଇଥାଆନ୍ତି ତିନିଠାକୁର। ଅଣସରରେ କେବଳ ଧଳାଫୁଲ ଲାଗି ହେଉଥିବା ବେଳେ ବର୍ଷକରେ ମାତ୍ର ଗୋଟିଏ ଦିନ ଠାକୁରଙ୍କ ରତ୍ନସିଂହାସନକୁ ମନ୍ଦାରମାଳ ଯାଇଥାଏ। ରାମଙ୍କ ବନବାସ ବେଳେ ଦେବୀ ସୀତାଙ୍କୁ ରାବଣ ଅପହରଣ କରିନେଇଥିଲା। ରାମ ସୀତାଙ୍କୁ ଖୋଜି ଖୋଜି ଲଙ୍କାରେ ଠାବ କରିଥିଲେ। ରାବଣ ସହ ଯୁଦ୍ଧ କରି ସୀତାଙ୍କୁ ଉଦ୍ଧାର କରିଥିଲେ। ଏହି ପରମ୍ପରାକୁ ନେଇ ପୁରୀରେ ହୋଇଥାଏ ସାହିଯାତ। ସାହିଯାତର ଶେଷଦିନ ଅର୍ଥାତ୍ ରାବଣ ବଧ ଦିନ ରାବଣ ସହ ଯୁଦ୍ଧ କରିବା ପାଇଁ ରାମ ଶ୍ରୀଜଗନ୍ନାଥ ଶରଣାପନ୍ନ ହୋଇଥିଲେ। ଆଜ୍ଞାମାଳ ପାଇ ରାବଣ ସହ ଯୁଦ୍ଧ କରିବାକୁ ରାମ ବାହାରିବା ପରେ ପରେ ରାବଣ ମଧ୍ୟ ଶ୍ରୀଜଗନ୍ନାଥଙ୍କ ନିକଟରେ ପହଞ୍ଚି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ସମୟରେ ରାବଣଙ୍କୁ ଏକ ମନ୍ଦାର ମାଳ ଦିଆଯାଇଥିଲା। କେବେ ମନ୍ଦାର ମାଳ ଲାଗି ହେଉ ନ ଥିବା



ଶ୍ରୀଜଗନ୍ନାଥଙ୍କ ରତ୍ନସିଂହାସନରେ ସେହିଦିନ ମନ୍ଦାରମାଳ ଲାଗି ହୋଇ ରାବଣକୁ ଦିଆଯାଏ। ରାବଣ ମନ୍ଦାରମାଳ ନେଇ ଯୁଦ୍ଧକୁ ଯାଆନ୍ତି ଏବଂ ପରାଜିତ ହୁଅନ୍ତି। ଏହି ପରମ୍ପରା ଏବେ ମଧ୍ୟ ଶ୍ରୀମନ୍ଦିରରେ ପ୍ରଚଳିତ ଅଛି।

## ମାଉସୀ ମା'ର ପୋଡ଼ପିଠା ପାଇଁ...



**ବା**ହୁଡ଼ା ଦିନ ଦାରୁଦିଅଁ ରଥାରୂଢ଼ ହେବା ପରେ ନୀଳାଚଳ ଅଭିମୁଖେ ଯାତ୍ରା କରନ୍ତି। କିଛି ବାଟ ଗଡିଲା ପରେ ରଥ ଅଟକିଯାଏ। ସେହି ସ୍ଥାନ ହେଉଛି ମାଉସୀ ମା' ମନ୍ଦିର। ମାଉସୀ ଠାରୁ ପୋଡ଼ପିଠା ଖାଇବା ପାଇଁ ଭଗବାନ୍ ବ୍ୟଗ୍ର ହୋଇ ଉଠନ୍ତି। ବହୁ କଥା ଓ ଗାଥାକୁ ନେଇ ଏହା ଉଜ୍ଜୀବିତ। ମାଉସୀ ମା'ଙ୍କ ପୋଡ଼ପିଠା ସମ୍ପର୍କରେ ପୂଜକ ବିଶ୍ୱନାଥ ମିଶ୍ର କୁହନ୍ତି, ଅଟା, ଛେନା, ଦେଶୀ ଗାଈ ଘିଅ, କିସ୍‌ମିସ୍, ଲବଙ୍ଗ, ଗୁଜୁରାତି ଓ ଅଳେଇଚ ଆଦି ଦ୍ରବ୍ୟରେ ପ୍ରସ୍ତୁତ ହୋଇଥାଏ ପୋଡ଼ପିଠା। ମାଟି ପଲମରେ ସିଝିଲା ପରେ ଏହି ପିଠାକୁ ଖଣ୍ଡ ଖଣ୍ଡ କରି ଦେଶୀ ଗୁଆଘିଅରେ ଛଣାଯାଏ। ତପ୍ସରେ ଏହା ନୈବେଦ୍ୟ ଉପଯୋଗୀ ହୋଇଥାଏ। ତେବେ ଗତ ୨ବର୍ଷ ହେଲା ମହାମାରୀ କରୋନା ଯୋଗୁ ବିନା ଭକ୍ତରେ ହୋଇଥିଲା ମହାପ୍ରଭୁଙ୍କ ରଥଯାତ୍ରା। କିନ୍ତୁ ଏବର୍ଷ ରଥଯାତ୍ରାରେ ଭକ୍ତ ଓ ଭଗବାନ୍ ହେବେ ଏକାଠି। ପୁଣି ଭରିଯିବ ମାଦକତା। କାଳିଆ ସାଆନ୍ତଙ୍କ ପ୍ରାର୍ଥନା ଏ କୋଭିଡ୍ ଭସ୍ମାସୁର ସବୁଦିନ ପାଇଁ ବିଦାୟ ନେଉ।












## ଦାରୁ ଦିଅଁଙ୍କ ପ୍ରିୟ

'**ଯ**ଥା ଦେହେ ତଥା ଦେବେ' କର୍ମକାଣ୍ଡ ବିଜ୍ଞାନର ଏହି ରହସ୍ୟକୁ ଆଧାର କରି ମହାପ୍ରଭୁଙ୍କର ଉପାସନା ପ୍ରଚଳିତ। ଏହା ମଧ୍ୟ ଆମର ସନାତନ ପରମ୍ପରା ସ୍ୱୀକୃତ। ଓଡ଼ିଆ ପରମ୍ପରାରେ ଖାଦ୍ୟର ଯେଉଁ ବିଶେଷତ୍ୱ ରହିଛି ତାହା ମଧ୍ୟରୁ ପଖାଳ ଅନ୍ୟତମ। ଲୋକ ଜୀବନରେ ଉଷୁନା ପଖାଳ ଓ ଅରୁଆ ପଖାଳ ପାଞ୍ଚଟି ନାମ ଧାରଣ କରିଛି। ମହାପ୍ରଭୁଙ୍କ ଉପାସନାରେ କେବଳ ଅରୁଆ ପଖାଳ ପ୍ରଚଳନର ବ୍ୟବସ୍ଥା ରହିଛି। ଆଠକାଳି ବାରମାସି ପଖାଳ ପରମ୍ପରା ପ୍ରଚଳିତ ଥିବାବେଳେ ମହାପ୍ରଭୁଙ୍କ ଉପାସନାରେ ମଧ୍ୟ ସବୁ ଋତୁରେ ବାରମାସ ଏହି ପରମ୍ପରା ଦେଖାଯାଏ। ସାଧାରଣ ଲୋକଟିଏ ଯେପରି ପଖାଳପ୍ରିୟ, ମହାପ୍ରଭୁଙ୍କ ଉପାସନାକୁ ଲକ୍ଷ୍ୟକଲେ ଜଣାପଡୁଛି, ମହାପ୍ରଭୁ ମଧ୍ୟ ପଖାଳପ୍ରିୟ। ସାଧାରଣ ଜୀବନରେ ଆବଶ୍ୟକତା ଅନୁଯାୟୀ ମଣିଷଟିଏ ଦିନରେ ଏବଂ ରାତିରେ ପଖାଳ ଗ୍ରହଣ କରୁଥିବା ବେଳେ ମହାପ୍ରଭୁ କେବଳ ସନ୍ଧ୍ୟାଧୂପରେ ପଖାଳ ଭୋଗ ଗ୍ରହଣ କରନ୍ତି। ପ୍ରକାର ଭେଦରେ ଏଗୁଡ଼ିକ ବିଭିନ୍ନ ପ୍ରକାରର ରହିଥାଏ। ଅଦା ପକାଯାଇ ଚୁପୁଡା ପଖାଳ, ଟଭାରେ ଟଭା ପଖାଳ, ଜିରା ଅଦା ଓ ମସଲା ଦ୍ୱାରା ପ୍ରସ୍ତୁତ ସୁବାସିତ ପଖାଳ ଏବଂ ଦହିରେ ହୋଇଥାଏ ଦହି ପଖାଳ। ଶ୍ରୀଗୁଣ୍ଡିଚାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମୟକୁ ଛାଡିଦେଲେ ବାକି ବର୍ଷର ସମସ୍ତ ଦିବସରେ ଦାରୁଦିଅଁ ପଖାଳରେ ଆତ୍ମସନ୍ତୋଷ ପାଇଥା'ନ୍ତି।

## ଶ୍ରୀମନ୍ଦିରରେ ଅକ୍ଷୟବଟ

**କ**ଳ୍ପବଟ ମଧ୍ୟ ଅକ୍ଷୟବଟ ନାମରେ ପରିଚିତ। କଳ୍ପ ହେଉଛି କଳ୍ପନା। ବଟ ହେଉଛି ବୃକ୍ଷ। ଋଷି ବଶିଷ୍ଠଙ୍କ କାମଧେନୁ ପରି ଭକ୍ତଙ୍କର ମନୋବାଞ୍ଛା ପୂର୍ଣ୍ଣ କରୁଥିବାରୁ ଏହାକୁ କଳ୍ପବଟ କୁହାଯାଏ। 'କଳ୍ପବଟ ମୂଳେ ଯିଏ ବସିଛି, ସେ ଉପବାସ ରହିବ ନାହିଁ। ଏଣୁ ଭକ୍ତଟିଏ ଶ୍ରୀମନ୍ଦିର ଯିବା ବେଳେ କଳ୍ପବଟ ଡାଳରେ ଗୋଡିଟିଏ ବାନ୍ଧି ମାନସିକ କରେ। ପ୍ରବାଦ ଅଛି-ପୃଥିବୀ ଯେତେବେଳେ ପ୍ରଳୟ ପୟୋଧି ଜଳେ ବୁଡି ରହିଥିଲା, ସେତେବେଳେ ଏହି ବଟବୃକ୍ଷରେ ମହାପ୍ରଭୁ ଆଶ୍ରୟ ନେଇଥିଲେ। ଏଣୁ ବିଷ୍ଣୁଙ୍କର ସହସ୍ର ନାମ ମଧ୍ୟରୁ ଏହି ବଟବୃକ୍ଷ ଗୋଟିଏ ନାମ। ଏହି ବୃକ୍ଷମୂଳେ ବସି ଅନେକ ସାଧୁ ସିଦ୍ଧିପ୍ରାପ୍ତ ହୋଇଥିବା ଲୋକମୁଖରୁ ଶୁଣାଯାଏ। ଶ୍ରୀମନ୍ଦିର ବେଢ଼ା ଭିତରେ ରହିଛି ଏହି କଳ୍ପବଟ ବା ଅକ୍ଷୟବଟ।







# ଆଦାନୀ ସ୍ପୋର୍ଟ୍ସ ଲାଇନ୍ ଆଇଓଏର ଅଫିସିଆଲ ପାର୍ଟନର

**ଭୁବନେଶ୍ୱର, ୩୦।୬ (ସ୍ପୋର୍ଟ୍ସ ବ୍ୟୁରୋ):** ଆଦାନୀ ଗ୍ରୁପ୍‌ର କ୍ରୀଡ଼ା ସଂଗଠନ ଆଦାନୀ ସ୍ପୋର୍ଟ୍ସ ଲାଇନ୍ ଆଗାମୀ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨, ହାଙ୍ଗ୍‌ଝୋ ଏସିଆନ ଗେମ୍ସ୨୦୨୨ ଓ ପ୍ୟାରିସ ଅଲିମ୍ପିକ ଗେମ୍ସ ପାଇଁ ଭାରତୀୟ ଅଲିମ୍ପିକ ଆସୋସିଏଶନର ଅଫିସିଆଲ ପାର୍ଟନର ହୋଇଛି। ଆଦାନୀ ଗ୍ରୁପ୍ ଏହା ପୂର୍ବରୁ ୨୦୨୧ରେ ଟୋକିଓ ଅଲିମ୍ପିକ୍ସ ପାଇଁ ଭାରତୀୟ ଦଳର ପ୍ରାୟୋଜକ ରହିଥିଲା। ଏସମ୍ପର୍କରେ ଆଇଓଏ ସାଧାରଣ ସମ୍ପାଦକ ରାଜୀବ ମେହେଟ୍ଟା କହିଛନ୍ତି, ବିଶ୍ୱସ୍ତରୀୟ ପ୍ଲାଟଫର୍ମରେ ଭାରତୀୟ ଆଥଲେଟମାନଙ୍କ ଅଂଶଗ୍ରହଣ କ୍ଷେତ୍ରରେ ଆଦାନୀ ସ୍ପୋର୍ଟ୍ସ ଲାଇନ୍‌ର ସହାୟତା ସ୍ୱାଗତଯୋଗ୍ୟ। ଏହି ଭଳି ସହାୟତା ଜାରି ରହିଲେ ଉଦୀୟମାନ ସ୍ପୋର୍ଟ୍ସଷ୍ଟାରମାନେ ଭାରତଭ ଭବିଷ୍ୟତରେ ଏକ ପ୍ରମୁଖ କ୍ରୀଡ଼ା ରାଷ୍ଟ୍ରରେ ପରିଗଣିତ ହେବ। ଏହି ଅବସରରେ ଆଦାନୀ ଏଣ୍ଟରପ୍ରାଇଜର୍ସ ଲିମିଟେଡ୍‌ର ଡାଇରେକ୍ଟର ପ୍ରଣବ ଆଦାନୀ କହିଛନ୍ତି, ଦେଶ ପାଇଁ ଗୌରବ ଆଣିବା କ୍ଷେତ୍ରରେ ଆଥଲେଟମାନଙ୍କୁ ସହାୟତା ପ୍ରଦାନ ଆମର କର୍ତ୍ତବ୍ୟ। ଏହି କାର୍ଯ୍ୟରେ ଆମେ ଆନନ୍ଦିତ ମଧ୍ୟ।

## OFFICE OF DISTRICT MANAGER, O.S.C.S.C. LTD., KEONJHAR

**AUCTION SALE NOTICE FOR MOBILE VAN**

**File No. IX/03 No. 1487 Date: 28/06/2022**

No. CAD-981:- Sealed tenders are invited for auction sale of one old condemned mobile van bearing No. OR02L-8026 of this organisation. The up-set price of said vehicle is fixed to Rs.1,05,000.00 only. The last date of receipt of tender is **dt.15.07.2022 Upto 2.00 PM**. The detail tender document with terms & condition of the tender shall be available in the website of OSCSC Ltd., i.e. **www.oscsc.in** or can be obtained from office of the DM, OSCSC Ltd., Keonjhar.

**Sd./- District Manager, OSCSC Ltd., Keonjhar**

OIPR-07048/11/0002/2223

## CORRIGENDUM

No. MM-83: Corrigendum to advertisement as published in daily newspaper "Dharitri" all edition & "Anupam Bharat" Berhampur edition Dtd.19.06.2022 regarding tender call notice for supply of Vermicompost in respect of Ghumsur North Forest Division under CAMPA - APO-2022-23, IGC, MGNREGS & OFSDP - II.

The date of opening of the tenders in respect of the above mentioned advertisement for supply of Vermicompost for the year 2022-23 is hereby postponed due to certain unavoidable circumstances. The re-scheduled date of opening of the said tenders will be intimated to all concerned later on.

**Sd./- Divisional Forest Officer**
**Ghumsur North Division**

OIPR-08033/11/0006/2223

## OFFICE OF THE GENERAL MANAGER, WATCO DIVISION, BERHAMPUR

e-mail: gmwatcobam@gmail.com/Ph No. 06802233978

**Government of Odisha "e" Procurement Notice**

**NATIONAL COMPETITIVE BIDDING**

No.C-674

**Bid Identification No.**
**WATCOBAM-01/2022-23 to WATCOBAM-03/2022-23**
**Dt. 27.06.2022**

1. Name of work : Renovation of 10.20 lakhs Ltr. UGR at Aska Road, Provision of DG on wheels of different capacities for BeMC & Gopalpur under WATCO Division Berhampur (03 Nos. of works)
2. Estimated Cost : Ranging from Rs.9.20 lakh (Approx.) to Rs.47.18 lakh (Approx.)
3. Period completion : 02 (Two) and 04 (Four) months.
4. Date & Time of availability of bid document in the Portal : From 11.00 Hrs. of Dt. 08.07.2022 to 17.30 Hrs. of Dt.18.07.2022
5. Last date/Time for Bidding in the Portal : 17.30 Hrs of Dt.18.07.2022
6. Date of opening of Tender : On Dt.19.07.2022 at 11.00 Hrs.
7. Name and address of the Officer inviting tender : General Manager, WATCO Division, Berhampur.

Further details can be seen from the e-procurement Portal: https://tendersodisha.gov.in

**Sd./- General Manager, WATCO Division, Berhampur**

OIPR-13210/11/0002/2223

## OFFICE OF THE SUPERINTENDING ENGINEER RURAL WORKS DIVISION No.II, KEONJHAR

**e-Procurement Notice for Road Works**
**Identification No. Online NCB-03/2022-23**

No. O-559

1. Name of the Work : 03 Nos. Road Works
2. Total Number of Work : 03 Nos.
3. Estimated Cost : Rs.18.69 Lakhs to Rs.52.80 Lakhs
4. Class of Contractor : As per Annexure
5. Period of Completion : As per Annexure
6. Other details :

| Procurement Officer | Bid Identification No. | Availability of Tender online for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, R.W. Divn. No.-II, Keonjhar | Road Works Online N.C.B. 03/2022-23 | Dt. 04.07.2022 at 10.00 AM | Dt. 12.07.2022 at 5.00 PM | Dt. 13.07.2022 at 5.00 PM |

Further details can be seen from the Website **www.tenderorissa.gov.in**

**Sd./- Superintending Engineer, R.W. Divn. No.-II, Keonjhar**

OIPR-25093/11/0003/2223

DSPL-89

କୃଷକ ଓଡ଼ିଶା

GO SUGAM
Government of Odisha - Single Window
Unified Gateway for Agrarian Management

କୃଷକ ଓଡ଼ିଶା

- ଫୋନ୍ ମାଧ୍ୟମରେ ଉପଯୁକ୍ତ ପରାମର୍ଶ
- ଅତି ଶୀଘ୍ର ସରକାରୀ ସେବା ଓ ସାହାଯ୍ୟ
- ବ୍ୟାଙ୍କ ମାଧ୍ୟମରେ ସୁବିଧାରେ ଋଣ ସହାୟତା

krushak.odisha.gov.in

ଗୋ-ସୁଗମ

- କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକର ୩୫ଟି ରୁ ଅଧିକ ଯୋଜନା
- କୃଷି ଉଦ୍ୟୋଗୀମାନଙ୍କ ପାଇଁ ଏକକ ୱିଣ୍ଡୋ ପୋର୍ଟାଲ୍
- ହିତାଧିକାରୀଙ୍କ ଦରଖାସ୍ତର ସ୍ଥିତି ଟ୍ରାକିଂ ଏବଂ ସୂଚନା

sugam.odisha.gov.in

ଦରଖାସ୍ତ କରି ସେବାର ସୁଯୋଗ ନିଅନ୍ତୁ

- ୱେବ୍ ପୋର୍ଟାଲ ଏବଂ ମୋବାଇଲ୍ ଆପ୍
- ମୋ ସେବା କେନ୍ଦ୍ର
- କୃଷି, ଉଦ୍ୟାନକୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ
- ବ୍ଲକ କାର୍ଯ୍ୟାଳୟ (କେବଳ ଗୋ-ସୁଗମ ପାଇଁ)



ସହାୟତା ନିମନ୍ତେ ଯୋଗାଯୋଗ କରନ୍ତୁ ୧୫୫୩୩୩ - ଆମ କୃଷି -

ଚାଷୀ ଭାଇ ଓ ଭଉଣୀମାନେ କୃଷକ 'ଓଡ଼ିଶା ପୋର୍ଟାଲ'ରେ ୩୧ଜୁଲାଇ ୨୦୨୨ ସୁଦ୍ଧା 'ମୋ ସେବା କେନ୍ଦ୍ର' ମାଧ୍ୟମରେ ନୂତନ ପଞ୍ଜୀକରଣ କିମ୍ବା ତଥ୍ୟ ଅପ୍‌ଡେଟ୍ ଶତକଡ଼ା ୫୦ ଭାଗ ରିହାତିରେ କରନ୍ତୁ

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

OIPR-01034/13/0013/2223

# ଭାରତୀୟ ଦଳରେ ଓଡ଼ିଶାର ଅମରେନ୍ଦ୍ର



ଅମରେନ୍ଦ୍ର ନାୟକ

**ଭୁବନେଶ୍ୱର, ୩୦।୬ (କ୍ରୀଡ଼ା ପ୍ରତିନିଧି):** ଫିଲିପାଇନ୍ସଠାରେ ଶୁକ୍ରବାର ଆରମ୍ଭ ହେବାକୁ ଯାଉଛି ଇଣ୍ଟରନ୍ୟାଶନାଲ ବାସ୍କେଟବଲ ଫେଡେରେଶନ (ଫିବା) ବିଶ୍ୱକପର ଏସିଆନ କ୍ୱାଲିଫାୟର (ୱିଣ୍ଡୋ-୩)। ଏହି ପ୍ରତିଯୋଗିତା ଜୁଲାଇ ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ଅମରେନ୍ଦ୍ର ନାୟକ ସ୍ଥାନ ପାଇଛନ୍ତି।

ଭାରତୀୟ ଦଳ: ସାହାଇଜ ପ୍ରତାପ ସିଂ ସେଖୋନ, ମୁଇନ୍ ବେକ୍ ହାଫିଜ, ବିଶେଷ ଭୃଗୁବଂଶୀ, ଅମରେନ୍ଦ୍ର ନାୟକ, ଦୀପକ ଚୌଧାରୀ, ପ୍ରଶାନ୍ତ ସିଂ ରାୱତ, ପ୍ରତ୍ୟାଂଶୁ ତୋମାର, ପ୍ରଣବ ପ୍ରିନ୍ସ, ଆର୍ଯ୍ୟନ, ବିବେକ ଭିନୁଭାଇ ଗୋତି, ଏମ. ଅରବିନ୍ଦ କୁମାର, ଲଳିତ।

## ଏଆଇଏଫ୍ଏଫ୍ ସାଧାରଣ ସମ୍ପାଦକଙ୍କ ଇସ୍ତଫା

**ନୂଆଦିଲ୍ଲୀ, ୩୦।୬ (ପିଟିଆଇ):** ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ବିବାଦୀୟ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ସାଧାରଣ ସମ୍ପାଦକ କୁଶାଲ ଦାସ ତାଙ୍କ ପଦବୀରୁ ଇସ୍ତଫା ପ୍ରଦାନ କରିଛନ୍ତି। ତାଙ୍କ ୧୨ ବର୍ଷ କାର୍ଯ୍ୟକାଳ ମଧ୍ୟରେ ତାଙ୍କ ବିରୋଧରେ ଅନେକବାର ଆର୍ଥିକ ଅନିୟମିତତା ଅଭିଯୋଗ ଆସିଛି। ୨୦୧୦ରୁ ଏଆଇଏଫ୍ଏଫ୍ ସାଧାରଣ ସମ୍ପାଦକ ପଦବୀରେ ରହି ଆସିଥିବା ଏହି କ୍ରୀଡ଼ା ପ୍ରଶାସକ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଜୁନ୍ ୨୦ରୁ ଛୁଟିରେ ରହିଥିଲେ। ମାତ୍ର ଫୁଟ୍‌ବଲ ମହଲରେ ଅନେକଙ୍କ ବିଚାରରେ କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲଙ୍କ ଅଡିଟ୍ ବେଳେ କୁଶାଲ ଏକାଧିକ ଅର୍ଥନୈତିକ ଦୁର୍ନୀତିରେ ଲିପ୍ତ ବୋଲି ଜଣାପଡ଼ିଥିଲା। ତାଙ୍କ ବିରୋଧରେ ତଦନ୍ତ ଚାଲିଛି। କମିଟି ଅଫ୍ ଆଡ୍‌ମିନିଷ୍ଟ୍ରେଟର୍ସ (ସିଓଏ) ଦ୍ୱାରା ସେ ବହିଷ୍କୃତ ହୋଇଛନ୍ତି। ସୁନନ୍ଦୋ ଧର୍ ତାଙ୍କ ସ୍ଥାନରେ ସାଧାରଣ କାର୍ଯ୍ୟକାରୀ ସମ୍ପାଦକ ଦାୟିତ୍ୱରେ ରହିବେ। ସେ ମହାସଂଘର ଦୈନନ୍ଦିନ କାର୍ଯ୍ୟ ଦେଖାଚାହାଁ କରିବେ। ଦାସ ତାଙ୍କ ଇସ୍ତଫାପତ୍ର ସିଓଏ ନିକଟକୁ ପଠାଇ ଦେଇଛନ୍ତି। ଠିକଣା ସମୟରେ କର୍ମକର୍ତ୍ତା ନିର୍ବାଚନ କରାଯାଇ ନ ଥିବାରୁ ପୂର୍ବରୁ ସୁପ୍ରିମକୋର୍ଟଙ୍କ ଦ୍ୱାରା ଏଆଇଏଫ୍ଏଫ୍ ସଭାପତି ପ୍ରଫୁଲ୍ଲ ପଟେଲ ବିଦା ହୋଇ ସାରିଛନ୍ତି। କୁଶାଲ ଦାସଙ୍କ ବିରୋଧରେ ପୂର୍ବରୁ ଏଆଇଏଫ୍ଏଫ୍‌ର ଜଣେ ମହିଳା କର୍ମଚାରୀଙ୍କ ପ୍ରତି ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା।

## ସିନ୍ଧୁ, ପ୍ରଣୟ କ୍ୱାର୍ଟରରେ

**କୁଆଲାଲମ୍ପୁର, ୩୦।୬ (ପି.ଟି.):** ଦୁଇଥର ଅଲିମ୍ପିକ ପଦକ ବିଜୟିନୀ ପି.ଭି. ସିନ୍ଧୁ ମାଲେସିଆ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଏକ ମହିଳା ସିଙ୍ଗଲ୍ସ ମ୍ୟାଚରେ ସେ ପ୍ରତ୍ୟାବର୍ତ୍ତନ ସହ ଥାଇଲାଣ୍ଡର ଫିଟାୟାପର୍ନ ଚାଇୱାନଙ୍କୁ ହରାଇ ଦେଇଛନ୍ତି। ଆକ୍ସିଆଟା ଆରେନାରେ ବିଶ୍ୱର ଏହି ୭ ନମ୍ବର ଖେଳାଳି ତାଙ୍କ ଥାଇଲାଣ୍ଡ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୧୯-୨୧, ୨୧-୯, ୨୧-୧୪ରେ ହରାଇ ଦେଇଛନ୍ତି। ସପ୍ତମ ସିଡ୍ ଭାରତୀୟ ତାଙ୍କ ପରବର୍ତ୍ତୀ ମ୍ୟାଚ ଚାଇନିଜ ତାଇପେର ତାଇ ଜୁ ୟିଙ୍ଗଙ୍କ ବିପକ୍ଷରେ ଖେଳିବେ। ବିଶ୍ୱର ୨୧ ନମ୍ବର ପୁରୁଷ ସିଙ୍ଗଲ୍ସ ଖେଳାଳି ଏଚ୍.ଏସ୍. ପ୍ରଣୟ ମଧ୍ୟ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସେ ବିଶ୍ୱର ୪ ନମ୍ବର ଖେଳାଳି ଚାଇନିଜ ତାଇପେର ଚୋଉ ତିନ୍ ଚେନ୍‌ଙ୍କ ବିପକ୍ଷରେ ୨୧-୧୫, ୨୧-୭ରେ ସହଜ ବିଜୟ ହାସଲ କରିଥିଲେ। ଭାରତକୁ ଥୋମାସ କପ୍ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପ୍ରଣୟ ବର୍ତ୍ତମାନ ଅଣସିଡ୍ ଇଣ୍ଡୋନେସିଆର ଜୋନ୍ଥାନ କ୍ରିଷ୍ଟିଙ୍କୁ ଭେଟିବେ।

ଟାପାରିଆ® AN ISO-9001 CO.
"ଟାପାରିଆ" ଟୁଲ୍ସ କିଣନ୍ତୁ।
ଆପଣା ହାତେ କରାମତି ଅନୁଭବ କରନ୍ତୁ
"ପ୍ରତ୍ୟେକ ବ୍ୟକ୍ତି ହସ୍ତ ଉପକରଣ ଆବଶ୍ୟକ କରନ୍ତି"



TAPARIA
"ଟାପାରିଆ" କାମ ଦେଇରାଲେ ସାରା ଜୀବନ।
ହ୍ୟାଣ୍ଡ ଟୁଲ୍‌ସ ମନୁଷ୍ୟ ହସ୍ତର ଏକ ସମ୍ପ୍ରସାରଣ ଅଟେ
କୋଲ୍‌କାତା ଦୂରଭାଷ. 033 - 2215 1850 / 51 | ଇମେଲ୍ : suyogtrading@gmail.com
CIN : L99999MH1965PLC013392 | ଆମକୁ ଏଠାରେ ଦେଖନ୍ତୁ www.tapariatools.com
TJM/TTL/22/ORI

## ପୌର ପରିଷଦ, କୋରାପୁଟ

ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା - ୨୦୨୨

ଉପଲକ୍ଷେ ସମସ୍ତ ଓଡ଼ିଆ ଭାଇଭଉଣୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

*ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖନ୍ତୁ ।*
*ପୌରପାଳିକାକୁ ସହଯୋଗ କରନ୍ତୁ ।*

ମାସ୍କ ପିନ୍ଧନ୍ତୁ, ସାମାଜିକ ଦୂରତା ବଜାୟ ରଖନ୍ତୁ, କରୋନାଠୁ ଦୂରେଇ ରୁହନ୍ତୁ ।

| ଶ୍ରୀମତୀ ସବିତା ପଣ୍ଡା | ସମସ୍ତ ପାରିଷଦ ବୃନ୍ଦ | ଶ୍ରୀ ଲଲାଟ ରଞ୍ଜନ ସେଠୀ |
|---|---|---|
| ଉପାଧ୍ୟକ୍ଷା, ପୌର ପରିଷଦ, କୋରାପୁଟ | ପୌର ପରିଷଦ, କୋରାପୁଟ | ଅଧ୍ୟକ୍ଷ, ପୌର ପରିଷଦ, କୋରାପୁଟ |

## ODISHA PUBLIC SERVICE COMMISSION, CUTTACK

**NOTICE**

**No. 5905/PSC Dt.30.06.2022**
**(2PE-03-22/23) (DR-I)**

No. D-80: It is for information of all concerned that, pursuant to Advt. No. 09 of 2021-22, 70 (Seventy) candidates bearing following PPSAN have been allowed to face the interview to determine their eligibility for recruitment to the post of **Assistant Professor, Teacher Education (English)**. The Interview in respect of the following candidates will be held in the Office of the Commission at 19, Dr. P.K. Parija Road, Cuttack - 753001 on 12.07.2022, 13.07.2022, 14.07.2022, 15.07.2022 & 16.07.2022 as per the Programme mentioned below.

**PROGRAMME OF INTERVIEW**

| Date | Time of Interview | PPSAN of Candidates |
|---|---|---|
| 12.07.2022 | 10.30 A.M. | 00085583, 00087096, 00089480, 00089279, 00077544, 00087543, 00077575, 00087768, 00093358 = **09 Candidates** |
| | 02.45 P.M. | 00088085, 00093473, 00091516, 00097398, 00092774, 00078791 = **06 Candidates** |
| 13.07.2022 | 10.30 A.M. | 00077578, 00083707, 00097382, 00079699, 00088792, 00112153, 00072370, 00080567, 00097256 = **09 Candidates** |
| | 02.45 P.M. | 00112542, 00079893, 00091561, 00088339, 00095778, 00092690 = **06 Candidates** |
| 14.07.2022 | 10.30 A.M. | 00112471, 00099096, 00079897, 00096747, 00093719, 00111336, 00086181, 00111001, 00077022 = **09 Candidates** |
| | 02.45 P.M. | 00089238, 00089797, 00082935, 00095525, 00101140, 00110160 = **06 Candidates** |
| 15.07.2022 | 10.30 A.M. | 00091189, 00097471, 00091621, 00089016, 00089531, 00082815, 00112528, 00082677, 00112451 = **09 Candidates** |
| | 02.45 P.M. | 00061371, 00100056, 00092018, 00112792, 00111980, 00101381 = **06 Candidates** |
| 16.07.2022 | 10.30 A.M. | 00093271, 00101977, 00074481, 00096055, 00042777, 00070613, 00076522, 00091505, 00095037, 00092077 = **10 Candidates** |

**Note:** It Is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are advised to report in the Office of the Commission **half an hour before the commencement of interview** on the scheduled date & time as mentioned above.

The candidates are further advised to bring three sets of Xerox copies of published research papers as earlier produced during verification.

**Note:** The candidates are informed that the pedagogy skill is part of the interivew. They are to come prepared to present a topic of their choice within 8 to 10 minutes before the Interview board. White board shall be provided by the comission for the purpose.

**OIPR-12002/11/0096/2223** **Sd./- Secretary**

## ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ

ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ, ଭାରତ ସରକାର
ପ୍ରକଳ୍ପ କାର୍ଯ୍ୟକାରିଣୀ ଏକକ, କେନ୍ଦୁଝର
ପ୍ଲଟ୍ ନଂ.- ୬୩/୪୪୭, ସା-ବଡ଼ଡେରା,
ପୋ-ମଣ୍ଡୁଆ, ଜିଲ୍ଲା-କେନ୍ଦୁଝର, ରାଜ୍ୟ-ଓଡ଼ିଶା-୭୫୮୦୧୪

भारतमाला प्रगति के पथ पर अग्रसर

NHAI/12011/30/22-23/RO/OD/1989/2022 Date: 29.06.2022

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଭାରତୀୟ ଜାତୀୟ ରାଜମାର୍ଗ ପ୍ରାଧୀକରଣର କ୍ଷେତ୍ରୀୟ କାର୍ଯ୍ୟାଳୟର ସକ୍ଷମ ଅଧିକାରୀଙ୍କ ପତ୍ର ସଂଖ୍ୟା ୧୯୮୯, ତା ୨୯.୦୬.୨୦୨୨ରେ ଅନୁମୋଦନ ଅନୁସାରେ ଓଡ଼ିଶା ରାଜ୍ୟର କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଏନ୍ଏଚ-୬ (ନୂତନ ଏନଏଚ-୪୯) ରେ ୩୧୧.୦୦୦ କିମିଠାରୁ ୪୧୪.୦୦୦ କିମି (ଡିଜାଇନ୍ ଚେନ୍ଏଜ ୩୧୦.୮୦୬ କିମିରୁ ୪୧୪.୯୮୨ କିମି) ସିଙ୍ଗାରାରୁ ବିଞ୍ଜବାହାଲ୍ ସେକ୍ସନର ୩୩୯.୫୦୦ କିମିଠାରେ ହାଇବ୍ରିଡ୍ ଆନ୍ୟୁଇଟି ମୋଡ୍‌ରେ ମୋଟ୍ ୫୮.୮୫୯ କିମି ଦୀର୍ଘ (ସଡ଼କର ଦୈର୍ଘ୍ୟ ୪୭.୫୭୨ କିମି + କେନ୍ଦୁଝର ବାଏପାସ୍ ଦୈର୍ଘ୍ୟ ୧୦.୫୦୫ କିମି + ଢାଞ୍ଚା ଦୈର୍ଘ୍ୟ ୦.୭୮୦୭୪ କିମି) ଖେରେଇଟାଙ୍ଗିରିଠାରେ ମୁକ୍ତ ପ୍ଲାଜାର ପ୍ରକଳ୍ପ ଅଧୀନସ୍ଥ ଅବଶିଷ୍ଟ ଦୈର୍ଘ୍ୟ ସମ୍ପୂର୍ଣ୍ଣ କରିବା ନିମନ୍ତେ ୨୦୨୨-୨୩ ବର୍ଷ ପାଇଁ ଧାର୍ଯ୍ୟ ସଂଶୋଧିତ ଦେୟ ନିମ୍ନ ପ୍ରକାରେ ତା ୦୨.୦୭.୨୦୨୨ରିଖ ୦.୦୦ଘଣ୍ଟାଠାରୁ ତା ୩୧.୦୩.୨୦୨୩ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। (ଟଙ୍କାରେ)

| ୩୩୯.୫୦୦ କିମି ଠାରେ ଖେରେଇଟାଙ୍ଗିରି ଟୋଲ୍ ପ୍ଲାଜା | | | | |
|---|---|---|---|---|
| ଯାନର ପ୍ରକାର | ଏକତରଫା ଯାତ୍ରା ନିମନ୍ତେ ଦେୟ | ଗୋଟିଏ ଦିନ ମଧ୍ୟରେ ପ୍ରତ୍ୟାବର୍ତ୍ତନ ଯାତ୍ରା ପାଇଁ ଦେୟ | ମାସରେ ୫୦ଟି ଏକକ ଯାତ୍ରା ପାଇଁ ମାସିକ ପାସ୍ ଦେୟ | ଫି ପ୍ଲାଜାର ଜିଲ୍ଲା ଅନ୍ତର୍ଗତ ପଞ୍ଜୀକୃତ ବ୍ୟାବସାୟିକ ଯାନର ଏକକ ଯାତ୍ରା ପାଇଁ ଦେୟ |
| ୧ | ୨ | ୩ | ୪ | ୫ |
| କାର୍, ଜୀପ୍, ଭ୍ୟାନ୍ ବା ହାଲୁକା ମୋଟର ଗାଡ଼ି | ୯୫ | ୧୪୫ | ୩୨୩୦ | ୫୦ |
| ହାଲୁକା ବ୍ୟାବସାୟିକ ଯାନ, ହାଲୁକା ମାଲ୍‌ଗାଡ଼ି କିମ୍ବା ମିନି ବସ୍ | ୧୫୫ | ୨୩୫ | ୫୨୧୫ | ୮୦ |
| ବସ୍ କିମ୍ବା ଟ୍ରକ୍ (ଦୁଇ ଅଖ) | ୩୩୦ | ୪୯୦ | ୧୦୯୨୫ | ୧୬୫ |
| ତିନି-ଅଖ ବ୍ୟାବସାୟିକ ଯାନ | ୩୬୦ | ୫୩୫ | ୧୧୯୧୫ | ୧୮୦ |
| ଏଚସିଏମ କିମ୍ବା ଇଏମଇ ଅଥବା ଏମ୍ଏଭି (ଚାରି ରୁ ଛ' ଅଖ) | ୫୧୫ | ୭୭୦ | ୧୭୧୩୦ | ୨୫୫ |
| ବଡ଼ ଯାନ (ସାତ ବା ଅଧିକ ଅଖ) | ୬୨୫ | ୯୪୦ | ୨୦୮୫୫ | ୩୧୫ |

୨୦୨୨-୨୩ ବର୍ଷ ପାଇଁ ଖେରେଇଟାଙ୍ଗିରି ଟୋଲ୍ ପ୍ଲାଜାର ୨୦ କିମି ଦୂରତା ମଧ୍ୟରେ ଅଣବାଣିଜ୍ୟିକ ଯାନଗୁଡ଼ିକ ପାଇଁ ମାସିକ ଦେୟ ଟ. ୩୧୫/- ଧାର୍ଯ୍ୟ ରହିବ।

ସମସ୍ତ ଯାନ ପାଇଁ ଫାଷ୍ଟ୍ୟାଗ୍ ବାଧ୍ୟତାମୂଳକ ହୋଇଥିବାରୁ ସବୁ ବ୍ୟବହାରକାରୀମାନଙ୍କୁ ଫାଷ୍ଟ୍ୟାଗ୍ କିଣିବାପାଇଁ ଅନୁରୋଧ କରାଯାଉଛି।

ଫୋନ୍ ନଂ.(୦୬୭୬୬) ୨୫୩୨୯୫, ଇମେଲ: **pdnhai.kjr@nhai.org, pdnhai.kjr@gmail.com**

ସ୍ୱା/-
ପ୍ରକଳ୍ପ ନିର୍ଦ୍ଦେଶକ

କେବଳ ସଡ଼କ ନୁହେଁ, ରାଷ୍ଟ୍ରର ନିର୍ମାଣ ମଧ୍ୟ

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BALASORE

No. O-560

E-mail ID: serw_balasore@yahoo.in; Ph. No.: 06782/260318, Balia, Balasore

**"e"-Procurement Notice for Road Work | Identification No. Online Tender-Road N.C.B. No. 339 for 2022-23.**

Letter No. 2376/ Date: 27.06.2022

**1.** Name of the work :- **PMGSY Road Work. 2.** Total No. of works :- **1 No. (One). 3.** Estimated Cost :- **Rs.210.27 lakhs** (Approximately). **4.** Eligible Class of Contractor :- 'B' & 'A' (of Odisha P.W.D.) or relevant Class of other licensing authorities (As per annexure). **5.** Period of Completion :- **9** Calendar months for the work. **6.** Other Details:-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender in O/o C.C.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 339 | Dt.04.07.2022 at 11.00 A.M. | Dt.19.07.2022 upto 5.00 P.M. | Dt.18.07.2022 upto 5.00 P.M. | Dt.20.07.2022 at 11.00 A.M. | Will be intimated later |

• **Further details can be seen from the website www.pmgsytenders.gov.in**

**Sd./- Chief Construction Engineer, R.W. Circle, Balasore**

OIPR-25105/11/0018/2223

**ଅବସରକାଳୀନ ସମ୍ବର୍ଦ୍ଧନା**

ମୁରିବାହାଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ମୁରିବାହାଲ ଶାଖା ପରିଚାଳକ ଜଗତ ଜୀବନ ବହିଦାରଙ୍କୁ ଗୁରୁବାର ବ୍ୟାଙ୍କ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ୟାଙ୍କ ସୁପରଭାଇଜର ସହଦେବ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆକାଉଣ୍ଟାଣ୍ଟ ଚିଦାନନ୍ଦ ମହାନ୍ତି, କୋଷାଧକ୍ଷ ରମଣ କୁମାର ଜୈନ ଶାଖା ପରିଚାଳକ ବହିଦାରଙ୍କ କର୍ମମୟ ଜୀବନ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ସମ୍ପାଦକ, କର୍ମଚାରୀ ଉପସ୍ଥିତ ଥିଲେ।

# ବିଭିନ୍ନ ଲୋକଙ୍କ ବୟାନ ରେକର୍ଡ

**ବଲାଙ୍ଗୀର ଅଫିସ, ୩୦।୬**

**ଭୀମଭୋଇ ମେଡିକାଲ କଲେଜ ଛାତ୍ର ମୃତ୍ୟୁ ଘଟଣା**

**■ଦ୍ୱିତୀୟ ଦିନରେ ଏନ୍ଏଚ୍ଆରସି ଟିମ୍‌ର ତଦନ୍ତ**

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଛାତ୍ର ମୃତ୍ୟୁ ଘଟଣାର ତଦନ୍ତ କରୁଥିବା ଏନ୍ଏଚ୍ଆରସି ଟିମ୍ ଗୁରୁବାର ଦ୍ୱିତୀୟ ଦିନରେ ତଦନ୍ତ ଜାରି ରଖିଛନ୍ତି। ସ୍ଥାନୀୟ ସର୍କିଟ ହାଉସଠାରେ ଏନ୍ଏଚ୍ଆରସିର ତିନିଜଣିଆ ଟିମ୍ ବିମଳଜିତ୍ ଉତ୍ପଳ, ଚନ୍ଦ୍ରଶେଖର ଏବଂ ମାଧବାନନ୍ଦ ରାଉତ୍ ବିଭିନ୍ନ ଲୋକଙ୍କୁ ଡାକି ବୟାନ ରେକର୍ଡ କରିଥିଲେ। ଘଟଣାଦିନ କେଉଁ ପରିସ୍ଥିତିରେ ଡାକ୍ତରୀ ଛାତ୍ର ନିଶାନ୍ତ କୁମାରଙ୍କ ମୃତ୍ୟୁ ଘଟିଥିଲା ତାକୁ ନେଇ ବିଭିନ୍ନ ଲୋକଙ୍କୁ ପଚରାଉଚରା କରିବା ସହ ବୟାନ ରେକର୍ଡ କରିଥିଲେ। ଏହାପରେ ମେଡିକାଲ କଲେଜକୁ ଯାଇ ପୁଣି ଥରେ ବିଭିନ୍ନ ରେକର୍ଡ ପତ୍ର ଯାଞ୍ଚ କରିବା ସହ ଛାତ୍ରୀଛାତ୍ରଙ୍କୁ ପଚରାଉଚରା କରିଥିବା ଜଣାପଡିଛି।

ହରିୟାଣା ପ୍ରଦେଶର କରନାଲ ସହର ନିବାସୀ ନିଶାନ୍ତ କୁମାର ଚଳିତବର୍ଷ ସର୍ବଭାରତୀୟ କୋଟା ଅନୁଯାୟୀ ଏହି ସରକାରୀ ମେଡିକାଲ କଲେଜରେ ନାମଲେଖାଇ ପାଠ ପଢ଼ିବାକୁ ଆସିଥିଲେ। ଏପ୍ରିଲ ମାସରେ ନିଶାନ୍ତଙ୍କ ମାତାପିତା ନିଶାନ୍ତଙ୍କୁ ଧରି ବଲାଙ୍ଗୀର ଆସି କଲେଜ ହଷ୍ଟେଲରେ ଛାଡି ଫେରିଥିଲେ। ତେବେ ହଷ୍ଟେଲରେ ଛାଡିବାର ୧୦ଦିନ ଭିତରେ ସମ୍ପୃକ୍ତ ହଷ୍ଟେଲ ଛାତରୁ ଡେଇଁ ନିଶାନ୍ତ ଆତ୍ମହତ୍ୟା କରିଥିବା କୁହାଯାଇଥିଲା। ପରିବାର ଲୋକେ ଏହାକୁ ର୍‍ୟାଗିଂଜନିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଥିଲେ। ଏନେଇ ବଲାଙ୍ଗୀର ଟାଉନ୍ ଥାନାରେ ଅଭିଯୋଗ ମଧ୍ୟ ଦାଖଲ କରିଥିଲେ। ପରେ ମୃତଛାତ୍ର ନିଶାନ୍ତ କୁମାରଙ୍କ ମୋବାଇଲ ଚାଟିଂ ଭାଇରାଲ ହୋଇଥିଲା। ଏଥିରୁ ଏହି କଲେଜର ସିନିଅର ଛାତ୍ରମାନେ ର୍‍ୟାଗିଂ କରିଥିବା ଉକ୍ତ ଭାଇରାଲ ଚାର୍ଟିଂରୁ ସ୍ପଷ୍ଟ ହୋଇଥିଲା। ଏହାବାଦ୍ ପୋଲିସ ନିଶାନ୍ତଙ୍କ ଡାଇରୀ ଏବଂ ସୁଇସାଇଡା ନୋଟ୍ ଜବତ କରିଥିବା କୁହାଯାଇଥିଲା। ହଷ୍ଟେଲ ଛାତରୁ ଡେଇଁବାର କେହି ପ୍ରତ୍ୟକ୍ଷଦର୍ଶୀ ନଥିବାରୁ ଏବଂ ଭାଇରାଲ ମୋବାଇଲ ଚାର୍ଟିଂରୁ ପରିବାର ଲୋକେ ନିଶାନ୍ତଙ୍କୁ ର୍‍ୟାଗିଂ କରାଯାଇଥିବା ଅଭିଯୋଗ କରିଥିଲେ। ଏପ୍ରିଲ ୨୨ ତାରିଖ ଅପରାହ୍ଣ ପ୍ରାୟ ଅଢ଼େଟାରେ ହଷ୍ଟେଲ ଛାତ ଉପରୁ ଡେଇଁ ଆତ୍ମହତ୍ୟା କରିଥିବା କୁହାଯାଉଥିବାରୁ ଏନ୍ଏଚ୍ଆରସି ଟିମ୍ ଏନେଇ ତଦନ୍ତକୁ ଜୋର ଦେଇଛନ୍ତି। ଘଟଣାଦିନ ହଷ୍ଟେଲ ପାର୍କିଂ ଏରିଆରେ କିଛି ଲୁହାୱେଲ୍ଡିଂ କାରୀଗର କାମ କରୁଥିଲେ। ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ଏନ୍ଏଚ୍ଆରସି ଟିମ୍ ସର୍କିଟ ହାଉସକୁ ଡକାଇ ପଚରାଉଚରା କରିଥିଲା। ସେମାନେ ସେଦିନ କ'ଣ ଦେଖିଲେ ବୋଲି ଟିମ୍ ସଦସ୍ୟ ଉଭୟ କାରିଗରଙ୍କୁ ପ୍ରଶ୍ନ କରିଥିଲେ। ଉଭୟ କାରୀଗର କରିଥିଲେ ଯେ ଅପରାହ୍ଣ ପ୍ରାୟ ୩ଟା ସମୟରେ ହଠାତ୍ ଛାତରୁ ଜଣେ ତଳକୁ ଖସିପଡିଥିଲେ। ସେମାନେ ସେଠାକୁ ଦୌଡି ଦେଖିଥିଲେ। ଏହାପରେ ହଷ୍ଟେଲ ଭିତର ଛାତ୍ର ଓ ଷ୍ଟାଫ୍‌କୁ ଡାକିଥିଲେ। ସେମାନେ ଆସିବା ପରେ ସମ୍ପୃକ୍ତ ଯୁବକଙ୍କୁ ଉଠାଇ ନେଇଥିଲେ ବୋଲି କହିଛନ୍ତି। ସେତିକିବେଳେ ସମ୍ପୃକ୍ତ ଯୁବକ ମୃତ ନା ଜୀବିତ ଥିଲେ ଏହା ସେମାନେ ଜାଣି ନ ଥିବା ଗଣମାଧ୍ୟମକୁ କହିଥିଲେ। ଏନ୍ଏଚ୍ଆରସି ଟିମ୍ ସଦସ୍ୟ ମେଡିକାଲ କଲେଜର ବିଭିନ୍ନ ଅଧ୍ୟାପକ, ଷ୍ଟାଫ୍, ଛାତ୍ରଙ୍କ ବୟାନ ରେକର୍ଡ କରି ଏହାକୁ ଯାଞ୍ଚ କରୁଛି। ଏହି ଟିମ୍ ଶୁକ୍ରବାର ମଧ୍ୟ ତଦନ୍ତ ଜାରି ରଖିବେ ବୋଲି ଜଣାପଡିଛି।

# ବଜ୍ରପାତରେ ୩ ଚାଷୀ ମୃତ

**ଦେଓଗାଁ/ ବିନ୍‌କା,୩୦।୬(ଡି.ଏନ.ଏ):** ଗୁରୁବାର ବଜ୍ରପାତରେ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ୩ ଚାଷୀଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୨ ମହିଳା ଚାଷୀ ରହିଛନ୍ତି। ମୃତ ମହିଳା ଚାଷୀହେଲେ ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ବୁଢାବାହାଲ ଗ୍ରାମର ଅସଲି ଚନ୍ଦନ (୫୮) ଓ ଲକ୍ଷ୍ମୀ ଖମାରି (୩୯)। ଅପରାହ୍ଣରେ ନିଜ ନିଜ କପା କିଆରିରେ କାମ କରୁଥିବାବେଳେ ପବନ ବର୍ଷା ସହ ବଜ୍ରପାତ ହୋଇଥିଲା। ଏଥିରେ ଅସଲି ଓ ଲକ୍ଷ୍ମୀ ଖେତରେ ଟଳି ପଡିଥିଲେ। ବନ୍ଧପଡା ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ପଠାଇଛି। ଶୁକ୍ରବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ସେହିପରି ସୁବର୍ଣ୍ଣପୁର ଜିଲା ବିନ୍‌କା ବ୍ଲକ ଅଧିନ ଭଣ୍ଡାର ଗ୍ରାମରେ ଗୁରୁବାର ବଜ୍ରପାତରେ ଜଣେ ଯୁବ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଲଉ ଭୂଏ(୪୮)। ଅପରାହ୍ଣ ପ୍ରାୟ ୨ଟା ସମୟରେ ପଲଉ ନିଜ ଜମିରେ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ପଲଉ ଟଳି ପଡିଥିଲେ । ଆଖପାଖ ଜମିରେ କାମ କରୁଥିବା ଚାଷୀମାନେ ତାଙ୍କୁ ଉଦ୍ଧାର କରି ବିନ୍‌କା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିନ୍‌କା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।




# ସ୍ଲୁଇସ୍ ଗେଟ୍ ପାଇଁ ଆସିଲା ଟ୍ରୁନିୟନ୍ ଗ୍ରୀଡର୍ସ

**ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ**

**ବଲାଙ୍ଗୀର ଅଫିସ,୩୦।୬:** ବଲାଙ୍ଗୀର ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଡ୍ୟାମରେ ମେକାନିକାଲ କାମ ଆରମ୍ଭ ହୋଇଛି। ଏହି ଡ୍ୟାମ୍‌ର ସ୍ଲୁଇସ୍ ଗେଟ୍‌ରେ ଲାଗିବାକୁ ଥିବା ଟ୍ରୁନିୟନ୍ ଗ୍ରୀଡର୍ସ ଜୋଏଷ୍ଟ ମାଗୁରବେଡାସ୍ଥିତ ଲୋୟର ସୁକ୍‌ତେଲ ପ୍ରକଳ୍ପରେ ପହଞ୍ଚିଛି। ଏହି ଟ୍ରୁନିୟନ୍ ଗ୍ରୀଡର୍ସ ଜୋଏଷ୍ଟ ଡ୍ୟାମ୍‌ର ପାଣି ପରିଚାଳନାରେ କାମ କରିଥାଏ। ଡ୍ୟାମ୍‌ର ୧୨ଟି ସ୍ଲୁଇସ୍ ଗେଟ୍‌ରେ ଏହି ଉପକରଣ ଲାଗିବ। ତିନୋଟି ଗେଟ୍ କାମ ଏବେ ଟ୍ରୁନିୟନ୍ ଗ୍ରୀଡର୍ସ ଜୋଏଷ୍ଟ ଲାଗିବା ସ୍ତରରେ ପହଞ୍ଚିବା ପରେ ୩ଟି ଟ୍ରୁନିୟନ୍ ଗ୍ରୀଡର୍ସ ଜୋଏଷ୍ଟ ଅଣାଯାଇଛି। ଏହାଦ୍ୱାର ଡ୍ୟାମ୍‌ର ବଳକା ପାଣିକୁ ସ୍ଲୁଇସ୍ ଗେଟ୍ ଜରିଆରେ ଛଡାଯିବ। ଏହି ତିନି ଉପକରଣ ଆସିବା ପରେ ସୁକ୍‌ତେଲ ଡ୍ୟାମ୍ କର୍ତ୍ତୃପକ୍ଷ ଉତ୍ସାହିତ ହୋଇପଡିଥିବା ଜଣାପଡିଛି। ୨୦୦୧ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହି ପ୍ରକଳ୍ପର ଶିଳାନ୍ୟାସ ସରିଥିଲେ ମଧ ବିଭିନ୍ନ କାରଣରୁ ଏହି ପ୍ରକଳ୍ପ ନିର୍ମାଣ ବହୁ ବିଳମ୍ବ ହୋଇଯାଇଥିଲା। ଗତବର୍ଷରୁ ପ୍ରକଳ୍ପ ନିର୍ମାଣ କାମ ତ୍ୱରାନ୍ୱିତ ହେବା ପରେ ଏହି ପ୍ରକଳ୍ପର ସ୍ପିଲୱେ ନିର୍ମାଣ ୯୨ ପ୍ରତିଶତ ଏବଂ ମାଟିବନ୍ଧ କାମ ୭୩ ପ୍ରତିଶତ ସରିଛି। ଏବେ ସ୍ପିଲୱେରେ ନିର୍ମାଣ ହେବାକୁ ଥିବା ୧୨ଟି ଗେଟ୍‌ରୁ ୩ଟି ଗେଟ୍‌ରେ ଟ୍ରୁନିୟନ୍ ଗ୍ରୀଡର୍ସ ଜୋଏଷ୍ଟ ଲଗାଯିବାକୁ ଅଣାଯାଇଛି। ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି ଯେ, ଲୋୟର ସୁକ୍‌ତେଲ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଟ୍ରୁନିୟନ୍ ଗ୍ରୀଡର୍ସ ଆସିବା ପରେ ଏବେ ତିନୋଟି ଗେଟ୍ ନିର୍ମାଣ କାମ ତ୍ୱରାନ୍ୱିତ ହେବ। ଅନ୍ୟ ୯ଟି ଗେଟ୍ କାମ ମଧ୍ୟ ଦ୍ରୁତଗତିରେ ଚାଲିଛି ବୋଲି ସେ କହିଛନ୍ତି। ଏଥିପାଇଁ ସେ ଯନ୍ତ୍ରୀଟିମ୍, ନିର୍ମାଣକାରୀ ସଂସ୍ଥାକୁ ପ୍ରଶଂସା କରିଛନ୍ତି। ଟ୍ରୁନିୟନ୍ ଗ୍ରୀଡର୍ସ ଜୋଏଷ୍ଟ ମାଗୁରବେଡା ପହଞ୍ଚି ସାରିଛି। ଖୁବ୍‌ଶୀଘ୍ର ଏହା ଗେଟ୍‌ରେ ଲଗାଯିବ ବୋଲି ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ନିରଞ୍ଜନ ରାଉତ୍, ଡ୍ୟାମ୍ ନିର୍ବାହୀ ଯନ୍ତ୍ରୀ ନିର୍ବିଘ୍ନ ଭୋଇ ସୂଚନା ଦେଇଛନ୍ତି।




## ୧୩୦ଜଣଙ୍କର ଚକ୍ଷୁ ପରୀକ୍ଷା

**ବିନ୍‌କା,୩୦।୬(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନ୍‌କା ବ୍ଲକ ମେଘଲା ପଞ୍ଚାୟତ ଅନ୍ତର୍ଗତ ଜଶପୁର ଗଣପତି କ୍ଲବ ସହଯୋଗରେ ଜଶପୁର କଲ୍ୟାଣ ମଣ୍ଡପରେ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟ କେନ୍ଦ୍ର ତରଫରୁ ମୋତିଆ ବିନ୍ଦୁ ଚିହ୍ନଟୀକରଣ, ମାଗଣା ଚକ୍ଷୁ ପରୀକ୍ଷା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୧୩୦ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ୨୩ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ ପରେ ଅସ୍ତ୍ରୋପଚାର ନିମନ୍ତେ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟକୁ ପଠାଯାଇଛି। ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟରୁ ସୁମିତା ନମେ, ରଶ୍ମିତା ମେହେର, ଲଳିତ ସୁନା, ଅମିସା କୋଯୋ, ରହମ ମହାନନ୍ଦ ଏବଂ ଜସପୁର ଗଣପତି କ୍ଲବ ସଭାପତି ପ୍ରହଲ୍ଲାଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।









# ବିଦେଶ ଗସ୍ତରୁ ଫେରିଲେ ନବୀନ

## ଆଜି ଘୋଷଯାତ୍ରାରେ ଯୋଗଦେବେ

ଭୁବନେଶ୍ୱର,୩୦।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦ ଦିନିଆ ବିଦେଶ ଗସ୍ତ ଶେଷ କରି ଗୁରୁବାର ଓଡ଼ିଶା ଫେରିଛନ୍ତି। ସେ ଶୁକ୍ରବାର ପୁରୀଠାରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଯୋଗ ଦେବେ। ମୁଖ୍ୟମନ୍ତ୍ରୀ ଦୁବାଇରୁ ନୂଆଦିଲ୍ଲୀ ଓ ସେଠାରୁ ଓଡ଼ିଶାକୁ ଫେରି ଆସିଛନ୍ତି। ଏହି ଗସ୍ତ କାଳରେ ରୋମ୍‌ରୁ ଦୁବାଇ ସବୁଠି ନବୀନଙ୍କ କ୍ରେଜ୍ ଦେଖିବାକୁ ମିଳିଛି। ଗତ ୨୨ ବର୍ଷରେ ଓଡ଼ିଶାରେ ହୋଇଥିବା ସାମଗ୍ରିକ ବିକାଶର ଚିତ୍ରକୁ ବିଶ୍ୱ ଆଗରେ ରଖିଛନ୍ତି। ଶହ ଶହ ପ୍ରବାସୀ ଓଡ଼ିଆ ମୁଖ୍ୟମନ୍ତ୍ରୀଙ୍କୁ ପାଖରେ ପାଇ ଖୁସିବ୍ୟକ୍ତ କରିଛନ୍ତି। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ପରିବର୍ତ୍ତନର ଚିତ୍ର ଦର୍ଶାଇ ଗତ ଦୁଇ ଦଶନ୍ଧିରେ ଓଡ଼ିଶାରେ ଆସିଥିବା ରୂପାନ୍ତରୀକରଣର କଳାକୌଶଳ କଥା କହିଥିଲେ। ଫୋକସ୍‌ରେ ଥିଲା ଖାଦ୍ୟ ନିରାପତ୍ତା ଓ ବିପର୍ଯ୍ୟୟ ପରିଚାଳନା। ଉଭୟ କ୍ଷେତ୍ରରେ ଓଡ଼ିଶାର ସଫଳତାକୁ ନେଇ ସବୁଠି ଚର୍ଚ୍ଚା। ଏଥିସହିତ ଶିକ୍ଷା, ସ୍ୱାସ୍ଥ୍ୟ ଓ ମହିଳା ସଶକ୍ତୀକରଣରେ ଦ୍ରୁତ ଅଗ୍ରଗତି, ସ୍କୁଲ ରୂପାନ୍ତରଣର ଫର୍ମୁଲା, ବିଏସ୍‌କେୱାଇର ଉପାଦେୟତା ଆଦି ବଖାଣିଥିଲେ।

ରୋମ୍ ପରେ ଦୁବାଇରେ ଇନ୍‌ଭେଷ୍ଟର୍ସ ମିଟ୍ ଥିଲା ମୁଖ୍ୟମନ୍ତ୍ରୀଙ୍କ ବିଦେଶ ଗସ୍ତର ପ୍ରମୁଖ ଆକର୍ଷଣ। ରାଜ୍ୟର ପ୍ରାକୃତିକ ସମ୍ପଦ ସହ ପୁଞ୍ଜିନିବେଶ ପାଇଁ ଥିବା ଅନୁକୂଳ ବାତାବରଣ ସମ୍ପର୍କରେ ନବୀନ ବିଦେଶୀ ପୁଞ୍ଜିପତିଙ୍କୁ ଅବଗତ କରାଇଛନ୍ତି। ଓଡ଼ିଶାକୁ ୨୧ ହଜାର କୋଟି ପୁଞ୍ଜି ନିବେଶର ପ୍ରତିଶ୍ରୁତି ମିଳିଥିବା ବେଳେ ବାହାର ଦେଶରେ ରାଜ୍ୟର ଦକ୍ଷତା ଓ ସମ୍ବଳର ଅସଲ ଚିତ୍ର ଟିମ୍ ଓଡ଼ିଶା ପ୍ରଦର୍ଶିତ କରିବାରେ ସକ୍ଷମ ହୋଇଛି।

ୟୁରୋପରୁ ୟୁଏଇ, ମୁଖ୍ୟମନ୍ତ୍ରୀଙ୍କ ବିଦେଶ ଗସ୍ତ ବେଳେ ପ୍ରବାସୀ ଓଡ଼ିଆଙ୍କ ମନରେ ଥିଲା ଅନେକ ଉତ୍ସାହ। ଭାଟିକାନରେ ପୋପ୍‌ଙ୍କୁ ସାକ୍ଷାତ ସହ ଆବୁଧାବିରେ ମସ୍‌ଜିଦ ପରିଦର୍ଶନ, ସବୁଠି ନବୀନ ଛାଡ଼ିଛନ୍ତି ସ୍ୱତନ୍ତ୍ର ଛାପ। ପ୍ରବାସୀ ଓଡ଼ିଆଙ୍କ ସହ ସେ ଭାବବିନିମୟ କରିଛନ୍ତି। ରାଜ୍ୟର ବିକାଶରେ ସମସ୍ତଙ୍କ ସହଭାଗିତା ଓ ସହଯୋଗ କାମନା କରିଛନ୍ତି। ୟୁଏଇରେ ରହୁଥିବା ଓଡ଼ିଆଙ୍କ ଦୀର୍ଘ ଦିନର ଦାବି ମୁଖ୍ୟମନ୍ତ୍ରୀ ପୂରଣ କରିଛନ୍ତି। ଦୁବାଇରୁ ଭୁବନେଶ୍ୱର ସିଧା ବିମାନ ଚଳାଚଳ ଘୋଷଣା କରିଥିବାରୁ ପ୍ରବାସୀ ଓଡ଼ିଆମାନେ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିବା ସହ କୃତଜ୍ଞତା ପ୍ରକାଶ କରିଛନ୍ତି।




## କେନ୍ଦ୍ର ଟଙ୍କାକୁ ବାଟବଣା କରୁଛନ୍ତି ରାଜ୍ୟ ସରକାର: ଭାଜପା



ବୈଠକରେ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚାର ପଦାଧିକାରୀ ।

ଭୁବନେଶ୍ୱର, ୩୦।୬ (ବ୍ୟୁରୋ)

କେନ୍ଦ୍ର ସରକାର ଚାଷୀଙ୍କ ଉଦ୍ଦେଶ୍ୟରେ ପର୍ଯ୍ୟାପ୍ତ ଅର୍ଥ ପଠାଉଛନ୍ତି। ହେଲେ ରାଜ୍ୟ ସରକାର ଏହାକୁ ଯେପରି ବାଟବଣା କରୁଛନ୍ତି ଏହା ବିରୋଧରେ ଏକ ଦୁର୍ବାର ଆନ୍ଦୋଳନ କରାଯିବ। ଭାଜପା ରାଜ୍ୟ କୃଷକ ମୋର୍ଚ୍ଚାର ପଦାଧିକାରୀମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ଦଳର ରାଜ୍ୟ କାର୍ଯ୍ୟାଳୟ ସ୍ଥିତ ବାଜପେୟୀ କକ୍ଷରେ ଅନୁଷ୍ଠିତ ହୋଇଥିବା ବେଳେ ସେଥିରେ ଏହି ମତ ପ୍ରକାଶ ପାଇଛି। କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ପ୍ରଦୀପ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦଳର ରାଜ୍ୟ ସହପ୍ରଭାରୀ ବିଜୟପାଲ ସିଂ ତୋମାର ମୁଖ୍ୟ ଅତିଥିଭାବେ ଯୋଗ ଦେଇଛନ୍ତି।

ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଛି। ତେବେ ଚାଷ କାର୍ଯ୍ୟ ଆରମ୍ଭ ହେଇଥିବା ବେଳେ ରାଜ୍ୟ ସରକାର କୃଷକଙ୍କ ନିକଟରେ ବିହନ ପହଞ୍ଚାଇ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। କେନ୍ଦ୍ର ସରକାର ପର୍ଯ୍ୟାପ୍ତ ପରିମାଣରେ ବିହନ ଚାଷୀଙ୍କୁ ବଣ୍ଟନ ପାଇଁ ପଠାଉଛନ୍ତି। ହେଲେ ଓଡ଼ିଶାରେ ବ୍ୟାପକ ମାତ୍ରାରେ କଳାବଜାର ହୋଇ ଚାଷୀ ଅତ୍ୟଧିକ ଦରରେ ସାର କିଣୁଥିବାରୁ ରାଜ୍ୟ ସରକାର ଏବେଠୁ ଏହାକୁ ରୋକ ଲଗାଇବା ଆବଶ୍ୟକ। ଏଥିପାଇଁ ଯୋଜନା ପ୍ରସ୍ତୁତ କରିବା ଜରୁରୀ ବୋଲି ବୈଠକରେ ଦାବି କରାଯାଇଛି। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଟଙ୍କା ପାଇବାରୁ ଓଡ଼ିଶାର ୧୮ ଲକ୍ଷରୁ ଅଧିକ ଛୋଟ, ମଧ୍ୟମ ଚାଷୀ ବଞ୍ଚିତ ହୋଇଥିବାରୁ ରାଜ୍ୟ ସରକାର ସମସ୍ତ ଚାଷୀଙ୍କ ତଥ୍ୟ ନିର୍ଭୁଲ୍ ଭାବେ କେନ୍ଦ୍ରକୁ ପଠାଇବା ପାଇଁ ଦାବି କରାଯାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୦୪୦ ଟଙ୍କାକୁ ବର୍ଦ୍ଧିତ କରାଯାଇଛି। ଓଡ଼ିଶାର ଚାଷୀ ମଣ୍ଡି କିମ୍ବା ମଣ୍ଡି ବାହାରେ ଯେଉଁଠି ଧାନ ବିକ୍ରି କଲେ ପ୍ରତି କୁଇଣ୍ଟାଲରେ ଯେପରି ୨୦୪୦ ଟଙ୍କା ପାଇବେ ସେଥିପାଇଁ ଓଡ଼ିଶା ସରକାର ନିଜର ରାଜଧର୍ମ ପାଳନ କରନ୍ତୁ। ଜୁଲାଇ ୩୧ରେ ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରୀ କମିଟି ବୈଠକ ବଲାଙ୍ଗୀରଠାରେ କରିବା ପାଇଁ ପ୍ରସ୍ତାବ ପାରିତ ହୋଇଛି।

# ମହୀପୁର-ନୂଆଗାଁ ରେଳ ଚଳାଚଳ ଶୁଭାରମ୍ଭ



ପତାକା ଦେଖାଇ ଟ୍ରେନ ଚଳାଚଳର ଶୁଭାରମ୍ଭ କରୁଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ।

- ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କଲେ ଉଦ୍‌ଘାଟନ
- ପ୍ରତିଦିନ ପୁରୀକୁ ଟ୍ରେନ ଚଳାଚଳ କରିବ

ନୂଆଗାଁ,୩୦।୬(ଡି.ଏନ.ଏ.)

ମହୀପୁରରୁ ନୂଆଗାଁକୁ ରେଳ ଚଳାଚଳ ଗୁରୁବାର ଆରମ୍ଭ ହୋଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉକ୍ତ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଭୁବନେଶ୍ୱର-ମହୀପୁର-ଭୁବନେଶ୍ୱର ସ୍ପେଶାଲ ଟ୍ରେନର ନୂଆଗାଁ ରୋଡ ପର୍ଯ୍ୟନ୍ତ ସମ୍ପ୍ରସାରଣ ଓ ନୂଆଗାଁ ଠାରୁ ପୁରୀ ପର୍ଯ୍ୟନ୍ତ ଏବଂ ବୋଲଗଡ ଟାଉନ ପି.ଏଚ୍‌ଠାରେ ସେବା ଏକ୍ସପ୍ରେସ୍ ରହଣିର ଘୋଷଣା ରେଳମନ୍ତ୍ରୀ କରିଛନ୍ତି। ପ୍ରତିଦିନ ପୁରୀକୁ ଟ୍ରେନ ଚଳାଚଳ କରିବା ନେଇ ଗୁରୁବାର ସରକାରୀ ଭାବେ ଘୋଷଣା କରାଯାଇଛି। ପୁରୀ ରଥଯାତ୍ରା ପାଇଁ ଶୁକ୍ରବାର ସକାଳ ୪.୧୦. ୬.୧୦ , ଅପରାହ୍ନ ୧୨.୧୦ ଓ ୩.୧୦ ସମୟରେ ନୂଆଗାଁ ଷ୍ଟେଶନରୁ ପୁରୀ ଅଭିମୁଖେ ଟ୍ରେନ ଚାଲିବ ବୋଲି ସୂଚନା ମିଳିଛି। ଏହି ଉଦ୍‌ଘାଟନୀ ଉତ୍ସବରେ ରେଳମନ୍ତ୍ରୀ ବୈଷ୍ଣବ ଅପରାହ୍ନ ୩ଟାରେ ପହଞ୍ଚିବା ପାଇଁ ସ୍ଥିର ହୋଇଥିଲା। ହେଲେ ୨ ଘଣ୍ଟା ବିଳମ୍ବ ଅର୍ଥାତ୍ ଅପରାହ୍ନ ୫ଟାରେ ଏକ ସ୍ୱତନ୍ତ୍ର ଟ୍ରେନରେ ମନ୍ତ୍ରୀ ବୈଷ୍ଣବ ନୂଆଗାଁ ଷ୍ଟେଶନରେ ପହଞ୍ଚିଥିଲେ। ଏହାପରେ ସେ ବିଭାଗୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ଟ୍ରେନ ଚଳାଚଳର ଶୁଭାରମ୍ଭ କରିଥିଲେ। ପରେ ଷ୍ଟେଶନ ପରିସରରେ ଆୟୋଜିତ ସଭାରେ ଯୋଗଦେଇ ପୁରୀକୁ ରେଳ ଚଳାଚଳ କରିବା ପାଇଁ ଘୋଷଣା କରିବା ସହ ପ୍ରଧାନମନ୍ତ୍ରୀଙ୍କ ସହଯୋଗରେ ଆଜି ଏହା ସମ୍ଭବ ହୋଇ ପାରିଛି ବୋଲି କହିଥିଲେ। ରାଜ୍ୟ ତଥା ଦେଶ ବିଦେଶରେ ଉଦୟପୁର ପାଠାଗାର, ସଂଗ୍ରହାଳୟର ପ୍ରତିଷ୍ଠାତା ଦାଶରଥି ପଟ୍ଟନାୟକଙ୍କ ଯୋଗୁ ନୂଆଗାଁ ଗୌରାବନ୍ୱିତ ହୋଇଥିବାରୁ ନୂଆଗାଁ ଷ୍ଟେଶନକୁ ଦାଶରଥିଙ୍କ ନାମରେ ନାମିତ କରିବାକୁ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଉକ୍ତ ସଭାରେ ଯୋଗଦେଇ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ଉପସ୍ଥିତ ଲୋକମାନେ ଏହାକୁ ବି ସମର୍ଥନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଡିଏମ୍‌ଆର୍ ରିଙ୍କେଶ ରାୟ ,ପୂର୍ବତଟ ରେଳପଥ ଜିଏମ୍ ଶାରଦା ପ୍ରସାଦ ଶ୍ରୀବାସ୍ତବ ଯୋଗ ଦେଇଥିଲେ।












# ଏକାଠି ଖେଳିପାରନ୍ତି ଭାରତ, ପାକିସ୍ତାନ ଖେଳାଳି

**ନୂଆଦିଲ୍ଲୀ, ୩୦।୬:** ଭାରତର ବିରାଟ କୋହଲି, ପାକିସ୍ତାନ ଅଧିନାୟକ ବାବର ଆଜମ ଆଗାମୀ ବର୍ଷ ଏକାଠି ଗୋଟିଏ ଦଳରେ ଖେଳିପାରନ୍ତି। ଏସିଆନ୍ କ୍ରିକେଟ କାଉନ୍ସିଲ (ଏସିସି) ଆଫ୍ରୋ-ଏସିଆ କପ୍‌କୁ ପୁଣିଥରେ ଆୟୋଜନ କରିବାକୁ ଯୋଜନା କରୁଥିବାରୁ ଏଭଳି ସମ୍ଭାବନା ସୃଷ୍ଟି ହୋଇଛି। ଏହି ୫୦ ଓଭରିଆ ଟୁର୍ନାମେଣ୍ଟ ୨୦୦୫ରେ ପ୍ରଥମେ ଖେଳାଯାଇଥିଲା। ଏହାର ପରବର୍ତ୍ତୀ ସଂସ୍କରଣ ୨୦୦୭ରେ ଖେଳାଯିବାର ଥିଲା। କିନ୍ତୁ ଦୁଇ ପଡ଼ୋଶୀ ଦେଶ ଭାରତ ଓ ପାକିସ୍ତାନ ମଧ୍ୟରେ ତିକ୍ତତା ଯୋଗୁ ଏହା ସମ୍ଭବ ହୋଇ ପାରି ନ ଥିଲା। ୨୦୦୫ରେ ପୂର୍ବତନ ଶ୍ରୀଲଙ୍କା ଅଧିନାୟକ ମାହେଲା ଜୟବର୍ଦ୍ଧନେ ଏସିଆ ଏକାଦଶ ଦଳର ନେତୃତ୍ୱ ନେଇଥିଲେ। ଦଳରେ ଭାରତ, ପାକିସ୍ତାନ ଓ ବାଂଲାଦେଶ ଦଳର ଖେଳାଳିମ ରହିଥିଲେ। ଏହି ଦଳ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ କେନିୟା ଖେଳାଳିଙ୍କୁ ନେଇ ଗଠିତ ଆଫ୍ରିକା ଦଳକୁ ହରାଇ ଦେଇଥିଲା। ଏସିସି ସଭାପତି ଜୟ ଶାହା କହିଛନ୍ତି, ''ପରବର୍ତ୍ତୀ ମାସରେ ହେବାକୁ ଥିବା ଏସିସି ବୈଠକରେ ଏହି ସିରିଜକୁ ଅନୁମୋଦନ ମିଳିବ। ଏହି ଟୁର୍ନାମେଣ୍ଟରୁ କେବଳ ରାଜସ୍ୱ ମିଳିବ ତାହା ନୁହେଁ, ବରଂ ଏହା ଆଫ୍ରିକାରେ କ୍ରିକେଟର ଉନ୍ନତି କରିବ। ଆମେ ଏବେ ଏହାର ଆଇନଗତ ଦିଗ ଉପରେ କାର୍ଯ୍ୟ କରୁଛୁ। ବର୍ମିଂହାମ୍‌ରେ ହେବାକୁ ଥିବା ଆଇସିସି ବାର୍ଷିକ ବୈଠକରେ ଏହି ଟୁର୍ନାମେଣ୍ଟ ପାଇଁ ଏସିସି ଭେନ୍ୟୁ ଚିହ୍ନଟ କରିବ।''













Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଟିଟିଲାଗଡ଼,(ଡି.ଏନ.ଏ.): ସାମାନ୍ୟ କଥାକୁ କେନ୍ଦ୍ର କରି ଟିଟିଲାଗଡ ଥାନା ଅନ୍ତର୍ଗତ ପେଣ୍ଡରାପଦର ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ଟାଙ୍ଗିଆରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ଅଭି କବାଟଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଛି। ଗୁରୁବାର ଅଭି ତାଙ୍କ ବାଡିରେ ବସିଥିବା ବେଳେ ହୃଷି କବାଟ ଅଚାନକ ଆସି ଏକ ଟାଙ୍ଗିଆରେ ତାଙ୍କ ଉପରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଟିଟିଲାଗଡ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଅଭି ଟିଟିଲାଗଡ ଥାନା ଅଭିଯୋଗ କରିଥିବା ଥାନା ଅଧିକାରୀ ରଞ୍ଜନ ବରିହା କହିଛନ୍ତି।

# ସଂକ୍ଷେପରେ

## ଅନୁପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦରମା ବନ୍ଦ

**ଟିଟିଲାଗଡ଼, ୩୦।୬ (ଡି.ଏନ.ଏ):** ମହାମାରୀ କରୋନା ନେଇ ଦୀର୍ଘ ପ୍ରାୟ ଦୁଇବର୍ଷ କାଳ ସରକାରୀ ବିଦ୍ୟାଳୟଗୁଡିକ ବନ୍ଦ ରହିଥିଲା। ହେଲେ ସେମାନଙ୍କ ପୁରା ବେତନ ସରକାର ପ୍ରଦାନ କରିଥିଲେ। ପରେ ସ୍କୁଲ ଖୋଲିବା ପରେ ପୁଣି ୧୫ ଦିନ ଗ୍ରୀଷ୍ମ ଅବକାଶ ଛୁଟି ହେଲା। ଏହା ପରେ ମଧ ଟିଟିଲାଗଡ ବ୍ଲକର ବିଭିନ୍ନ ବିଦ୍ୟାଳୟର ୨୨ଜଣ ଶିକ୍ଷୟିତ୍ରୀଶିକ୍ଷକ ସ୍କୁଲ ଆସୁ ନ ଥିଲେ। ଏ ବିଷୟରେ ଅବଗତ ହୋଇ ଟିଟିଲାଗଡ ବ୍ଲକ ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା ସେମାନଙ୍କ ଅନୁପସ୍ଥିତ ଦିବସର ଦରମା ବନ୍ଦ ସହ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏଭଳି ଅବହେଳା ନେଇ ଆଗାମୀ ଦିନରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶିକ୍ଷା ଅଧିକାରୀ ପଣ୍ଡା କହିଛନ୍ତି।

## ହାଇଡ୍ରା ଧକ୍କାରେ ବାଇକ ଆରୋହୀ ମୃତ

**ଲୋଇସିଂହା,୩୦।୬(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା-ପଦ୍ମପୁର ରାସ୍ତାର କନ୍ଦାଜୁରୀ ଛକରେ ଏକ ହାଇଡ୍ରା ଧକ୍କାରେ ଜଣେ ବାଇକ ଆରୋହୀଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସେ ହେଲେ ଲୋଇସିଂହା ବ୍ଲକ ଦୁମଦୁମି ଗ୍ରାମର ଚୈତନ୍ୟ ନାଏକ (୫୬)। ମୃତଦେହ ଲୋଇସିଂହା ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ ପଠାଇଛି। ଅପରପକ୍ଷେ ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରାଯାଇଛି। ଚୈତନ୍ୟ କୌଣସି କାମରେ କରକଟିଆ ଛକକୁ ଯାଉଥିବାବେଳେ ସାମନା ପଟରୁ ଆସୁଥିବା ହାଇଡ୍ରା ତାଙ୍କ ବାଇକକୁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବୁର୍ଲା ନେଉଥିବା ବାଟରେ ମୃତ୍ୟୁ ହୋଇଯାଇଥିଲା। ବାଟରୁ ଫେରାଇ ଅଣାଯାଇ ଲୋଇସିଂହା ଡାକ୍ତରଖାନାରେ ମୃତଦେହ ରଖାଯାଇଥିଲା। ଖବର ପାଇ ଲୋଇସିଂହା ପୋଲିସ ଡାକ୍ତରଖାନକୁ ଆସି ମୃତଦେହ ଜବତ କରିଥିଲା।

## ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

**ଦେଓଗାଁ,୩୦।୬(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅଧିନ ଶିବତଲା ଗ୍ରାମ ଶେଷମୁଣ୍ଡରେ ଥିବା ଏକ ଜମିରେ ଟ୍ରାକ୍ଟର ହଳ କରୁଥିବାବେଳେ ଭାରସାମ୍ୟ ହରାଇ ଓଲଟି ପଡିବାରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ଅନ୍ତର୍ଲା ଗ୍ରାମର ଶ୍ରୀମନ୍ତ ପ୍ରଧାନୀ (୨୦)। ଘଟଣାସ୍ଥଳରେ ପୋଲିସ ପହଞ୍ଚିବା ପୂର୍ବରୁ ମୃତଦେହ ଓ ଟ୍ରାକ୍ଟରକୁ କେହି ନେଇଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ଏନେଇ ବନ୍ଧପଡା ଫାଣ୍ଡିରେ ମୃତ ଡ୍ରାଇଭରଙ୍କ ପରିବାର ବା ଟ୍ରାକ୍ଟର ମାଲିକ କୌଣସି ଅଭିଯୋଗ କରି ନ ଥିବା ଫାଣ୍ଡି ଅଧିକାରୀ ସରୋଜ କୁମାର ରଥ ସୂଚନା ଦେଇଛନ୍ତି। ଥାନାରେ ଅଭିଯୋଗ ନ କରି ମୃତଦେହ ପୋଡି ଦେଇଥିବାରୁ ସାଧାରଣରେ ଘଟଣାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏ ନେଇ ଥାନାଧିକାରୀ ବାମଦେବ ଶଙ୍ଖୁଆଲଙ୍କୁ ପଚାରିବାରୁ ଅଭିଯୋଗ ନ ହେଲେ ତଦନ୍ତ କେମିତି କରାଯିବ ବୋଲି କହିଥିଲେ ।

## ପାର୍କିଂ ବ୍ୟବସ୍ଥା ନାହିଁ, ବଢୁଛି ଟ୍ରାଫିକ ସମସ୍ୟା

**ଲାଠୋର,୩୦।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସାପ୍ତାହିକ ହାଟ ନିକଟରେ ପାର୍କିଂ ବ୍ୟବସ୍ଥା ନାହିଁ। ଏଥିଯୋଗୁ ସେଠାରେ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଅନେକ ଦିନରୁ ଦାବି ହୋଇ ଆସୁଥିଲେ ମଧ ଏଥିପ୍ରତି ଦୃଷ୍ଟି ଦିଆ ଯାଉ ନଥିବାରୁ ଲୋକ ଅସୁବିଧା ଭୋଗୁଛନ୍ତି। ଲାଠୋର ଏକ ବ୍ୟବସାୟିକ କେନ୍ଦ୍ର ହୋଇଥିବାରୁ ଏଠାକୁ ବ୍ୟବସାୟ ଉଦ୍ଦେଶ୍ୟରେ ଦୁଇ, ଚାରିଚକିଆ ବାହାନ ଚଳାଚଳ କରିଥାଏ। ହେଲେ ପାର୍କିଂ ବ୍ୟବସ୍ଥା ନଥିବା ଯୋଗୁଁ ଯାନଗୁଡିକ ଲାଠୋର-ଖପ୍ରାଖୋଲ ଏବଂ ଲାଠୋର-କଣ୍ଟାବାଞ୍ଜି ମୁଖ୍ୟରାସ୍ତାରେ ଥିବା ଦୋକାନ ସମ୍ମୁଖରେ ଛିଡ଼ା ହେଉଛି। ବିଶେଷ କରି ରବିବାର ଓ ବୁଧବାର ହାଟପାଳିରେ ପରିସ୍ଥିତି ସଙ୍ଗୀନ ହେଉଛି। ସ୍ଥାପନୀୟ ପୋଲିସ ଟ୍ରାଫିକ ନିୟନ୍ତ୍ରଣ କରୁଥିଲେ ହେଁ, ରାସ୍ତାକଡ଼ରେ ଠିଆ ହେଉଥିବା ଗାଡ଼ି ମୋଟର ଠିଆ କରି ଯେଉଁମାନେ ସମସ୍ୟା ସୃଷ୍ଟି କରୁଛନ୍ତି ତାଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହିଁ। ଏନେଇ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଲଙ୍କୁ ପଚାରିବାରୁ ଆମେ ଯଥା ସମ୍ଭବ ମାର୍କେଟ ଏରିଆରେ ଏକ ଜାଗା ଦେଖି ପାର୍କିଂ ବ୍ୟବସ୍ଥା କରିବୁ ବୋଲି କହିଥିଲେ।

# ୫ ବର୍ଷ ହେଲା ଖତଖାଉଛି ଶୌଚାଳୟ

**ଖଡ଼ିଆଲ,୩୦।୬(ଡି.ଏନ.ଏ.)**

- ସହର ସ୍ୱଚ୍ଛ, ସୁନ୍ଦର ରଖିବା ଉଦ୍ଦେଶ୍ୟ ଫେଲ୍
- ଶୌଚମୁକ୍ତ ପାଇଁ ନିର୍ମିତ ଶୌଚାଳୟ ବ୍ୟବହାର ହୋଇନି

ନୂଆପଡ଼ା ଜିଲା ଖଡ଼ିଆଲ ଏନ୍ଏସି ପକ୍ଷରୁ ଖଡ଼ିଆଲ ସହରକୁ ଶୌଚମୁକ୍ତ କରିବା ପାଇଁ ସ୍ୱଚ୍ଛ ଭାରତ ମିଶନରେ ୨୦୧୭-୧୮ରେ ସହରର ୧୩ଟି ୱାର୍ଡ ମଧ୍ୟରେ ଗୋଟିଏ ଶୌଚାଳୟ ପ୍ରତି ୪ ଲକ୍ଷ ୫୦ ହଜାର ଟଙ୍କାରେ ୧୬ଟି ଶୌଚାଳୟ ନିର୍ମାଣ କରାଯାଇଛି। ୧୬ଟିରୁ ୧୦ଟି କମ୍ୟୁନିଟି ଓ ୬ଟି ସାଧାରଣଙ୍କ ଶୌଚାଳୟ ମୋଟ ଅଟକଳ ୭୨ ଲକ୍ଷ ଟଙ୍କାର ବୋଲି ବିଭାଗ ସୂତ୍ରରୁ ପ୍ରକାଶ। ଯେଉଁମାନଙ୍କ ଘରେ ଶୌଚାଳୟ ନାହିଁ, ସେମାନେ ସେହି ଶୌଚାଳୟ ସୁବିଧା ପାଇବା ସହିତ ସହର ସ୍ୱଚ୍ଛ ଓ ସୁନ୍ଦର ରହିବା ଏହାର ଉଦ୍ଦେଶ୍ୟ ରହିଛି। ହେଲେ ଦାୟିତ୍ୱରେ ଥିବା ଅଧିକାରୀ ଓ ଯନ୍ତ୍ରୀଙ୍କ ଲାଭଖୋର ମନୋଭାବ ଯୋଗୁ ସେଗୁଡିକ କାର୍ଯ୍ୟକ୍ଷମ ହୋଇ ନ ପାରି ୫ ବର୍ଷ ହେଲା ଅକାମି ହୋଇ



ଶୌଚାଳୟ ଚାରିପଟେ ଲଟାବୁଦା ଘେରିଛି।

ଭାଙ୍ଗି ଖତଖାଉଛି। ଶୌଚାଳୟଗୁଡିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ବିଭାଗୀୟ ଯନ୍ତ୍ରୀ ସମ୍ପୂର୍ଣ୍ଣ ଦେଖାଇ ବିଲ କରିଥିବା ଅଭିଯୋଗ ହେଉଛି। ଶୌଚାଳୟଗୁଡିକରେ ମୋଟର, ପାଣି ଟାଙ୍କି ଲାଗି ନ ଥିବା ବେଳେ ଚୋରି ହୋଇଥିବା ବିଭାଗୀୟ ଅଧିକାରୀମାନେ କହିଛନ୍ତି। ପାଣି ଟାଙ୍କି, ମୋଟର ତଥା ଅନ୍ୟାନ୍ୟ ସାମଗ୍ରୀ ଚୋରି ନେଇ ଥାନାରେ ମାମଲା ରୁଜୁ ହୋଇନାହିଁ। ନିର୍ମିତ ଶୌଚାଳୟଗୁଡିକୁ ବ୍ୟବହାର କରିବା ପାଇଁ ଅନେକ ଥର ବିଭାଗୀୟ ଅଧିକାରୀମାନଙ୍କୁ ଅବଗତ କରାଇବା ସତ୍ତ୍ୱେ ସେମାନେ ହସ୍ତାନ୍ତର କରୁ ନ ଥିବାରୁ ଅକାମି ହୋଇ ପଡିରହିଛି। ଯେଉଁ ସ୍ଥାନଗୁଡିକରେ ଶୌଚାଳୟ ତିଆରି କରାଯାଇଛି ସେହି ସ୍ଥାନଗୁଡ଼ିକ ଜନବସତିଠାରୁ ବହୁତ ଦୂରରେ ରହିଛି। ଫଳରେ ସେହି ଶୌଚାଳୟଗୁଡିକ କାର୍ଯ୍ୟକ୍ଷମ ହେବା ସମ୍ଭବ ହେଉନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଶୌଚାଳୟଗୁଡିକ ବ୍ୟବହାର ନ ହୋଇ ନିମ୍ନମାନର କାର୍ଯ୍ୟ ଯୋଗୁ ଭାଙ୍ଗି ଯାଇଛି। ଏ ନେଇ ଖଡ଼ିଆଲ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟଙ୍କୁ ପଚାରିବାରୁ କୋଭିଡ୍ ପାଇଁ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ବର୍ତ୍ତମାନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦେଇ କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ମାଟି ପରୀକ୍ଷା କାର୍ଡ ବଣ୍ଟନ



କୃଷକ ମେଳାରେ ମଞ୍ଚାସୀନ ଅତିଥି।

## ଖପ୍ରାଖୋଲ ବ୍ଲକସ୍ତରୀୟ କୃଷକ ମେଳା

**ଖପ୍ରାଖୋଲ,୩୦।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ଉଦ୍ୟାନ କୃଷି ଫାର୍ମଠାରେ କୃଷି ବିଭାଗ ତରଫରୁ ବ୍ଲକସ୍ତରୀୟ କୃଷକ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ କୃଷି ଜିଲା ଅଧିକାରୀ ଗୁରେନ୍ଦ୍ର ନାଥ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପାଟଣାଗଡ଼ ବିଧାୟକ ତଥା ବିଧାନସଭା ଉପମୁଖ୍ୟ ସଚେତକ ସରୋଜ ମେହେର ଯୋଗଦେଇ କୃଷକ ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ପାଟଣାଗଡ଼ ଉଦ୍ୟାନ କୃଷି ଅଧିକାରୀ ପ୍ରମୋଦ କୁମାର ସେଠୀ, ଖପ୍ରାଖୋଲ ବ୍ଲକ କୃଷି ଅଧିକାରୀ ଡ଼ମ୍ବରୁଧର ମେହେର, ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ସୁଜିତ ଶତପଥୀ, ମୃତ୍ତିକା ବିଶେଷଜ୍ଞ ବିମ୍ବାଧର ସାହୁ, ପାଟଣାଗଡ ସହକାରୀ କୃଷି ଅଧିକାରୀ ପିଙ୍କୁସେନ କର, ଖପ୍ରାଖୋଲ ସହକାରୀ କୃଷି ଅଧିକାରୀ ସୁଜିତ କୁମାର ଭୋଇ, ନାନ୍ଦୁପଲା ସରପଞ୍ଚ ନିଳେନ୍ଦ୍ରି ପୂଝାରୀ ପ୍ରମୁଖ ଯୋଗଦେଇଥିଲେ। କୃଷିର ସାମଗ୍ରିକ ବିକାଶ ସହିତ ବିଭିନ୍ନ ସରକାରୀ ଯୋଜନା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି କେତେକ ଚାଷୀଙ୍କୁ ମାଟି ପରୀକ୍ଷା କାର୍ଡ ବଣ୍ଟନ, ୯ଏସ୍ଏଚ୍‌ଜିକୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ବୈଠକରେ କୃଷି ବିଭାଗ କର୍ମଚାରୀଙ୍କ ସହ ଚାଷୀମାନେ ଉପସ୍ଥିତ ଥିଲେ।

# ସାଇକେଲ ଷ୍ଟାଣ୍ଡ ନିର୍ମାଣ ଦାବି

**ନୂଆପଡ଼ା ଅଫିସ,୩୦।୬**

ରାଜ୍ୟ ସରକାର ୫-ଟି ଯୋଜନା ମାଧ୍ୟମରେ ପ୍ରତ୍ୟେକ ବିଦ୍ୟାଳୟକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ସୁନ୍ଦର ଚିତ୍ରିତ କରି ସଜାଉ ଥିବା ବେଳେ ଛାତ୍ରୀଛାତ୍ରମାନଙ୍କ ସାଇକେଲ ରଖିବା ପାଇଁ ଷ୍ଟାଣ୍ଡ ନ ଥିବାରୁ ରାସ୍ତା କଢରେ ରଖୁଥିବା ଅଭିଯୋଗ ହେଉଛି। ନୂଆପଡା ସଦର ବ୍ଲକ ସାରାବଙ୍ଗ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ସାରାବଙ୍ଗରେ ଛାତ୍ରୀଛାତ୍ରମାନେ ଅଧ୍ୟୟନ ପାଇଁ ସାଇକେଲ ଯୋଗେ ବିଦ୍ୟାଳୟକୁ ଆସିଥାନ୍ତି। ବିଦ୍ୟାଳୟ ପରିସରରେ ସାଇକେଲ ରଖିବା ପାଇଁ ଷ୍ଟାଣ୍ଡ ନ ଥିବାରୁ ନୂଆପଡା-


ରାସ୍ତା କଢରେ ସାଇକେଲଗୁଡ଼ିକ ରଖାଯାଇଛି।

ପଟୋରା ରାସ୍ତା କଢରେ ବିଦ୍ୟାଳୟ ପାଚେରୀ ନିକଟରେ ରଖୁଛନ୍ତି। ଖୋଲା ସ୍ଥାନରେ ରହୁଥିବାରୁ କେତେ ବେଳେ ଚୋରି ହେବାର ସମ୍ଭାବନା ରହିଛି। କିମ୍ବା କିଏ ଦୁର୍ବୃତ୍ତ ପେଚିଂ କରି ଦେବା ସନ୍ଦେହ ହେଉଛି। ବର୍ତ୍ତମାନ ସପ୍ତାହିକ ବଜାରରେ ମୋବାଇଲ ଚୋରି ବୃଦ୍ଧି ପାଇବାରେ ଲାଗିଛି। ସାଇକେଲ ଚୋରି ଘଟଣା ବଡକଥା ନୁହେଁ। ଏଥିପ୍ରତି ଦୃଷ୍ଟି ଦେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ପକ୍ଷରୁ ସାଇକେଲ ରଖିବା ପାଇଁ ନିରୋଳା ସ୍ଥାନ ପ୍ରସ୍ତୁତ କରିବା ପାଇଁ ଦାବି ହେଉଛି।

# ନିର୍ଦ୍ୱନ୍ଦ୍ୱରେ ହରି ମହାନନ୍ଦ ନିର୍ବାଚିତ

## ମଦନପୁର କୃଷି ସମବାୟ ସମିତି ସଭାପତି

**ମଦନପୁର,୩୦।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମଦନପୁର କୃଷି ସମବାୟ ସମିତି ସଭାପତି ଭାବେ ବିଜେଡି ସମର୍ଥୀତ ପ୍ରାର୍ଥୀ ହରି ମହାନନ୍ଦ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି ସମିତିରେ ୧୪ଜଣ ଡାଇରେକ୍ଟରଙ୍କ ସହମତିକ୍ରମେ ନାମାଙ୍କନ ଦାଖଲ କରାଯାଇଥିଲା। ପ୍ରସ୍ତାବକ ଭାବେ ସମ୍ପତି ରଣା ଓ ସମର୍ଥକ ଛନ୍ଦାଚରଣ ସେଲ୍‌ମା ରହିଥିଲେ। ନିର୍ବାଚନ ଅଧିକାରୀ ଭାବେ ଶୁକ୍ର ରଣା ଓ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରିତେଶ ମହାନନ୍ଦ ଉପସ୍ଥିତ ରହିଥିଲେ। ମ.ରାମପୁର ବ୍ଲକ ଉପାଧକ୍ଷ ଶମ୍ଭୁ ପଧାନ, ବିଜେଡି କର୍ମୀ ସୁଦର୍ଶନ ଦଣ୍ଡିଆ, ନାରାୟଣ ମହାଲିକ, ରୁଦ୍ର ପ୍ରସାଦ ଦଣ୍ଡସେନା, ସୁଭନ ମୁଣ୍ଡଛିନା, ଜୟରାମ ମହାଲିକ ପ୍ରମୁଖ ନିର୍ବାଚିତ ସଭାପତି ହରି ମହାନନ୍ଦଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ମ.ରାମପୁର ସମବାୟ ସମିତିରେ କିର୍ତନ ସାହୁ ମଧ୍ୟ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି।

# ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା

**ସିନାପାଲି,୩୦।୬(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ କାର୍ଯ୍ୟଶାଳା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀରେ ଅତିଥି ଭାବେ ସମ୍ଭାଗ ପ୍ରମୁଖ ଗୟାଧର ମହାନ୍ତି, ଜିଲା ପରିଷଦ ସଦସ୍ୟା ଆଶା ଜୈନ, ସରପଞ୍ଚ ସୁନୀତା ମେହେର, ସଙ୍କୁଳ ପ୍ରମୁଖ ତୁଳସୀରାମ ମେହେର, ସ୍ଥାନୀୟ ବିଦ୍ୟାଳୟ ସଭାପତି ରବିନ୍ଦ୍ରନାଥ ଯୋଷୀ ଓ ମୁଖ୍ୟବକ୍ତା ଭାବେ ସୁସାହିତ୍ୟିକ ଅଧ୍ୟାପକ ଧ୍ରୁବଚରଣ ପଧାନ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ସଙ୍କୁଳ ସଂଯୋଜକ ପ୍ରଦୀପ କୁମାର ବାବୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହପ୍ରଧାନ ଆଚାର୍ଯ୍ୟ ସ୍ୱପ୍ନ କାନ୍ତ ସଭା ସଂଚାଳନ କରିଥିଲେ। ଉତ୍ତମ ଶିକ୍ଷା ପଦ୍ଧତି ସହ ଶିଶୁ ଭାଇଭଉଣୀଙ୍କ ସର୍ବାଙ୍ଗିନ ବିକାଶ ନିମନ୍ତେ ୪ ଦିନ ଧରି କର୍ମଶାଳା ଚାଲିବ। ଏଥିରେ ସିନାପାଲି ସଙ୍କୁଳ ୮ଟି ବିଦ୍ୟାଳୟରୁ ପ୍ରାୟ ୮୦ଜଣ ଗୁରୁଜୀ ଗୁରୁମା ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଦ୍ୟାଳୟ କୋଷାଧକ୍ଷ ବୈଷ୍ଣବ ମେହେର, ଅମିତ ଜୈନ, ବୁଦ୍ଧଦେବ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ସିନାପାଲି ବିଦ୍ୟାମନ୍ଦିର ସମ୍ପାଦକ ବାମଦେବ ଦାସ ଧନ୍ୟବାଦ ଦେଇଥିଲେ।

# ଡେଙ୍ଗୁ ନିରାକରଣ ଉପରେ ସଚେତନତା କର୍ମଶାଳା

**କୋକସରା,୩୦।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ସଭାଗୃହରେ ଡେଙ୍ଗୁ ନିରାକରଣ ଉପରେ ସଚେତନତା କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଆୟୋଜିତ କର୍ମଶାଳାରେ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ତତ୍ତ୍ୱଦର୍ଶୀ ଦାସ ଅଧ୍ୟକ୍ଷତା କରିଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଚିଦାନନ୍ଦ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ ଯୋଗଦେଇ ଡେଙ୍ଗୁ ନ ବ୍ୟାପିବା ପାଇଁ ସଚେତନତା ହିଁ ଆମର ସୁରକ୍ଷା ବୋଲି କହିଥିଲେ। ସମ୍ମାନିତ ଅତିଥି ବିଡିଓ ମନୀଷା ଦାସ, ଜିଲା ସ୍ୱାସ୍ଥ୍ୟ ବିଭାଗ ଏଡିପିଏଚଓ ଡ.ରଞ୍ଜନ ମିତ୍ର, ଅତିରିକ୍ତ ତହସିଲଦାର କମାଳାସନ ରଥ, ଲଡୁଗାଁ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ.ରଜତ ସୋମ୍ୟ ଅନୁରାଗ, ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲ, ଲଡୁଗାଁ ସରପଞ୍ଚ ନକୁଳ ନାଏକ, ଜିପିଇଓ ନାରାୟଣ ଭୋଇ ପ୍ରମୁଖ ଉପସ୍ଥିତ ରହି ଡେଙ୍ଗୁ ରୋଗ ନିରାକରଣ ମତ ଉପସ୍ଥାପନ କରିଥିଲେ। କର୍ମଶାଳାରେ ଲଡୁଗାଁ ଶିକ୍ଷାନୁଷ୍ଠାନ ଓ ରାଇସ ମିଲ ମାଲିକଙ୍କ ସମେତ ଅଙ୍ଗନୱାଡି ଓ ଆଶା କର୍ମୀ ଓ ସଚେତନ ନାଗରିକ ଉପସ୍ଥିତ ରହିଥିଲେ। କର୍ମଶାଳା ଜିଲା ଭିବିଡି ପରାମର୍ଶଦାତା ସନ୍ତୋଷ ବାଗ ପରିଚାଳନା କରିଥିବା ବେଳେ କୋକସରା ଭିବିଡିଟି ଏସ. ଦୁଷ୍ମନ୍ତ ରାଉତ, ଫାର୍ମାସିଷ୍ଟ ବିଶ୍ୱ ମୋହନ ବେହେରା, ପୁରୁଷ ସ୍ୱାସ୍ଥ୍ୟ କର୍ମୀ କେତନ ପାତ୍ର, ମହିଳା ସ୍ୱାସ୍ଥ୍ୟ କର୍ମୀ ପୁଷ୍ପଲତା ଦୋରା ପ୍ରମୁଖ ସହଯୋଗ କରିଥିଲେ।

# ଘୋଷଯାତ୍ରା ପାଇଁ ଗାଁଠାରୁ ସହର ଚଳଚଞ୍ଚଳ

**ନୂଆପଡ଼ା ଅଫିସ,୩୦।୬**

ସକାଳ ପାହିଲେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା। ଏଥିପାଇଁ ଗାଁଠାରୁ ସହର ସବୁଠି ଚଳଚଞ୍ଚଳ ଲାଗି ରହିଛି। ଭୋଭିଡ୍ ପାଇଁ ୨ ବର୍ଷ ରଥଯାତ୍ରା ବନ୍ଦ ରହିଥିଲା। ଚଳିତବର୍ଷ ରଥଯାତ୍ରା ଲାଗି ଗାଁ ଗହଳିରେ ଉତ୍ସବ ମୁଖରିତ ହୋଇ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଘରଦ୍ୱାର ସଫା ସୁତରା କରିବା ସହିତ ଗାଁ ଦାଣ୍ଡ, ରାସ୍ତାଘାଟ ସବୁ ସଫା କରି ରଥ ନିର୍ମାଣ କାର୍ଯ୍ୟରେ ଲୋକେ ଲାଗି ପଡିଛନ୍ତି। କେଉଁଠାରେ ରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ଥିବା ବେଳେ କେଉଁଠାରେ ରଥକୁ ରଙ୍ଗବେରଙ୍ଗରେ ସାଜସଜା କରୁଛନ୍ତି। ଶୁକ୍ରବାର ଗଣାବାଜା ସହିତ ସଂକୀର୍ତ୍ତନ ଦଳ, ଘୁମୁରା ବାଦ୍ୟ, ଘୋଡାନାଚ, ମାଦଳିବାଦ୍ୟ ନାଚ, ଢାପ ବାଦ୍ୟର ତାଳେ ତାଳେ ଦର୍ଶକ ବିମୋହିତ ହୋଇ ରଥଟଣା ହେବ। ନଅ ଦିନ ପାଇଁ ଗାଁରେ ନୀତି ନିୟମରେ ରହି ଠାକୁରଙ୍କୁ ପ୍ରତିଦିନ ଭୋଗ ଅର୍ପଣ କରିଥାନ୍ତି।

# ସାମୂହିକ ଆଚାର୍ଯ୍ୟ କର୍ମଶାଳା

**ଲୋଇସିଂହା,୩୦।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଜୁନ ୨୭ରୁ ଚାଲିଥିବା ସଙ୍କୁଳ ଓ ଦକ୍ଷିଣ-ପଶ୍ଚିମ ସମ୍ଭାଗ ବିଦ୍ୟା ମନ୍ଦିର ସାମୂହିକ ଆଚାର୍ଯ୍ୟ କର୍ମଶାଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କର୍ମଶାଳାରେ ସଙ୍କୁଳର ୬ଟି ବିଦ୍ୟାଳୟ ଏବଂ ସମ୍ଭାଗର ୪ଟି ଜିଲାର ୩ଟି ବିଭାଗର ୨୭ ବିଦ୍ୟାଳୟରୁ ଏନଇପି ଆଧାରରେ ଶତାଧିକ ପ୍ରତିଭାଗୀ ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ଶିଶୁ ବଟିକା, ଶିଶୁ ମନ୍ଦିର ଓ ବିଦ୍ୟାମନ୍ଦିର ୧୦ଟି ଲେଖାଏ କାଳାଂଶ ଓ ୬ଟି ସାମୂହିକ କାଳାଂଶ ଅନୁଷ୍ଠିତ ହୋଇଥିଲା। ପ୍ରଧାନ



କର୍ମଶାଳାର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ବକ୍ତବ୍ୟ ରଖୁଛନ୍ତି।

ଆଚାର୍ଯ୍ୟ ସନାତନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାର ପ୍ରଣୟନ କରିଥିବା ନୂତନ ଶିକ୍ଷାନୀତି ଉପରେ ଆଲୋକପାତ କରିବା ସହ ଆଚାର୍ଯ୍ୟମାନଙ୍କୁ ଦିଗଦର୍ଶନ ଦେଇଥିଲେ। ଶିକ୍ଷା ବିକାଶ ସମିତି ଓଡିଶା ସଂଗଠନ ମନ୍ତ୍ରୀ ରମାକାନ୍ତ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ଓ ମାନସିକ ବିକାଶ, ଉତ୍ତମ ସଂସ୍କାର ଏବଂ ଉତ୍ତମ ସମାଜ ଗଠନରେ ଆଚାର୍ଯ୍ୟଙ୍କ ଅଗ୍ରଣୀ ଭୂମିକ ରହିଥିବା ମୁଖ୍ୟବକ୍ତା ମହାନ୍ତି ତାଙ୍କ ବକ୍ତବ୍ୟରେ କହିଥିଲେ।

# ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ଷ୍ଟାଡିୟମ ଟ୍ରଷ୍ଟବୋର୍ଡ ପକ୍ଷରୁ ଶୋଭାରାଣୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଲୋଇସିଂହା,୩୦।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ତଥା ସ୍ଥାନୀୟ ଷ୍ଟାଡିୟମ ଟ୍ରଷ୍ଟବୋର୍ଡ ଓ ଆଥଲେଟିକ ଆସୋସିଏଶନ ସମ୍ପାଦିକା ଶୋଭାରାଣୀ ପଟ୍ଟନାୟକ ଗୁରୁବାର ଅବସର ଗ୍ରହଣ କରିଛନ୍ତି। ଷ୍ଟାଡିୟମ ଟ୍ରଷ୍ଟବୋର୍ଡ କମିଟି, ବିଦ୍ୟାଳୟ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ପୃଥକ ଭାବେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଷ୍ଟାଡିୟମ ଟ୍ରଷ୍ଟବୋର୍ଡ ପକ୍ଷରୁ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସଭାପତି ଦିଲୀପ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଭୂତିଭୂଷଣ ସାହଣୀ, ସରପଞ୍ଚ ନବକିଶୋର ନାଏକ, ଉତ୍ତର ହେର୍ଣ୍ଣା, ପ୍ରଶାନ୍ତ ବେହେରା, ବିଶ୍ୱନାଥ ଭୂୟାଁଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ସମ୍ପାଦିକା ଭାବେ ଅନୁଷ୍ଠାନ ପ୍ରତି ତାଙ୍କର ୧୧ବର୍ଷର ସହଯୋଗକୁ ମନେ ପକାଇଥିଲେ ସଭାପତି ବେହେରା ଓ ବରିଷ୍ଠ ସଦସ୍ୟ ବିଭୂତିଭୂଷଣ ସାହାଣୀ। ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଉତ୍ତରୀୟ ଦେଇ ସୁସ୍ଥ ଓ ନିରାମୟ ଜୀବନ କାମନ କରାଯାଇଥିଲା। ଅନୁଷ୍ଠାନର ପରବର୍ତ୍ତୀ ସମ୍ପାଦିକା ଭାବେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସ୍ମିତା ମିଶ୍ରଙ୍କୁ ଏହି ଅବସରରେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହିପରି ବିଦ୍ୟାଳୟ ତରଫରୁ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପ୍ରଧାନ ଶିକ୍ଷୟିତ୍ରୀ କନକ ମଞ୍ଜରୀ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ସୂଚନାଯୋଗ୍ୟ ଯେ, ୨୦୦୬ ରେ ଶ୍ରେଷ୍ଠ ଶିକ୍ଷୟିତ୍ରୀଭାବେ ଶୋଭାରାଣୀ ପଟ୍ଟନାୟକ ରାଜ୍ୟପାଳ ପୁରସ୍କାର ପାଇଥିଲେ।

# ୨ ବନ୍ୟପ୍ରାଣୀ ବିଭାଗ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ନୂଆପଡ଼ା ଅଫିସ,୩୦।୬**

ନୂଆପଡା ଜିଲା ସୁନାବେଡା ବନ୍ୟପ୍ରାଣୀ ବିଭାଗରେ କାର୍ଯ୍ୟରତ ୨ ରେଞ୍ଜ ଅଧିକାରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସୁନାବେଟଡା ଅଭୟାରଣ୍ୟ ରେଞ୍ଜ ଅଧିକାରୀ ପ୍ରଫୁଲ୍ଲ କୁମାର ଦୁରିଆ ୩୧ ବର୍ଷ ବନ୍ୟ ପ୍ରାଣୀ ବିଭାଗରେ କାର୍ଯ୍ୟ କରି ନିଷ୍ପାପର ସେବା ଓ ତାଙ୍କ ଅବଦାନ ବିଭାଗ ପାଇଁ ଚିର ସ୍ମରଣୀୟ ହୋଇ ରହିବ। ୧୯୯୧ରେ ନିଜ କାର୍ଯ୍ୟରେ ଯୋଗଦେଇ ୨୦୨୨ ଜୁନ ୩୦ରେ ଅବସର ଗ୍ରହଣ କରିଛନ୍ତି। ସେହିପରି ନୂଆପଡା ରେଞ୍ଜର ଦିଲୀପ ଚମ୍ପତ ରାୟ ୩୦ ବର୍ଷ ବନ୍ୟ ପ୍ରାଣୀ ବିଭାଗରେ କାର୍ଯ୍ୟ କରି ଅଞ୍ଚଳର ଲୋକ ପାଇଁ ଆଦରଣୀୟ ହୋଇ ଯାଇଛନ୍ତି। ୧୯୯୨ରେ ଚାକିରିରେ ଯୋଗଦେଇ ୨୦୨୨ ଜୁନ ୩୦ରେ ଅବସର ଗ୍ରହଣ କରିଛନ୍ତି । ଏହି ଦୁଇ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ସୁନାବେଡା ଅଭୟାରଣ୍ୟ ବନଖଣ୍ଡ ଅଧିକାରୀ ବିନୟ ଭୂଷଣ କୁମାର ବିଶ୍ୱାସ ଯୋଗଦେଇ ଦୁଇ ରେଞ୍ଜ୍ ଅଧିକାରୀଙ୍କ କାର୍ଯ୍ୟ ବିଭାଗ ପାଇଁ ଅତୁଳନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସଞ୍ଜୀବ କୁମାର ବନଗୋଲା ଯୋଗଦେଇଥିଲେ। ଫରେଷ୍ଟର ବିଶ୍ୱ ମୋହନ ପଢୀ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଶିବ ପ୍ରାସାଦ ଖମାରୀ ସୁନାବେଡା ରେଞ୍ଜର ଦାୟିତ୍ୱରେ ଅବସ୍ଥାପିତ ହୋଇଥିବାବେଳେ ସଞ୍ଜିବ କୁମାର ବନଗୋଲା ନୂଆପଡା ରେଞ୍ଜର ଭାବେ ଦାୟିତ୍ୱ ନେଇଛନ୍ତି।

# ଜିଲାପାଳଙ୍କୁ ଦାବିପତ୍ର ଦେଲେ ୨ ଭାଇ

## ବିଭିନ୍ନ ସମସ୍ୟା ସମାଧନ ପାଇଁ ନିବେଦନ

**ନୂଆପଡ଼ା ଅଫିସ/ବୋଡେନ (ଡି.ଏନ.ଏ),୩୦।୬**

ନୂଆପଡା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ କେଶରାଜପୁର ଗାଁର ଟ୍ୱିଟର ବଏ ଭାବେ ପରିଚିତ ଦୁଇ ଭାଇ ଜିଲାର ବିଭିନ୍ନ ସମସ୍ୟା ନେଇ ଜିଲାପାଳ ହେମାକାନ୍ତ ସାଏଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବୋଡେନ ବ୍ଲକ କେଶରାଜପୁର ଗାଁର ୨ ଭାଇ ଯୁଜିଷ୍ଠିର ଦୀପ ଓ ଚନ୍ଦ୍ର କୁମାର ଦୀପ ଅଭିନବ ପ୍ରୟାସ କରି ନୂତନ ସାଏଙ୍କୁ ସାକ୍ଷାତ କରି ଜିଲାର ବିଭିନ୍ନ ସମସ୍ୟା ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ନୂଆପଡା ଏକ ଆଦିବାସୀ ଅଧ୍ୟୁଷିତ ତଥା ମାଓବାଦୀ ପ୍ରବଣ ଜିଲା ଅଟେ। ଜିଲାର ଦୁର୍ଗମ ଅଞ୍ଚଳରେ ସମସ୍ୟା ଭରି ରହିଛି। ଜିଲାରେ ଦାଦନ


ଭାଇ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ବାହାର ରାଜ୍ୟରେ ଦାଦନ ଶ୍ରମିକମାନେ ଇଟାଭାଟି ମାଲିକମାନଙ୍କ ଦ୍ୱାରା ନିର୍ଯାତନାର ଶିକାର ହେଉଛନ୍ତି। ଜିଲାରେ ଆବଶ୍ୟକ କର୍ମ ସଂସ୍ଥା ସୃଷ୍ଟି କରିବା, ଦୁର୍ଗମ ଅଞ୍ଚଳ ପାଇଁ ଗମନା ଗମନ ବ୍ୟବସ୍ଥା, ପାନୀୟ ଜଳ, ବିଜୁଳି, ଶିକ୍ଷା ଇତ୍ୟାଦି ଉପରେ ଅବଗତ କରିଥିଲେ। ଜିଲାରେ କାର୍ଯ୍ୟରତ ଖବରଦାତାମାନେ ଖବର ସଂଗ୍ରହ ବେଳେ ଆକ୍ରମଣର ଶିକାର ହେଉଛନ୍ତି। ତାହାର ସୁରକ୍ଷା ପ୍ରତି ଧ୍ୟାନ ଦେବା। ଜିଲାରେ ସମସ୍ତ ବିଭାଗରେ ଯଥା ପଞ୍ଚାୟତ କର୍ଯ୍ୟାଳୟଠାରୁ ଆରମ୍ଭ କରି ଥାନା, ତହସିଲ, ବ୍ଲକ, ଜିଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟାଳୟରେ ଟ୍ୱିଟ ଆକାଉଣ୍ଟ ଖୋଲି ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେବାକୁ ୨ ଭାଇ ଜିଲାପାଳଙ୍କୁ ନିବେଦନ କରିଥିଲେ। ଜିଲାପାଳ ସାଏ ଏହାର ତଦନ୍ତ କରି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ମହିଳା ଫୁଟ୍‌ବଲ ଖେଳାଳିଙ୍କୁ ସମ୍ବର୍ଦ୍ଧନା

ବରପାଲି,(ଡି.ଏନ.ଏ.): ବରପାଲି ନିକଟସ୍ଥ କଦଳୀପାଲି ଗ୍ରାମର ମହିଳା ଫୁଟବଲ ଖେଳାଳି ଅନିଶା କୁମ୍ଭାରଙ୍କୁ ଗୁରୁବାର ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଅନିଶା ଜାତୀୟସ୍ତରରେ ଅଣ୍ଡର ୧୭ ଫୁଟବଲ ଦଳରେ ସାମିଲ ହୋଇ ଆସାମ ଯାଇଥିଲେ। ସେଠାରେ ସେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ବରପାଲି ଫେରିଥିବାରୁ ତାଙ୍କୁ କୋଚ୍ ସମ୍ପୂର୍ଣ୍ଣ ଭୋଇ ଏବଂ ସାଥୀ ଖେଳାଳି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅନିଶା ବରପାଲି ଜଗବନ୍ଧୁ ଦାଶ ମହିଳା ମହାବିଦ୍ୟାଳୟର ଯୁକ୍ତ ଦୁଇ ଛାତ୍ରୀ ଅଟନ୍ତି ।

## ସଂକ୍ଷେପରେ

### ମୃତଦେହ ଦାହ କଲେ ମହିଳା

ବରଗଡ଼ ଅଫିସ୍,୩୦।୬: ବରଗଡ଼ ଜିଲା ବରଡ଼ୋଲର ରାସ୍ତାକଡରେ ଆଶ୍ରୟ ନେଇଥିବା ଜଣେ ମହିଳାଙ୍କ ମୃତଦେହକୁ ଗୁରୁବାର ସଂକଳ୍ପ ପରିବାର ମହିଳା ଶାଖାର ସଦସ୍ୟାମାନେ ଦାହ କରିଛନ୍ତି। ବରଡ଼ୋଲ ଗ୍ରାମର ମୂଳ ବାସିନ୍ଦା ଭୂମିସୁତା ସ୍ୱାଇଁ (୭୦) ଦୀର୍ଘବର୍ଷ ଧରି ଅସହାୟ ହୋଇ ପଡ଼ିଥିଲେ। ମାନସିକ ରୋଗାକ୍ରାନ୍ତ ଏକମାତ୍ର ପୁଅ ଗତ କିଛିବର୍ଷ ତଳୁ କୁଆଡ଼େ ଚାଲି ଯାଇଥିଲେ ଏବଂ ସେ ଆଉ ଫେରି ନ ଥିଲେ। ସମୟକ୍ରମେ ଭୂମିସୁତା ନିଜ ଘର ଛାଡ଼ି ବରଡ଼ୋଲ ରାସ୍ତାକଡରେ ଥିବା ଏକ ଭଙ୍ଗା ଘରେ ଆଶ୍ରୟ ନେଇଥିଲେ। ବାର୍ଦ୍ଧକ୍ୟ କାରଣରୁ ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା। ସୂଚନା ପାଇବା ସତ୍ତ୍ୱେ କେହି ଆତ୍ମୀୟସ୍ୱଜନ ପହଞ୍ଚି ନ ଥିଲେ। ପରେ ସଂକଳ୍ପ ପରିବାର ମହିଳା ଶାଖାର ସଂଘମିତ୍ରା ପଟେଲ, ସଞ୍ଜୁ ଭୋଇ ପ୍ରମୁଖ ପୋଲିସକୁ ଜଣାଇବା ସହ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ନିକଟସ୍ଥ ପିପଲମୁଣ୍ଡା ସ୍ୱର୍ଗଦ୍ୱାରକୁ ନେଇ ଦାହ କରିଥିଲେ। ସୌମ୍ୟ ପୃଷ୍ଟି, ଶେଷଦେବ ପ୍ରଧାନ ସହଯୋଗ କରିଥିଲେ।

### ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ସୋହେଲା,୩୦।୬(ଡି.ଏନ.ଏ.): ସୋହେଲା ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସରୋଜ କୁମାର ରାୟ ଗୁରୁବାର ଚାକିରିରୁ ଅବସର ନେଇଛନ୍ତି। ଏହି ଅବସରରେ ବିଦ୍ୟାଳୟରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ପ୍ରଧାନ ଶିକ୍ଷକ ଗିରିଜାଶଙ୍କର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ମୁଖ୍ୟ ଅତିଥି, ନିମାଇଁ ଚରଣ ଭୋଇ, ଟଙ୍କଧର ଝାଙ୍କର, ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ, ପ୍ରକୃତି ବନ୍ଧୁ ରାମଚନ୍ଦ୍ର ସାହୁ, ବରଗଡ଼ ବିଇଓ ସେବାଶ୍ରୀ ଭୋଇ, ସୋହେଲା ବିଇଓ ଅମୃତା ସାହୁ, ଏଡିଇଓ ରାଧାକାନ୍ତ ଛତ୍ରୀ, ଜିଲା ବିଜ୍ଞାନ ନିରୀକ୍ଷକ ମନୋଜ ସାହୁ, ଭାର୍ଗବ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ରାଜେଶ ସାହୁ ଉଦ୍ଦେଶ୍ୟ ଜ୍ଞାପନ ଓ ସହକାରୀ ଶିକ୍ଷକ ଆଦିତ୍ୟ ମାଝୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ର ପ୍ରୀତମ ଆଚାର୍ଯ୍ୟ, ମହମ୍ମଦ ଅସଫାକ, ପ୍ରଜ୍ଞାନ ମିଶ୍ର, ଅଜୁ ମେହେର, ଚୂଡ଼ାମଣି ପଶାୟତ, ହିମାଂଶୁ ପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରେମନାଥ ବାରିକ, ହଳଧର ବିଶ୍ୱାଳ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଶେଷରେ ପ୍ରିୟଦର୍ଶୀ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

### ଦୀନଦୟାଲ ଉପାଧ୍ୟାୟ କୌଶଲ୍ୟା ଯୋଜନା ପରାମର୍ଶ ଶିବିର

ତରଭା,୩୦।୬(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ପରିସରରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟା ଯୋଜନା ଅନ୍ତର୍ଗତ ଗୋଷ୍ଠୀସ୍ତରୀୟ ପରାମର୍ଶ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛ। ଏହି କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ନାଏକ ଉଦ୍‌ଘାଟନ କରିଥିଲେ। ଏହି ତାଲିମ ନେବା ଦ୍ୱାରା ଯୁବଗୋଷ୍ଠୀଙ୍କର କେଉଁ ପ୍ରକାରେ ଆର୍ଥିକ ଉନ୍ନତି ହୋଇପାରିବ ତାହା ଉପରେ ଆଲୋକପାତ କରିଥିଲେ। ଅତିଥିଭାବେ ଓରମାସର ଡେପୁଟି ସିଇଓ ଯୁବରାଜ ସାହୁ, ଓଡିଶା ଜୀବିକା ମିଶନ ବିଭାଗର କାର୍ତ୍ତିକ ଚନ୍ଦ୍ର ନାୟକ, ସ୍କିଲର ଜିଲା ସଂଯୋଜକ ବିଶ୍ୱମ୍ଭର ପରିଡା ଯୋଗଦେଇ ଦୀନଦୟାଲ ଉପାଧ୍ୟୟ ଗ୍ରାମୀଣ କୌଶଲ୍ୟା ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଯୋଜନାରେ ତାଲିମ ନେଇ ସଫଳ ହୋଇଥିବା ୫ଜଣଙ୍କୁ ଏହି ଅବସରରେ ସମ୍ମାନୀତ କରାଯାଇଥିଲା। ଏହି ବ୍ଲକସ୍ତରୀୟ ପରାମର୍ଶ ଶିବିରରେ ୮୬ ଜଣ ଉପସ୍ଥିତ ଥିଲେ। ମନୋଜ ରଞ୍ଜନ ପାତ୍ର ଧନ୍ୟବାଦ ଦେଇଥିଲେ।

### ପଦ୍ମଶ୍ରୀ କୁଞ୍ଜବିହାରୀ ମେହେରଙ୍କ ଶ୍ରାଦ୍ଧଦିବସ ପାଳିତ

ବରପାଲି,୩୦।୬(ଡି.ଏନ.ଏ.): ପ୍ରଖ୍ୟାତ ବାନ୍ଧ ଶିଳ୍ପୀ ପଦ୍ମଶ୍ରୀ ଶିଳ୍ପ ଗୁରୁ କୁଞ୍ଜ ବିହାରୀ ମେହେରଙ୍କ ଚତୁର୍ଦ୍ଦଶତମ ଶ୍ରାଦ୍ଧ ବାର୍ଷିକୀ ଗୁରୁବାର ପାଳିତ ହୋଇଛି। କଳା ଭାରତୀ ଟ୍ରଷ୍ଟ ସଂଗ୍ରହାଳୟ ପକ୍ଷରୁ ସ୍ଥାନୀୟ ଗଙ୍ଗାଧର କ୍ଲବ ପରିସରରେ ଆୟୋଜିତ ଏହି ଶ୍ରାଦ୍ଧ ବାର୍ଷିକୀ ସଭାରେ ଡ. ରବୀନ୍ଦ୍ର ଗଡତିଆ ଅଧକ୍ଷତା କରିଥିଲେ। ପୂର୍ବତନ ଏମ୍‌ପି ଡ. ପ୍ରଭାସ କୁମାର ସିଂ ମୁଖ୍ୟ ଅତିଥି ଓ ବରପାଲି ନଗରପାଳ ଦିନେଶ ଗହୀର ସମ୍ମାନିତ ଅତିଥି, ଅଧାପକ ଉତ୍ତର କୁମାର ଗଡତୀୟା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ମହେନ୍ଦ୍ର କୁମାର ମେହେର ସ୍ୱାଗତ ଭାଷଣ ଓ ହରିଚରଣ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଟ୍ରଷ୍ଟି ଡ. ସୁରେନ୍ଦ୍ର ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟର ଉପସଭାପତି ରକ୍ଷାକାରୀ ବିଶି ମଧ ମଞ୍ଚାସୀନ ଥିଲେ।

# ବୌଦ୍ଧର ରଥ ହେଉଛି ଘୂର୍ଣ୍ଣାୟମାନ

ବୌଦ୍ଧ,୩୦।୬(ସ୍ୱ.ପ୍ର.)

ବୌଦ୍ଧରେ ଗଡଜାତ ସମୟରୁ ରଥଯାତ୍ରା ପାଳିତ ହୋଇଆସୁଥିବାବେଳେ ବୌଦ୍ଧର ରଥଯାତ୍ରା ରାଜ୍ୟରେ ଅନନ୍ୟ। ମନ୍ଦିର ପରିସରରେ ଚନ୍ଦନ କାଠରେ ନିର୍ମିତ ଚତୁର୍ଦ୍ଧାମୂର୍ତ୍ତି ପୂଜା ପାଉଥିବାବେଳେ ଶ୍ରୀଲକ୍ଷ୍ମୀ ମନ୍ଦିର, ବିମଳା ମନ୍ଦିର, ନବଗ୍ରହ ମନ୍ଦିର, ହନୁମାନ ମନ୍ଦିର, ଗଣେଷ ମନ୍ଦିର, ନୃସିଂହ ମନ୍ଦିର ଓ କାଶୀ ବିଶ୍ୱନାଥ ମନ୍ଦିର ରହିଛି। ମହାପ୍ରଭୂଙ୍କ ସ୍ନାନ ପାଇଁ ସ୍ନାନ ମଣ୍ଡପ, ଯଜ୍ଞ ମଣ୍ଡପ, ରୋଷେଇ ଘର, ତୁଳସୀ ବଣ ଏବଂ ମନ୍ଦିର ଚାରି ପାଖରେ ଚାରିଗୋଟି ଦ୍ୱାର ଏବଂ ମନ୍ଦିର ପରିକ୍ରମାର ବ୍ୟବସ୍ଥା ରହିଛି। ମହାପ୍ରଭୂଙ୍କ ବାରମାସରେ ତେର ପର୍ବ ପାଳନ ହେଉଥିବାବେଳେ ଦେବସ୍ନାନ ପୂର୍ଣ୍ଣମୀ ଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ପର୍ବକୁ ଅତନ୍ତ ଗୁରୁତ୍ୱ ପ୍ରଦାନ କରି ପାଳନ କରାଯାଉଛି। ଏହି ଯାତ୍ରାକୁ ରାଜ୍ୟ ଦେବୋତ୍ତର ବିଭାଗ ଓ ସଂସ୍କୃତି ବିଭାଗ ତରଫରୁ ଅନୁମୋଦନ ହୋଇଥିବାରୁ ଜିଲା ପ୍ରଶାସନ ଓ ରଥଯାତ୍ରା ପରିଚାଳନା କମିଟିର ମିଳିତ ସହଯୋଗରେ ପାଳିତ ହୋଇଥାଏ। ବୌଦ୍ଧ ରଥର ସ୍ୱାତନ୍ତ୍ରତା ହେଉଛି ଘୂର୍ଣ୍ଣାୟମାନ ରଥ। କାଠରେ ନିର୍ମିତ ୧୦ଚକ ବିଶିଷ୍ଟ ୪୮ ଫୁଟ ଉଚ୍ଚତା ଏବଂ ୨୪ ଫୁଟ ଚଉଡାରେ ରାଜୁଡା ଶାସନ ସମୟରୁ ନିର୍ମାଣ କରାଯାଇଛି। ପ୍ରତ୍ୟେକ ବର୍ଷ ରଥକୁ କେବଳ ମରାମତି କରାଯାଇଥାଏ। ଦେବସ୍ନାନ ପୂର୍ଣ୍ଣମୀ ଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ଏଠାରେ ବୌଦ୍ଧ ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ସମସ୍ତ କାର୍ଯ୍ୟକୁ ସୂଚାରୁ ରୂପେ ପାଳନ କରିଥାନ୍ତି। ରଥଯାତ୍ରା ଦିନ ପୂର୍ବରୁ ପଣ୍ଡିତମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଅମୃତ ବେଳା ଓ ଲଗ୍ନ ହିସାବରେ ମହାପ୍ରଭୂ ମନ୍ଦିରରୁ ବଡଦାଣ୍ଡକୁ ବାହାରିଥାନ୍ତି। ବେଶକାରିମାନଙ୍କ ଦ୍ୱାରା ସ୍ୱତନ୍ତ୍ର ପହଣ୍ଡି ବେଶ ଓ ଟାହିଆକୁ ଭିଡି ମହାପ୍ରଭୁଙ୍କୁ ସୁସଜ୍ଜିତ କରିଥାନ୍ତି। ସଂକୀର୍ତ୍ତନ ମଣ୍ଡଳୀର ତାଳ ସହିତ ପହଣ୍ଡି ବ୍ରାହ୍ମଣମାନେ ମହାପ୍ରଭୁଙ୍କୁ ଧାଡି ପହଣ୍ଡିରେ ନଚାଇବାର ଦୃଶ୍ୟ ଭକ୍ତମାନଙ୍କ ମଧ୍ୟରେ ଭାବବିହ୍ୱଳ ସୃଷ୍ଟି ହୋଇଥାଏ। ବଡଦାଣ୍ଡର ବିଭିନ୍ନ ସ୍ଥାନରେ ମହାପ୍ରଭୂଙ୍କୁ ରଖିବାର ବିଧିବ୍ୟବସ୍ଥା ମାଧମରେ ଭୋଗ ନୈବେଦ୍ୟ ଓ ଆଳତୀ ସମର୍ପଣ କରିଥାନ୍ତି। ପୂର୍ବ ବିଧି ଅନୁଯାୟୀ ମହାପ୍ରଭୁଙ୍କୁ ରଥ ଚାରିପଟେ ପହଣ୍ଡି ମାଧମରେ ଚାରିଥର ପରିକ୍ରମା କରିବା ପରେ ରଥାରୂଢ଼ କରାଯାଇଥାଏ। ରଥ ଉପରେ ବିଭିନ୍ନ ନୀତିକାନ୍ତି ଅନୁଷ୍ଠିତ ହେବା ପରେ ଚିରାଚରିତ ଭାବେ ରାଜା ପରମ୍ପରାକୁ ଦୃଷ୍ଟିରେ ରଖି ଉତ୍ତରାଧିକାରୀଙ୍କ ଦ୍ୱାରା ଛେରା ପହଁରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏହା ପରେ ବୌଦ୍ଧ ଜିଲାର ଅନ୍ୟ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରଥଛୁଆଁ ଅନୁଷ୍ଠିତ ହୋଇଥାଏ। ଏକ ବର୍ଷରୁ ଉର୍ଦ୍ଧ୍ୱ ପିଲାଙ୍କୁ ରଥ ଛୁଆଁଇଥାନ୍ତି। ରଥ ଛୁଇଁବା ଦ୍ୱାରା ପିଲାର ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ ରହିଛି। ମୁଖ୍ୟ ମନ୍ଦିରର ଅନତି ଦୂରରେ ହରିଗୁଡିରେ ପୂଜା ପାଉଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସମସ୍ତ ନୀତିକାନ୍ତି ପାଳନ କରି ବଡ ରଥ ପଛେ ପଛେ ଟଣା ଯାଇଥାଏ। ହରିଗୁଡି ଜଗନ୍ନାଥ ରଥକୁ ମହିଳା ଭକ୍ତମାନେ କେବଳ ଟାଣିଥାନ୍ତି। ମାଉସୀ ମା' ମନ୍ଦିରରେ ପ୍ରଭୁଙ୍କ ବିଭିନ୍ନ ବେଶ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।


ବୌଦ୍ଧ ବଡଦାଣ୍ଡରେ ପ୍ରସ୍ତୁତ ହୋଇ ରହିଛି ରଥ।

# ତହସିଲ ଅଫିସ୍‌ରେ କ୍ରାଇମବ୍ରାଞ୍ଚ ତଦନ୍ତ


ତହସିଲ ଅଫିସରେ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ତଦନ୍ତ କରୁଛନ୍ତି।

ବରଗଡ଼ ଅଫିସ୍,୩୦।୬

**ଜାଲ୍ ଜାତିଗତ ପ୍ରମାଣପତ୍ରରେ ଚାକିରି ଅଭିଯୋଗ**

ବରଗଡ଼ର ଜଣେ ବାସିନ୍ଦା ଜାଲ ଜାତିଗତ ପ୍ରମାଣପତ୍ରରେ ରାଜ୍ୟ ସରକାରଙ୍କ ଏକ ବିଭାଗରେ ପଦସ୍ଥ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି। ଏ ନେଇ ଅଭିଯୋଗ ପାଇବା ପରେ ଗୁରୁବାର କ୍ରାଇମବ୍ରାଞ୍ଚର ଏକ ୨ଜଣିଆ ଟିମ୍ ବରଗଡ଼ ତହସିଲ ଅଫିସକୁ ଆସି ଏହାର ଖୋଳତାଡ଼ ଆରମ୍ଭ କରିଛନ୍ତି। ଏହି ଟିମ୍‌ରେ ଆସିଥିବା କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସ୍‌ପି ଦେବୀପ୍ରସାଦ ମିଶ୍ର ଏ ନେଇ ସବିଶେଷ ତଥ୍ୟ ଦେଇ ନ ଥିବାବେଳେ ସୁରେନ୍ଦ୍ର ମହାପାତ୍ର ନାମକ ଜଣେ କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ ଏବଂ ତାଙ୍କ ଅଭିଯୋଗକୁ ଭିତ୍ତି କରି ସେ ତଦନ୍ତ ପାଇଁ ବରଗଡ଼ ତହସିଲ ଅଫିସକୁ ଆସିଥିବା କହିଥିଲେ।

ପ୍ରକାଶ ଯେ, ବରଗଡ଼ର ଉକ୍ତ ବାସିନ୍ଦାଙ୍କ ସ୍କୁଲ ପ୍ରମାଣପତ୍ରରେ ସେ ଓବିସି/ଏସ୍‌ଇବିସି ବର୍ଗର ହୋଇଥିବା ଉଲ୍ଲେଖ ରହିଛି। ମାତ୍ର ସେ ନିଜକୁ ଅନୁସୂଚିତ ଜନଜାତି ବର୍ଗର ଦର୍ଶାଇ ରାଜ୍ୟ ସରକାରଙ୍କ ଏକ ବିଭାଗରେ ନିଯୁକ୍ତି ପାଇଥିଲେ। ତେବେ ସେ ଜାଲ ଜାତିଗତ ପ୍ରମାଣପତ୍ର ଦେଇ ନିଯୁକ୍ତି ପାଇଥିବା ନେଇ ଅଭିଯୋଗ ହୋଇଥିବା ସତ୍ତ୍ୱେ ସେ ଦିଗରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ତାଙ୍କୁ କ୍ଲିନ୍‌ଚିଟ ଦେବା ସହିତ ପଦୋନ୍ନତି ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାକୁ ଚ୍ୟାଲେଞ୍ଜ କରି ଅଭିଯୋଗକାରୀ କ୍ରାଇମବ୍ରାଞ୍ଚରେ ଫେରାଦ ହୋଇଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସ୍‌ପି ମିଶ୍ରଙ୍କ ସମେତ ୨ଜଣିଆ ଟିମ୍ ବରଗଡ଼ ତହସିଲ ଅଫିସକୁ ଆସି ତହସିଲଦାର ସଞ୍ଜୀବ ମେହେରଙ୍କୁ ପଚରାଉଚୁରା କରିଥିଲେ। ତଦନ୍ତ ପରେ କ୍ରାଇମବ୍ରାଞ୍ଚ ଟିମ୍ ଫେରି ଯାଇଛନ୍ତି।

# ଗାଁ ମଣ୍ଡପରେ ବିତିଲା ୧୨ବର୍ଷ

ଅମରପାଲି,୩୦।୬(ଡି.ଏନ.ଏ.)

ଦୀର୍ଘ ୧୨ବର୍ଷ ହେଲା ଗାଁ ମଣ୍ଡପରେ ରହୁଛନ୍ତି ଜଣେ ବିଧବା ମହିଳା। ସେ ହେଲ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ଗ୍ରାମର ବିଜୁଳି ସେଠୀ(୭୦)। ମୁଣ୍ଡ ଗୁଞ୍ଜିବାକୁ ଛାତ ନଥିବାରୁ ଗାଁ ମଣ୍ଡପ ସାଜିଛି ତାଙ୍କ ଘର। ଯାଇତାଇ ଜୀବନ ବିତାଉ ଥିଲେ ବି ତାଙ୍କ ପାଇଁ ସରକାରୀ ବ୍ୟବସ୍ଥା ତାଙ୍କ ପାଖରେ ପହଞ୍ଚି ପାରିନାହିଁ। ଗା ମଣ୍ଡପ ହିଁ ସବୁକିଛି ସାଜିଛି ବିଜୁଳିଙ୍କ ପାଇଁ।

ବିଜୁଳିଙ୍କର ତିନି ପୁଅ ଥିଲେ। ବେଶ ହସଖୁସିରେ ତାଙ୍କ ଦିନ ବିତୁଥିଲା। ହେଲେ କିଛିଦିନ ଭିତରେ ସବୁ ଯେମିତି ଓଲଟ ପାଲଟ ହୋଇଗଲା। ପୁଅମାନେ ପୈତୃକ ଘରବାଡି ନିଜ ମଧ୍ୟରେ ଭାଗବଣ୍ଟା କରି ପରବର୍ତ୍ତୀ ସମୟରେ ବିକ୍ରି କରିଦେଲେ। ଶେଷରେ ନିଜ ପରିବାର ସହିତ ପୁଅମାନେ ସେମାନଙ୍କ ଶଶୁର ଘରେ ରହିଲେ। ପାଞ୍ଚ ବର୍ଷ ହେଲା ବଡପୁଅର ମୃତ୍ୟୁ ହୋଇ ସାରିଲାଣି। ଅନ୍ୟ ଦୁଇପୁଅ ବୃଦ୍ଧା ମାଙ୍କଠାରୁ ଦୂରେଇ ରହିଲେ। ଅନ୍ୟନୋପାୟ ହୋଇ ବିଜୁଳି ଗତ ୧୨ବର୍ଷ ହେଲା ଗାଁ ମଣ୍ଡପରେ ପଡି ରହିଛନ୍ତି। ବାର୍ଦ୍ଧକ୍ୟ ଭତ୍ତା ବାବଦ ୫ଶହ ଟଙ୍କା ସାହାରା ପାଲଟିଛି। ରାଶନ କାର୍ଡ ନ ଥିବାରୁ ପିଡିଏସ ଚାଉଳ ପାଇ ପାରୁ ନାହାନ୍ତି। ଏଯାଏ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳନାହିଁ। ମଣ୍ଡପ ତଳେ ରୋଷେଇ କରୁଛନ୍ତି। ଖରା, ବର୍ଷା ଓ ଶୀତରେ ଦୟନୀୟ ଜୀବନ ଜିଉଁଛନ୍ତି। ନିକଟରେ ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ବିଡିଓ ମୋତିଲାଲ ସୁଲିଆ ବିଜୁଳିଙ୍କ ପାଖରେ ପହଞ୍ଚିଥିଲେ। ତାଙ୍କୁ ଜରା ନିବାସରେ ରଖାଯିବାର ବ୍ୟବସ୍ଥା କରାଯିବ କହିଥିଲେ। ହେଲେ ସେ ମଣ୍ଡପ ଛାଡିବାକୁ ମନା କରିଦେଇଥିଲେ। ପ୍ରଶାସନ ତରଫରୁ ତାଙ୍କୁ ତୁରନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଓ ଅନ୍ତ୍ୟୋଦୟ ଯୋଜନାରେ ମାସିକ ୩୫କେଜି ଚାଉଳ ଯୋଗାଇ ଦେବାକୁ ଦାବି ହେଉଛି। ଏ ନେଇ ସ୍ଥାନୀୟ ସରପଞ୍ଚ ସସ୍ମିତା ଦ୍ୱୀପଙ୍କୁ ପଚାରିବାରୁ ବୃଦ୍ଧାଙ୍କୁ ଖୁବଶୀଘ୍ର ଚାଉଳ ଯୋଗାଇ ଦେବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।


ବରଝୁଲା ଗ୍ରାମ ମଣ୍ଡପ ତଳେ ବିଜୁଳି ରୋଷେଇ କରୁଛନ୍ତି।

- ପୁଅମାନେ ଚାଲିଗଲା ପରେ ବିଜୁଳି ଜିଉଁଛନ୍ତି ନିଃସଙ୍ଗ ଜୀବନ
- ପ୍ରଧାନମନ୍ତ୍ରୀ ଆବାସ, ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରିବାକୁ ଦାବି

# ତାମିଲନାଡୁରେ ଦାଦନ ଶ୍ରମିକ ନିଖୋଜ

ବରପାଲି, ୩୦।୬(ଡି.ଏନ.ଏ.)

ବରଗଡ଼ ଜିଲା ବରପାଲିରୁ ତାମିଲନାଡୁ ଯାଇଥିବା ଜଣେ ଦାଦନ ଶ୍ରମିକ ନିଖୋଜ ଅଛନ୍ତି। ଏ ନେଇ ତାଙ୍କ ପରିବାର ଲୋକେ ବରପାଲି ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ବରପାଲି ବ୍ଲକ ଆଗଲପୁର ଗ୍ରାମପଞ୍ଚାୟତ ତିଜଙ୍ଗ ଗ୍ରାମର ଚୁନୁ ଦୀପଙ୍କ ପୁଅ କସରଥ ଦୀପ (୨୧) ତାମିଲନାଡୁର ଇରୋଡ ଜିଲା ଗୋବିଛେଟିପାଳୟମ ସହର ପରିୟୁର ଆମ୍ମନ ସ୍ପିନିଂ ମିଲରେ ଶ୍ରମିକ ଭାବେ କାମ କରୁଥିଲେ। ଗତ ୨୫ ତାରିଖ ସକାଳ ୮ଟାରେ ସେ ମିଲକୁ କାମ କରିବା ପାଇଁ ଯାଇ ଆଉ ଫେରି ନ ଥିଲେ। ଖବର ପାଇ ପରିବାର ଲୋକେ କସରଥଙ୍କ ସାଙ୍ଗ ସାଥୀ ଓ ମିଲ କର୍ତ୍ତୃପକ୍ଷଙ୍କୁ ପଚାରିଥିଲେ ମଧ୍ୟ କୌଣସି ଖବର ପାଇ ନ ଥିଲେ। ଫଳରେ ସେମାନେ ବରପାଲି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେହିପରି ନିଖୋଜ ଶ୍ରମିକଙ୍କ ପରିବାର ଲୋକେ ଏ ସମ୍ପର୍କରେ ମନ୍ତ୍ରୀ ରୀତା ସାହୁଙ୍କୁ ଅବଗତ କରି କସରଥଙ୍କୁ ଫେରାଇ ଆଣିବା ପାଇଁ ଉଦ୍ୟମ କରିବାକୁ ନିବେଦନ କରିଛନ୍ତି।

# ବରିଷ୍ଠ ନାଗରିକ ସଂଘ ବୈଠକ

ପାଇକମାଲ,୩୦।୬(ଡି.ଏନ.ଏ.)

ପାଇକମାଲ ବ୍ଲକ ବରିଷ୍ଠ ନାଗରିକ ସଂଘର ଏକ ବୈଠକ ପାଇକମାଳ ସ୍ଥିତ ନୃସିଂହନାଥ ଧର୍ମଶାଳାଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ନନ୍ଦଲାଲ ତ୍ରିବେଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ନାଗରିକମାନଙ୍କ ସୁବିଧା ଅସୁବିଧା ବିଷୟରେ ଆଲୋଚନ କରାଯାଇଥିଲା। ଅନେକ ଦିନରୁ ଦାବି ହେଉଥିଲେ ମଧ ପାଇକମାଳ ବସ୍ତି ପ୍ଲଟରେ ବାସ କରୁଥିବା ନାଗରିକମାନଙ୍କୁ ପଟ୍ଟା ପ୍ରଦାନ କରାଯାଇନାହିଁ। ସେହିପରି ପାଇକମାଳ ଡାକ୍ତରଖାନାରେ ଆଉ ଜଣେ ଡାକ୍ତର ନିଯୁକ୍ତି ଏବଂ ଜନଗହଳିପୂର୍ଣ୍ଣ ପାଇକମାଳ ମୁଖ୍ୟ ଛକରେ ପରିଶ୍ରାଗାର ନିର୍ମାଣ ପାଇଁ ଦାବି କରାଯାଇଥିଲା। ଦଶରଥ ଦାଶ, ତପନ ବଢେଇ, ଗିରିଧାରି ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଭାଗ୍ୟଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଉପଜିଲାପାଳଙ୍କ କଲେଜ ପରିଦର୍ଶନ


ବରଗଡ଼ ଉପଜିଲାପାଳ ଭେଡ଼େନ କଲେଜ ପରିଦର୍ଶନ କରୁଛନ୍ତି।

ବରଗଡ଼ ଅଫିସ୍,୩୦।୬

ବରଗଡ଼ ଜିଲା ଭେଡେନର ଆଞ୍ଚଳିକ କିଷାନ କଲେଜକୁ ଗୁରୁବାର ଉପଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ ପରିଦର୍ଶନରେ ଯାଇଥିଲେ। ପରିଦର୍ଶନ କାଳରେ ସ୍ଥାନୀୟ ଅଭିଭାବକମାନେ କଲେଜର ବିଭିନ୍ନ ସମସ୍ୟା ଉପରେ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଲେଜ ପାଚେରି ପୂର୍ଣ୍ଣାଙ୍ଗ କରିବା, ଅଧ୍ୟାପିକା, ଅଧ୍ୟାପକମାନେ ଠିକ୍ ସମୟରେ କଲେଜରେ ଉପସ୍ଥିତ ରହିବା, ଆୟବ୍ୟୟ ଅଟକଳ ଅଡିଟ୍, ଶିକ୍ଷା କମିଟି ଗଠନ ଆଦି ଉପରେ ଉପଜିଲାପାଳ ସାମଲ ଗୁରୁତ୍ୱାରୋପ କରିଥିଲେ। ଏହି ସମୟରେ କଲେଜ କର୍ତ୍ତୃପକ୍ଷଙ୍କ ସମେତ ସରପଞ୍ଚ ମହେଶ୍ୱର ପ୍ରଧାନ, ସୁଦାମ ପାତ୍ର, ସଂଖ୍ୟାକାରୀ ଖମାରୀ, ଦଶରଥ ପ୍ରଧାନ, ଦେବାନନ୍ଦ ବିଶି ପ୍ରମୁଖ ଉପସ୍ଥିତ ଥିଲେ।

## ଅମରପାଲି ହାଇସ୍କୁଲ ପ୍ରାଚୀରପତ୍ର ଉନ୍ମୋଚିତ

ଅମରପାଲି, ୩୦।୬(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ହାଇସ୍କୁଲର ପାକ୍ଷିକ ପ୍ରାଚୀରପତ୍ର ସମ୍ଭାବନା ଗୁରୁବାର ସ୍କୁଲ ପରିସରରେ ଉନ୍ମୋଚିତ ହୋଇଛି। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିକ୍ଷକ ଶ୍ୟାମସୁନ୍ଦର ସେଠୀ, ପଦ୍ମନାଭ ପଧାନ, ସସ୍ମିତ ପ୍ରଧାନ, କହ୍ନେଇ ଚରଣ ପଧାନ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରସଙ୍ଗଭିତ୍ତିକ କବିତା, ଗଳ୍ପ, ପ୍ରବନ୍ଧ ଲେଖିବା ସହିତ ବିଭିନ୍ନ ଚିତ୍ର ଅଙ୍କନ କରି ଆଣିବାକୁ କହିଥିଲେ। ପ୍ରଥମ ଥର ସ୍କୁଲର ୪୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ କବିତା, ଗଳ୍ପ ଓ ଚିତ୍ର ଉକ୍ତ ପ୍ରାଚୀରପତ୍ରରେ ସ୍ଥାନ ପାଇଥିଲା। ପ୍ରତି ୧୫ଦିନରେ ଥରେ ପ୍ରକାଶିତ ହେବାକୁ ଥିବା ପ୍ରାଚୀରପତ୍ରରେ ଯେପରି ସମସ୍ତ ଛାତ୍ରୀଛାତ୍ର ଏଥିରେ ସ୍ଥାନ ପାଇବେ ସେନେଇ ସମସ୍ତେ ଆଗଭର ହେବାକୁ ଅତିଥିମାନେ ଉତ୍ସାହିତ କରିଥିଲେ। ଶିକ୍ଷକ ପଦ୍ମନାଭ ପଧାନ ସ୍ୱାଗତ ଭାଷଣ, ସସ୍ମିତ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ମୃତଦେହ ସଂରକ୍ଷଣ ପାଇଁ ଫ୍ରିଜର ଦାନ

ସୋନପୁର,୩୦।୬(ନି.ପ୍ର.)

ମୃତଦେହ ସଂରକ୍ଷଣ କରି ରଖିବା ପାଇଁ ଏକ ଫ୍ରିଜର ସୁବର୍ଣ୍ଣପୁର ମ୍ୟୁନିସିପାଲିଟିକୁ ଗୁରୁବାର ଦାନ କରାଯାଇଛି। ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସୋନପୁର ବଡବଜାରର ନନ୍ଦ ପରିବାର ପକ୍ଷରୁ ଏହା ଦିଆଯାଇଛି। ସିନ୍ଧୁକୁମାରୀ ନନ୍ଦ ଓ ତାଙ୍କ ସ୍ୱାମୀ ତଥା ସୋନପୁରର ପ୍ରାକ୍ତନ ବିଧାୟକ ତଥା ନଗରପାଳ ସ୍ୱର୍ଗତ ଅନନ୍ତରାମ ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଫ୍ରିଜର ଦାନ କରାଯାଇଥିବା ପରିବାର ପକ୍ଷରୁ କୁହାଯାଇଛି। ପୂର୍ବରୁ ପରିବାର ପକ୍ଷରୁ ଏକ ଶବବୁହା ଆମ୍ବୁଲାନ୍ସ ମ୍ୟୁନିସିପାଲିଟିକୁ ଦିଆଯାଇଥିଲା। ଗୁରୁବାର ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସନ୍ୟାସିନୀ ନନ୍ଦ, ବରିଷ୍ଠ ଆଇନଜୀବୀ ପ୍ରହଲ୍ଲାଦ ନନ୍ଦ, ମ୍ୟୁନିସିପାଲିଟି ଅଧକ୍ଷା ତାମସି ତାମସ୍ୱିତା ନାୟକ, ପ୍ରାକ୍ତନ ଅଧକ୍ଷ କଇରୁ ସ୍ୱାଇଁ, ପ୍ରକାଶ ସାହୁ ଓ କାଉନସିଲର ବୃନ୍ଦ ଉପସ୍ଥିତ ଥିଲେ।


ଫ୍ରିଜର ଦାନ ସମୟରେ ଉପସ୍ଥିତ ପୌରାଧକ୍ଷା, ପ୍ରାକ୍ତନ ପୌରାଧକ୍ଷ ଓ କାଉନସିଲର ବୃନ୍ଦ।

# ଯୋଜନାର ସଫଳ ରୂପାୟନକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୩୦।୬

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଗୁରୁବାର ଜିଲା ଉନ୍ନୟନ ଓ ସମନ୍ୱୟ କମିଟି (ଦିଶା)ର ବୈଠକ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଏମ୍‌ପି ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ, ଜିଲାପାଳ ମୋନିଷା ବାନାର୍ଜୀ, ଡିଆରଡିଏ ପିଡି କୃତ୍ତିବାସ ରାଉତ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗଦାନ କରିଥିଲେ। ବୈଠକରେ ବିଭିନ୍ନ ବିଭାଗର ସମୀକ୍ଷା କରାଯାଇଥିବା ବେଳେ ସରକାରୀ ଯୋଜନା ଗୁଡ଼ିକର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଦୀନ ଦୟାଲ ଯୋଜନା, ଏମ୍‌ଜିଏନ୍‌ଆରଇଜିଏସ୍, ଏକ ଉତ୍କୃଷ୍ଟ ଖେଳ ପଡ଼ିଆ ଏବଂ ପ୍ରତି ପଞ୍ଚାୟତରେ ଶିଶୁ ଉଦ୍ୟାନ କରାଯିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ମୃତ୍ତିକା ସଂରକ୍ଷଣ ବିଭାଗର କାର୍ଯ୍ୟ ସମୀକ୍ଷା ବେଳେ ଜିଲାରେ ୭୩୦୩ଟି କ୍ଷେତ ପୋଖରୀ ଖୋଳାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏଥିପାଇଁ ୩୮୮୪ ଚାଷୀଙ୍କୁ ଚିହ୍ନଟ କରାଯାଇଥିଲା। ବାକି ଚାଷୀଙ୍କ କାର୍ଯ୍ୟ ଆରମ୍ଭ ହୋଇଥିବା ସୂଚନା ଦିଆଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟ ସମୀକ୍ଷାବେଳେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ତୃତୀୟ ପର୍ଯ୍ୟାୟରେ ବରଗଡ଼ ଉପଖଣ୍ଡ ନିମନ୍ତେ ୨୮ ଏବଂ ପଦ୍ମପୁର ଉପଖଣ୍ଡ ପାଇଁ ୨୦ଟି ରାସ୍ତା ନିର୍ମାଣର ଅନୁମୋଦନ ହୋଇଥିବା ବିଭାଗୀୟ ଅଧିକାରୀ କହିଥିଲେ। ସେହିପରି ଗ୍ରାମ୍ୟ ପାନୀୟଜଳ ଯୋଗାଣ, ପରିମଳ ବିଭାଗର ମଧ୍ୟ ସମୀକ୍ଷା କରାଯାଇଥିଲା। ଉଠା ଜଳସେଚନ ବିଭାଗ କାର୍ଯ୍ୟ ସମୀକ୍ଷା ବେଳେ ଜିଲାରେ ୮୪୨୪ ପ୍ରକଳ୍ପରେ ବିଦ୍ୟୁତ୍ ସଂଯୋଗ ଲକ୍ଷ୍ୟ ରଖାଯାଇଛି ଏବଂ ଇତିମଧ୍ୟରେ ୬୭୮୨ ପ୍ରକଳ୍ପରେ ବିଦ୍ୟୁତ୍ ସଂଯୋଗ ହୋଇଥିବା ସୂଚନା ଦିଆଯାଇଥିଲା। ଅବଶିଷ୍ଟ ପ୍ରକଳ୍ପରେ ଆସନ୍ତା ଅଗଷ୍ଟ ସୁଦ୍ଧା ବିଦ୍ୟୁତ୍ ସଂଯୋଗ ହେବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ।

ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟ ସମୀକ୍ଷାବେଳେ ଜିଲାର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଡାକ୍ତର ପଦବୀ ଖାଲି ପଡ଼ିଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏ ନେଇ ବିହିତ ପଦକ୍ଷେପ ନେବା ପାଇଁ ଜିଲାପାଳ ବାନାର୍ଜୀ ସିଡିଏମ୍‌ଓ ଡା. ସାଧୁଚରଣ ଦାଶଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ କିଡ୍‌ନୀ ରୋଗ ବ୍ୟାପୁଥିବାରୁ ସେ ଦିଗରେ ତ୍ୱରିତ ପଦକ୍ଷେପ ନେବା ପାଇଁ ଏମ୍‌ପି ପୂଜାରୀ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଯୋଗାଣ ବିଭାଗ, ଜିଲା ସମାଜ କଲ୍ୟାଣ ବିଭାଗ ସମେତ ଅନ୍ୟ ବିଭାଗର କାର୍ଯ୍ୟ ସମୀକ୍ଷା କରାଯାଇଥିଲା। ବୈଠକରେ ଜିଲାର ବିଭିନ୍ନ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।


ଦିଶା ବୈଠକରେ ଉପସ୍ଥିତ ଜନ ପ୍ରତିନିଧି, ଅଧିକାରୀବୃନ୍ଦ।